# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୨୩/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 23/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 91 | ମୂଲ୍ୟ₹୭/-




**ବିବାହକଲେ ନର୍ଗିସ ଫକ୍ରି**

ଅଭିନେତ୍ରୀ ନର୍ଗିସ ଫକ୍ରି ତାଙ୍କ ଦୀର୍ଘ ଦିନର ବୟଫ୍ରେଣ୍ଡ ତଥା ବିଜ୍‌ନେସମ୍ୟାନ ଟୋନି ବେଗ୍‌ଙ୍କୁ ବିବାହ କରିଥିବା ନେଇ ଅନେକ ରିପୋର୍ଟ ପ୍ରକାଶ ପାଇଛି।

୦୭

୧୪

**ଦୀପିକାଙ୍କ ଗୋଲ୍‌ରେ ଭାରତ ବିଜୟୀ**

ମହିଳା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଦୀପିକାଙ୍କ ଏକମାତ୍ର ଗୋଲ୍ ବଳରେ ଭାରତ ଜର୍ମାନୀକୁ ହରାଇ ଦେଇଛି।



# ୱାର୍କଚାର୍ଜଡ, ଠିକା କର୍ମଚାରୀଙ୍କ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି

**ନୂଆଦିଲ୍ଲୀ,୨୨।୨**

ଓଡ଼ିଶା ସିଭିଲ୍ ସର୍ଭିସେସ୍ (ପେନ୍‌ସନ) ନିୟମାବଳୀ, ୧୯୯୨ ଅନୁଯାୟୀ ୱାର୍କଚାର୍ଜଡ କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଥିବା ସୁପ୍ରିମକୋର୍ଟ କହିଛନ୍ତି। ଓଡ଼ିଶା ହାଇକୋର୍ଟ ଏକ ରିଟ୍ ପଟିଶନକୁ ଖାରଜ କରିଦେଇଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ଦାଏର କରିଥିବା କେତେଗୁଡ଼ିଏ ସିଭିଲ୍ ଅପିଲ୍‌କୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ରିଟ୍ ପିଟିଶନ ଦାଏରରେ ଅହେତୁକ ବିଳମ୍ବ ପାଇଁ ହାଇକୋର୍ଟ ରିଟ୍ ଅପିଲ୍‌କୁ ଖାରଜ କରିଦେଇଥିଲେ। ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଅହସନୁଦ୍ଦିନ ଅମନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି,



ଓଡ଼ିଶା ପେନ୍‌ସନ ନିୟମାବଳୀ, ୧୯୯୨ର ରୁଲ୍ସ ୩ ଏବଂ ରୁଲ୍ସ ୬କୁ ଅବଲୋକନ କଲେ ପାର୍ଥକ୍ୟ ସ୍ପଷ୍ଟ ହୋଇଥାଏ। ସେଥିରେ ଉଲ୍ଲେଖ

## ଓଡ଼ିଶା ସିଭିଲ୍ ସର୍ଭିସ୍ ପେନ୍‌ସନ ରୁଲ୍ ଉପରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ରହିଛି ୱାର୍କଚାର୍ଜଡ କର୍ମଚାରୀମାନେ ବିନା ଅବରୋଧରେ ୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ପାଇଁ କାର୍ଯ୍ୟ କରିଥାନ୍ତି। ପରେ ସେମାନେ ଏକ ପେନ୍‌ସନଯୋଗ୍ୟ ପ୍ରତିଷ୍ଠାନରେ ସମାନ କିମ୍ବା ଭିନ୍ନ ପଦବୀରେ ସାମୟିକ କିମ୍ବା ସ୍ଥାୟୀ ଭାବେ ନିଯୁକ୍ତ ହୋଇପାରିଥାନ୍ତି। ଓଡ଼ିଶା ପେନ୍‌ସନ ନିୟମାବଳୀ, ୧୯୯୨ ଅନୁଯାୟୀ, ୱାର୍କଚାର୍ଜଡ ଭାବେ ସେମାନଙ୍କର ଚାକିରି କାଳ ପେନ୍‌ସନ ପାଇଁ ଯୋଗ୍ୟ। ଖଣ୍ଡପୀଠ ଆହୁରି କହିଛନ୍ତି, ୱାର୍କଚାର୍ଜଡ କର୍ମଚାରୀମାନେ ଓଡ଼ିଶା ୱାର୍କଚାର୍ଜଡ ଏମ୍ପ୍ଲୟିଜ୍ (ଆପଏଣ୍ଟମେଣ୍ଟ ଆଣ୍ଡ କଣ୍ଡିଶନ୍ସ ଅଫ୍ ସର୍ଭିସ୍) ନିର୍ଦ୍ଦେଶନାମା, ୧୯୭୪ ଅନୁଯାୟୀ ପରିଚାଳିତ ହୋଇଥାନ୍ତି। ଏହି ନିର୍ଦ୍ଦେଶନାମା ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଜାରି କରିଥାଏ, ଯାହା ଏଭଳି ୱାର୍କଚାର୍ଜଡ୍ ପ୍ରତିଷ୍ଠାନର ସଂଜ୍ଞା ନିରୂପଣ କରିଥାଏ।

ଓଡ଼ିଶା ସରକାରରେ ନିୟମିତ କର୍ମଚାରୀମାନେ ରାଜ୍ୟର ବିଭିନ୍ନ ବିଭାଗରେ ମଞ୍ଜୁରିପ୍ରାପ୍ତ ପଦବୀରେ କାର୍ଯ୍ୟ କରିଥାନ୍ତି। ଏହା ବ୍ୟତୀତ ବହୁସଂଖ୍ୟାରେ କର୍ମଚାରୀ ଠିକା କର୍ମଚାରୀ ଭାବେ ☞ପୃଷ୍ଠା-୪

## ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ହେଲେ ଶକ୍ତିକାନ୍ତ



ଶକ୍ତିକାନ୍ତ ଦାସ

**ନୂଆଦିଲ୍ଲୀ,୨୨।୨(ପି.ଟି.)**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ତଥା ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସଙ୍କୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ଅନ୍ୟତମ ଓଡ଼ିଆ ତଥା ଗୁଜରାଟ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସରକାରୀ ନିର୍ଦ୍ଦେଶନାମା ☞ପୃଷ୍ଠା-୪

## ଅଷ୍ଟ୍ରେଲିଆ-ଇଂଲଣ୍ଡ ମ୍ୟାଚ୍ ପୂର୍ବରୁ ସଙ୍ଗୀତ ବାଜିଲା 'ଜନ-ଗଣ- ମନ'

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

**ଲାହୋର, ୨୨।୨**

ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଦୁବାଇଠାରେ ଭାରତ ବନାମ ପାକିସ୍ତାନ ମୁକାବିଲା ଆଉ ଗୋଟିଏ ଦିନ ବାକିଥିବା ବେଳେ ଶନିବାର ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ଗ୍ରୁପ୍ 'ବି' ମ୍ୟାଚ ପୂର୍ବରୁ ଅଷ୍ଟ୍ରେଲିଆ ବଦଳରେ ଭାରତୀୟ ଜାତୀୟ ସଙ୍ଗୀତ 'ଜନଗଣ ମନ' ବାଜିବା ଦ୍ୱାରା ଆୟୋଜକ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ହାସ୍ୟାସ୍ପଦ ହେବାକୁ ପଡ଼ିଛି। ପ୍ରଥମେ ଇଂଲଣ୍ଡ ଜାତୀୟ ସଙ୍ଗୀତ ବାଜିଥିଲା। ପରେ ଅଷ୍ଟ୍ରେଲିଆର ପାଳିଥିଲା। ମାତ୍ର ସେତେବେଳେ ଭାରତୀୟ ଜାତୀୟ ସଙ୍ଗୀତ ବାଜିବା ☞ପୃଷ୍ଠା-୪

# ମୋଦିଙ୍କ ପାଖକୁ ଯାଇଛି ୨୧ ନିୟୁତ ଡଲାର: ଟ୍ରମ୍ପ୍

**ନ୍ୟୁୟର୍କ/ନୂଆଦିଲ୍ଲୀ,୨୨।୨ (ଏଜେନ୍ସି/ପିଟି)**

ଭାରତରେ ମତଦାନ ହାର ବୃଦ୍ଧି ପାଇଁ ଆମେରିକାରୁ ଆସିଥିବା ୨୧ ନିୟୁତ ଡଲାର (୧୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା) ସହାୟତାକୁ ନେଇ ଦେଶରେ ବିବାଦ ମୁଣ୍ଡ ଟେକିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଏହି ପ୍ରସଙ୍ଗ ଉପରେ ଚତୁର୍ଥ ଥର ମୁହଁ ଖୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଧରିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତରେ ଭୋଟର ଟର୍ଣ୍ଣଆଉଟ୍ ପାଇଁ ଆମେ ୨୧ ନିୟୁତ ଡଲାର ଦେଉଛୁ। ଏହି ଅର୍ଥ ୟୁନାଇଟେଡ୍ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭେଲପ୍‌ମେଣ୍ଟ୍‌ସ (ୟୁଏସ୍‌ଏଆଇଡି)ରୁ ମୋ ବନ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଯାଇଛି। ଆମେରିକାରେ



ଡୋନାଲ୍ଡ ଟ୍ରମ୍ପ

ମଧ୍ୟ ମତଦାନ ହାର ବୃଦ୍ଧି ପାଇଁ ଆମେ ଚାହୁଁଛୁ ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ପରେ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି।

ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏଲନ୍ ମସ୍କଙ୍କ ଅଧ୍ୟକ୍ଷତାରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପକ୍ଷରୁ ଗତ ୧୬ରେ ଭାରତକୁ ୨୧ ନିୟୁତ ଡଲାର ପାଣ୍ଠି ପ୍ରଦାନକୁ ରଦ୍ଦ କରାଯାଇଛି। ମିଆମିରେ ଗୁରୁବାର ଅନୁଷ୍ଠିତ ଏଫ୍‌ଆଇଆଇ ପ୍ରିଓରିଟି

## ଶ୍ୱେତପତ୍ର ଦାବି କଲା କଂଗ୍ରେସ

ସମିଟ୍‌କୁ ସମ୍ବୋଧିତ କରି ଟ୍ରମ୍ପ୍ କହିଥିଲେ, ଭାରତରେ ମତଦାନ ହାର ବୃଦ୍ଧି ପାଇଁ ଆମେ ୨୧ ନିୟୁତ ଡଲାର ଖର୍ଚ୍ଚ କରିବାର ଆବଶ୍ୟକତା କ'ଣ? ବାଇଡେନ୍ ପ୍ରଶାସନ ବୋଧେ ଅନ୍ୟ କାହାକୁ ନିର୍ବାଚନରେ ଜିତାଇବାକୁ ଚାହୁଁଥିଲେ। ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ପରେ ଭାରତରେ ରାଜନୈତିକ ବୟାନବାଜି ଜୋର୍ ଧରିବାରେ ଲାଗିଛି। ୨୦୨୪ରେ ଭାରତର ଲୋକ ସଭା ନିର୍ବାଚନ ବାହ୍ୟଶକ୍ତି ଦ୍ୱାରା ପ୍ରଭାବିତ ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ତଥ୍ୟ ଅପେକ୍ଷାରେ















No. T-

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ଚାଲୁଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା24.02.2025ରିଖ ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0068/2425



A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# ଚତୁର୍ଥୀ ଦିନ ନବବଧୂ ଧରିଲେ ପ୍ରେମିକ ହାତ

## ଶାଶୁଘର, ବାପଘର ଲୋକଙ୍କ ଉପସ୍ଥିତିରେ ଥାନାରେ ହେଲା ଚୁକ୍ତିନାମା

ତାଳଚେର,୨୨।୨(ମନୋଜ ନନ୍ଦ)

ରୀତିନୀତିରେ ମନ୍ଦିରରେ ହୋଇଥିଲା ବିବାହ। ନବବଧୂଙ୍କୁ ଧରି ଘରକୁ ଫେରିଥିଲେ ବର। ଚତୁର୍ଥୀ ପାଇଁ ବରପକ୍ଷ ସମସ୍ତ ଆୟୋଜନ ଶେଷ କରିଥିଲେ। ହେଲେ ଚତୁର୍ଥୀ ପିଣ୍ଡ ପଡ଼ିବା ପୂର୍ବରୁ ନବବଧୂଙ୍କ ଏପରି କିଛି କଥା ମୁଣ୍ଡ ଘୂରାଇଦେଲା ବରପକ୍ଷଙ୍କ। ବିବାହ କରିଥିବା ଯୁବକଙ୍କ ସହ ନୁହେଁ ବରଂ ପୁରୁଣା ପ୍ରେମିକଙ୍କ ସହ ରହିବାକୁ ଜିଦ୍ ଧରିଥିଲେ ନବବଧୂ। ଶେଷରେ ଥାନା ଯାଏ କଥା ଯିବା ପରେ ଶାଶୁଘର, ବାପଘର ଲୋକଙ୍କ ଉପସ୍ଥିତିରେ ଚୁକ୍ତିପତ୍ର ଲେଖି ପୁରୁଣା ପ୍ରେମିକଙ୍କ ହାତ ଧରିଛନ୍ତି ନବବଧୂ। ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳରେ ଶୁକ୍ରବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।


ମନ୍ଦିରରେ ବିବାହ କରିଥିବା ବର ଓ କନ୍ୟା।

ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ତାଳଚେର ଥାନା ଅଞ୍ଚଳର ଜଣେ ଯୁବକଙ୍କ ବିବାହ ବଅଁରପାଳ ବ୍ଲକ ଅଞ୍ଚଳରେ ସମ୍ପନ୍ନ ହୋଇଥିଲା। ମନ୍ଦିରରେ ବିବାହ କାର୍ଯ୍ୟ ଶେଷ ହେବା ପରେ ବଅଁରପାଳ ଅଞ୍ଚଳର କନ୍ୟା ତାଳଚେରସ୍ଥିତ ଶାଶୁଘରକୁ ଆସିଥିଲେ। ୩ ଦିନ ଧରି ନବବଧୂ ଶାଶୁଘରେ ଠିକ୍‌ଠାକ୍ ଥିଲେ। ଶାଶୁଘର ଲୋକଙ୍କୁ ଭଲ ବ୍ୟବହାର ଦେଖାଇଥିଲେ। ଶୁକ୍ରବାର ଚତୁର୍ଥୀ ପିଣ୍ଡ ପଡ଼ିବାର ଥିଲା। ହେଲେ ଏହା ପୂର୍ବରୁ ନବବଧୂ ଜଣକ ଏହି ବିବାହ ତାଙ୍କ ଇଚ୍ଛା ଅନୁସାରେ ହୋଇନାହିଁ ବୋଲି ଶାଶୁଘର ଲୋକଙ୍କୁ କହିଥିଲେ। ତାଙ୍କ ମା' ବାପା ଜୋରଜବରଦସ୍ତ ବିବାହ କରାଇଛନ୍ତି। ଏପରି କି ବିବାହ ନ କଲେ ବାପା ଆତ୍ମହତ୍ୟା କରିଦେବାକୁ ଧମକ ଦେଇଥିଲେ। ତେଣୁ ବାଧ୍ୟବାଧକତାରେ ବିବାହ କରିଥିଲେ ମଧ୍ୟ ସେ ଖୁସି ନାହାନ୍ତି। ସେ କଦାପି ଏହି ବୈବାହିକ ଜୀବନ ଗଢ଼ି ପାରିବେ ନାହିଁ। ତାଙ୍କୁ ଅନୁଗୋଳ ସଦର ଅଞ୍ଚଳର ପ୍ରେମିକଙ୍କ ସହିତ ବିବାହ କରାଇ ଦିଆଯାଉ ବୋଲି ସ୍ୱାମୀ ଓ ଶାଶୁଘର ଲୋକଙ୍କୁ କହିଥିଲେ। ଏପରି କଥା ଶୁଣି ବରପକ୍ଷ ତୁରନ୍ତ ନବବଧୂଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ। ପରେ ଉଭୟ ପରିବାର ତାଳଚେର ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ମଧ୍ୟ ନବବଧୂ ଉକ୍ତ କଥା ଦୋହରାଇଥିଲେ। ଅନୁଗୋଳ ସଦର ଅଞ୍ଚଳର ଜଣେ ଯୁବକଙ୍କୁ ସେ ୭/୮ବର୍ଷ ହେଲା ଭଲ ପାଉଛନ୍ତି। ତେଣୁ ସମ୍ପୃକ୍ତ ପ୍ରେମିକଙ୍କ ପାଖକୁ ଯିବାକୁ ଚାହୁଁଛନ୍ତି ଏବଂ ତାଙ୍କ ସହିତ ବିବାହ କରିବାକୁ ଚାହୁଁଛନ୍ତି ବୋଲି ଜିଦ ଧରିଥିଲେ। ଏହାପରେ ଉଭୟ ପରିବାର, ମୁରବି, ସାହି ପଡ଼ିଶା ଓ ତାଳଚେର ପୋଲିସ ଉପସ୍ଥିତରେ ନବବଧୂ ଏକ ଚୁକ୍ତିନାମା ଲେଖି ତାଙ୍କ ପୁରୁଣା ପ୍ରେମିକଙ୍କ ପାଖକୁ ଚାଲି ଯାଇଥିଲେ।

# ନେପାଳ ଛାତ୍ରୀଛାତ୍ର ଆମ ପିଲା: ମୁଖ୍ୟମନ୍ତ୍ରୀ

- ଦୋଷୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ମୋହନ
- ନେପାଳ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କଲେ
- ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ନେଇଛନ୍ତି: ନେପାଳ ଅଧିକାରୀ

ଭୁବନେଶ୍ୱର,୨୨।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କିଟ୍ ଘଟଣା ସମ୍ପର୍କରେ ଶନିବାର ନେପାଳ ବୈଦେଶିକ ବ୍ୟାପାର ମନ୍ତ୍ରୀ ଆର୍ଜୁ ରାନା ଦେଉବାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନେପାଳ ଛାତ୍ରୀଛାତ୍ର ହେଉଛନ୍ତି ଆମ ପିଲା। ପୂରା ସମ୍ମାନର ସହ ସେମାନେ ଏଠାରେ ପଢ଼ିବେ। ରାଜ୍ୟ ସରକାର ଘଟଣା ସମ୍ପର୍କରେ ତୀକ୍ଷ୍ଣ ନଜର ରଖି ପଦକ୍ଷେପ ନେଉଛନ୍ତି। ଏହାସହ ଛାତ୍ରୀଛାତ୍ରମାନଙ୍କ ଭରସା ଓ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏହାପରେ ନେପାଳ ଦୂତାବାସର ଅଧିକାରୀ ନବୀନ ରାଜ୍ ଅଧିକାରୀ ଏବଂ ସଞ୍ଜୀବ ଶର୍ମା ଦାସ ମଧ୍ୟ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଉଭୟ ଅଧିକାରୀଙ୍କୁ କହିଛନ୍ତି, ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି।


କିଟ୍ ଘଟଣା ସମ୍ପର୍କରେ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେପାଳ ବୈଦେଶିକ ବ୍ୟାପାର ମନ୍ତ୍ରୀ ଆର୍ଜୁ ରାନା ଦେଉବାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରୁଛନ୍ତି।

ଉକ୍ତ ଘଟଣା ସହ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଟ୍ ପରିସରରେ ଶିକ୍ଷାର ବାତାବରଣ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ନେପାଳର ଅଧିକାରୀ କହିଛନ୍ତି, ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ନେପାଳରୁ ଆସି ପଢୁଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ଏଥିପାଇଁ ନେପାଳ ସରକାରଙ୍କ ପକ୍ଷରୁ ଓଡ଼ିଶା ସରକାରଙ୍କୁ ବିଶେଷକରି ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଧନ୍ୟବାଦ ଦେଇ କହିଛନ୍ତି, ନେପାଳ ଏବଂ ଓଡ଼ିଶା ମଧ୍ୟରେ ଅତି ପୁରାତନ ସମ୍ପର୍କ ରହିଆସିଛି। ଏହି ସୁସମ୍ପର୍କ କେବେ ବ୍ୟାହତ ହେବ ନାହିଁ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ।

## ଜବରଦଖଲ ଜମିକୁ ଅବରୋଧମୁକ୍ତ କରିବାକୁ ସ୍ପେଶାଲ ଡ୍ରାଇଭ ହେବ: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୨୨।୨(ସୁନିତ୍ ମିଶ୍ର)

କିଟ୍‌ରେ ନେପାଳ ଛାତ୍ରୀଙ୍କ ମୃତ୍ୟୁ ଘଟଣା ପରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନେକ ଜମି ଦୁର୍ନୀତି କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏହି ଘଟଣାରେ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯେଉଁଠି ସବୁ ଜବରଦଖଲ ରହିଛି ସେସବୁ ସ୍ଥାନକୁ ଜବରଦଖଲମୁକ୍ତ କରିବା ସକାଶେ ରାଜସ୍ୱ ଏବଂ ଜିଏ ବିଭାଗ ପକ୍ଷରୁ ଏକ ସ୍ପେଶାଲ ଡ୍ରାଇଭ କରିବାକୁ ଯୋଜନା ହେଉଛି। କିଟ୍ ଜଙ୍ଗଲ ଜମି ଜବରଦଖଲ ନେଇ ଠୋସ୍ ତଥ୍ୟ ତାଙ୍କ ପାଖରେ ଏ ପର୍ଯ୍ୟନ୍ତ ନାହିଁ। ହେଲେ ଯେଉଁଠାରେ ଜବରଦଖଲ ରହିଛି ରାଜସ୍ୱ ବିଭାଗ ତରଫରୁ ଏହାକୁ ଅବରୋଧମୁକ୍ତ କରାଯିବ। ଜଙ୍ଗଲ ଜମିଗୁଡ଼ିକ ଯେଉଁଠି ଅବରୋଧ କରାଯାଇ କମର୍ସିଆଲ ବ୍ୟବହାର କରାଯାଉଥିବ ତାହା ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଯାହା ଅନୁଭବ କରିବ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର, ୨୨।୨(ସୁନିତ୍ ମିଶ୍ର)

କିଟ୍ ଘଟଣାକୁ ନେଇ ବିଭିନ୍ନ ଆଡୁ ସମାଲୋଚନା ଚାଲିଥିବା ବେଳେ ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମେତ ଅନ୍ୟ କେତେଜଣଙ୍କୁ ମଧ୍ୟ ଜେରା କରିଛି। ଏହା ଉପରେ ପ୍ରତିକ୍ରିୟା ରଖି ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଉଚ୍ଚସ୍ତରୀୟ କମିଟି କିଟ୍‌ର ଛାତ୍ରୀ ମୃତ୍ୟୁ ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ଦୁର୍ଭାଗ୍ୟଜନକ ସ୍ଥିତି ଯାହା ରହିଥିଲା ଏହାକୁ ନେଇ ସମନ କରାଯାଇଥିବା ସମସ୍ତଙ୍କ ପାଖରୁ ତଥ୍ୟ ସଂଗ୍ରହ କରାଯାଇଛି। ଉଚ୍ଚସ୍ତରୀୟ ଯାଞ୍ଚ କମିଟି ସମସ୍ତଙ୍କଠାରୁ ସବୁ କଥା ଶୁଣିବା ପରେ ସବୁକିଛି ରେକର୍ଡ କରି ରଖିଛି। ପରବର୍ତ୍ତୀ ସମୟରେ ଏଥିରୁ ଯାହା ନିଷ୍କର୍ଷ ଆସିବ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରିସାରିଛନ୍ତି। ସେଥିରେ ସିକ୍ୟୁରିଟି ଗାର୍ଡ, ଟ୍ରେନର, ବାଉନ୍ସର ଅଛନ୍ତି। ପୋଲିସ ତଦନ୍ତ ଚାଲିଛି, ସିସିଟିଭି ଫୁଟେଜ ସବୁ ଫୋରେନସିକ୍ ଲାବ୍‌କୁ ପଠାଯାଇସାରିଛି। ସବୁ ଦିଗରୁ ଯାଞ୍ଚ ହେଉଛି। ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଯାହା ଅନୁଭବ କରିବେ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାରେ ବାହାରକୁ ଆସିଥିବା ଅଡିଓକୁ ନେଇ ତଦନ୍ତ ଚାଲିଛି । ଆଗକୁ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।

## ଗୁଣିଆ ସନ୍ଦେହରେ ଯୁବକଙ୍କୁ ଜିଅନ୍ତା ପୋଡ଼ିଦେବା ଘଟଣା

# ୬ ଜଣଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ,୨୨।୨(ପ୍ରସନ୍ନ କୁମାର ପଣ୍ଡା)

ଗୁଣିଗାରେଡ଼ି ସନ୍ଦେହରେ ଜଣଙ୍କୁ ପୋଡ଼ିଦେବା ଘଟଣାରେ ବିଷମକଟକ ଏଡିଜେ ସିଦ୍ଧାର୍ଥ ସାହୁ ୬ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ସିଙ୍ଗାନା କଲାକା, ରବି କଲାକା, ଘନା କୁମୁରିକା, ଧନିଆ ତଇକା, ସୁକୁରୁ କଲକା ଏବଂ ନାଥୁରାମ କଲାକା। ଏହି ଘଟଣାରେ ସମ୍ପୃକ୍ତ ୩ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ସେହିଭଳି ଜଣେ ଅଭିଯୁକ୍ତଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ଜିଲା ବିଷମକଟକ ଥାନା ସାହାଡ଼ା ପଞ୍ଚାୟତ ଅଧୀନ କଣାଗାଁ ଗ୍ରାମର ଆଦିବାସୀ ଯୁବକ ଜଗବନ୍ଧୁ କଲାକା ୨୦୧୫ ଜୁଲାଇ ୧୨ରେ ଗାଈ ଚରାଇ ଘରକୁ ଫେରୁଥିଲେ। ସେ ଗୁଣି କରୁଥିବା ସନ୍ଦେହକରି ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣକରି ତାଙ୍କୁ ଜିଅନ୍ତା ପୋଡ଼ିଦେଇଥିଲେ। ଏହାକୁ ନେଇ ବିଷମକଟକ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତକରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରୁଥିଲେ।

## ଯକୃତ ପ୍ରତିରୋପଣ

# ଚାଲିଗଲା ଜୀବନ, ଉଦାହରଣ ସାଜିଲା ଦାନ

**ଜଣେ ମହିଳାଙ୍କ ଜୀବନ ବଞ୍ଚାଇବା ପାଇଁ ସ୍ୱଇଚ୍ଛାରେ ଆଗକୁ ଆସିଥିଲେ ତାଙ୍କ ବଡ଼ ଯା'। ବିନା ଦ୍ୱିଧାରେ ସାନ ଯା' ପାଇଁ ସେ ଯକୃତ ଦାନ କରିଥିଲେ। କିନ୍ତୁ ଯକୃତ ପ୍ରତିରୋପଣର ମାସେ ନ ବିତୁଣୁ ସାନ ଯା'ଙ୍କ ମୃତ୍ୟୁ ଘଟିଛି। ସମସ୍ତ ଉଦ୍ୟମ ସତ୍ତ୍ୱେ ସାନ ଯା' ବଞ୍ଚିପାରି ନ ଥିଲେ ମଧ୍ୟ ବଡ଼ ଯା'ଙ୍କ ମହାନତା ଉଦାହରଣ ସାଜିଛି। ତାଙ୍କ ତ୍ୟାଗ ସ୍ମରଣୀୟ ହୋଇଛି। ଏହାସହ ଦୁଇ ଯା'ଙ୍କ ମଧ୍ୟରେ ଥିବା ସୁସମ୍ପର୍କ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ସାଧାରଣତଃ କ୍ୱଚିତ୍ ପରିବାରରେ ଯା'ମାନଙ୍କ ମଧ୍ୟରେ ଭଲ ସମ୍ପର୍କ ଦେଖିବାକୁ ମିଳୁଥିବାବେଳେ ଏଥିରେ ସାମିଲ ହୋଇଛି ସମ୍ବଲପୁର ଜିଲା ଝାଙ୍କରପାଲିର ଏକ ପରିବାର।**


ବଡ଼ ଯା' ପ୍ରତିମା ପ୍ରଧାନ


ଉମାକାନ୍ତି ପ୍ରଧାନ

ସମ୍ବଲପୁର,୨୨।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝାଙ୍କରପାଲିର ମହାଦେବ ପ୍ରଧାନଙ୍କ ସ୍ତ୍ରୀ ଉମାକାନ୍ତି ପିତ୍ତକୋଷ ପଥୁରୀ(ଗଲ୍‌ବ୍ଲାଡର ଷ୍ଟୋନ୍) ରୋଗରେ ଆକ୍ରାନ୍ତ ହୋଇଥିଲେ। ୨୦୨୦ରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। କିଛିଦିନ ପରେ ପେଟବ୍ୟଥା ସହ ସେ ଅଧିକ ଅସୁସ୍ଥ ହେବାକୁ ଲାଗିଲେ। ଡାକ୍ତରୀ ପରୀକ୍ଷା ପରେ ଅସ୍ତ୍ରୋପଚାର ସମୟରେ ତାଙ୍କ ପିତ୍ତନଳୀକୁ ଡାକ୍ତର କାଟିଦେଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହା ଯକୃତକୁ ସଂକ୍ରମିତ କରିଥିଲା। ତେଣୁ ପରିବାର ଲୋକେ ହାଇଦ୍ରାବାଦର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ୨୦୨୪ ଡିସେମ୍ବର ୫ରେ ତାଙ୍କ ଯକୃତ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ଏଥିଯୋଗୁ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ତେବେ ତାଙ୍କୁ ବଞ୍ଚାଇ ରଖିବା ପାଇଁ ଯକୃତ ପ୍ରତିରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି ଚିକିତ୍ସା କରୁଥିବା ଡାକ୍ତର ପରିବାର ଲୋକଙ୍କୁ କହିଥିଲେ। ଏଥିପାଇଁ ଜଣେ ଯକୃତଦାତାଙ୍କ ଆବଶ୍ୟକତା ଥିବାବେଳେ ସ୍ୱାମୀ ମହାଦେବଙ୍କ ରକ୍ତ ବର୍ଗ ଉମାକାନ୍ତିଙ୍କ ରକ୍ତବର୍ଗ ସହ ମେଳ ଖାଇ ନ ଥିଲା। ଫଳରେ ଯକୃତ ଦାନ ପାଇଁ ତାଙ୍କ ବଡ଼ ଯା' ପ୍ରତିମା ପ୍ରଧାନ ଆଗେଇ ଆସିଥିଲେ। ଗତ ଜାନୁଆରୀ ୨୪ରେ ହାଇଦ୍ରାବାଦରେ ଅସ୍ତ୍ରୋପଚାର କରାଯାଇ ବଡ଼ ଯା' ପ୍ରତିମାଙ୍କ ଯକୃତର କିଛି ଅଂଶକୁ ଉମାକାନ୍ତିଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଯକୃତ ଦାନ ପରେ ଫେବୃୟାରୀ ୯ରେ ପ୍ରତିମା ଆଇସିୟୁରୁ ବାହାରିଥିଲେ। ସାନ ଯା' ଉମାକାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା। ତେବେ କିଛିଦିନ ସୁସ୍ଥ ରହିବା ପରେ ଉମାକାନ୍ତି ପୁଣି ଥରେ ଅସୁସ୍ଥ ହୋଇପଡ଼ିଲେ। ପରିବାର ଲୋକେ ପୁଣି ତାଙ୍କୁ ହାଇଦ୍ରାବାଦର ଉକ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ସଫଳ ପ୍ରତିରୋପଣ ସତ୍ତ୍ୱେ ତାଙ୍କ ଯକୃତ ପୁଣି ସଂକ୍ରମିତ ହୋଇଥିଲା। ଏହା ପରବର୍ତ୍ତୀ ସମୟରେ ସମଗ୍ର ଶରୀରର ବିଭିନ୍ନ ଅଙ୍ଗକୁ ବ୍ୟାପି କ୍ରମଶଃ ସେଗୁଡ଼ିକ ଅକାମୀ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ ବୋଲି ମହାଦେବ କହିଛନ୍ତି। ହାଇଦ୍ରାବାଦରୁ ଉମାକାନ୍ତିଙ୍କ ମୃତଦେହ ଶନିବାର ଅପରାହ୍ନରେ ଝାଙ୍କରପାଲିରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଟ୍ରକ୍ ପଛରେ ପିଟିହେଲା କାର୍, ୩ ମୃତ

ଯାଁଳା,୨୨।୨(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ନଡ଼ିଆ ଫାର୍ମ ସମ୍ମୁଖରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ କାର୍ ପିଟିହୋଇଯିବାରୁ ୩ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ପ୍ରତାପ ପୁରୁଷୋତ୍ତମପୁରର ବିଶ୍ୱ ରଞ୍ଜନ ସେଠୀ(୨୬), ପୁରୀ ସଦର ଥାନା ଗୋପୀନାଥପୁରର ବିଶ୍ୱଚେତନ ମିଶ୍ର (୨୫) ଏବଂ ସାକ୍ଷୀଗୋପାଳର ପ୍ରଶାନ୍ତ ପ୍ରଧାନ।

ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୨ଟାରେ ବିଶ୍ୱରଞ୍ଜନ, ବିଶ୍ୱଚେତନ ଏବଂ ପ୍ରଶାନ୍ତ ଏକ କାର୍‌ରେ ଭୁବନେଶ୍ୱରରୁ ଖୋର୍ଦ୍ଧାଦେଇ ପୁରୀ ଅଭିମୁଖେ ଯାଉଥିଲେ। ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ନଡ଼ିଆଫାର୍ମ ସମ୍ମୁଖରେ କୌଣସି କାରଣରୁ କାର୍‌ଟି ଭାରସାମ୍ୟ ହରାଇ ଏକ ଅଜଣା ଟ୍ରକ୍ ପଛରେ ପିଟିହୋଇଯାଇଥିଲା। ଫଳରେ କାର୍‌ରୁ ଜଣେ ଯୁବକ ବାହାରକୁ ଛିଟିକି ତଳେ ପଡ଼ିଥିଲେ। ଅନ୍ୟ ଦୁଇଜଣ କାର୍ ଭିତରେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ପଳାଇଥିଲା। କେତେଜଣ ବାଟୋଇ ଦୁର୍ଘଟଣା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା।
- ୬ଷ୍ଠ ଅନ୍ତର୍ଜାତୀୟ ଧଉଳି ଚିତ୍ରକଳା ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ଧଉଳି କ୍ରାଫ୍ଟ ବଜାର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଉତ୍କଳ ରଜକ ମହାସଂଘ ପକ୍ଷରୁ ସନ୍ଥ ଗାଡ୍‌ଗେ ବାବାଙ୍କ ୧୪୯ତମ ଜୟନ୍ତୀ ପାଳନ, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ଣ ୧୧ଟା।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀ ସମବାୟ ଋଣ ଓ ମିତବ୍ୟୟ ସମିତିର ୧୭ତମ ବାର୍ଷିକ ସାଧାରଣ ସଭା, ସ୍ଥାନ: ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୧ଟା।
- ଏନ୍‌ଏଏଫ୍‌ଇଡି ଓ ଭାରତ ବ୍ରାଣ୍ଡ ପ୍ରଡକ୍ଟର ଉଦ୍‌ଘାଟନୀ, ସ୍ଥାନ: ନ୍ୟୁ ଏଜି କଲୋନୀ, କଳିଙ୍ଗ ଷ୍ଟାଡିୟମ ସମ୍ମୁଖ, ସମୟ: ଅପରାହ୍ଣ ୩ଟା ୩୦।
- ନ୍ୟାଶନାଲ ହ୍ୟୁମାନ ୱେଲଫେୟାର ବୋର୍ଡ ଟ୍ରଷ୍ଟ ପକ୍ଷରୁ ଆଭାସ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ଣ ୪ଟା।
- ଲେଖକ ସାମୁଖ୍ୟର ସାଧାରଣ ସଭା, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ଅପରାହ୍ଣ ୫ଟା।

## କଟକ

- ଆଧ୍ୟାତ୍ମିକ ସଙ୍ଗଠନ ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ସ୍ୱଚ୍ଛ ଜଳ ସ୍ୱଚ୍ଛ ମଣିଷ କାର୍ଯ୍ୟକ୍ରମରେ ସଫେଇ, ସ୍ଥାନ: ମହାନଦୀର ଗଡ଼ଗଡ଼ିଆ ଘାଟ, ସମୟ: ସକାଳ ୭ଟା
- ୭୩ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ୍ ଚାମ୍ପିୟନ୍‌ଶିପ୍ ୨୦୨୫ର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସମୟ: ସକାଳ ୮ଟା।
- ୭୧ତମ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ, ସ୍ଥାନ: କଟକ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୯ଟା
- ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କଟକ ଜିଲା ଶାଖା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରଘୁନାଥଜୀଉ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ଣ ୧୦ଟା।
- ଉର୍ବୀ ପତ୍ରିକାର ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ପୁରୀ

- ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଅଲୁଗୁମର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ସାହି ଭାଇ ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀ ସତୀ ଭବନ, ପୁରୀ, ସମୟ: ପୂର୍ବାହ୍ଣ ୧୧ଟା।
- ଆଦିତ୍ୟ ସମ୍ମାନ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ଣ ୧୧ଟା।
- ଦି ମୋମେଣ୍ଟ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ଅମ୍ଳାନ ସାରସ୍ୱତ ପରିଷଦର ବସନ୍ତ କବିତା ଆସର, ସ୍ଥାନ: ଭକ୍ତ ସାଲବେଗ ପୀଠ, ପୁରୀ, ସମୟ: ଅପରାହ୍ଣ ୪ଟା।

## ବାଲେଶ୍ୱର

- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଓ ସନାତନ ଧର୍ମ ସମ୍ମିଳନୀର ଉଦ୍‌ଯାପନୀ ଦିବସ, ସ୍ଥାନ: ପଶ୍ଚିମ ସିମୁଳିଆ ଶିବମନ୍ଦିର ପ୍ରାଙ୍ଗଣ, ରୂପସା, ସମୟ: ଦିବସବ୍ୟାପୀ।
- ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ଜେଡ଼ି ପାଠଶାଳା, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ସୋର ଅନନ୍ତପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ମାତୃ ସମ୍ମିଳନୀ, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସର, ସୋର, ସମୟ: ପୂର୍ବାହ୍ଣ ୧୦ଟା।
- ସୋର ନାଗରିକ ମଞ୍ଚର ଚତୁର୍ଥ ବାର୍ଷିକ ସମ୍ମିଳନୀ, ସ୍ଥାନ: ଟାଉନ ହଲ, ସୋର, ସମୟ: ପୂର୍ବାହ୍ଣ ୧୦ଟା।
- ଭ୍ରାମ୍ୟମାଣ ସାହିତ୍ୟ ସଭା, ସ୍ଥାନ: ପଞ୍ଚୁପାଲି, ବାଲିଆପାଳ, ସମୟ: ଅପରାହ୍ଣ ୩ଟା।

## ଭଦ୍ରକ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର, ତିହିଡ଼ି, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ସାବରଙ୍ଗ ତାରାଶୁଣୀ ପୀଠ, ଭଦ୍ରକ, ସମୟ: ସକାଳ ୭ଟା।
- ଇନ୍‌ଟାକ୍ ଭଦ୍ରକ ଶାଖାର ପଞ୍ଚଦଶ ବାର୍ଷିକ ସମାରୋହ, ସ୍ଥାନ: କୁଆଁସ ନିତ୍ୟାନନ୍ଦ ଭବନ, ଭଦ୍ରକ, ସମୟ: ସକାଳ ୯ଟା ୪୫।
- ବିଜେଡିର ଜୋନ୍‌ସ୍ତରୀୟ କର୍ମଶାଳା, ସ୍ଥାନ: ଦଇପୁର, ଧାମନଗର, ସମୟ: ପୂର୍ବାହ୍ଣ ୧୦ଟା।
- ସାହିତ୍ୟ, ସଂସ୍କୃତି ପତ୍ରିକା 'ଗୌରୀପ୍ରଭା'ର ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ, ସ୍ଥାନ: ତିହିଡ଼ି କଲେଜ, ସମୟ: ପୂର୍ବାହ୍ଣ ୧୦ଟା।
- ଝାଡ଼େଶ୍ୱର ମନ୍ଦିରର ବଡ଼ଶୃଙ୍ଗାର ବେଶ, ପୂର୍ଣ୍ଣାହୁତି ଓ ଭଜନ ସନ୍ଧ୍ୟା, ସ୍ଥାନ: ଅଲବଗା, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା।
- ରାଜ୍ୟସ୍ତରୀୟ କବି ଓ କଳାକାର ସମାରୋହ, ସ୍ଥାନ: ସୁଗୋ ହାଟପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା।
- ମୁନି ସମାଜର ସତ୍‌ସଙ୍ଗ, ସ୍ଥାନ: ସାମରାଇପୁର ଶିବମୁନି ଯୋଗାଶ୍ରମ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ବିଜେଡିର ବନ୍ଧୁମିଳନ, ସ୍ଥାନ: ଧୂଳିପଦା, ତିହିଡ଼ି, ସମୟ: ପୂର୍ବାହ୍ଣ ୧୧ଟା।
- ଅବସରପ୍ରାପ୍ତ ସୈନିକ କର୍ମଚାରୀ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ସପ୍ତସ୍ୱର ସାହିତ୍ୟ ସଙ୍ଗୀତ ସାଂସ୍କୃତିକ ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ଅପରାହ୍ଣ ୩ଟା।
- ହଂସ ଧ୍ୱନି, ସଙ୍ଗୀତ ଓ ନୃତ୍ୟ ଉତ୍ସବ, ସ୍ଥାନ: ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ଣ ୫ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ଦିବାରାତ୍ର ନାମ ଯଜ୍ଞ, ସ୍ଥାନ : ନାଗାଡୋଟା, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା।
- ବାଲୁଙ୍କେଶ୍ୱର କଳାକାର ସଙ୍ଘର ବାର୍ଷିକ ଉତ୍ସବ, ସ୍ଥାନ: ଫକୀରପୁର, ଛେନାପଦି, ସମୟ: ସକାଳ ୯ ଟା।
- କଇରାଲି କଲେଜ ଅଫ୍ ନର୍ସିଂର ସପଥ ଗ୍ରହଣ ଉତ୍ସବ, ସ୍ଥାନ: କଲେଜ ପରିସର, ଚମ୍ପୁଆ, ସମୟ: ପୂର୍ବାହ୍ଣ ୧୦ ଟା।
- ସତ୍ୟସାଇ ସମିତି ତରଫରୁ ସାଧନା ଶିବିର, ସ୍ଥାନ : ଡ଼ଅଁର, ହାଟଡ଼ିହୀ, ସମୟ: ପୂର୍ବାହ୍ଣ ୧୧ ଟା।
- ଟିକିରା ହାପି କ୍ଲବ୍‌ର ୫ମ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଟିକିରା ଖେଳ ପଡିଆ, ଢେଙ୍କିକୋଟ, ସମୟ: ପୂର୍ବାହ୍ଣ ୧୧ଟା।
- ପାଞ୍ଚପୋଖରୀଆରେ ମାଗେ ପର୍ବ, ସ୍ଥାନ: ପାଞ୍ଚପୋଖରୀଆ, ଚମ୍ପୁଆ, ସମୟ: ଅପରାହ୍ଣ ୩ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ଖଇରିମରା, ହାଟଡ଼ିହୀ, ସମୟ : ଅପରାହ୍ଣ ୩ ଟା।

## ମୟୂରଭଞ୍ଜ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ୧୩୭ତମ ଶୁଭ ଜନ୍ମ ମହୋତ୍ସବ, ସ୍ଥାନ: ବାଙ୍ଗିରିପୋଷି ସତ୍‌ସଙ୍ଗ କେନ୍ଦ୍ର, ସମୟ: ସକାଳ ୯ଟା।
- କ୍ରିକେଟ ମ୍ୟାଚ୍, ସ୍ଥାନ: ବାରିପଦା ଷ୍ଟାଡିୟମ୍ ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀରାମଚନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ, ବାରିପଦା, ସମୟ: ଅପରାହ୍ଣ ୨ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ଣ ୫ଟା।

## ଗଞ୍ଜାମ

- ସାଇ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାଇ ସରସ୍ୱତୀ ଶିଶୁମନ୍ଦିର ପରିସର ବୁଗୁଡ଼ା, ସମୟ: ଅପରାହ୍ଣ ୪ ଟା।
- ସରକାରୀ ଚାରୁକାରୁ କଳା ମହାବିଦ୍ୟାଳୟରେ ବାର୍ଷିକ ପ୍ରଦର୍ଶନୀ, ସ୍ଥାନ: ଖଲ୍ଲିକୋଟ ଆର୍ଟ କଲେଜ ପରିସର ଖଲିକୋଟ, ସମୟ: ଅପରାହ୍ଣ ୫ଟା।
- ବିବେକାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଛତ୍ରପୁର ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ ଟା।

## କନ୍ଧମାଳ

- ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ ଫୁଲବାଣୀ, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ଫରେଷ୍ଟ ପାର୍କ ଉଦ୍‌ଘାଟନ, ସ୍ଥାନ: ସିଟି ଏବଂ ଜିଏସ୍‌ଟି କାର୍ଯ୍ୟାଳୟ ପାଖ, ସମୟ: ସକାଳ ୯ଟା।
- କପିଳାସ କାଜୁ କ୍ଲଷ୍ଟର ଉଦ୍‌ଘାଟନ, ସ୍ଥାନ: ଲମ୍ବୋଦରପୁର, ସଦର ବ୍ଲକ ଢେଙ୍କାନାଳ, ସମୟ: ସକାଳ ୯ଟା୩୦।
- ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ ଫାଇନାଲ ମ୍ୟାଚ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ଣ ୧୧ଟା୩୦।

## କୋରାପୁଟ

- ସାଉଥ ଜୋନ୍ ନାଟକ ଉତ୍ସବ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ : କୋରାପୁଟ ସାଂସ୍କୃତିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- ନବରଙ୍ଗପୁର ଏମ୍‌ପିଙ୍କ ବ୍ଲକ ପରିଦର୍ଶନ, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ପୂର୍ବାହ୍ଣ ୧୦ଟା ଏମ୍‌ପି ବଳଭଦ୍ର ମାଝୀଙ୍କ ପରିଦର୍ଶନ ଓ ସମୀକ୍ଷା, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ଣ ୩ଟା।

## ମାଲକାନଗିରି

- କେନ୍ଦୁପତ୍ର ବୁସ୍‌କଟିଂକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ମାଥିଲି, ସମୟ: ଅପରାହ୍ଣ ୧ଟା ।

## ସମ୍ବଲପୁର

- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୮ଟା ୩୦।
- କଲମ ପରିବାର ଆୟୋଜିତ ସାହିତ୍ୟ ସଭା, ସ୍ଥାନ : ଜିଏମ୍‌ୟୁ ସ୍ଥିତ ପ୍ରେକ୍ଷାଳୟ, ସମୟ ସକାଳ ୯ଟା ୩୦।
- ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ଣ ୧୦ଟା।
- ସରସତିଆ ଦିନ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ଣ ୧୧ଟା।
- କୁଲତା ସମାଜର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ଦାନିପାଲି ସ୍ଥିତ ରାମଚଣ୍ଡି ସେବା ସଦନ, ସମୟ : ଅପରାହ୍ଣ ୪ଟା।
- ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଫାଇନାଲ ମ୍ୟାଚ। ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ଣ ୩ଟା।
- ପଣ୍ଡା ସୁପର ମାର୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଚିତ୍ରଗୁପ୍ତ ଛକ, ସମୟ : ଅପରାହ୍ଣ ୪ଟା ୩୦।
- ଜବାନୀ ଏ-ହିନ୍ଦ କ୍ଲବ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ସୂଚନା ଅଧିକାର ଅଭିଯାନର ଜିଲାସ୍ତରୀୟ ମହାସମ୍ମିଳନୀସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ୧୫ ତମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଲାଠୋର ଖେଳପଡିଆ, ଖପ୍ରାଖୋଲ ବ୍ଲକ, ସମୟ: ଅପରାହ୍ଣ ୧ ଟା।

## ରାଉରକେଲା

- ବିଷ୍ଣୁ ମହାଯଜ୍ଞ, ଅଷ୍ଟପ୍ରହର ଓ ମହାଶିବରାତ୍ରି, ସ୍ଥାନ: ସେକ୍ଟର-୧୯, ସମୟ: ସକାଳ ୬ଟା।
- ବାର୍ଷିକ କ୍ରୀଡ଼ା ତାଲିମ ଶିବିରର ୩ୟ ଦିବସ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- କାଲୋକୁନ୍ଦର ଗ୍ରାମବାସୀଙ୍କ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ବେଲଡିହି, ସମୟ: ସକାଳ ୭ଟା ୩୦।
- ପଣ୍ଡା-ସମଦଗାର, ସିହ୍ନା ମେମୋରିଆଲ୍ ଲେକ୍ଚର ସିରିଜର ୩ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ଣ ୧୦ଟା।
- ବାର୍ଷିକ କ୍ରୀଡା ମହୋତ୍ସବର ୫ମ ଦିବସ, ସ୍ଥାନ: ପ୍ଲେସ୍ ଅଫ୍ ସେଫ୍ଟି, ସମୟ: ପୂର୍ବାହ୍ଣ ୧୦ଟା।
- ସ୍ୱସ୍ତି ସାହିତ୍ୟ ସଂସଦର କବିତାୟନ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ: କଚାରୁଲ ବିଜୁବନ୍ଧ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ସେକ୍ଟର-୧୩ କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ଣ ୧୦ଟା।
- ସୌମ୍ୟଜିତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ଣ ୧୦ଟା।
- ଆମେ ଓଡିଆ ରାଉରକେଲା ଶାଖା ସମ୍ମିଳନୀ, ସ୍ଥାନ: ଖଡ୍‌ଗ ଭବନ, ସେକ୍ଟର-୩, ସମୟ: ପୂର୍ବାହ୍ଣ ୧୧ଟା।
- ଅନ୍ୱେଷା ପକ୍ଷରୁ ସାମୁହିକ ଜନ୍ମଦିନ ଓ ମାଗଣା ହାଟ, ସ୍ଥାନ: ଇସ୍ପାତ ସରୋବର, ସେକ୍ଟର-୬, ସମୟ: ଅପରାହ୍ଣ ୪ଟା।
- ହନୁମାନ ବାଟିକାରେ ବାର୍ଷିକ ଉତ୍ସବ, ସ୍ଥାନ: ହନୁମାନ ବାଟିକା, ଉଦିତନଗର, ସମୟ: ଅପରାହ୍ଣ ୫ଟା ୩୦।
- ବ୍ରହ୍ମାକୁମାରୀ ପକ୍ଷରୁ ଯୁବବାର୍ତ୍ତା କାର୍ଯ୍ୟକ୍ରମ, ସ୍ଥାନ: ସିଭିଲଟାଉନଶିପ୍ ଶନି ମନ୍ଦିର ପ୍ରାଙ୍ଗଣ: ସମୟ: ସନ୍ଧ୍ୟା ୬ଟା।
- ନିଲମ ଫାଉଣ୍ଡେସନ୍ ପକ୍ଷରୁ ନୋଷ୍ଟାଲଜିକ୍ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ସପ୍ତାହ ବ୍ୟାପୀ ଶ୍ରୀମଦ ଭାଗବତ କଥାମୃତ, ସତ୍‌ସଙ୍ଗ କାର୍ଯ୍ୟକ୍ରମର ୬ଷ୍ଠତମ ସନ୍ଧ୍ୟା,ସ୍ଥାନ:ଇବ ନଗର ଆଇଆର ଆଇଟି କଲୋନୀ ଶିବ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ରୁ ୯ଟା।

## ବରଗଡ଼

- ଜୀରା ବଞ୍ଚାଅ ଆନ୍ଦୋଳନ,ସ୍ଥାନ:ଜୀରାନଦୀ କୂଳ, ବରଗଡ଼,ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ, ଚକ୍ଷୁ ଚିକିତ୍ସା ଶିବିର,ସ୍ଥାନ: ଗଙ୍ଗାଧର ମେହେର ହାଇସ୍କୁଲ, ଖୁଣ୍ଟପାଲି, ବରଗଡ଼,ସମୟ: ସକାଳ ୯ଟା।
- ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ: ପୂର୍ବାହ୍ଣ ୧୦ଟା।
- ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଡଭା, ଝାରବନ୍ଧ, ସମୟ: ପୂର୍ବାହ୍ଣ ୧୦ଟା।
- ମନ୍ଦିର ପ୍ରତିଷ୍ଠା ଅବସରରେ କଳସଯାତ୍ରା,ସ୍ଥାନ: ସିଲାଟ୍, ଅତାବିରା,ସମୟ: ଅପରାହ୍ଣ ୩ଟା।
- ଆୟୁର୍ବେଦ କଲେଜର ବାର୍ଷିକ ଉତ୍ସବ, ସ୍ଥାନ:କଲେଜ ପରିସର, ନୃସିଂହନାଥ, ପାଇକମାଳ,ସମୟ: ଅପରାହ୍ଣ ୪ଟା ୩୦।
- ବରଗଡ଼ ଇସ୍କନର ଖବରଦାତା ସମ୍ମିଳନୀ,ସ୍ଥାନ: କାଳୀ ମନ୍ଦିର ନିକଟ ଜ୍ଞାନ ଦାଶ ଲେନ୍, ବରଗଡ଼,ସମୟ: ରାତି ୮ଟା।

## କଳାହାଣ୍ଡି

- କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ପ୍ରଥମ କବିତା ସଂକଳନ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବ୍ରଜ ବିହାର, ସମୟ: ଅପରାହ୍ଣ ୩ଟା।
- ଫଗୁ ମହୋତ୍ସବ ଚୂଡାନ୍ତ ବୈଠକ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ଣ ୫ଟା।

## ବୌଦ୍ଧ

- ଦ୍ୱିତୀୟ ସେବା ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗରକୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ଗୁଦୁଗୁଦା,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୮ଟା।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ: କର୍ଡ଼ାପାଲ ସରକାରୀ ୟୁ ପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସୋନପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ଣ ୧୧ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ଣ ୩ଟା ୩୦।

## ନୂଆପଡ଼ା

- ଯୋଗେଶ୍ୱର ମହୋତ୍ସବ ୨୦୨୫ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ମହାରାସ ଲୀଳା ଓ ଶ୍ରୀକୃଷ୍ଣ-ରୁକ୍ମିଣୀ ବିବାହ ଉତ୍ସବ, ସ୍ଥାନ: ନୂଆପଡା ସଦର ମହକୁମା ପତୋରା, ସମୟ: ଅପରାହ୍ଣ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କାମ ସାହାଯ୍ୟ ସହଯୋଗ ମାଧ୍ୟମରେ ସମ୍ପନ୍ନ କରିପାରିବେ। କୃତ୍ତିକା ନକ୍ଷତ୍ର ମନ ଚାହୁଁ ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବା ଦିଗରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

**ବୃଷ**
ମୃଗଶିରା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତାର ବିନାଶ ଘଟିବା ସାଙ୍ଗକୁ ଋଣ ମାଧ୍ୟମରେ ଅର୍ଥ ପ୍ରାପ୍ତି ଘଟିବ। ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ କାମରୁ ଓହରି ଆସି ପାରିବେ ନାହିଁ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ରୋଗପୀଡାରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**ମିଥୁନ**
ଆଜିର ସଭାସମିତିରେ ପୁନର୍ବସୁ ନକ୍ଷତ୍ର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ହାସଲ କରିବେ। ଫଳତଃ ସବୁ କାମ ଯଥା ସମୟରେ ଠିକ୍‌ଠାକ୍ ହୋଇଯିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। କଳା, ସଙ୍ଗୀତ ତଥା କ୍ରୀଡା କ୍ଷେତ୍ରରେ ସଫଳତା ମିଳିବାର ସୂଚନା ରହିଛି।

**କର୍କଟ**
ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟ କାରଣରୁ ସଙ୍କଟଜନକ ସ୍ଥିତି ଉତ୍ପନ୍ନ ହୋଇପାରେ। ତଥାପି କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସହକର୍ମୀଙ୍କ ଜରିଆରେ ପାଇପାରିବେ। ଅଶ୍ଳେଷା ନକ୍ଷତ୍ର ଆକସ୍ମିକ ଆଶା କରୁଥିବା ଶୁଭଖବର ପାଇ ଆନନ୍ଦ ଅନୁଭବ କରିବେ।

**ସିଂହ**
ଆଜିର କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସରକାରୀ ସହାୟତା ପ୍ରାପ୍ତିର ସମ୍ଭାବନା ରହିଛି। ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ପୂର୍ବନିର୍ଦ୍ଧାରିତ ଯୋଜନାନୁଯାୟୀ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ।

**କନ୍ୟା**
ପାରିବାରିକ ଅଶାନ୍ତି ଓ ଦୈହିକ ଦୁର୍ବଳତା ମନୋବଳକୁ ହ୍ରାସ କରାଇପାରେ। କିନ୍ତୁ ହସ୍ତା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶିଡି ଚଢିପାରିବେ। ଦୀର୍ଘଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଅପ୍ରିୟ ସତ୍ୟ ଭାଷଣ ପ୍ରଭାବରେ ସଭାସମିତିରେ ବନ୍ଧୁଙ୍କ ସହ ବିରୋଧୀ ହୋଇପାରନ୍ତି।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ଆଶ୍ୱସ୍ତି ଲାଭ କରିବେ। ଆଜିର ଫଳପ୍ରଦ ଯାତ୍ରା, ଗୃହଭୂମି ଲାଭ, ପ୍ରତିଯୋଗିତାରେ ସଫଳତା କରିବାର ଆଶା ରହିଛି। ଚିତ୍ରା ନକ୍ଷତ୍ରର କେତେକ ଘରୋଇ କଥା ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାର ସୁଯୋଗ ହାତଛଡା ହେବ। ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା**
ଗ୍ରହସ୍ଥିତିର ବିଷମତାଜନିତ ଆଜି ଆପଣଙ୍କ ଆଶା ଓ କାମନାକୁ ଏପଟସେପଟ କରିଦେଇପାରେ। ଅସହିଷ୍ଣୁ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଅଭିଯୋଗ ମନକୁ ହଲ୍‌ଚଲ୍ କରିଦେବ। ବିଶାଖା ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହିତ ଅଧିକାଂଶ ସମୟ ଆଳାପରେ କଟାଇବେ।

**ଧନୁ**
ଦିନଟିରେ ଦୀର୍ଘଦିନରୁ ଲାଗିରହିଥିବା ସମସ୍ୟା ସମାଧାନପୂର୍ବକ କର୍ମପ୍ରବାହକୁ ଅଗ୍ରଗାମୀ କରାଇବ। ନୂତନ ଗୃହ, ଯାନବାହନ, ବନ୍ଧୁ ସମ୍ପର୍କରେ ଉନ୍ନତି ମାନସିକ ସ୍ଥିତିକୁ ଦୃଢୀଭୂତ କରିପାରେ। ସାମ୍ବାଦିକତା, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ।

**ମକର**
ଶୁକ୍ରଙ୍କ ପ୍ରଭାବରେ ବିଳାସବ୍ୟସନ ଦିଗରେ ମନ ଆକର୍ଷିତ ହୋଇ ଲକ୍ଷ୍ୟସାଧନର ମାର୍ଗକୁ ଅଣଦେଖା କରିପାରନ୍ତି। ଶ୍ରବଣା ନକ୍ଷତ୍ର ଆଜି ନୂତନ ବନ୍ଧୁସମ୍ପର୍କ ସୃଷ୍ଟି ସୂଚନା ରହିଛି। ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତ ହୋଇପାରେ। ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ**
ନିଜଗୃହରେ ରାଶ୍ୟାଧିପତି ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଯେତେ ଚେଷ୍ଟା କଲେ ମଧ୍ୟ ବିରୋଧୀ ଶକ୍ତିର ପ୍ରାଦୁର୍ଭାବ ଆପଣଙ୍କ ଉପରେ କୌଣସି କୁପ୍ରଭାବ ପକାଇପାରିବ ନାହିଁ। ଆଜିର ଯାତ୍ରା, ପ୍ରଶାସନ, ଆଇନ କ୍ଷେତ୍ର ମନ୍ଦ ହେବନି। ପୂର୍ବରୁ କୌଣସି ସୂଚନା ନ ଦେଇ ପ୍ରିୟ ବନ୍ଧୁ ଘରକୁ ଆସିପାରନ୍ତି।

**ମୀନ**
ଆଜି ଆର୍ଥିକ ଅଭାବ ଓ ଅନଟନ ସାଙ୍ଗକୁ ସାମୟିକ ପ୍ରତିବନ୍ଧକ କାମକୁ ସ୍ଥଗିତ ରଖିପାରିବ ନାହିଁ। ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କାଟିପାରନ୍ତି। ଗୁରୁପାକ ଦ୍ରବ୍ୟ ଭୋଜନଜନିତ ସ୍ୱାସ୍ଥ୍ୟହାନି ଘଟିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଭଲ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

ଆଜି ଫେବୃଆରୀ ୨୩ ତାରିଖ, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ଫାଲଗୁନ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ରବିବାର, ରାଶିନକ୍ଷତ୍ର-ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୪ ଗତେ, ଘ.୧୦।୦୪ ମଧ୍ୟେ, ଘ. ୦୧।୨୬ ଗତେ, ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୧୯ ଗତେ, ଘ.୦୫।୪୫ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ମୋଦିଙ୍କ ପାଖକୁ ....

ଏକ ପୂର୍ବ ମନ୍ତବ୍ୟର ଅବତାରଣା କରି କଂଗ୍ରେସକୁ ଭାଜପା ଟାର୍ଗେଟ କରିଥିଲା। ଭାଜପା ଏମ୍‌ପି ମହେଶ ଜେଠମାଲାନୀ ଶୁକ୍ରବାର ଏକ୍ସ'ରେ କହିଥିଲେ, ୨୦୨୧ରେ ବୀଣା ରେଡ୍ଡୀଙ୍କୁ ୟୁଏସ୍‌ଏଆଇଡି'ର ଭାରତୀୟ ମିଶନ ମୁଖ୍ୟ ଭାବେ ନୂଆଦିଲ୍ଲୀକୁ ପଠାଯାଇଥିଲା। ୨୦୨୪ ଲୋକ ସଭା ନିର୍ବାଚନ ପରେ ବୀଣା ଆମେରିକାକୁ ଫେରିଯାଇଥିଲେ। ଡିଓଜିଇ ଜାଣିବାକୁ ପାଇଛି ଯେ, ୟୁଏସ୍‌ଏଆଇଡି ଭାରତରେ ସରକାର ପରିବର୍ତ୍ତନ ସକାଶେ ମତଦାନ ବୃଦ୍ଧି ପାଇଁ ୨୧ ନିୟୁତ ଡଲାର ଖର୍ଚ୍ଚ କରୁଥିଲା। ସମ୍ଭବତଃ ବୀଣା ନିଜ ଭୋଟର ଟର୍ନଆଉଟ୍ ମିଶନ ଶେଷକରି ଆମେରିକାକୁ ଫେରିଯାଇଥିଲେ। ଏପରି କି ଭାରତର ନିର୍ବାଚନରେ ବାହ୍ୟଶକ୍ତିର ହସ୍ତକ୍ଷେପ ନେଇ ବିତର୍କ ସୃଷ୍ଟି ହୋଇଥିବାରୁ ବହିର୍ବ୍ୟାପାର ମୁଖପାତ୍ର ରଣବୀର ଜୟସ୍ୱାଲ ଏହାକୁ ଏକ ଚିନ୍ତାଜନକ ବିଷୟ ବୋଲି କହିଥିଲେ। ଏହି ପ୍ରକରଣକୁ ଅନୁଧ୍ୟାନ କଲେ ଭାଜପା ଏବଂ ସରକାରୀ କଳର ଟାର୍ଗେଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରହିଥିବା ବୁଝିହେଉଛି ବୋଲି ଅନେକେ ମତ ଦେଇଛନ୍ତି। ତେବେ ଶନିବାର ଟ୍ରମ୍ପ ଏହା ଉପରେ ପୁନର୍ବାର କହିଛନ୍ତି ଯେ, ୨୯ ନିୟୁତ ଡଲାର ୟୁଏସ୍‌ଏଆଇଡି ଗ୍ରାଣ୍ଟ ତାଙ୍କ ବନ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଯାଉଥିଲା। ସେହିପରି ବାଂଲାଦେଶରେ ରାଜନୈତିକ ସ୍ଥିତି ସୁଧାରିବା ପାଇଁ ଢାକାକୁ ମଧ୍ୟ ସମାନ ପରିମାଣର ଅର୍ଥ ପଠାଯାଉଥିଲା। ଅନ୍ୟପକ୍ଷେ ଟ୍ରମ୍ପଙ୍କ ଏହି ଦାବିକୁ କାଉଣ୍ଟର କରି 'ୱାଶିଂଟନ୍ ପୋଷ୍ଟ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଭାରତକୁ ଭୋଟର ଟର୍ନଆଉଟ୍ ପାଇଁ ଆମେରିକାରୁ ଅର୍ଥ ପ୍ରେରଣ କରାଯାଇ ନ ଥିବା ବିଷୟ ଭାରତର ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟରେ ସତ୍ୟତା ରହିଥିବା ୱାଶିଂଟନ୍ ପୋଷ୍ଟ ଦର୍ଶାଇଛି। ୱାଶିଂଟନ୍ ପୋଷ୍ଟରେ ପ୍ରକାଶିତ ରିପୋର୍ଟକୁ ଅସ୍ତ୍ରକରି କଂଗ୍ରେସ ନେତା ପବନ ଖେରା କହିଛନ୍ତି, ଭାଜପା ଏବଂ ଏହାର ଅନ୍ଧ ସମର୍ଥକମାନଙ୍କ ମିଛ ଧରାପଡ଼ିଯାଇଛି। ଏବେ ସେମାନଙ୍କୁ ନିଜ କଥା ଫେରାଇ ନେବାକୁ ପଡ଼ିବ। ଭାଜପା ରାହୁଲଙ୍କୁ ବଦନାମ କରିବା ପାଇଁ ଟ୍ରମ୍ପଙ୍କ ମନ୍ତବ୍ୟକୁ ଅସ୍ତ୍ର କରୁଥିଲା। କିନ୍ତୁ କଂଗ୍ରେସ ନିକଟକୁ ଏଭଳି କୌଣସି ପାଣ୍ଠି ଆସି ନ ଥିବା ବିଷୟ ୱାଶିଂଟନ୍ ପୋଷ୍ଟ ସ୍ପଷ୍ଟ କରିଛି। ବର୍ତ୍ତମାନ ମୋଦି ତାଙ୍କ ବନ୍ଧୁ ଟ୍ରମ୍ପଙ୍କ ସହ ଏହା ଉପରେ ଆଲୋଚନା କରି ଉକ୍ତ ଅଭିଯୋଗକୁ ଖଣ୍ଡନ କରନ୍ତୁ। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଶ୍ୱେତପତ୍ର ଜାରି କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

## ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ...

ଅନୁଯାୟୀ, ତାମିଲନାଡୁ କ୍ୟାଡର ଆଇପିଏସ୍ ଅଫିସର ଶକ୍ତିକାନ୍ତଙ୍କ କାର୍ଯ୍ୟକାଳ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ରହିବ। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଏକସଙ୍ଗେ ୨ ଜଣ ପ୍ରମୁଖ ସଚିବ ଓ ୨ ଓଡ଼ିଆ ଅଫିସର କାର୍ଯ୍ୟ କରିବେ। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଭାବେ ଶକ୍ତିକାନ୍ତଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି।

୬୮ ବର୍ଷୀୟ ଶକ୍ତିକାନ୍ତ ୪୪ ବର୍ଷରୁ ଊର୍ଦ୍ଧ୍ୱ ସିଭିଲ୍ ସର୍ଭିସ୍ କ୍ୟାରିୟର ମଧ୍ୟରେ ଅର୍ଥ, ଟିକସ, ପୁଞ୍ଜିନିବେଶ ଏବଂ ଭିତ୍ତିଭୂମି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ କାର୍ଯ୍ୟ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ରାଜସ୍ୱ ସଚିବ ଥିଲେ। ସେ ଆର୍ଥିକ ବ୍ୟାପାର ସଚିବ ଥିବାବେଳେ ମୋଦି ସରକାର ୨୦୧୬ରେ ବିମୁଦ୍ରୀକରଣ ଘୋଷଣା କରିଥିଲେ। ଅନେକ ପରୋକ୍ଷ ଟିକସକୁ ଏକାଠି କରି ଜିଏସ୍‌ଟି (ଦ୍ରବ୍ୟ ଓ ସେବା ଟିକସ) କରିବାରେ ଶକ୍ତିକାନ୍ତଙ୍କ ପ୍ରମୁଖ ଭୂମିକା ରହିଥିଲା। ୨୦୧୭ ଜୁଲାଇ ୧ରେ ସେ ଅବସର ନେବା ପରେ ପଞ୍ଚଦଶ ଅର୍ଥ କମିଶନ ସଦସ୍ୟ ଏବଂ ଜି୨୦ରେ ଭାରତର ଶେର୍ପା ରହିଥିଲେ। ଉର୍ଜିତ ପଟେଲଙ୍କ ଇସ୍ତଫା ପରେ ଶକ୍ତିକାନ୍ତଙ୍କୁ ୨୦୧୮ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ୨୫ତମ ଗଭର୍ନର ନିଯୁକ୍ତ କରାଯାଇଥିଲା। ୨୦୨୧ରେ ତାଙ୍କ କାର୍ଯ୍ୟକାଳକୁ ୩ ବର୍ଷ ବୃଦ୍ଧି କରାଯାଇଥିଲା। ୨୦୨୪ ଡିସେମ୍ବରରେ ସେ ଅବସର ନେବା ପରେ ସଞ୍ଜୟ ମାଲହୋତ୍ରାଙ୍କୁ ଆର୍‌ବିଆଇ ଗଭର୍ନର ନିଯୁକ୍ତ କରାଯାଇଛି। ଆର୍‌ବିଆଇର ୯୦ ବର୍ଷର ଇତିହାସରେ ବେନେଗାଲ ରାମା ରାଉଙ୍କ ପରେ ଶକ୍ତିକାନ୍ତ ଦ୍ୱିତୀୟ ସର୍ବାଧିକ ସମୟ ପାଇଁ ଗଭର୍ନର ରହିଥିଲେ।

୧୯୮୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଇତିହାସରେ ମାଷ୍ଟର ଡିଗ୍ରୀ ପରେ ବର୍ମିଂହାମ୍ ୟୁନିଭର୍ସିଟିରୁ ସାଧାରଣ ପ୍ରଶାସନରେ ପିଜି ଡିଗ୍ରୀ ହାସଲ କରିଥିଲେ। ଆର୍‌ବିଆଇ ଗଭର୍ନର ଭାବେ ସେ ଆର୍ଥିକ ସ୍ଥିରତା ବଜାୟ ରଖିବା, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଏବଂ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ।

## ୱାର୍କଚାର୍ଜଡ, ଠିକା ...

କାର୍ଯ୍ୟ କରିଥାନ୍ତି। ସେମାନେ ମୁଖ୍ୟତଃ ସର୍ଭେ ଏବଂ ଜମିଜମା ନକ୍ସା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ନିଯୁକ୍ତ ହୋଇଥାନ୍ତି। ସେମାନଙ୍କ ଚାକିରି ପେନ୍‌ସନଯୋଗ୍ୟ ସର୍ଭିସ ନୁହେଁ। ଏପରିକି ସେମାନେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଠିକା କର୍ମଚାରୀ ଭାବେ ରହିଲେ ମଧ୍ୟ ସେମାନଙ୍କୁ ପେନ୍‌ସନ ସୁବିଧା ପାଇଁ ଗଣାଯାଇ ନ ଥାଏ ଓ ଅବସର ପରେ ସେମାନେ କୌଣସି ପେନ୍‌ସନ ପାଇ ନ ଥାନ୍ତି।

୧୯୯୨ରେ ଖଣ୍ଡପୀଠ ଏଭଳି ଏକ ମାମଲାର ବିଚାର କରିଥିଲେ। ଠିକା କର୍ମଚାରୀଙ୍କୁ ପେନ୍‌ସନ ଦିଆ ନ ଯିବା ଏକ ଅନୁଚିତ କାର୍ଯ୍ୟ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ର ଉଲ୍ଲଂଘନ ବୋଲି ହାଇକୋର୍ଟ ବିବେଚନା କରିଥିଲେ। ଅଧିକାଂଶ ଠିକା କର୍ମଚାରୀ ପରବର୍ତ୍ତୀ ସମୟରେ ନିୟମିତ ହେଉଥିଲେ ମଧ୍ୟ ତାହା କାର୍ଯ୍ୟକାଳ ଶେଷ ବେଳକୁ ହୋଇଥାଏ। ତେଣୁ କର୍ମଚାରୀ ପେନ୍‌ସନଯୋଗ୍ୟ ଚାକିରି ପାଇଁ ବାଧ୍ୟତାମୂଳକ ୧୦ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନ ଥାନ୍ତି। ତେଣୁ ଠିକା କର୍ମଚାରୀ ଅବସର ନେବା ପୂର୍ବରୁ ନିୟମିତ ହେଉଥିଲେ ମଧ୍ୟ ପେନ୍‌ସନ ପାଇବାକୁ ଯୋଗ୍ୟ ବିବେଚିତ ହୋଇ ନଥାନ୍ତି। ପରବର୍ତ୍ତୀ ସମୟରେ ୧୯୯୭ରେ ଓଡ଼ିଶା ସରକାର ଅଫିସ୍ ମେମୋରାଣ୍ଡମ୍ ପ୍ରକାଶ କରିଥିଲେ, ଯେଉଁଥିରେ ହାଇକୋର୍ଟ ଯାହା କହିଥିଲେ, ତାହା ଦୋହରାଯାଇଥିଲା। ହାଇକୋର୍ଟଙ୍କ ରାୟ, ପରବର୍ତ୍ତୀ ସମୟରେ ସରକାରଙ୍କ ସର୍କୁଲାର ଏବଂ ନିୟମାବଳୀରେ ସଂଶୋଧନ ଯୋଗୁ ପୂର୍ବରୁ ଠିକାରେ ନିଯୁକ୍ତ କର୍ମଚାରୀମାନଙ୍କୁ ପେନ୍‌ସନ ସୁବିଧା ମିଳିଥିଲା। ତେବେ କେବଳ ସେମାନଙ୍କ ଜବ୍ କଣ୍ଟ୍ରାକ୍ଟର ସେବା ସମୟକୁ ପେନ୍‌ସନ ପାଇଁ ହିସାବ କରାଯାଉଥିବାରୁ ତାହା ପେନ୍‌ସନ ପାଇବା ପାଇଁ ଯଥେଷ୍ଟ ନ ଥିଲା। କର୍ମଚାରୀଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟକାଳକୁ ହିସାବକୁ ନେବା ପରେ ଜଣିକିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ରାଜ୍ୟ ସରକାର ରିଟ୍ ଅପିଲ୍ କରିଥିଲେ ମଧ୍ୟ ବହୁ ବିଳମ୍ବରେ ଦାଏର ହୋଇଥିବାରୁ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ଫଳରେ ମାମଲା ସୁପ୍ରିମକୋର୍ଟ ଯାଇଥିଲା।

## ଅଷ୍ଟ୍ରେଲିଆ-ଇଂଲଣ୍ଡ ମ୍ୟାଚ୍ ...

ଆରମ୍ଭ କରିଥିଲା। ଅଫିସିଆଲମାନେ ତ୍ରୁଟି ଜାଣିପାରି ତୁରନ୍ତ ଅଷ୍ଟ୍ରେଲିଆ ଜାତୀୟ ସଙ୍ଗୀତର ବ୍ୟବସ୍ଥା କରିଥିଲେ। ତେବେ କେତେକେ ଏହି ଘଟଣାର ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଛାଡ଼ି ଦେଇଛନ୍ତି। ଏହା ଏବେ ଭାଇରାଲ ହେବା ସହ ଚର୍ଚ୍ଚାର ବିଷୟ ପାଲଟିଛି। କୌତୂହଳର କଥା ଏହି କି ଯେ, ସୁରକ୍ଷାଜନିତ କାରଣରୁ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନ ଗସ୍ତ କରିବା ସକାଶେ ଭାରତ ରାଜି ନ ହେବାରୁ ପ୍ରସ୍ତାବିତ ହାଇବ୍ରିଡ୍ ମଡେଲ ଅନୁସାରେ ଭାରତ ଟୁର୍ନାମେଣ୍ଟରେ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ମୁକାବିଲା ରବିବାର ଦୁବାଇରେ ହେବ।

# ଏନ୍‌ଇପିର ଭାଷା ନୀତିକୁ ନେଇ ବିବାଦ

*କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)–୨୦୨୦ରେ ବିଦ୍ୟାଳୟଗୁଡ଼ିକରେ ୩ ଭାଷା ନୀତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ରାଜ୍ୟରେ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାକୁ ପ୍ରଥମ ଭାଷା ଭାବେ ପରିଗଣିତ କରାଯାଉଥିବାବେଳେ ୨ୟ ଭାଷା ଭାବେ ହିନ୍ଦୀଭାଷୀ ରାଜ୍ୟରେ ଇଂଲିଶ କିମ୍ବା ଅନ୍ୟ ଯେକୌଣସି ଆଧୁନିକ ଭାରତୀୟ ଭାଷା ଏବଂ ଅଣହିନ୍ଦୀ ଭାଷୀ ରାଜ୍ୟରେ ଇଂଲିଶ କିମ୍ବା ହିନ୍ଦୀକୁ ଗ୍ରହଣ କରାଯିବ। ସେହିପରି ତୃତୀୟ ଭାଷା ଭାବେ ଉଭୟ ହିନ୍ଦୀ ଭାଷୀ ଏବଂ ଅଣହିନ୍ଦୀଭାଷୀ ରାଜ୍ୟରେ ଇଂଲିଶ କିମ୍ବା ଯେକୌଣସି ଆଧୁନିକ ଭାରତୀୟ ଭାଷାକୁ ପିଲାମାନେ ପଢ଼ିପାରିବେ। ତେବେ ତାମିଲନାଡୁ ପରି ଅଣହିନ୍ଦୀ ରାଜ୍ୟ ୨ଭାଷା ଉପରେ ଗୁରୁତ୍ୱ ଦେଉଥିବାବେଳେ ୩ୟ ଭାଷାକୁ ଗ୍ରହଣ କରିପାରୁ ନାହିଁ। ଏପରି କି କେନ୍ଦ୍ର ସରକାର ୩ୟ ଭାଷା ଭାବେ ହିନ୍ଦୀକୁ ଲଦି ଦେବାକୁ ଚାହୁଁଛନ୍ତି ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌.କେ. ଷ୍ଟାଲିନ୍ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେଠାରେ ଏକପ୍ରକାର ଭାଷା ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ହରିୟାଣା, ରାଜସ୍ଥାନ, ହିମାଚଳପ୍ରଦେଶ ଭଳି ହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ତୃତୀୟ ଭାଷା କ'ଣ ରହିବ ଏବଂ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୩ୟ ଭାଷା ନୀତି ଦେଶର ସଂହତି ରକ୍ଷା କରିବାରେ କେତେଦୂର ସହଯୋଗୀ ହେବ, ତାକୁ ନେଇ ମଧ୍ୟ ବିଭିନ୍ନ ମତ ପ୍ରକାଶ ପାଉଛି।*

## ତୃତୀୟ ଭାଷା କାର୍ଯ୍ୟକାରିତା କଷ୍ଟକର ହେବ



ଏନ୍‌ଇପି ପକ୍ଷରୁ ସମଗ୍ର ଦେଶରେ ତ୍ରିଭାଷୀ ସୂତ୍ର ଲାଗୁ କରାଯାଇଛି, ଯାହାକି ନିହାତି ପକ୍ଷେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ନୂଆ ଭାଷା ଶିଖିବାର ସୁଯୋଗ ପାଇ ପାରିବେ। ଓଡ଼ିଶା, ଉତ୍ତରପ୍ରଦେଶ ତଥା ଅନ୍ୟ କିଛି ଅଣହିନ୍ଦୀ ରାଜ୍ୟରେ ସାଧାରଣତଃ ଓଡ଼ିଆ ଏବଂ ଇଂଲିଶ ପରେ ତୃତୀୟ ଭାଷା ଭାବେ ସଂସ୍କୃତକୁ ବାଛିଥାନ୍ତି। ତେବେ ସଂସ୍କୃତକୁ ବାଛିବାର କାରଣ ଭାଷା ଶିକ୍ଷା ବା ସାହିତ୍ୟ ଶିକ୍ଷା ନୁହେଁ, ବରଂ ପରୀକ୍ଷାରେ ନମ୍ବର ପାଇବାର ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ମାତ୍ର ତୃତୀୟଭାଷାକୁ ସବୁବେଳେ ଏକ ନୂଆ ଭାଷା ଶିକ୍ଷା କରିବା ଲକ୍ଷ୍ୟରେ ଏହାକୁ ବାଛିବା ଦରକାର। ସେହିପରି ଅଣହିନ୍ଦୀ ରାଜ୍ୟଗୁଡ଼ିକରେ ଅଣହିନ୍ଦୀ ବିଶେଷକରି ଦକ୍ଷିଣଭାଷାକୁ ତୃତୀୟ ଭାଷା ଭାବେ ବାଛିବା ଦରକାର। ତେବେ ଏଥିପାଇଁ ଯେଭଳି ବ୍ୟବସ୍ଥା ହେବା କଥା ତାହା ଏଯାବତ୍ ହୋଇପାରି ନାହିଁ। ଯଦିଓ ନୂଆ ଶିକ୍ଷା ନୀତିରେ ଏନେଇ ଉଲ୍ଲେଖ ରହିଛି ତଥାପି ତାହାକୁ କାର୍ଯ୍ୟରେ ପରିପାଳନ କରିବା କଷ୍ଟକର। ତାମିଲନାଡୁରେ ଯଦି ଜଣେ ବଙ୍ଗଳା ବା ଓଡ଼ିଆ ପିଲା ଥିବ, ତେବେ ସେ ତା'ର ମାତୃଭାଷାକୁ ତୃତୀୟ ଭାଷା ଭାବେ ନେବାକୁ ଚାହିଁବ। ମାତ୍ର ଜଣେ ଦୁଇଜଣ ପିଲାଙ୍କ ପାଇଁ ଶିକ୍ଷକ ନିଯୁକ୍ତିଠାରୁ ଆରମ୍ଭ କରି ପାଠ୍ୟଉପକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇବା କଷ୍ଟକର ହୋଇ ପଡ଼ିବ। ସେହିପରି ଅନ୍‌ଲାଇନ୍‌ରେ ପାଠ ପଢିବା ଅଫ୍‌ଲାଇନ୍ ଭଳି ଲାଭଦାୟକ ହୋଇପାରିବ ନାହିଁ।

**- ପ୍ରୀତୀଶ ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧାପକ**

## ହିନ୍ଦୀ ଜାଣିଲେ ଭାଷା ଭାବନା ଆହୁରି ସମୃଦ୍ଧ ହେବ



ଭାରତବର୍ଷରେ ବିଭିନ୍ନ ଭାଷାର ପ୍ରଚଳନ ରହିଛି। ତେବେ ହିନ୍ଦୀକୁ ନେଇ ଉତ୍ତର ଏବଂ ଦକ୍ଷିଣ ଭାରତ ମଧ୍ୟରେ ମତପାର୍ଥକ୍ୟ ରହିଛି। ହିନ୍ଦୀ ଏକ ବହୁଳ ପ୍ରଚଳିତ ଭାଷା। ପ୍ରାୟ ସବୁ ପ୍ରଦେଶର ବାସିନ୍ଦା ଊଣାଧିକେ ହିନ୍ଦୀ କହିବା ସହ ବୁଝିପାରନ୍ତି। ବିଭିନ୍ନ ପ୍ରଦେଶର ବାସିନ୍ଦାଙ୍କ ମଧ୍ୟରେ ହିନ୍ଦୀ ଏକ ସେତୁ ଭଳି କାର୍ଯ୍ୟ କରିଥାଏ। ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମାନ୍ୟତା ଦିଆଯାଇଛି। ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ତ୍ରିଭାଷୀ ନୀତି ସ୍ୱାଗତଯୋଗ୍ୟ। ଜଣେ ଭାରତୀୟ ନାଗରିକ ମାତୃଭାଷା ସହ ଇଂଲିଶ ଓ ହିନ୍ଦୀ ଜାଣିବା ଆବଶ୍ୟକ। ତେବେ ସର୍ବୋପରି ମାତୃଭାଷାକୁ ହୀନମନ୍ୟତା ଭିତରେ ରଖିବା ଉଚିତ ନୁହେଁ। ତାମିଲନାଡୁ ବାସିନ୍ଦା ନିଜ ମାତୃଭାଷା ତାମିଲକୁ ନେଇ ଗର୍ବ କରନ୍ତି ଏବଂ ସେମାନେ ଭଲ ଇଂଲିଶ ମଧ୍ୟ କୁହନ୍ତି ଓ ଲେଖନ୍ତି। ଏଥିସହ ସେମାନେ ହିନ୍ଦୀ ଜାଣିଲେ ଏହା ସେମାନଙ୍କ ଭାଷା ଭାବନାକୁ ଆହୁରି ସମୃଦ୍ଧ କରିବ। ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ଟାଣି ତାମିଲନାଡୁ ସରକାର ଅଯଥା ବିବାଦ କରିବା ଅନୁଚିତ।

**- ସତ୍ୟବାଦୀ ବଳିୟାରସିଂହ, ସଭାପତି, ଭାଷା ସୁରକ୍ଷା ସମ୍ମିଳନୀ, ଖୋର୍ଦ୍ଧା**

## ପ୍ରଥମ ଭାଷା ମାତୃଭାଷା, ତୃତୀୟ ଭାଷା ସଂସ୍କୃତ ହେଉ



ପ୍ରଥମ ଭାଷାକୁ ମାତୃଭାଷା ଭାବେ ଗ୍ରହଣ କରିବା ଭଲ କଥା। ଦ୍ୱିତୀୟ ଭାଷା ଭାବରେ ଇଂଲିଶ ଭାଷା ନେଲେ ଦେଶ ଓ ଦେଶ ବାହାରେ ଯୋଗାଯୋଗ ପାଇଁ ସୁବିଧା ହେବ। ମାତ୍ର ତୃତୀୟ ଭାଷା ଭାବେ ହିନ୍ଦୀ ବଦଳରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ଟିଭି, ମୋବାଇଲ, ଖୋଲିଲେ ଲୋକ ହିନ୍ଦୀ ଭାଷା ଶିଖିଯିବେ ମାତ୍ର ଏ ଯେଉଁ ନିୟମ ଲାଗୁ ହୋଇଛି ସେଥିରେ ହିନ୍ଦୀ ପ୍ରତି ପିଲା ଢ଼ଳିବେ। ସଂସ୍କୃତ ଭାଷାରେ ସାରା ଦେଶରେ ମନ୍ତ୍ରପାଠ କରାଯାଉଛି। ତେଣୁ ସମଗ୍ର ଭାରତରେ ବିଶେଷ କରି ଓଡ଼ିଶାରେ ସଂସ୍କୃତକୁ ଏକ ବାଧ୍ୟତାମୂଳକ ବିଷୟ ଭାବେ ରଖାଯିବା ଉଚିତ୍।

**-ପ୍ରଶାନ୍ତ ନନ୍ଦ, ଅଭିନେତା**

## ଆନୁଷଙ୍ଗିକ ବ୍ୟବସ୍ଥା ହେବା ଜରୁରୀ



ଓଡ଼ିଶାରେ ବିଶେଷତଃ ହିନ୍ଦୀକୁ ତୃତୀୟ ଭାଷା ଭାବେ ବ୍ୟବହାର କରାଯାଉଛି। ମାତ୍ର ଏନ୍‌ଇପି-୨୦୨୦ ଲାଗୁ ହେବା ପରେ ପିଲାଙ୍କ ପାଖରେ ବିଭିନ୍ନ ଭାଷାକୁ ପଢ଼ିବାର ସୁଯୋଗ ମିଳିବ। ସେହିପରି ଝାଡ଼ଖଣ୍ଡରେ ଛାତ୍ରୀଛାତ୍ରମାନେ ଓଡ଼ିଆକୁ ତୃତୀୟ ଭାଷା ଭାବେ ଅଧ୍ୟୟନ କରୁଛନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ସେଠାକୁ ପାଠ୍ୟଉପକରଣ ପଠାଯାଉ ନ ଥିବାରୁ ଠିକ୍ ଭାବେ ପଢ଼ା ହେଉନାହିଁ। ଆନ୍ଧ୍ରରେ ତେଲୁଗୁ ସହିତ ଉର୍ଦ୍ଦୁ ଦ୍ୱିତୀୟ ଭାଷା ଭାବେ ଅଧ୍ୟୟନ କରାଯାଉଛି। ସେହିପରି ହିନ୍ଦୀଭାଷୀ ରାଜ୍ୟଗୁଡିକ ପାଇଁ ଉର୍ଦ୍ଦୁ କିମ୍ବା ଅନ୍ୟ କୌଣସି ଭାଷା ତୃତୀୟ ଭାଷା ଭାବେ ବାଛିପାରିବେ। ମାତ୍ର ଏଥିପାଇଁ ପ୍ରଥମେ ଆନୁଷଙ୍ଗିକ ବ୍ୟବସ୍ଥା ହେବା ଦରକାର।

**- ସହଦେବ ସାହୁ, ପୂର୍ବତନ ମୁଖ୍ୟ ଶାସନ ସଚିବ**

## ସ୍ଥାନ, ପରିସ୍ଥିତିକୁ ଦେଖି ତୃତୀୟ ଭାଷା ବାଛିବା ଜରୁରୀ



ଭାରତ ଏକ ବହୁଭାଷୀ ଦେଶ। ଏଠାରେ ଓଡ଼ିଆ, ଇଂଲିଶ ଠାରୁ ଆରମ୍ଭ କରି ବିଭିନ୍ନ ଭାଷା ରହିଛି। ଏଥିସହ ବିଭିନ୍ନ ରାଜ୍ୟର ନିଜର ଭାଷା ରହିଛି। ତେଣୁ ମୋଟାମୋଟି ଭାବେ ଇଂଲିଶ ଭାଷା ସମସ୍ତଙ୍କଦ୍ୱାରା ଗ୍ରହଣୀୟ ହୋଇଛି। ଏପରିକି ବିଭିନ୍ନ ସରକାରୀ କାଗଜପତ୍ର, କୋର୍ଟ କଚେରିରେ ଇଂଲିଶ ଭାଷା ସହିତ ସ୍ଥାନୀୟ ଭାଷାକୁ ବ୍ୟବହାର କରାଯାଉଛି। ଦକ୍ଷିଣ ଭାରତରେ ହିନ୍ଦୀ ଜାଣନ୍ତି ନାହିଁ, ତେଣୁ ସେଠାରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ବାଛିବା ଦରକାର। ସେହିପରି ଉତ୍ତର ଭାରତରେ ହିନ୍ଦୀ ଦ୍ୱିତୀୟ ଭାଷା ଭାବେ ବ୍ୟବହାର ହେଉଥିବାରୁ ଏହାକୁ ଛାଡି ଅନ୍ୟ ଯେ କୌଣସି ଭାଷାକୁ ତୃତୀୟ ଭାଷା ଭାବେ ବଛାଯାଇ ପାରିବ। ଅପରପକ୍ଷେ ଝାଡ଼ଖଣ୍ଡରେ ତୃତୀୟ ଭାଷା ଭାବେ ଛାତ୍ରୀଛାତ୍ରମାନେ ଓଡ଼ିଆ ପଢୁଛନ୍ତି। ସମଗ୍ର ଦେଶ ପାଇଁ ଗୋଟିଏ ଭାଷା ବ୍ୟବହାର କରିବାର ପଲିସି କରାଯାଇ ପାରିବ ନାହିଁ। ତେଣୁ ସ୍ଥାନ ଏବଂ ପରିସ୍ଥିତିକୁ ଦେଖି ତୃତୀୟ ଭାଷା ବାଛିବା ଆବଶ୍ୟକ।

**- ରଞ୍ଜନ ଦାସ, ପୂର୍ବତନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ**

## ୩ ଭାଷାର ବ୍ୟବହାର ଜରୁରୀ



ସାଧାରଣତଃ ଆମେ ୩ଟି ଭାଷା ବ୍ୟବହାର କରୁଛୁ। ପ୍ରଥମତଃ ମାତୃଭାଷା, ଦ୍ୱିତୀୟରେ ରାଜଭାଷା ହିନ୍ଦୀ ଏବଂ ତୃତୀୟରେ ଅନ୍ତର୍ଜାତୀୟ ଭାଷା, ଯାହାକି ଇଂଲିଶ। ଏହି ତିନୋଟି ଭାଷାର ଆବଶ୍ୟକତା ରହିଛି। ହିନ୍ଦୀକୁ ଖୁବ୍ ସହଜରେ ବୁଝି ହେଉଥିବାରୁ ଏବଂ କହି ହେଉଥିବାରୁ ଲୋକମାନେ ସହଜରେ ଏହାକୁ ଗ୍ରହଣ କରିଥାନ୍ତି। ତେଣୁ ଅଣହିନ୍ଦୀ ରାଜ୍ୟରେ ସାଧାରଣତଃ ହିନ୍ଦୀକୁ ତୃତୀୟ ଭାଷା ଭାବେ ଛାତ୍ରୀଛାତ୍ରମାନେ ବାଛିଥାନ୍ତି। ତେବେ ଓଡ଼ିଆକୁ ଅନ୍ୟ କୌଣସି ରାଜ୍ୟରେ ତୃତୀୟ ଭାଷା ଭାବେ ଗ୍ରହଣ କରିଥିବାର ସେପରି ନଜିର ନାହିଁ। ଏଯାବତ୍ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସେଭଳି ହୋଇପାରି ନାହିଁ।

**-ପ୍ରତିଭା ରାୟ, ସାହିତ୍ୟିକା**

## 'ବାହାର ରାଜ୍ୟରେ ପିଲାମାନେ ଓଡ଼ିଆ ପଢ଼ିବାର ସୁଯୋଗ ପାଇବେ'



ଏହି ଶିକ୍ଷାନୀତି ଯଦି ବାସ୍ତବିକ କାର୍ଯ୍ୟ ହୁଏ, ତେବେ ଓଡ଼ିଆ ପିଲାମାନେ ବାହାର ରାଜ୍ୟରେ ତୃତୀୟ ଭାଷା ଭାବେ ଓଡ଼ିଆ ପଢ଼ିବାର ସୁଯୋଗ ପାଇବେ। ଓଡ଼ିଶା ଭଳି ଅଣହିନ୍ଦୀ ରାଜ୍ୟର ପିଲାମାନେ ବାସ୍ତବିକ ତୃତୀୟ ଭାଷାରେ ହିନ୍ଦୀ ଭାଷା ବାଛିବେ। ଏକାଧିକ ଭାଷାରେ ପାଠପଢ଼ିବା ଏକ ଭଲ କଥା। ଯେତେ ଅଧିକ ଭାଷାକୁ ପିଲାମାନେ ଚୟନ କରିବେ ସେହି ଅନୁସାରେ ଆହ୍ୱାନ ମଧ୍ୟ ସୃଷ୍ଟି ହେବ ଏହାର ସମାଧାନର ବାଟ ମଧ୍ୟ ଫିଟିବ। କରୋନା କାଳରେ ଅନ୍‌ଲାଇନ୍ ପାଠପଢ଼ା ଯେମିତି ସମ୍ଭବ ହେଉଥିଲା ଆବଶ୍ୟକସ୍ଥଳେ ସେପରି ପାଠପଢ଼ା ହେବ।

**- ସୁସ୍ମିତା ଦାଶ, କଣ୍ଠଶିଳ୍ପୀ**

## ଭାଷାକୁ ବାଛିବା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ନିଷ୍ପତ୍ତି ହେବା ଦରକାର



ଏନ୍‌ଇପିରେ ତୃତୀୟ ଭାଷାକୁ ନେଇ ଯେଉଁ ବ୍ୟବସ୍ଥା ଲାଗୁ ହୋଇଛି, ତାହାକୁ କାର୍ଯ୍ୟକାରୀ କରିବା କଷ୍ଟକର ହେବ। ଏହି ନିୟମଦ୍ୱାରା ମୂଳତଃ ରାଜ୍ୟ ବାହାରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ମାତୃଭାଷାକୁ ତୃତୀୟ ଭାଷା ଭାବେ ପଢ଼ିବାର ସୁଯୋଗ ପାଇବେ। ଭାରତ ଏକ ବହୁଭାଷୀ ରାଷ୍ଟ୍ର। ତେଣୁ ତୃତୀୟ ଭାଷାଭାବେ ଅନ୍ୟ ରାଜ୍ୟର ଭାଷାକୁ ଶିଖିବା ଦେଶର ଏକୀକରଣରେ ଖୁବ୍ ସହାୟକ ହେବ। ତେବେ ତୃତୀୟ ଭାଷା ଭାବେ କୌଣସି ଭାଷାକୁ ବାଛିବା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ନିଷ୍ପତ୍ତି ହେବା ଦରକାର।

**-ଲକ୍ଷ୍ମୀକାନ୍ତ ପାଲିତ, କଣ୍ଠଶିଳ୍ପୀ**

## ଆଞ୍ଚଳିକ ଭାଷା ତୁଳନାରେ ହିନ୍ଦୀ ଭାଷା ବ୍ୟବହାର ବଢ଼ିବ



ଜାତୀୟ ଶିକ୍ଷାନୀତିରେ ତୃତୀୟ ଭାଷାକୁ ନେଇ ଲାଗୁହେବାକୁ ଥିବା ନିୟମ କାର୍ଯ୍ୟକାରୀ କରିବା ସହଜ ନୁହେଁ। ହିନ୍ଦୀ ଭାଷାଭାଷୀ ରାଜ୍ୟରେ ଓଡ଼ିଶାର ପିଲାମାନେ ପଢୁଛନ୍ତି ସେମାନେ ତୃତୀୟ ଭାଷା ଭାବେ ଓଡ଼ିଆ ଭାଷା ନେବାକୁ ଚାହିଁଲେ ତାହା କେତେଦୂର କାର୍ଯ୍ୟକାରୀ ହେବ ତାହା ଏକ ପ୍ରଶ୍ନବାଚୀ। ବାଧ ହୋଇ ଓଡ଼ିଆ ପିଲାମାନେ ହିନ୍ଦୀ ନେବେ। ଯଦି ବି ଏହି ନିୟମ ସବୁ ରାଜ୍ୟରେ କାର୍ଯ୍ୟକାରୀ ହୁଏ ତେବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା କଷ୍ଟକର ହୋଇପଡ଼ିବ। ଅଣହିନ୍ଦୀ ରାଜ୍ୟଗୁଡ଼ିକରେ ଯଦି ପିଲାମାନେ ଅନ୍ୟ ଭାଷା ଚୟନ କରନ୍ତି ଏବଂ ସେଠାରେ ସେହି ଭାଷାର ଶିକ୍ଷକ ନ ରୁହନ୍ତି ତେବେ ଉକ୍ତ ରାଜ୍ୟଗୁଡ଼ିକରେ ମଧ୍ୟ ହିନ୍ଦୀ ଭାଷା ହିଁ ବାଛିବାକୁ ପଡ଼ିବ। ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ଓଡ଼ିଆ ଭଳି ଅନ୍ୟ ଆଞ୍ଚଳିକ ଭାଷା ତୁଳନାରେ ହିନ୍ଦୀ ଭାଷା ସବୁ ରାଜ୍ୟରେ ବ୍ୟବହାର ହେବ।

**-ଅଭିଜିତ୍ ମିଶ୍ର, କଣ୍ଠଶିଳ୍ପୀ**





JOIN INDIAN NAVY

Online applications are invited from **unmarried men & women candidates,** to join as **Short Service Commission Officer**



SSC (Various Entries) - Course commencing **January 2026** onwards at Indian Naval Academy, Ezhimala, Kerala

| Branch/Cadre | Vacancies* | Gender |
|---|---|---|
| Executive Branch {GS (X)/Hydro Cadre} | 60 (including 08 Hydro) | Men and Women (maximum of 10 vacancies in GS (X) and 02 vacancy in Hydro for women) |
| Pilot | 26 | Men and Women (maximum of 05 vacancies for women) |
| Naval Air Operations Officer (Observers) | 22 | Men and Women (maximum of 05 vacancies for women) |
| Air Traffic Controller(ATC) | 18 | Men and Women |
| Logistics | 28 | Men and Women (maximum of 06 vacancies for women) |
| Education | 15 | Men and Women |
| Engineering Branch (General Service) | 38 | Men and Women (maximum of 08 vacancies for women) |
| Electrical Branch (General Service) | 45 | Men and Women (maximum of 09 vacancies for women) |
| Naval Constructor | 18 | Men and Women |
| Total | 270 | |

* These vacancies are tentative and may be changed depending on availability of training slots.

For eligibility criteria and specific details for the batch, visit www.joinindiannavy.gov.in and EMPLOYMENT NEWS DATED 08 FEBRUARY 2025




ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଅଚେତନ ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ୍ୟ ହେଲା – ତୁମର ଚରମ ନିଷ୍ଠାପରତା। –ଶ୍ରୀମା



# ତଥ୍ୟ ଅପେକ୍ଷାରେ



ଆକାର ପଟେଲ

କେନ୍ଦ୍ରସରକାର କହନ୍ତି, ଭାରତର ଜନଗଣନା ହେଉଛି ବିଭିନ୍ନ ପରିସଂଖ୍ୟାନ ତଥ୍ୟର ସବୁଠୁ ବଡ଼ ଉତ୍ସ। ଏହି ତଥ୍ୟ ଭାରତୀୟଙ୍କ ବିଭିନ୍ନ ବିଶେଷତା ଉପରେ ଆଧାରିତ। ୧୩୦ ବର୍ଷରୁ ଊର୍ଦ୍ଧ୍ୱ ଇତିହାସ ଥିବା ଏହି ଭରସାଯୋଗ୍ୟ ଜନଗଣନା ପ୍ରତି ୧୦ ବର୍ଷରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆଣିଥାଏ। ଜନଗଣନା ୧୮୭୨ରେ ଆରମ୍ଭ ହୋଇଥିଲା ଏବଂ ଏହା ଜନସାଂଖ୍ୟିକ, ଅର୍ଥନୀତି, ମାନବବିଜ୍ଞାନ, ସାମାଜିକ ବିଜ୍ଞାନ, ପରିସଂଖ୍ୟାନ ଏବଂ ଅନ୍ୟ କେତେକ କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଗବେଷକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ଆସିଛି। ଶେଷ ଥର ପାଇଁ ୨୦୧୧ରେ ଜନଗଣନା ହୋଇଥିଲା। ଏହାପରେ ଆମ ପାଖରେ ଅନେକ ବିଷୟର ଉତ୍ତମ ତଥ୍ୟ ନାହିଁ। ଦି ହ୍ୟୁମାନ୍ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସ (ଏଚ୍‌ଡିଆଇ) ବା ମାନବ ବିକାଶର ପ୍ରମୁଖ କ୍ଷେତ୍ରର ହାରାହାରି ସଫଳତାର ଏକ ମାପାଙ୍କ। ଏଥିରେ ଦୀର୍ଘସ୍ୱାସ୍ଥ୍ୟପ୍ରଦ ଜୀବନ ସହ ଏକ ଉତ୍ତମ ଜୀବନମାନର ତଥ୍ୟ ଥାଏ। ତେବେ ଏଚ୍‌ଡିଆଇରେ ଜାତିସଂଘ ଜଣେ ନବଜାତ ଶିଶୁର ହାରାହାରି ଆୟୁଷ ଆଧାରରେ ସ୍ୱାସ୍ଥ୍ୟଗତ ଦିଗକୁ ଆକଳନ କରିଥାଏ। ସେହିଭଳି ସ୍କୁଲରେ ପଢୁଥିବା ଓ ନାମ ଲେଖାଉଥିବା ପିଲାମାନେ କେତେ ବର୍ଷ ପଢ଼ିବାର ସମ୍ଭାବନା ରହିଛି ତାହାକୁ ନେଇ ଶିକ୍ଷା କ୍ଷେତ୍ରର ଆକଳନ କରାଯାଇଥାଏ। ମାନବ ଜୀବନ ସ୍ତର ବା ମାନକୁ ଦେଶର ବାର୍ଷିକ ମୁଣ୍ଡପିଛା ଆୟ ଆଧାରରେ ଆକଳନ କରାଯାଏ। ତେବେ ମୁଣ୍ଡପିଛା ଜିଏନ୍‌ଆଇ( ମୋଟ ଜାତୀୟ ଆୟ)ର ସମାନ ସ୍ତରରେ ଥିବା ଦୁଇଟି ଦେଶରେ କିପରି ମାନବ ବିକାଶ ପରିଣାମରେ ଭିନ୍ନତା ସରକାରଙ୍କ ନୀତି ପ୍ରାଥମିକତା ଉପରେ ବିତର୍କ ସୃଷ୍ଟି କରିଛି। ଭାରତ ଏଚ୍‌ଡିଆଇରେ ୦.୬୪୪ ଅଙ୍କ ପାଇ ଇରାକ (୦.୬୭୩) ବୋତ୍ସ୍ୱାନ (୦.୭୦୮) ଏବଂ ବାଂଲାଦେଶ(୦.୬୭୦) ତଳେ ରହିଛି। ଉଲ୍ଲେଖନୀୟ ଯେ, ଏହା ବୈଶ୍ୱିକ ହାରାହାରି (୦.୭୩୫)ର ନିମ୍ନରେ ଅଛି। କିନ୍ତୁ କେରଳ ୦.୭୭୫ ଅଙ୍କ ପାଇ ମେକ୍ସିକୋ (୦.୭୮୧), କ୍ୟୁବା (୦.୭୬୪) ଏବଂ ଚାଇନା (୦.୭୮୮) ଗୋଷ୍ଠୀରେ ରହିଛି। ଅନ୍ୟପଟେ ୩୦ କୋଟି ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଉତ୍ତରପ୍ରଦେଶର ଏଚ୍‌ଡିଆଇ ୦.୫୯୨ ଏବଂ ବିହାରର ୦.୫୫୧ ରହିଛି, ଯାହା ସେମାନଙ୍କୁ ଜିମ୍ବାୱେ (୦.୫୫୦) ଏବଂ ପାକିସ୍ତାନ (୦.୫୪୦) ଗ୍ରୁପରେ ସ୍ଥାନିତ କରିଛି। ଯଦି ସେମାନଙ୍କୁ ପୃଥକ ଭାବେ ସ୍ଥାନିତ କରାଯାଏ ତେବେ ତାମିଲନାଡୁ (୦.୭୩୮) ବିହରଠାରୁ ୫୦ଟି ର୍‍ୟାଙ୍କ ଉପରେ ରହିବ। ଆମ ଦେଶରେ ଅବଶିଷ୍ଟ ରାଜ୍ୟରେ ବି ସମାନ କଥା ଦେଖିବାକୁ ମିଳେ। ପାକିସ୍ତାନରେ ମଧ୍ୟ ବିଭିନ୍ନ ରାଜ୍ୟ ମଧ୍ୟରେ ଅତ୍ୟଧିକ ପ୍ରଭେଦ ଲକ୍ଷ୍ୟ କରାଯାଏ। ପାକିସ୍ତାନର ଏକ ଆଭ୍ୟନ୍ତରୀଣ ସର୍ଭେ ଯାହା ଦର୍ଶାଏ ତାହା ବୈଶ୍ୱିକ ସର୍ଭେ ସ୍ପଷ୍ଟ କରିଥିବା ପଞ୍ଜାବର (୦.୭୩୨), ବେଲୁଚିସ୍ତାନ(୦.୪୨୧) ଏବଂ ଖୈବର ପାଖତୁନ୍‌ଖ୍ୱା (୦.୨୧୬)ର ଏଚ୍‌ଡିଆଇ ର୍‍ୟାଙ୍କ ସହ ତୁଳନୀୟ ନୁହେଁ।

ଜୁଲାଇ ୨୦୨୩ରେ ଭାରତର ପରିସଂଖ୍ୟାନ ଓ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ମୁଣ୍ଡପିଛା ଆୟ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲା। ତେଲଙ୍ଗାନାର ଏହା ବାର୍ଷିକ ୩.୦୮ ଲକ୍ଷ କିମ୍ବା ମାସିକ ୨୫,୦୦୦ ଟଙ୍କା ଥିଲା। ଏହା ମଧ୍ୟପ୍ରଦେଶ(୧.୪ ଲକ୍ଷ ଟଙ୍କା)ଠାରୁ ଦୁଇଗୁଣ, ଉତ୍ତରପ୍ରଦେଶ(୨୦୨୨ରେ ୭୦,୦୦୦ ଟଙ୍କା)ଠାରୁ ୪ଗୁଣ ଏବଂ ବିହାର(୨୦୨୨ରେ ୪୯,୦୦୦ ଟଙ୍କା)ଠାରୁ ୬ଗୁଣ ବେଶି। ପାକିସ୍ତାନର ମୁଣ୍ଡପିଛା ଆୟ ବାର୍ଷିକ ୧.୨ ଲକ୍ଷ ଟଙ୍କା ଏବଂ ବାଂଲାଦେଶର ଏହା ଥିଲା ୨.୧ ଲକ୍ଷ। ପଞ୍ଜାବରେ ପାକିସ୍ତାନ ଜନସଂଖ୍ୟାର ଅଧାରୁ ଅଧିକ ରହୁଛନ୍ତି। ଦେଖିବାକୁ ଗଲେ ସେମାନେ ଭାରତର ପଞ୍ଜାବ (ବାର୍ଷିକ ମୁଣ୍ଡପିଛା ଆୟ ସହ ପ୍ରାୟ ୧.୭ ଲକ୍ଷ ଟଙ୍କା) ସହ ସମାନ। ନୀଳକଣ୍ଠନ ଆରଏସ୍ ତାଙ୍କ ପୁସ୍ତକ 'ସାଉଥ୍ ଭର୍ସେସ ନର୍ଥ'ରେ ଜଣଙ୍କ ଜନ୍ମସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଧାରରେ ହୋଇଥିବା ଭାରତୀୟଙ୍କ ମାନବ ବିକାଶରେ ଥିବା ଭିନ୍ନତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଦେଢ ଦଶନ୍ଧି ହେଲା ଆମର ଜନଗଣନା ହୋଇନାହିଁ। କିନ୍ତୁ ଉପଲବ୍ଧ ତଥ୍ୟ ଆଧାରରେ ସେ ଲେଖିଛନ୍ତି ଯେ, ଉତ୍ତରାଖଣ୍ଡରେ ଜନ୍ମିତ ଜଣେ ବ୍ୟକ୍ତିଙ୍କ ତୁଳନାରେ ମଧ୍ୟପ୍ରଦେଶରେ ଜଣେ ଜନ୍ମିତ ବ୍ୟକ୍ତି ୮ ବର୍ଷ କମ୍ ବଞ୍ଚିପାରେ। ଉତ୍ତରାଖଣ୍ଡରେ ଏହା ୭୨ ବର୍ଷ ହେଲେ ମଧ୍ୟପ୍ରଦେଶର ୬୪। କେରଳ ତୁଳନାରେ ଉତ୍ତରପ୍ରଦେଶର ଜନ୍ମ ମୃତ୍ୟୁହାର (୧୦୦୦ ଜନ୍ମିତ ଶିଶୁଙ୍କ ମଧ୍ୟରେ) ୬ଗୁଣ ଅଧିକ। ଶିଶୁ ଜନ୍ମ ସମୟରେ ମାତୃ ମୃତ୍ୟୁହାର ମହାରାଷ୍ଟ୍ର ତୁଳନାରେ ଆସାମରେ ୪ଗୁଣ ବେଶି। ପଞ୍ଜାବର ମୋଟ ପିଲାଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ଏବଂ ବିହାରର ଅଧା ପିଲାଙ୍କର ଷ୍ଟଣ୍ଟିଂ (ବୟସ ତୁଳନାରେ କମ୍ ଉଚ୍ଚତା) ସମସ୍ୟା ରହିଛି। ୧ ଲକ୍ଷ ଲୋକରେ ହସ୍ପିଟାଲ ବେଡ୍ ସଂଖ୍ୟାକୁ ଦେଖିଲେ କର୍ଣ୍ଣାଟକରେ ଏହା ବିହାରଠାରୁ ୧୦ ଗୁଣ ଅଧିକ। ଏହାସହ ୧ ଲକ୍ଷ ଲୋକରେ ମହାରାଷ୍ଟ୍ରର ଡାକ୍ତରଙ୍କ ସଂଖ୍ୟା ଓଡ଼ିଶାଠାରୁ ୮ଗୁଣ ବେଶି। ଗୁଜରାଟୀଙ୍କ ତୁଳନାରେ ହିମାଚଳର ଲୋକମାନେ ଉଚ୍ଚଶିକ୍ଷାରେ ଦୁଇଗୁଣ ବେଶି ନାମ ଲେଖାଇବାର ସମ୍ଭାବନା ରହିଛି। ନୀଳକଣ୍ଠନ ସୂଚିତ କରିଛନ୍ତି ଯେ, ମଧ୍ୟପ୍ରଦେଶର ଆର୍ଥିକ ଉତ୍ପାଦରେ କୃଷିର ଅଂଶଧନ ତାମିଲନାଡୁଠାରୁ ପାଞ୍ଚଗୁଣ ବେଶି। ଅନ୍ୟପକ୍ଷରେ ଜିଡିପିରେ ମାନୁଫାକଚରିଂର ଅଂଶଧନକୁ ଦେଖିଲେ ଗୁଜରାଟରେ ଏହା ଆନ୍ଧ୍ରପ୍ରଦେଶଠାରୁ ୩ଗୁଣ ଅଧିକ। ଶ୍ରମଶକ୍ତି କ୍ଷେତ୍ରରେ ହିମାଚଳ ପ୍ରଦେଶରେ ମହିଳାଙ୍କ ଭାଗୀଦାରି ବିହାର ତୁଳନାରେ ୧୨ ଗୁଣ ଏବଂ ଉତ୍ତରପ୍ରଦେଶ ତୁଳନାରେ ଚଣ୍ଡିଗଡ଼ରେ ଏହା ୩ଗୁଣ ଅଧିକ। ୨୦୨୧ ସରକାରୀ ତଥ୍ୟରୁ ଜଣାପଡ଼େ, ଆନ୍ଧ୍ରରେ ଚାର୍ଜଶିଟର ହାର ବିଚାର ପ୍ରକ୍ରିୟା ଆରମ୍ଭକୁ ୯୨ ପ୍ରତିଶତ ତ୍ୱରାନ୍ୱିତ କରୁଥିଲା ବେଳେ ମଣିପୁରରେ ଏହା ମାତ୍ର ୧୪ ପ୍ରତିଶତ। ୧ ଲକ୍ଷ ନାଗରିକରେ କେରଳରେ ଅପରାଧ ପଞ୍ଜୀକରଣ ହାର କର୍ଣ୍ଣାଟକ ତୁଳନାରେ ୧୨ ଗୁଣ ବେଶି (୧୦୭୫/୭୧)। ଭାରତରେ କେରଳରେ ହତ୍ୟା ହାର ସବୁଠୁ କମ୍ ( ଲକ୍ଷେ ଲୋକରେ ୦.୯ ଘଟଣା) ଏବଂ ଆନ୍ଧ୍ରପ୍ରଦେଶ ତୁଳନାରେ ଅଧା(୧.୮)। ଏହା ଗୁଜରାଟ(୧.୪), ଓଡ଼ିଶା(୩.୦) ଏବଂ ଝାଡ଼ଖଣ୍ଡ(୪.୦) ଠାରୁ ମଧ୍ୟ କମ୍। ବିମୁଦ୍ରୀକରଣ ଓ କୋଭିଡ୍ ଦ୍ୱିତୀୟ ଲହରଠାରୁ ଆରମ୍ଭ କରି ଜନ୍ମହାର ହ୍ରାସ ଓ କୃଷିଶ୍ରମିକ ବୃଦ୍ଧି ପର୍ଯ୍ୟନ୍ତ ଘଟଣାରେ, ବିଗତ ଦେଢ଼ ଦଶନ୍ଧି ମଧ୍ୟରେ, ରେକର୍ଡ କରାଯାଇଥିବା ପରିବର୍ତ୍ତନକୁ ଲକ୍ଷ୍ୟ କଲେ ଆଶ୍ଚର୍ଯ୍ୟ ଲାଗେ। ହେଲେ ଜନଗଣନା ହେଲେ ହିଁ ତଥ୍ୟର ବାସ୍ତବତା ଆମେ ଜାଣିପାରିବା।

Email:aakar.patel@gmail.com

# ଆଚାର, ବିଚାର, ସଂସାର



ଉପେନ୍ଦ୍ର ବିଶ୍ୱାଳ

ଗତ ବର୍ଷ ଡିସେମ୍ବର ମଧ୍ୟଭାଗରେ ଗଣମାଧ୍ୟମରେ ଚର୍ଚ୍ଚିତ ଦୁଇଟି ଲୋମହର୍ଷଣକାରୀ ଘଟଣା ଏମିତି ଥିଲା ଯେ, ଯାହା ବାଧ୍ୟ କରିଥିଲା ସାଂସାରିକ ଜୀବନକୁ ନେଇ କିଛି ଲେଖିବାକୁ। ପ୍ରଥମ ଘଟଣାଟି ଇସ୍ପାତ ନଗରୀ ରାଉରକେଲାର। ବିବାହର ବର୍ଷଟିଏ ବି ଯାଇନାହିଁ ସାତମାସର ଗର୍ଭବତୀ ତରୁଣୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହତ୍ୟାର ଶିକାର ହୁଏ। ସେମିତି ବେଙ୍ଗାଲୁରୁର ଜଣେ ଯୁବ ଇଞ୍ଜିନିୟର ଆତ୍ମହତ୍ୟାକୁ ଆପଣାଇ ନିଏ, ଦିନକୁ ଦିନ ସ୍ତ୍ରୀ ନିର୍ଯାତନା ଅସହ୍ୟ ହେବାରୁ। 'ଗୃହମେବ ସର୍ବତ୍ର, ସର୍ବଦା, ସର୍ବଥା ସନ୍ତୋଷଦାୟକଂ।' ଅର୍ଥାତ୍ ନୀଡ଼ ବା ଗୃହ ବା ପରିବାର ସବୁସ୍ଥାନରେ, ସବୁବେଳେ, ସବୁମତେ ସନ୍ତୋଷଦାୟକ ହୋଇଥାଏ। ସାମାନ୍ୟ ଚଢ଼େଇ କଥା ବି ଧରାଯାଉ। ଆହାର ସନ୍ଧାନରେ ଯେତେଦୂର ଯାଇଥିଲେ ବି ସନ୍ଧ୍ୟା ହେଲେ ଫେରି ଆସିଥାଏ ତା' ଟିକି ଘରକୁ। କାରଣ ତା'ପାଇଁ ସେଇ ଛୋଟ ବସା ହିଁ ସବୁଠୁ ଆରାମ ଦାୟକ ଓ ନିରାପଦ। ଗୃହ ଅଗଣାରେ ନିଜ ଆତ୍ମୀୟଜନଙ୍କ ଗହଣରେ ଆମକୁ ଯେଉଁ ଶାନ୍ତି ଓ ସନ୍ତୋଷଭାବ ମିଳିଥାଏ, ତାହା ଦୁନିଆରେ ଆଉ କେଉଁଠି ମିଳି ନ ଥାଏ। ସେଥିପାଇଁ ଆମ ଶାସ୍ତ୍ରରେ ଉଲ୍ଲେଖ ଅଛି, "ପରିଜନା: ସର୍ବେଷାମ ଶ୍ରେଷ୍ଠ:।" ଆହୁରି ବି କୁହାଯାଇଛି, କୁଟୁମ୍ବମ ସର୍ବ ଅସ୍ତି। ପରିବାର ହେଉଛି ସବୁକିଛି। ଅର୍ଥାତ୍ ପରିବାର ହିଁ ଆମର ଶକ୍ତି। ପରିବାର ହିଁ ଆମର ସମ୍ପଦ। ଗୃହ ହେଉଛି ବ୍ୟକ୍ତିର ପ୍ରଥମ ପାଠଶାଳା। ପରିବାର ପରି ଉତ୍ତମ ଶିକ୍ଷକ ଆଉ କେଉଁଠି ମିଳି ନ ପାରେ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ବସ୍ତୁବାଦୀ ଦୁନିଆ ପ୍ରତି ମୋହଗ୍ରସ୍ତ ମଣିଷ ବୁଝେନା ଗୃହର ଗୁରୁତ୍ୱ, ପରିବାରର ମହତ୍ତ୍ୱ ଓ ମହକ। ଏପରିକି ଆଜିକାର ଆଣ୍ଡ୍ରଏଡ୍ ଯୁଗର ଯୁବପିଢ଼ି ପରିବାର ବା ସଂସାରଟିଏ ଗଢ଼ିବାକୁ ବି ଅମଙ୍ଗ। ବିଶେଷକରି ଝିଅମାନେ ବେଶି ବିମୁଖ ହେଉଛନ୍ତି ସଂସାର ରଚିବାକୁ। ବ୍ୟାସକବିଙ୍କ ଭାଷାରେ, "ଯହିଁ ନାରୀ ତହିଁ ଲକ୍ଷ୍ମୀ, ତହିଁ ସ୍ୱର୍ଗଧାମ/ ଶ୍ମଶାନ ସେ ଗୃହ, ଯହିଁ ନାହିଁ ନାରୀ ନାମ।" ଅର୍ଥାତ୍ ନାରୀ ହିଁ ପରିବାରର କେନ୍ଦ୍ରବିନ୍ଦୁ। ନାରୀ ହିଁ ଅସଲ ଆଧାର ସଂସାର ରଚିବା ନିମିତ୍ତ। ନାରୀ ବିନା ଘର ବି ଘର ଭଳି ଲାଗେନାହିଁ। ଶୃଙ୍ଖଳ ଓ ଶୃଙ୍ଖଳାହୀନ ଜୀବନ ପାଇଁ ହେଉ ଅବା ନିଜ ଇଚ୍ଛାର ମାଲିକ ହେବା ପାଇଁ ଅବା ସଂସାରକୁ ଜଞ୍ଜାଳ ଓ ଯନ୍ତ୍ରଣାର କାରଣ ବୋଲି ଭାବୁଥିବା ଯୋଗୁ ହେଉ, ଯେଉଁମାନେ ସଂସାର ରଚିବାକୁ ନାପସନ୍ଦ କରୁଛନ୍ତି, ସେମାନେ କିନ୍ତୁ ସମାଜ ପ୍ରତି ପ୍ରତାରଣା କରୁଛନ୍ତି ବୋଲି ମନେହୁଏ। କାରଣ ମଣିଷ ହେଉଛି ଏକ ସାମାଜିକ ପ୍ରାଣୀ। ସାମାଜିକ ପ୍ରାଣୀ ବୋଲି ମଣିଷ ସେତେବେଳେ ବିବେଚିତ ହୁଏ, ଯେତେବେଳେ ସେ ସମାଜ ବ୍ୟବସ୍ଥା, ସାମାଜିକ ବନ୍ଧନକୁ ସ୍ୱୀକୃତି ଦିଏ। ବିବାହ ହେଉଛି ସାମାଜିକ ବନ୍ଧନର ଆଦ୍ୟ ଆଧାର। ମନୁଷ୍ୟ ଜୀବନର ପୂର୍ଣ୍ଣତାର ପ୍ରାରମ୍ଭ ପାଣିଗ୍ରହଣ ସଂସ୍କାର ପରେ ହିଁ ହୋଇଥାଏ। ଯେମିତି ବିଦ୍ୟାଳୟ ହେଉଛି ମହାବିଦ୍ୟାଳୟର ପ୍ରବେଶ ଦ୍ୱାର, ଠିକ୍ ସେମିତି ବିବାହ ହେଉଛି ଗୃହସ୍ଥାଶ୍ରମ ମହାବିଦ୍ୟାଳୟର ପ୍ରବେଶ ଦ୍ୱାର। ସଂସାର ରଚନା ଏକ ସାଧନା। ଅପରପକ୍ଷେ ଯେଉଁମାନେ (କୌଣସି କାରଣରୁ ବି ହେଉ) ବିବାହ କରୁନାହାନ୍ତି, ସେମାନଙ୍କ ମଧ୍ୟରୁ ବହୁଳାଂଶ ଭୀଷଣ ମନସ୍ତାପରେ କାଳାତିପାତ କରୁଥା'ନ୍ତି ଜୀବନର ସାୟାହ୍ନରେ। ବୃତ୍ତିଗତ ଜୀବନରୁ ଅବସର ନେବା ପରେ ନିଃସଙ୍ଗ, ଏକାକିତ୍ୱ ଜୀବନରେ ଟିକିଏ ସୁଖ–ଦୁଃଖ ବାଣ୍ଟିବାକୁ, ଭଲ–ମନ୍ଦ ବୁଝିବାକୁ ପାଖରେ ନିଜର ବୋଲି କେହି ନ ଥା'ନ୍ତି। ସାମାନ୍ୟ ଦୁଃସ୍ଥିତିରେ ଭାରାକ୍ରାନ୍ତ ହୋଇପଡ଼େ ମନ। ବୋଝ ଭଳି ମନେହୁଏ ଜୀବନ।



ବିବାହ ଅର୍ଥ ବିଶେଷ ଭାବେ ବହନ କରିବା। ପରସ୍ପରର ଦାୟିତ୍ୱ ନିର୍ବାହ କରିବା। ପାଣିଗ୍ରହଣ କରିବା ଅର୍ଥ ସୁଖଦ ଦାମ୍ପତ୍ୟ ଜୀବନ ପାଇଁ ପରସ୍ପର ପ୍ରତିଶ୍ରୁତିବଦ୍ଧ ହେବା। ସେଥିପାଇଁ ବିବାହବେଦିରେ ବର ଘୋଷଣା କରେ, "ହେ ପ୍ରିୟତମା! ଜୀବନର ଏହି ପୁଣ୍ୟ ପର୍ବରେ ସବୁ ଦେବତାଙ୍କୁ ସାକ୍ଷୀ ରଖି ମୁଁ ତୁମର ପାଣିଗ୍ରହଣ କରୁଛି। ହେ ସୁହାଗିନୀ! ତୁମେ ଚିରକାଳ ମୋ ସହିତ ସୌଭାଗ୍ୟଶାଳିନୀ ହୋଇ ରହିଥାଅ। ମୁଁ ନିଜର ଗୃହ ସଞ୍ଚାଳନ ଦାୟିତ୍ୱ ତୁମକୁ ଅର୍ପଣ କରୁଛି। ତୁମେ ସୁଖ ପୂର୍ବକ ଏହାକୁ ନିର୍ବାହ କର।" ଜୀବନର ଶେଷ ପର୍ଯ୍ୟନ୍ତ କନ୍ୟା ପ୍ରତି ସ୍ନେହଶୀଳ ହୋଇ ତାକୁ ସୁଖ ଶାନ୍ତିରେ ରଖିବାକୁ ସର୍ବ ସମ୍ମୁଖରେ ବର ପ୍ରତିଜ୍ଞା କରିଥାଏ। ପତି ପ୍ରତି ସମର୍ପଣ ଭାବ ନେଇ ଧର୍ମପତ୍ନୀ ମଧ୍ୟ ସେଠାରେ ପ୍ରତିଜ୍ଞା କରେ, "ମୁଁ ପତି ବିନା ସୁଖ ଚାହେଁ ନାହିଁ, ପତି ବିନା ମୋର ସ୍ୱର୍ଗ ଆବଶ୍ୟକ ନାହିଁ, ପତି ବିନା ଧନ–ସମ୍ପଦର କିଛି ମୂଲ୍ୟ ନାହିଁ, ପତି ବିନା ମୁଁ ବଞ୍ଚିବାକୁ ଚାହେଁ ନାହିଁ।" ସଂସାର ଚଳେଇବା ଏକ ଦୁର୍ବିଷହ, କଷ୍ଟକର ବ୍ୟାପାର ବୋଲି ବିଚାରୁଥିବା ଝିଅପୁଅମାନେ ଯଦି 'ଆଚାର'ର ବୈଶିଷ୍ଟ୍ୟକୁ ସାମାନ୍ୟମାତ୍ର ଅନୁଧ୍ୟାନ ଏବଂ ଅନୁଶୀଳନ କରନ୍ତେ, ତେବେ ବୁଝିପାରନ୍ତେ ସୁଖ–ସଂସାର ରଚନାର ସରଳ ସୂତ୍ରକୁ। ଉତ୍ତରମେରୁ – ଦକ୍ଷିଣମେରୁ ମଧ୍ୟରେ ସମ୍ପର୍କ ପରି ଖଟା ଓ ମିଠାର ସମ୍ପର୍କ। ଲବଣ ଓ କଷାର ଦୂରତା ମଧ୍ୟ ଅବନୀ ଓ ଅମ୍ବରର ଦୂରତା ପରି। ରାଗ ସହିତ ଏହି ଚିଜଗୁଡିକର ସମ୍ପର୍କର ଦୂରତା ତ ସଭିଙ୍କୁ ଜଣା। ତଥାପି ଏ ସବୁ ସାମଗ୍ରୀ ସ୍ୱ ସ୍ୱ ମଧ୍ୟେ ସୁସାମଞ୍ଜସ୍ୟ ବଜାୟ ରଖି ଏକାଠି ରହି ସଭିଙ୍କର ଆଦର ଲାଭ କରିଥା'ନ୍ତି; ଯାହାକୁ ଆମେ ଆଚାର ବୋଲି କହୁ। ସ୍ୱାଦରେ ଆମ୍ବ ଖଟା, ଶର୍କରା ଥାଏ ମିଠା। ସେମିତି ବି ମେଥି, ସୋରିଷ କଷା ଜାତୀୟ। ମାତ୍ର ଖଟା, ମଧୁରତା, କଷା, ଲବଣତା, ରାଗ ମଧ୍ୟରେ ଏତେ ସୁନ୍ଦର ସାମଯୋଜନ, ବୁଝାମଣା ରହିଥାଏ ଯେ ସେଗୁଡ଼ିକର ସମ୍ମିଶ୍ରଣରେ ତିଆରି ଆଚାରଟି ସଭିଙ୍କ ଗ୍ରହଣୀୟ ଏବଂ ଆଦରଣୀୟ ହୋଇଯାଏ। ଗୋଟିଏ ପାତ୍ର/ପରିସରରେ ରହିଥିଲେ ବି ନିଜ ନିଜର ସତ୍ତା ଲୋପ ପାଏନାହିଁ। ବରଂ ନିଜ ନିଜର ଅସ୍ତିତ୍ୱକୁ ଅକ୍ଷୁଣ୍ଣ ରଖି ସଭିଏ ସମ୍ମାନର ସହିତ ନିଜ ଉପସ୍ଥିତି ଜାହିର କରିଥାନ୍ତି। ଆଚାର ଏତେ ସୁସ୍ୱାଦୁ ବା ଆଦରଣୀୟ ହୋଇଥାଏ ଏଇଥିପାଇଁ, ଯେହେତୁ ମିଶ୍ରିତ ସାମଗ୍ରୀଗୁଡ଼ିକ ପରସ୍ପରକୁ ଅଗ୍ରାହ୍ୟ ନ କରି ସ୍ୱୀକୃତି ପ୍ରଦାନ କରିଥା'ନ୍ତି। କିନ୍ତୁ ସେମାନେ ଯଦି ନିଜ ନିଜ ବଡ଼ିମା ବା ଜିଦ୍‌ପଣ ବଜାୟ ରଖିଥା'ନ୍ତେ, ତେବେ ସେମାନେ କ'ଣ ଏତେ ଆଦରଣୀୟ ହୋଇପାରନ୍ତେ ? ଆମ୍ବ ଯଦି କୁହେ ମୁଁ ମୋ ସ୍ୱଭାବ ବା ଖଟାପଣକୁ ଟିକିଏ ବି ହ୍ରାସ କରିବାକୁ ଦେବିନାହିଁ, ଲଙ୍କା ଯଦି କୁହେ ମୁଁ କଦାପି ମୋ ରାଗପଣ କମେଇବି ନାହିଁ, ଶର୍କରା ଯଦି କୁହେ ମୁଁ ଆଦୌ ନରମିବି ନାହିଁ ବା ମଧୁରତା ହ୍ରାସ ହେବାକୁ ଦେବି ନାହିଁ, ତେବେ ଆଚାର କଦାପି ସ୍ୱାଦିଷ୍ଟ ହେବ ନାହିଁ କି ସଭିଙ୍କର ଆଦରଣୀୟ ହୋଇପାରିବ ନାହିଁ। ଅର୍ଥାତ୍ ଭିନ୍ନ ବା ଅଲଗା ହେବାକୁ ଚେଷ୍ଟା କଲେ ସୌନ୍ଦର୍ଯ୍ୟ ନଷ୍ଟ ହେବ। ଏଣୁ ନିଜର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ, ଗୁଣାବଳୀ, ଗରିମା ବଜାୟ ରଖିବାକୁ ହେଲେ ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା, ଅଯଥା ଜିଦ୍‌ପଣ ପରିହାର କରିବାକୁ ହେବ। ସେମିତି ଗୃହ ଅଗଣାରେ ରହି ଜଣେ ଅନ୍ୟର ଗୁଣ ବା ପ୍ରକୃତିକୁ ବିରୋଧ ନ କରି ଟିକେ ଗ୍ରହଣ କରିନେଲେ ଗୃହର ମର୍ଯ୍ୟାଦା ବୃଦ୍ଧିପାଇବା ସହିତ ଆମେ ସୁଖ ଓ ଶାନ୍ତିରେ ଜୀବନ ନିର୍ବାହ କରିପାରନ୍ତୁ। ଅନ୍ୟ ଏକ ଅର୍ଥରେ ଚଳଣି ଓ ଚରିତ୍ରକୁ ଫୁଟେଇ ତୋଳିବାର ଅର୍ଥ ହେଉଛି ଆଚାର। ଠିକ୍ ଏହି କଥା ହିଁ କହିଥାଏ ସ୍ୱାଦଯୁକ୍ତ ଦ୍ରବ୍ୟ ଆଚାର। ଚଳଣି ଓ ଚରିତ୍ରରେ ଚମକ ଖେଳିଲେ, ସ୍ୱର୍ଗ ସମ ମନେହେବ ସଂସାର। ସେଥିପାଇଁ ତ କୁହାଯାଇଛି, "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର/ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"

ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ବୟସ ୨୫, ହେଲେ ଜାସ୍ କାଲ୍‌ରାଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ତଥା ପ୍ରେରଣାଦାୟକ। ଏହି ବୟସରେ ଜାସ୍ ଗୁରୁଗ୍ରାମରେ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ଦୈନନ୍ଦିନ ଆବଶ୍ୟକତା ମଧ୍ୟ ପୂରଣ କରୁଛନ୍ତି। ଜାସ୍ ମୁଖ୍ୟତଃ ରାସ୍ତାକଡ଼ରେ ଅସହାୟ ଭାବେ ଜୀବନ ବିତାଉଥିବା ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖୁଛନ୍ତି। ଏହି ଆଶ୍ରୟସ୍ଥଳୀ 'ଆର୍ଥ ସର୍‌ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି। ଏଠାରେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା ରହିଛି, ଯାହା ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ। ଏହାର ମୁଖ୍ୟ ଭାବେ ଜାସ୍ ଦାୟିତ୍ୱ ତୁଲାଉଛନ୍ତି। ଜାସ୍ ତାଙ୍କ ପିତା ସମାଜସେବୀ ରବି କାଲ୍‌ରାଙ୍କ ପ୍ରେରଣା ଏହି ସେବା ଚଳାଇଛନ୍ତି। ରାସ୍ତାକଡ଼ରୁ ଉଦ୍ଧାର କରାଯାଉଥିବା ଲୋକଙ୍କ ପରିଚୟ ଜାଣିବା ପରେ ଜାସ୍ ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି। ଏବେ ସୁଦ୍ଧା ୩୦୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ସାରିଲାଣି। ତାଙ୍କ ସଂସ୍ଥା ମଧ୍ୟ ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ୩୦୦୦ ପରିଚୟ ହୀନ ମୃତଦେହ ଦାହ କରିସାରିଲାଣି।

# ଛାତ୍ରନେତ୍ରୀରୁ ମୁଖ୍ୟମନ୍ତ୍ରୀ

ଛାତ୍ର ଜୀବନରେ ରାଜନୀତି କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ କମ୍ ବାସ୍ତବ ରାଜନୀତିର ଶୀର୍ଷରେ ପହଞ୍ଚିଥାଆନ୍ତି। ପୁଣି ଯିଏ କ୍ଷମତା ରାଜନୀତିରେ ତିଷ୍ଠି ଯାଆନ୍ତି ଓ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରନ୍ତି, ସେମାନେ ଅନ୍ୟମାନଙ୍କ ସକାଶେ ଉଦାହରଣ ପାଲଟିବା ସହ କେତେକଙ୍କ ଲାଗି ଈର୍ଷଣୀୟ ସ୍ତରରେ ପହଞ୍ଚିବାର ଗୌରବ ଅର୍ଜନ କରନ୍ତି। ଭାରତୀୟ ରାଜନୀତିରେ ଦେଶର ରାଜଧାନୀ ଦିଲ୍ଲୀ ଯେଭଳି କେନ୍ଦ୍ରବିନ୍ଦୁ ରହିଆସିଛି, ସମଭାବରେ ଦେଖିଲେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ରାଜନୀତିରେ ନିଜକୁ ସାମିଲ କରିଥିବା ସଫଳ ଶିକ୍ଷାର୍ଥୀଙ୍କ ପ୍ରଭାବ ସର୍ବଭାରତୀୟ ଆକର୍ଷଣର ଅପେକ୍ଷା ରଖିଥାଏ। ପ୍ରଥମ ଥର ପାଇଁ ଦିଲ୍ଲୀ ବିଧାନସଭାକୁ ନିର୍ବାଚିତ ହୋଇଥିବା ରେଖା ଗୁପ୍ତାଙ୍କ ନାମ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ୧୯ ଫେବୃଆରୀରେ ଘୋଷଣା ହେବା ପରେ ଭାରତୀୟ ଜନତା ପାର୍ଟି(ଭାଜପା) ପୁଣି ପ୍ରମାଣ କରିଦେଲା ଯେ, ଚର୍ଚ୍ଚା ହେଉଥିବା ନାମଠାରୁ ବହୁ ଊର୍ଦ୍ଧ୍ୱକୁ ଚିନ୍ତା କରିବାରେ ଦଳ ସ୍ୱାତନ୍ତ୍ର୍ୟ ବଜାୟ ରଖେ। ୨୭ ବର୍ଷ ପରେ ଭାଜପା ଦିଲ୍ଲୀରେ କ୍ଷମତାକୁ ଆସିବା ପରେ ରେଖା ୨୦ ଫେବୃଆରୀରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାଜପାର ସୁଷମା ସ୍ୱରାଜ, କଂଗ୍ରେସର ଶୀଳା ଦୀକ୍ଷିତ୍ ଓ ଆପ୍‌ର ଆତିଶୀଙ୍କ ପରେ ରେଖା ଚତୁର୍ଥ ମହିଳା ଭାବେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଅନେକ ବରିଷ୍ଠ ନେତା ଥିବା ସତ୍ତ୍ୱେ ଏକଦା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ (ଡିୟୁଏସ୍‌ୟୁ)ର ସଭାପତି ହୋଇଥିବା ରେଖା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବା ଦଳ ଭିତରେ ଓ ବାହାରେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ ସିଂ ବର୍ମାଙ୍କ ପୁତ୍ର ପରଭେଶ ବର୍ମା ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ପରାସ୍ତ କରିବା ଓ ଭାଜପାର ଅନ୍ୟତମ ସୁସଙ୍ଗଠକ ହୋଇଥିବାରୁ ତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ସର୍ବାଗ୍ରେ ଥିବା ଆଲୋଚନା ହେଉଥିଲା। ହେଲେ ପରିବାରବାଦ ରାଜନୀତିକୁ ପ୍ରୋତ୍ସାହନ ନ ଦେବା ଲକ୍ଷ୍ୟରେ ଭାଜପା ଶୀର୍ଷ ନେତୃତ୍ୱ ରେଖାଙ୍କୁ ବାଛିଥିବା କୁହାଯାଉଛି। ଏହା ମଧ୍ୟ ଚର୍ଚ୍ଚା ହେଉଛି ଯେ ଦିଲ୍ଲୀ ନିର୍ବାଚନରେ ମହିଳାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଥିବାରୁ ରେଖାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ଭାଜପା ନାରୀ ସଶକ୍ତୀକରଣର ବାର୍ତ୍ତା ଦେବାକୁ ଚାହିଁଛି। ଦିଲ୍ଲୀର ପୂର୍ବତନ କାଉନସିଲର ତଥା ପ୍ରଥମ ଥର ପାଇଁ ବିଧାନସଭା ଯାଇଥିବା ରେଖାଙ୍କୁ ମୁଖ୍ୟମନ୍ତ୍ରୀ ଭଳି ମର୍ଯ୍ୟାଦାଜନକ ପଦବୀରେ ଆସୀନ କରାଯାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଜବରଦସ୍ତ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

ରେଖା ୧୯ ଜୁଲାଇ ୧୯୭୪ରେ ହରିୟାଣାର ଜୁଲାନାଠାରେ ଏକ ହିନ୍ଦୁ ବୈଶ୍ୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତା ଜୟ ଭଗବାନ

## ବ୍ୟକ୍ତିତ୍ୱ



ରେଖା ଗୁପ୍ତା

ଜିନ୍ଦଲ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପିତାମ୍ପୁର ଶାଖାର ପ୍ରବନ୍ଧକ ଥିଲେ ଓ ମାତା ଉର୍ମିଳା ଜିନ୍ଦଲ ଗୃହିଣୀ। ରେଖା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଦୌଲତ ରାମ କଲେଜରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ମିରଟ୍‌ର ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ କରିବା ପରେ ଆଇନ ବ୍ୟବସାୟ ମଧ୍ୟ କରିଛନ୍ତି। ଛାତ୍ରାବସ୍ଥାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଓ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସହ ସେ ଗଭୀର ଭାବେ ଜଡ଼ିତ ଥିଲେ। ଛାତ୍ର ରାଜନୀତିରେ ପ୍ରବେଶ କରି ସେ ୧୯୯୫ରେ ଡିୟୁଏସ୍‌ୟୁର ସାଧାରଣ ସମ୍ପାଦକ ଓ ୧୯୯୬ରେ ସଭାପତି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ସକ୍ରିୟ ରାଜନୀତିକୁ ଆସି ଦିଲ୍ଲୀରେ ତିନିଥର କାଉନ୍‌ସିଲର ହୋଇଥିଲେ। ରେଖା ଭାଜପା ମହିଳା ମୋର୍ଚ୍ଚାର ଜାତୀୟ ଉପାଧ୍ୟକ୍ଷା ମଧ୍ୟ ଥିଲେ। ତା' ପୂର୍ବରୁ ଦିଲ୍ଲୀ ଭାଜପାର ସାଧାରଣ ସମ୍ପାଦକ ରହିଥିଲେ। ୨୦୧୫ ଓ ୨୦୨୦ ବିଧାନସଭା ନିର୍ବାଚନରେ ଶାଲିମାରବାଗ୍ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ହେଲେ ୨୦୨୫ ନିର୍ବାଚନ ତାଙ୍କୁ ପ୍ରଥମ ବିଧାୟକ ହେବାର ସୁଯୋଗ ଦେବା ସହିତ ଏକାଥରକେ ମୁଖ୍ୟମନ୍ତ୍ରୀ ଆସନରେ ବସାଇଦେଇଛି। ଏହାକୁ ହିଁ କୁହାଯାଏ ସମୟ ଓ ଭାଗ୍ୟର ସଂଯୋଗ। ଅବଶ୍ୟ ଏଥିପାଇଁ ସେ ତୃଣମୂଳସ୍ତରରୁ ନିଜକୁ ସଶକ୍ତ କରିଆସିଛନ୍ତି। କାରଣ ତାଙ୍କ ରାଜନୀତିର ଆଦ୍ୟବିନ୍ଦୁ ଆର୍‌ଏସ୍‌ଏସ୍‌ର ସଦସ୍ୟରୁ ଆରମ୍ଭ ହୋଇ ଏବିଭିପି ଦେଇ ସକ୍ରିୟ ରାଜନୈତିକ ଯାତ୍ରା ଆଡ଼କୁ ଯାଇଥିଲା। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶାସନାଧୀନ ରାଜ୍ୟଗୁଡ଼ିକ ମଧ୍ୟରେ ରେଖା ଏବେ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ଅଛନ୍ତି। ରାଜନୈତିକ ପରିବାରରୁ ଆସି ନ ଥିବା ପ୍ରଥମ ପିଢ଼ିର ରାଜନେତା ଭାବେ ସେ ମଧ୍ୟବିତ୍ତ ବର୍ଗର। ଭାରତର ୧୮ତମ ମହିଳା ମୁଖ୍ୟମନ୍ତ୍ରୀ ଓ ଭାଜପାର ୫ମ ମହିଳା ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ ଏବେ ତାଙ୍କ ନାମରେ ରହିଲା। ବରିଷ୍ଠ ତଥା ତାଙ୍କଠାରୁ ରାଜନୀତିରେ ଅଭିଜ୍ଞତା ଅର୍ଜନ କରିଥିବା ନେତାଙ୍କୁ ପଛରେ ପକାଇ ରେଖା ମୁଖ୍ୟମନ୍ତ୍ରୀ ହୋଇଥିବାରୁ ସେ ଦିଲ୍ଲୀବାସୀଙ୍କୁ କିଭଳି ସେବା ଯୋଗାଇବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ କହିଛନ୍ତି, ଜନମଙ୍ଗଳ ବିଶେଷକରି ମହିଳା ସଶକ୍ତୀକରଣ ଓ ପ୍ରତ୍ୟେକ ଦିଲ୍ଲୀବାସୀଙ୍କ ବିକାଶ କରିବା ଲାଗି ସେ ପ୍ରତିଶ୍ରୁତିବଦ୍ଧ।

ସ୍ୱାମୀ ମନୀଷ ଗୁପ୍ତା ଓ ଦୁଇ ପିଲାଙ୍କୁ ନେଇ ରେଖାଙ୍କ ସଂସାର। ୧୯୯୮ରେ ସେ ଶିଳ୍ପପତି ମନୀଷଙ୍କୁ ବିବାହ କରିଥିଲେ ଓ ତାଙ୍କର ବ୍ରାସ୍ ପାର୍ଟ୍ସ ବ୍ୟବସାୟ ରହିଛି। ଝିଅ ଏବେ ପାରିବାରିକ ବ୍ୟବସାୟରେ ସାମିଲ ହୋଇଥିବା ବେଳେ ପୁଅ କଲେଜ ଛାତ୍ର।

–ଜିତେନ୍ଦ୍ର କୁମାର ନାୟକ

୫୦ ବର୍ଷ ତଳର ଧରିତ୍ରୀ DHARITRI

## ୨୩ ଫେବୃଆରୀ ୧୯୭୬

- ରାଜ୍ୟରେ ୫ଟି ନୂଆ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ପାଇଁ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ କର୍ପୋରେଶନ ପକ୍ଷରୁ ୧୩.୯ ନିୟୁତ ଟଙ୍କା ମଞ୍ଜୁର କରାଯାଇଛି।
- ଭାରତର ଉପକୂଳ ଅଞ୍ଚଳରେ ନିରାପତ୍ତା ପ୍ରତି ସଜାଗ ଦୃଷ୍ଟି ରଖିବାକୁ ପ୍ରଥମ ଥର ପାଇଁ ଭାରତରେ 'ଉପକୂଳ ରକ୍ଷା ବାହିନୀ' ଗଠନ କରାଯିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | 6 | 2 | 5 | |
| | | 1 | | | | | | 4 |
| 5 | 7 | 6 | | | 3 | | | |
| | | | | | | 8 | 2 | |
| | | | 3 | 8 | | | | |
| | 6 | | | 7 | 5 | 3 | | |
| | | | 8 | | 1 | 7 | | 2 |
| | | | | 4 | | | | |
| 7 | | | | 3 | | | 8 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 1 | 5 | 9 | 4 | 8 | 3 | 6 |
| 8 | 9 | 5 | 2 | 6 | 3 | 1 | 7 | 4 |
| 6 | 4 | 3 | 7 | 8 | 1 | 9 | 5 | 2 |
| 9 | 8 | 4 | 6 | 3 | 5 | 2 | 1 | 7 |
| 1 | 3 | 2 | 9 | 4 | 7 | 6 | 8 | 5 |
| 5 | 6 | 7 | 8 | 1 | 2 | 4 | 9 | 3 |
| 3 | 5 | 9 | 1 | 2 | 6 | 7 | 4 | 8 |
| 4 | 2 | 8 | 3 | 7 | 9 | 5 | 6 | 1 |
| 7 | 1 | 6 | 4 | 5 | 8 | 3 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ଜୀବନ ବଦଳାଇବ କିଏ

ମହାଶୟ,

ଜୀବନରେ ଯଦି କେବେ ଅସୁବିଧା, ଦୁଃଖ, ବିଷାଦ ଆସେ ଭାବନ୍ତୁ ନାହିଁ ଏହା ଏକ ବିପତ୍ତି। ସେତେବେଳେ ଭାବନ୍ତୁ ଏହା ଗୋଟିଏ ସୁଯୋଗ। ଯଦି ମୁଁ ବୋଉ ବୋଉ ବୋଲି ଡାକିଲି ମୋ ବୋଉ କ'ଣ ରହିପାରିବ ? ଛୋଟ ଶିଶୁ ଯେତେବେଳେ କାନ୍ଦିଉଠେ ସେତେବେଳେ କ'ଣ ମା' ଅନ୍ୟ କାମ ଛାଡ଼ି ଦୌଡ଼ିଆସେ ନା ? ଆମେ କ'ଣ କାନ୍ଦୁ ? ପ୍ରବଚନ ଶୁଣିବାକୁ ଆସୁ, ସାଧୁସନ୍ଥଙ୍କ ପାଖକୁ ଯାଉ କିନ୍ତୁ ଆମ ଜୀବନକୁ କେତେ ପରିବର୍ତ୍ତନ କରୁ ? ଯାହା ବ୍ୟବହାର ନ ହୋଇ ରହିଯାଏ ତାହା ଅଦରକାରୀ ହୋଇପଡ଼େ। ଯେତେବେଳେ ଦୁଃଖ , ବିପଦ ଆସିଛି ଆମେ ସତରେ କ'ଣ ଭଗବାନ୍‌ଙ୍କୁ ଡାକିଛେ ! ସତରେ କ'ଣ ଆମେ ସେହି ଆବେଗର ପ୍ରାର୍ଥନା କରିଛେ, ଯଦି ଆମେ ଭଗବାନଙ୍କୁ ଡାକିଛେ ! ସତରେ କ'ଣ ଆମେ ସେହି ଆବେଗର ପ୍ରାର୍ଥନା କରିଛେ । ଯଦି ଆମେ ଭଗବାନ୍‌ଙ୍କୁ ଡାକିପାରିବା ଭଗବାନ୍ କ'ଣ ଆମକୁ ଛାଡ଼ିଦେବେ ? ଆମ ଜୀବନକୁ ଯଦି ଆମେ ନ ବଦଳାଇବା,ତେବେ ବଦଳାଇବ କିଏ । ଆମ ଜୀବନର ପରିବର୍ତ୍ତନ ଆମକୁ କରିବାକୁ ପଡ଼ିବ । କେହି ପରିବର୍ତ୍ତନ ଆଣିବେ ନାହିଁ । ବିଷାଦ ଏକ ସୁଯୋଗ । ଯେତେବେଳେ ଦୁଃଖ ଆସିଛି,ସେତେବେଳେ ସ୍ୱାଗତକର । ଏ ଦୁଃଖ ମୋ ଜୀବନରେ ଉନ୍ନତି ପାଇଁ ଧ୍ରୁବ । ପ୍ରତ୍ୟେକ ବ୍ୟକ୍ତିର ଜୀବନର ଶ୍ରେଷ୍ଠ ଭବିଷ୍ୟତବାଣୀ ଶ୍ରୀମଦ୍ ଭଗବଦ୍ ଗୀତାର ଶେଷ ଶ୍ଳୋକରେ ରହିଛି । ଶ୍ରୀମଦ୍ ଭଗବଦ୍ ଗୀତା କେବଳ ପଢ଼ିବା ନୁହେଁ, ପଢ଼ିକରି ନିଜ ଜୀବନରେ ଲଗାଇବାକୁ ହେବ ।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହୁଡ଼ା କରେ ଗାଁଆର ମଶାଣି
ଦୁକୁ ଦୁକୁ ଜଳେ କା'ର ଜୁଇ
କାନ୍ଧରେ ଧାନହଳା ଥୋଇ
ଝୁଲି ଝୁଲି ଆସେ ରାଧୁ ଭୋଇ
ପାଖେ ଯାଇ ପଚାରିଲି ମୁହିଁ
"ମଶାଣିରେ ଜଳେ କା'ର ଜୁଇ ?"
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଆଉ ୬ ପଣବନ୍ଦୀଙ୍କୁ ମୁକ୍ତ କଲା ହମାସ୍

ନୁସେଇରାତ୍(ଗାଜା ଷ୍ଟ୍ରିପ୍),୨୨।୨

ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଶନିବାର ୬ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିଦେଇଛି। ଗାଜାରେ ଦୁଇଟି ଅଲଗା ଉତ୍ସବ ମଧ୍ୟରେ ସେମାନଙ୍କୁ ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରାଯାଇଛି। ସଶସ୍ତ୍ର ହମାସ୍ ଯୋଦ୍ଧାମାନେ ସେମାନଙ୍କୁ ମୁହଁ ଘୋଡ଼ାଇ ମଞ୍ଚ ଉପରକୁ ଆଣିଥିଲେ। ନୁସେଇରାତ୍ ସହରରେ ୩ ପଣବନ୍ଦୀ ଓମେର ୱେନ୍‌କେର୍ଟ, ଓମେର ଶେମ୍ ଟୋଭ୍ ଏବଂ ଏଲିୟା ଚୋହେନ୍‌ଙ୍କୁ ହସ୍ତାନ୍ତର କରାଯାଇଛି। ଏହା ପୂର୍ବରୁ ରାଫାହ ସହରରେ ଅନ୍ୟ ୨ ପଣବନ୍ଦୀଙ୍କୁ ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରାଯାଇଥିଲା। ଶେଷରେ ଷଷ୍ଠ ପଣବନ୍ଦୀ ହିଶମ ଅଲ୍-ସୟେଦ ହସ୍ତାନ୍ତର କରାଯାଇଛି। ୨ ଦିନ ପୂର୍ବରୁ ହମାସ୍ ୪ ଜଣ ପଣବନ୍ଦୀଙ୍କ ମୃତଦେହ ଇସ୍ରାଏଲ୍‌କୁ ହସ୍ତାନ୍ତର କରିଥିବାବେଳେ ସେମାନଙ୍କ ମଧ୍ୟରୁ ଶିରି ବିବାସ୍‌ଙ୍କ ବଦଳରେ ଗାଜାର ଜଣେ ମହିଳାଙ୍କ ମୃତଦେହ ପଠାଯାଇଥିବା ଅଭିଯୋଗ ହୋଇଥିଲା। ଏହା ନିଷ୍ଠୁରତା ଏବଂ ଅସ୍ତ୍ରବିରତି ଚୁକ୍ତିନାମାର ଉଲ୍ଲଂଘନ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିବା ସହ ପ୍ରତିଶୋଧ ନେବେ ବୋଲି ଚେତାବନୀ ଦେଇଥିଲେ। ତେବେ ମୃତଦେହ ବିବାସ୍‌ଙ୍କର ବୋଲି ତାଙ୍କର ପରିବାର ଶନିବାର ସ୍ପଷ୍ଟ କରିଛନ୍ତି।

### ଛେଳି ଚୋରି ଅଭିଯୋଗରେ ୨ ବ୍ୟକ୍ତିଙ୍କୁ ପିଟି ହତ୍ୟା

ରାଞ୍ଚି, ୨୨।୨

ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଜିଲା ଚକୁଳିଆ ଥାନା ଜୋର୍ସା ଗ୍ରାମରେ ଶନିବାର ୨ ଜଣଙ୍କୁ ଛେଳି ଚୋରି ଅଭିଯୋଗରେ ଗ୍ରାମବାସୀ ପିଟି ହତ୍ୟା କରିଛନ୍ତି। ଜୋର୍ସା ଗ୍ରାମର ଏକ ଘରେ ଉଭୟ ଛେଳି ଚୋରି କରୁଥିବା ଅଭିଯୋଗ ହୋଇଥିଲା। ଉଭୟ ଚୋରଙ୍କୁ ଗ୍ରାମବାସୀ କାବୁକରିବା ସହ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପୋଲିସ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଦୁହିଁଙ୍କର ମୃତ୍ୟୁ ଘଟିଥିଲା। ଛେଳି ମାଲିକ ଗିରଫ ହୋଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।




ହମାସ୍ ପଣବନ୍ଦୀ ରଖିଥିବା ୬ ଇସ୍ରାଏଲୀଙ୍କୁ ଶନିବାର ମୁକ୍ତ କରୁଥିବାବେଳେ ତେଲ୍ ଆଭିଭ୍‌ର ହୋଷ୍ଟେଜ୍‌ସ୍ ସ୍କୋୟାରରେ ପ୍ରତୀକ୍ଷାରତ ଜନସାଧାରଣ ଏହାର ପ୍ରସାରଣ ଦେଖିବା ପାଇଁ ସ୍କ୍ରିନ୍‌କୁ ଚାହିଁ ରହିଛନ୍ତି।

## କଣ୍ଟେଣ୍ଟ ନିୟନ୍ତ୍ରଣ ପାଇଁ ନୂଆ ଆଇନ ଆଣିବାକୁ ଯୋଜନା

ନୂଆଦିଲ୍ଲୀ,୨୨।୨(ପି.ଟି.)

ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରସାରିତ କ୍ଷତିକାରକ କଣ୍ଟେଣ୍ଟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ନୂଆ ଆଇନ ବ୍ୟବସ୍ଥାର ଆବଶ୍ୟକତା ରହିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ଆଇନରେ ରହିଥିବା ବର୍ତ୍ତମାନର ବୈଧାନିକ ବ୍ୟବସ୍ଥାଗୁଡ଼ିକର ଅନୁଧ୍ୟାନ କରୁଛି। ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ରଣବୀର ଆଲ୍ଲାହାବାଦିଆଙ୍କ ଅଶ୍ଳୀଳ ମନ୍ତବ୍ୟକୁ ନେଇ ଦେଶବ୍ୟାପୀ ବିବାଦ ସୃଷ୍ଟି ହେବା ପରେ ଅନ୍‌ଲାଇନ୍ କଣ୍ଟେଣ୍ଟଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଯାଉଥିବା ଏଥିରୁ ସୂଚନା ମିଳିଛି। ଏହି ପ୍ରସଙ୍ଗରେ ସଂସଦୀୟ କମିଟିର ପ୍ରଶ୍ନ ଉପରେ ମନ୍ତ୍ରଣାଳୟ କହିଛି,




ଡିଜିଟାଲ ପ୍ଲାଟ୍‌ଫର୍ମରେ ଅଶ୍ଳୀଳତା ପ୍ରଦର୍ଶନ ଏବଂ ହିଂସାତ୍ମକ ବିଷୟବସ୍ତୁ ପ୍ରସାରଣ ପାଇଁ ସମ୍ବିଧାନର ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରର ଦୁରୁପଯୋଗ କରାଯାଉଥିବା ନେଇ ସମାଜରେ ଚିନ୍ତା ବଢ଼ିବାରେ ଲାଗିଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଗଠିତ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ସ୍ଥାୟୀ କମିଟିକୁ ମନ୍ତ୍ରଣାଳୟ କହିଛି, ବର୍ତ୍ତମାନର ଆଇନରେ କେତେକ ବ୍ୟବସ୍ଥା ରହିଥିବାବେଳେ କ୍ଷତିକାରକ କଣ୍ଟେଣ୍ଟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ କଠୋର ଏବଂ ପ୍ରଭାବୀ ଆଇନ ବ୍ୟବସ୍ଥା କରିବାକୁ ଦାବି ବଢ଼ୁଛି। ଆଲ୍ଲାହାବାଦିଆଙ୍କ ମନ୍ତବ୍ୟ ପରେ ସୁପ୍ରିମକୋର୍ଟ, ବିଭିନ୍ନ ହାଇକୋର୍ଟ, ସାଂସଦ, ଜାତୀୟ ମହିଳା କମିଶନ ଭଳି ବୈଧାନିକ ସଂସ୍ଥାଗୁଡ଼ିକ ଏହି ପ୍ରସଙ୍ଗ ଉଠାଇ ଆସୁଛନ୍ତି। ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା ସହ ସେ କ୍ଷମା ମାଗିଥିଲେ ମଧ୍ୟ ବିବାଦ ଥମିନାହିଁ। ସୁପ୍ରିମକୋର୍ଟ ତାଙ୍କୁ ଗିରଫଦାରିରୁ ସୁରକ୍ଷା ଦେଇଥିଲେ ମଧ୍ୟ ତାଙ୍କ ମନ୍ତବ୍ୟକୁ ନେଇ କଡ଼ା ଭର୍ତ୍ସନା କରିଛନ୍ତି। ୟୁଟ୍ୟୁବ୍ ଭଳି ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଆଇନରେ ଶୂନ୍ୟସ୍ଥାନ ରହିଥିବା ସର୍ବୋଚ୍ଚ ଅଦାଲତ କହିବା ସହ ଏଥିପାଇଁ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ଉପଯୁକ୍ତ ବିଚାରବିମର୍ଶ ପରେ ମନ୍ତ୍ରଣାଳୟ କମିଟି ନିକଟରେ ସବିଶେଷ ନୋଟ୍ ଉପସ୍ଥାପନ କରିବ ବୋଲି କହିଛି।

## ଚାଇନାରେ ନୂଆ କରୋନା ଭୂତାଣୁ ଚିହ୍ନଟ

### ମାନବକୁ ସଂକ୍ରମିତ କରାଇବାରେ ସମର୍ଥ

ବେଜିଂ,୨୨।୨

ଚାଇନାର ଭୂତାଣୁ ବିଜ୍ଞାନୀମାନଙ୍କର ଏକ ଟିମ୍ ବାଦୁଡ଼ିଠାରେ ଏକ ନୂଆ କରୋନା ଭୂତାଣୁ ଚିହ୍ନଟ କରିଛନ୍ତି। କୋଭିଡ୍-୧୯ ରୋଗ ସଂକ୍ରମଣ କରାଇଥିବା ଭୂତାଣୁ ଭଳି ନୂଆ ଭୂତାଣୁରେ ସମାନ ରିସେପ୍ଟର ଥିବାରୁ ଏହା ପ୍ରାଣୀ ଶରୀରରୁ ମାନବ ଶରୀରକୁ ସଂକ୍ରମିତ ହେବା ଆଶଙ୍କା ରହିଛି। କୋଭିଡ୍-୧୯ର ଉତ୍ପତ୍ତିସ୍ଥଳ କୁହାଯାଉଥିବା ବିବାଦୀୟ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଡବ୍ଲ୍ୟୁଆଇଭି)ର ଭୂତାଣୁ ବିଜ୍ଞାନୀ ଶି ଝେଙ୍ଗଲିଙ୍କ ନେତୃତ୍ୱରେ ଏହି ଅଧ୍ୟୟନ କରାଯାଇଛି। ବାଦୁଡ଼ିରୁ ମିଳୁଥିବା ଭୂତାଣୁ ଉପରେ ଶି ଗବେଷଣା ଚଳାଇଥିବାରୁ ସେ ବ୍ୟାଟ୍ ୱମ୍ୟାନ୍ ଭାବେ ଜଣାଶୁଣା। ନୂଆ ଚିହ୍ନଟ ହୋଇଥିବା ଭୂତାଣୁ ଜାପାନରେ ଚିହ୍ନଟ ହୋଇଥିବା ଏଚ୍‌କେୟୁ୫ କରୋନା ଭୂତାଣୁ ଭଳି। ନୂଆ ଭୂତାଣୁ



ମର୍ବେକୋଭାଇରସ୍ ସବ୍‌ଜିନ୍‌ସରୁ ଆସିଛି, ଯାହା ମଧ୍ୟପ୍ରାଚ୍ୟରେ ଶ୍ୱାସକ୍ରିୟାଜନିତ ରୋଗର କାରଣ ହୋଇଥିଲା। ଏହି ଭୂତାଣୁ ମାନବ ଶରୀରରେ ଥିବା ଅଙ୍ଗିଓଟେନସିନ୍ କନ୍‌ଭର୍ଟିଙ୍ଗ ଏଞ୍ଜାଇମ୍‌କୁ ବାନ୍ଧିବାରେ ସକ୍ଷମ ହୋଇଥାଏ। କୋଭିଡ୍-୧୯ ଭୂତାଣୁ ମାନବ କୋଷଗୁଡ଼ିକୁ ସଂକ୍ରମିତ ହେବାରେ ଉକ୍ତ ରିସେପ୍ଟରକୁ ବ୍ୟବହାର କରୁଥିଲା।

## ବିବିସିକୁ ୩.୪୪ କୋଟି ଜରିମାନା କଲା ଇଡି

### ଫେମା ଉଲ୍ଲଂଘନ

ନୂଆଦିଲ୍ଲୀ,୨୨।୨

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ବ୍ୟବସ୍ଥାର ଉଲ୍ଲଂଘନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି)ର ଭାରତ ଶାଖା ଉପରେ ୩.୪୪ କୋଟି ଟଙ୍କା ଜରିମାନା ଲଗାଇଛି। ଏଥିସହିତ ୨୦୨୧ ଅକ୍ଟୋବର ୧୫ରୁ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ନିୟମାବଳୀ ଅନୁପାଳନ କରିବା ତାରିଖ ପର୍ଯ୍ୟନ୍ତ ଦିନକୁ ୫,୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଫେମା ଅପରାଧର ତଦନ୍ତ କ୍ଷମତା ଇଡିକୁ ମିଳିବାର ୨ ବର୍ଷ ପରେ ୨୦୨୩ ଏପ୍ରିଲରେ ବିବିସି ବିରୋଧରେ ମାମଲା ରୁଜୁ କରିଥିଲା। ସେହିବର୍ଷ ଫେବୃଆରୀରେ ଆୟକର ବିଭାଗ ଅଧିକାରୀମାନଙ୍କ ଏକ ଟିମ୍ ବିବିସିର ନୂଆଦିଲ୍ଲୀ ଏବଂ ମୁମ୍ବାଇ କାର୍ଯ୍ୟାଳୟରେ ଚଢ଼ାଉ କରିବା ପରେ ମାମଲା ଦାଏର ହୋଇଥିଲା। ବିଦେଶରୁ ଆସୁଥିବା ଅର୍ଥକୁ ଭାରତରେ ବିବିସିର ଆୟ ଭାବେ ଦର୍ଶା ନ ଯିବା ସହ ଟିକସ ପୈଠ କରାଯାଉ ନ ଥିବାର ପ୍ରମାଣ ଚଢ଼ାଉ ବେଳେ ମିଳିଥିଲା। ୨୦୧୯ ସେପ୍ଟେମ୍ବରରେ ବ୍ରଡ୍‌କାଷ୍ଟିଂ କଣ୍ଟେଣ୍ଟ ସର୍ଭିସ ବର୍ଗ ଅଧୀନ ନୂଆ ଡିଜିଟାଲ ମିଡିଆ ଉପବର୍ଗ ଲାଗୁ ହେବା ପରେ ଡିଜିଟାଲ ମିଡିଆ ପାଇଁ ଥିବା ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ବିଭାଗର ସର୍ବାଧିକ ୨୬ ପ୍ରତିଶତ ସୀମାକୁ ବିବିସି ଉଲ୍ଲଂଘନ କରିଥିବା ଇଡି ତଦନ୍ତରୁ ଜଣାପଡ଼ିଥିଲା।

## ଓଡ଼ିଶୀ ନୃତ୍ୟଗୁରୁ ମାୟାଧର ରାଉତଙ୍କ ପରଲୋକ

ନୂଆଦିଲ୍ଲୀ, ୨୨।୨

ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କର ୯୫ ବର୍ଷ ବୟସରେ ଶନିବାର ଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ୧୯୩୦ ଜୁଲାଇ ୬ରେ କଟକ ଜିଲାରେ ଜନ୍ମିତ ମାୟାଧରଙ୍କୁ ଓଡିଶୀ ନୃତ୍ୟ ପ୍ରତି ଅତୁଳନୀୟ ଅବଦାନ ପାଇଁ ୨୦୧୦ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ଦିଗରେ ସେ ପ୍ରୟାସ କରିଛନ୍ତି। ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ସାହିତ୍ୟ କଳା ପରିଷଦ ସମ୍ମାନ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଆଦି ଅନେକ ପୁରସ୍କାରରେ ସମ୍ମାନିତ ହୋଇଥିଲେ। କଟକସ୍ଥିତ କଳା ବିକାଶ କେନ୍ଦ୍ରର ସେ ହେଉଛନ୍ତି ପ୍ରତିଷ୍ଠାତା ସଦସ୍ୟ।



## କେନ୍ଦ୍ର ୧୦,୦୦୦ କୋଟି ଦେଲେ ବି ଶିକ୍ଷାନୀତିକୁ ଗ୍ରହଣ କରିବୁ ନାହିଁ: ଷ୍ଟାଲିନ୍

ଚେନ୍ନାଇ,୨୨।୨

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ ଜୋର୍‌ଦାର ବିରୋଧ କରିଛନ୍ତି। ଏପରିକି କେନ୍ଦ୍ର ସରକାର ତାମିଲନାଡୁକୁ ୧୦,୦୦୦ କୋଟିଟଙ୍କା ଯୋଗାଇଦେଲେ ମଧ୍ୟ ରାଜ୍ୟରେ ଏନ୍‌ଇପି ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ଷ୍ଟାଲିନ୍ ଶନିବାର ଦୃଢ଼ ସ୍ୱରରେ କହିଛନ୍ତି। ଶିକ୍ଷାକୁ ନୁହେଁ, ବରଂ ହିନ୍ଦୀ ଭାଷାର ବିକାଶ ପାଇଁ ଏହି ନୀତି ଅଣାଯାଇଛି। ଏହା ଆଳରେ ଜବରଦସ୍ତ ଅଣହିନ୍ଦୀ ଭାଷୀ ରାଜ୍ୟରେ



ହିନ୍ଦୀ ଭାଷାକୁ ତୃତୀୟ ଭାଷା ନାଁରେ ଲଦିଦିଆଯାଉଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବଂ ସାମାଜିକ ନ୍ୟାୟ ବ୍ୟବସ୍ଥା ପ୍ରତି ଏହାର ପରିଣାମ ଗୁରୁତର ହେବ ବୋଲି ଷ୍ଟାଲିନ୍ ତାମିଲନାଡୁର କୁଡ୍ଡାଲୋରଠାରେ ଅଭିଭାବକ-ଶିକ୍ଷକ ସଂଗଠନକୁ ଉଦ୍‌ବୋଧନ ଦେଇ କହିଛନ୍ତି। ତାମିଲନାଡୁ ଦ୍ୱିଭାଷୀ ନୀତି ତାମିଲ ଏବଂ ଇଂଲିଶ ଉପରେ ଗୁରୁତ୍ୱ ଦେଇଆସିଛି। ଏନ୍‌ଇପି ଲାଗୁ ହେଲେ ତାମିଲନାଡୁ ୨,୦୦୦ ବର୍ଷ ତଳକୁ ଖସିଯିବ ବୋଲି ସେ କହିଛନ୍ତି।

## ସୁଡ଼ଙ୍ଗ ଭୁଶୁଡ଼ି ୮ ଶ୍ରମିକ ଫସିଥିବା ଆଶଙ୍କା

ହାଇଦ୍ରାବାଦ,୨୨।୨

ତେଲଙ୍ଗାନାରେ ଏକ ନିର୍ମାଣାଧୀନ ସୁଡ଼ଙ୍ଗର କିଛି ଅଂଶ ଶନିବାର ଭୁଶୁଡ଼ି ପଡ଼ିବାରୁ ଏହା ତଳେ ଅନ୍ୟୂନ ୮ ଜଣ ଶ୍ରମିକ ଫସିରହିଥିବା ଆଶଙ୍କା କରାଯାଉଛି। ନଗରକୁର୍ନୁଲ ଜିଲାର ଶ୍ରୀଶୈଲମ ଡ୍ୟାମ୍ ପଛ ପାର୍ଶ୍ୱରେ ଥିବା ଉକ୍ତ ଟନେଲ୍‌ର ଲିକ୍ ମରାମତି କରିବା ପାଇଁ ଶ୍ରମିକମାନେ ଯାଇଥିବାବେଳେ ଏହା ଭୁଶୁଡ଼ି ପଡ଼ିଥିଲା। ଫସି ରହିଥିବା ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ୧୦ ମିଟର ପର୍ଯ୍ୟନ୍ତ ଟନେଲ




ଭୁଶୁଡ଼ିଥିବାବେଳେ ୨୦୦ ମିଟରରୁ ଅଧିକ ଦୂର ପର୍ଯ୍ୟନ୍ତ କାଦୁଅ ମାଡ଼ିଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀ ଦୁଃଖ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଛନ୍ତି।

## ବିନା ବିଭାଗରେ ୨୦ ମାସ ମନ୍ତ୍ରୀ

ଚଣ୍ଡିଗଡ଼, ୨୨।୨

ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସରକାରରେ ମନ୍ତ୍ରୀ କୁଲଦୀପ ସିଂ ଧାଲିୱାଲ ଗତ ୨୦ ମାସ ଧରି ପ୍ରଶାସନିକ ସଂସ୍କାର ବିଭାଗ ସହ ଏନ୍‌ଆର୍‌ଆଇ ବ୍ୟାପାର ବିଭାଗର ମନ୍ତ୍ରୀ ଥିଲେ। ତେବେ ପ୍ରଶାସନିକ ସଂସ୍କାର ବିଭାଗ କେବଳ କାଗଜ କଲମରେ ହିଁ ଥିଲା। ଏହି ବିଭାଗରେ କୌଣସି କର୍ମଚାରୀଙ୍କ ଆବଣ୍ଟନ କରାଯାଇ ନ ଥିଲା। ଶନିବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜାରି ଏକ ଗେଜେଟ୍ ବିଜ୍ଞପ୍ତିରେ ଏହି ତଥ୍ୟ ସାମ୍‌ନାକୁ ଆସିଛି। ଧାଲିୱାଲଙ୍କୁ ଦିଆଯାଇଥିବା ପ୍ରଶାସନିକ ସଂସ୍କାର ବିଭାଗର ଅସ୍ତିତ୍ୱ ଶେଷ ହୋଇଥିବା ନେଇ ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଶନିବାରଠାରୁ ଧାଲିୱାଲ କେବଳ ଏନ୍‌ଆର୍‌ଆଇ ବ୍ୟାପାର ବିଭାଗ ସମ୍ଭାଳିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। କିଛି ଜାତୀୟ ଗଣମାଧ୍ୟମର ସୂତ୍ର ଅନୁଯାୟୀ, ପ୍ରଶାସନିକ ସଂସ୍କାର ବିଭାଗରେ କୌଣସି କର୍ମଚାରୀଙ୍କ ଆବଣ୍ଟନ କରାଯାଇ ନ ଥିବା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଏହି ବିଜ୍ଞପ୍ତି ସାମ୍‌ନାକୁ ଆସିଛି। ୨୦୨୩ ମେ’ରେ ପଞ୍ଜାବର ଆପ୍ ସରକାରର କ୍ୟାବିନେଟ ଅଦଳବଦଳ ବେଳେ ଧାଲିୱାଲଙ୍କୁ ପ୍ରଶାସନିକ ସଂସ୍କାର ବିଭାଗ ସହ ଏନ୍‌ଆର୍‌ଆଇ ବ୍ୟାପାର ବିଭାଗର ଦାୟିତ୍ୱ ଦିଆଯାଇଥିଲା। ଏହାପୂର୍ବରୁ ସେ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ମନ୍ତ୍ରୀ ଥିଲେ। ତେବେ ଘଟଣାକୁ ନେଇ ପଞ୍ଜାବରେ ବିରୋଧୀ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଓ ଭାଜପା ପକ୍ଷରୁ ଭଗ୍‌ୱନ୍ତ ମାନ୍‌ଙ୍କ ସରକାରକୁ ସମାଲୋଚନା କରାଯାଇଛି।



କୁଲଦୀପ ସିଂ ଧାଲିୱାଲ

## ଫୁରସତ୍



### ବିବାହକଲେ ନର୍ଗିସ୍ ଫକ୍ରି

ଲସ୍‌ଏଞ୍ଜେଲ୍ସ

ବଲିଉଡ୍ ଅଭିନେତ୍ରୀ ନର୍ଗିସ ଫକ୍ରି ଆମେରିକାର ଲସ୍‌ଏଞ୍ଜେଲ୍ସରେ ଦୀର୍ଘ ଦିନର ବୟଫ୍ରେଣ୍ଡ ତଥା ବିଜ୍‌ନେସମ୍ୟାନ ଟୋନି ବେଗ୍‌ଙ୍କୁ ବିବାହ କରିଛନ୍ତି। ଗତ ସପ୍ତାହରେ ସେ ତାଙ୍କ ପରିବାର ଓ ନିକଟ ସମ୍ପର୍କୀୟଙ୍କ ଗହଣରେ ଲସ୍‌ଏଞ୍ଜେଲ୍ସର ଏକ ବିଳାସପୂର୍ଣ୍ଣ ହୋଟେଲରେ ଟୋନିଙ୍କୁ ବିବାହ କରିଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏବେ ଏହି ଦମ୍ପତି ସୁଇଜରଲାଣ୍ଡରେ ହନିମୁନ୍ କରୁଥିବା ନେଇ କୁହାଯାଇଛି। ଶନିବାର ଏହି ଦମ୍ପତି ନିଜ ବିବାହ ପରବର୍ତ୍ତୀ ପ୍ରଥମ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ରିପୋର୍ଟ ଅନୁଯାୟୀ, ୩ ବର୍ଷ ଧରି ନର୍ଗିସ ଏବଂ ଟୋନି ରିଲେଶନ୍‌ଶିପରେ ଥିଲେ। ମୂଳତଃ ଜମ୍ମୁ-କଶ୍ମୀର ନିବାସୀ ଟୋନି ଲସଏଞ୍ଜେଲ୍ସରେ ଜଣେ ସଫଳ ବ୍ୟବସାୟୀ ଏବଂ ଇନ୍‌ଭେଷ୍ଟର ଭାବେ ପରିଚିତ। ନର୍ଗିସ ଗତ କିଛିବର୍ଷ ମଧ୍ୟରେ ଦେଇଥିବା ଅନେକ ସାକ୍ଷାତ୍‌କାରରେ ଟୋନିଙ୍କ ନାଁ ନ ନେଇ ରିଲେଶନ୍‌ଶିପ୍‌ରେ ଅଛନ୍ତି ବୋଲି ସ୍ପଷ୍ଟ କରିଥିଲେ। ଆମେରିକାରେ ରହୁଥିବା ନର୍ଗିସ ଫିଲ୍ମ ‘ରକ୍‌ଷ୍ଟାର୍’ରେ ଡେବ୍ୟୁ କରିବା ସହ ‘ମାଡ୍ରାସ୍ କାଫେ’, ‘ମେଁ ତେରା ହିରୋ’, ‘ତୋର୍‌ବାଜ୍’ ଆଦି ଫିଲ୍ମରେ ଅଭିନୟ କରିଥିଲେ। ଆଗାମୀ ଦିନରେ ସେ ‘ହାଉସ୍‌ଫୁଲ ୫’ ଫିଲ୍ମରେ ନଜରକୁ ଆସିବେ।

### ଗୋଟିଏ ଦିନରେ ୬ ବିଶ୍ୱ ରେକର୍ଡ

#### ଇତିହାସ ରଚିଲେ ୧୪ ବର୍ଷୀୟ ଭାରତୀୟ ବାଳକ

ଦୁବାଇ

ବିଶ୍ୱର ବିଭିନ୍ନ ଶ୍ରେଣୀରେ ରେକର୍ଡ ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍) ସ୍ୱୀକୃତି ପ୍ରଦାନ କରିଥାଏ। ତେବେ ନିକଟରେ ‘ହ୍ୟୁମାନ୍ କାଲ୍‌କୁଲେଟର କିଡ୍’ ଭାବେ ପରିଚିତ ମହାରାଷ୍ଟ୍ରର ୧୪ ବର୍ଷର ବାଳକ ଆର୍ଯ୍ୟନ ଶୁକ୍ଳା ମାତ୍ର ଗୋଟିଏ ଦିନରେ ୬ଟି ବିଶ୍ୱ ରେକର୍ଡ ସୃଷ୍ଟି କରି ଇତିହାସ ରଚିଛନ୍ତି। ଗତବର୍ଷ ଆର୍ଯ୍ୟନ ସବୁଠୁ କମ୍ ସମୟରେ ୫୦ଟି ପାଞ୍ଚ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ମାନସିକ ଭାବେ ଯୋଡ଼ି ଜିଡବ୍ଲ୍ୟୁଆର୍‌ରେ ନିଜ ନାମକୁ ପ୍ରଥମ ଥର ପାଇଁ ସ୍ଥାନିତ କରିଥିଲେ। ସେତେବେଳେ ‘ହ୍ୟୁମାନ୍ କାଲ୍‌କୁଲେଟର କିଡ୍’ ଭାବେ ଆର୍ଯ୍ୟନ୍ ଭାରତର ଲୋକଙ୍କ ଦୃଷ୍ଟିକୁ ଆସିଥିଲେ।

କିଛିଦିନ ତଳେ ଆର୍ଯ୍ୟନଙ୍କୁ କିଛି କଠିନ ମାନସିକ ଗଣନାରେ ବିଶ୍ୱ ରେକର୍ଡ ସ୍ଥାପନ କରିବାକୁ ଜିଡବ୍ଲ୍ୟୁଆର୍ ପକ୍ଷରୁ ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)ର ଦୁବାଇକୁ ନିମନ୍ତ୍ରଣ କରାଯାଇଥିଲା। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଆର୍ଯ୍ୟନ ଏହି କାର୍ଯ୍ୟକ୍ରମରେ ୬ଟି ଭିନ୍ନ ଭିନ୍ନ ଶ୍ରେଣୀରେ ବିଶ୍ୱ ରେକର୍ଡ ହାସଲକରି ସମସ୍ତଙ୍କୁ ଚମକାଇଛନ୍ତି। ସେ ସବୁଠୁ କମ୍ ସମୟରେ (୩୦.୯ ସେକେଣ୍ଡ) ୧୦୦ଟି ଚାରି ଅଙ୍କ ବିଶିଷ୍ଟ ସଂଖ୍ୟାକୁ ମାନସିକ ଭାବେ ଯୋଡ଼ି ବିଶ୍ୱ ରେକର୍ଡ ହାସଲ କରିଥିଲେ। ସେହିପରି ସେ ସବୁଠାରୁ ଦ୍ରୁତତମ ଭାବେ (୧ ମିନିଟ୍ ୧୦ ସେକେଣ୍ଡରେ) ୨୦୦ଟି ଚାରି ଅଙ୍କ ବିଶିଷ୍ଟ ସଂଖ୍ୟାକୁ ମାନସିକ ଭାବେ ଯୋଡ଼ି, ସବୁଠୁ କମ୍ ସମୟରେ (୧୮.୭୨ ସେକେଣ୍ଡ) ୫୦ଟି ପାଞ୍ଚ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ମାନସିକ ଭାବେ ଯୋଡ଼ି, ସବୁଠାରୁ ଦ୍ରୁତତମ ଭାବେ (୫ ମିନିଟ୍ ୪୨ ସେକେଣ୍ଡ) ୧୦ଟି ଭିନ୍ନ ଭିନ୍ନ ୨୦ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ଦଶ ଅଙ୍କ ବିଶିଷ୍ଟ ସଂଖ୍ୟାରେ ମାନସିକ ଭାବେ ବିଭକ୍ତ କରି, ସବୁଠୁ କମ୍ ସମୟରେ (୫୧.୫୯ ସେକେଣ୍ଡ) ୧୦ ଟି ଭିନ୍ନ ଭିନ୍ନ ୫ ଅଙ୍କ ବିଶିଷ୍ଟ ୨ଟି ସଂଖ୍ୟାକୁ ପରସ୍ପର ସହ ବିଭକ୍ତ କରି ଏବଂ ସବୁଠୁ ଦ୍ରୁତତମ (୨ ମିନିଟ୍ ୩୬ ସେକେଣ୍ଡ) ୧୦ ଟି ଭିନ୍ନ ଭିନ୍ନ ଆଠ ଅଙ୍କ ବିଶିଷ୍ଟ ୨ଟି ସଂଖ୍ୟାକୁ ପରସ୍ପର ସହ ଯୋଡ଼ି ଇତିହାସ ରଚିଛନ୍ତି। ୬ଟି ବିଶ୍ୱ ରେକର୍ଡ ଜିତିବା ପରେ ଆର୍ଯ୍ୟନ ତାଙ୍କ ସଫଳତା ସମ୍ପର୍କରେ ଜିଡବ୍ଲ୍ୟୁଆର୍‌କୁ କହିଛନ୍ତି, ଏଭଳି ରେକର୍ଡ କରିବା ଦିଗରେ ଭଲ ଭାବେ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି। ଏହି ବିଶ୍ୱରେକର୍ଡ ହାତେଇବା ପାଇଁ ସେ ପ୍ରତିଦିନ ପ୍ରାୟ ୫ରୁ ୬ ଘଣ୍ଟା ଅଭ୍ୟାସ କରୁଥିଲେ। ସେହିପରି ମାନସିକ ଭାବେ ଗଣନା କରିବାରେ ପ୍ରତିଦିନ ଯୋଗ ଏବଂ ଧ୍ୟାନ କରିବା ସହାୟକ ହୋଇଥାଏ ବୋଲି ଆର୍ଯ୍ୟନ କହିଛନ୍ତି।

ଗ୍ଲୋବାଲ୍ ମେଣ୍ଟାଲ୍ କାଲ୍‌କୁଲେଟର ଆସୋସିଏସନ୍ (ଜିଏମ୍‌ସିଏ) ଅନୁଯାୟୀ, ଆର୍ଯ୍ୟନ ୬ ବର୍ଷ ବୟସରୁ ମାନସିକ ଗଣିତ ଏବଂ ଗଣନା ଅଭ୍ୟାସ କରି ଆସୁଛନ୍ତି। ୨୦୨୨ରେ ସେ ମାତ୍ର ୧୧ ବର୍ଷ ବୟସରେ ଜର୍ମାନୀରେ ଆୟୋଜିତ ମେଣ୍ଟାଲ୍ କାଲ୍‌କୁଲେଟର ବିଶ୍ୱକପ ଜିତିଥିଲେ। ସେହିପରି ଆର୍ଯ୍ୟନ ଅତୀତରେ ଅନେକ ଅନ୍ତର୍ଜାତୀୟ ଟାଇଟଲ ଜିତିଛନ୍ତି।



ଆର୍ଯ୍ୟନ ଶୁକ୍ଳା

## ସଂକ୍ଷେପରେ

### ହାଇଦ୍ରାବାଦରେ ଓଡିଆ ଶ୍ରମିକଙ୍କୁ ହତ୍ୟା ଅଭିଯୋଗ

ବେଲପଡା,୨୨।୨ (ମନୋଜ କୁମାର ମିଶ୍ର) : ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଅଏଲାଭଟା ଗ୍ରାମର ଜଣେ ଯୁବକଙ୍କୁ ହାଇଦ୍ରାବାଦରେ ହତ୍ୟା କରାଯିବା ନେଇ ପରିବାର ଲୋକେ ସ୍ଥାନୀୟ ଥାନାରେ



ଅଭିଯୋଗ କରିଛନ୍ତି। ମୃତକ ହେଲେ ଅଏଲାଭଟା ଗାଁର ଥବିର ଖର୍ସେଲଙ୍କ ପୁଅ ବିଜୁ ଖର୍ସେଲ (୨୨)। ପ୍ରକାଶ ଯେ, ବିଜୁ ଗୋଟିଏ ସପ୍ତାହ ହେବ ଖପ୍ରାଖୋଲ ବ୍ଲକ ମାଲପଡା ଗ୍ରାମର ତାଙ୍କ ସାଙ୍ଗ ନରେନ୍ଦ୍ର ଖର୍ସେଲଙ୍କ ସହ ହାଇଦ୍ରାବାଦର ଗାଗାଲାପୁର ଅଞ୍ଚଳର ଏକ ମେଡିସିନ କମ୍ପାନୀକୁ ଯାଇଥିଲେ । ସେଠାରେ ପହଞ୍ଚି ମେଡିସିନ କମ୍ପାନୀରେ ନିୟୋଜିତ ହୋଇଥିଲେ । ଦୁହେଁ ନିକଟରେ ଥିବା ଏକ ଘର ଭଡା ନେଇ ରହୁଥିଲେ । ତାଙ୍କ ସହ ଅନ୍ୟ ଯୁବକମାନେ ସେଠାରେ ରହୁଥିଲେ । ଦୁଇଦିନ ତଳେ ନରେନ୍ଦ୍ର , ବିଜୁଙ୍କ ବାପାଙ୍କୁ ଫୋନ କରି ତମ ପୁଅ ଅନ୍ୟ ଜଣେ ଯୁବକଙ୍କ ସହ ଝଗଡା କରୁଛି । ତାଙ୍କୁ ଚୁପ ରହିବାକୁ କୁହ ବୋଲି ଜଣାଇଥିଲେ । ଅନ୍ୟପଟେ କମ୍ପାନୀର କେତେଜଣ ବ୍ୟକ୍ତି ଯାଇ ବୁଝାମଣା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା । ତେବେ ଶନିବାର ସକାଳେ ବିଜୁଙ୍କ ମୃତଦେହ ଏକ କୂଅରେ ପଡିଥିବା ଦେଖିବାକୁ ମିଳିଥିଲା। ସେଠାକାର ପୋଲିସ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ପରିବାର ଲୋକେ ଖବର ପାଇ ବେଲପଡା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି ।

### ମଣ୍ଡଳସ୍ତରୀୟ କିଶୋରୀ ମେଳା

ଖଡ଼ିଆଳ,୨୨।୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ାଠାରେ ଆଇସିଡିଏସ୍ ଅଞ୍ଚଳ ପରିଦର୍ଶିକା ଶକୁନ୍ତଳା ନାଗଙ୍କ ଅଧ୍ୟକ୍ଷତାରେ ଶନିବାର କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିନ୍ଦାଗୁଡ଼ା, ମାଣ୍ଡୋସିଲ ଓ ଗଡ୍ରାମୁଣ୍ଡା ପଞ୍ଚାୟତ ଅଞ୍ଚଳର କିଶୋରୀମାନେ ଯୋଗଦେଇଥିଲେ। ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଖବରଦାତା କୁନାଲ ଚରଣ ବେହେରା ମୁଖ୍ୟ ଅତିଥି ଓ ଖବରଦାତା ଯୁଗଳ କିଶୋର ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟକର୍ମୀ କୈଳାସ ଲିମା କିଶୋରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅପପୁଷ୍ଟିରୁ କିଭଳି ବର୍ତ୍ତିବେ ସେ ଉପରେ ସଚେତନ କରିଥିଲେ। ମଣ୍ଡଳ ସୁପରଭାଇଜର କିଶୋରୀଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା, ବାଲ୍ୟ ବିବାହ ରୋକିବା ଦିଗରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ ପୁଚି, ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ପଣ୍ଡା, ପ୍ରତିଭା ହଂସ, ସୁଷମା ଦୁରିଆ, ଅହଲ୍ୟା କରୁଆଁ, ମାଧୁରୀ ଛତ୍ରିଆଁ ଉପସ୍ଥିତ ଥିଲେ।

# ବଢୁଛି ଚୋରି, ଟେର୍ ପାଉନି ପୋଲିସ

ଭବାନୀପାଟଣା,୨୨।୨(ଉତ୍ତମ କୁମାର ଦାଶ)

- କଳାହାଣ୍ଡି ବଣିକ ସଂଘର ଖବରଦାତା ସମ୍ମିଳନୀ
- ସଭାପତିଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାରକୁ ନେଇ ଉଦ୍‌ବେଗ

ଭବାନୀପାଟଣା ସହର ଓ ଉପକଣ୍ଠ ଅଞ୍ଚଳରେ କ୍ରମାଗତ ଚୋରି ଘଟଣା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଗତ ସପ୍ତାହରେ ୭ଟି ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚୋରମାନେ ନଜର ପକାଇଥିଲେ। କେଉଁଠି ଶର୍ଟର ତାଡି ଦୋକାନ ଭିତରେ ପଶିଛନ୍ତି ତ ଅନ୍ୟ କେଉଁଠି ଦୋକାନ ଭାଙ୍ଗି ଟଙ୍କା ଲୁଟିଛନ୍ତି। ଏମିତି କି ଦୁଇଟି ଗହଣା ଦୋକାନରୁ ଗ୍ରାହକ ରୂପେ ଆସି ଚତୁରତାର ସହିତ ସୁନା ଚୋରାଇ ଫେରାର ହୋଇଛନ୍ତି। ସବୁ ଚୋରି ମାମଲାର ସିସିଟିଭି ଫୁଟେଜ ରହିଛି। ଏହା ପରେ ମଧ୍ୟ ପୋଲିସ ଚୋରଙ୍କ ଟେର ପାଉନାହିଁ। କ୍ରମାଗତ ଚୋରିକୁ ନେଇ ବ୍ୟାବସାୟୀମାନେ ଏକ ପ୍ରକାର ଆତଙ୍କିତ ହେବା ପରେ ବିଭିନ୍ନ ସମୟରେ କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ ସାହୁ ଓ ଦୋକାନୀମାନେ ଏସ୍‌ପି ଅଭିଲାଷ ଜୀଙ୍କୁ ସାକ୍ଷାତ କରିଥିଲେ। ଗତ ଶୁକ୍ରବାର ପୁନର୍ବାର ଏସ୍‌ପିଙ୍କୁ ବଣିକ ସଂଘ ସଭାପତି ଓ କିଛି ବ୍ୟବସାୟୀ ଭେଟି ସେମାନଙ୍କ ଦୁଃଖ ଜଣାଇବା ପୂର୍ବରୁ ହଠାତ୍ ଏସ୍‌ପି ସଭାପତି ସାହୁଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ବ୍ୟବସାୟୀ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଏହି ପ୍ରସଙ୍ଗକୁ ନେଇ ବଣିକ ସଂଘ ପକ୍ଷରୁ ଶନିବାର ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଚୋରି ବୃଦ୍ଧି କାରଣରୁ ଆତଙ୍କିତ ସହରବାସୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହିତ ସଂଘ ସଭାପତିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କ ବ୍ୟବହାର ପ୍ରସଙ୍ଗ ମଧ୍ୟ ଗଣମାଧ୍ୟମକୁ ଜଣାଇଥିଲେ। ଭବାନୀପାଟଣା ଟାଉନ ଥାନା ସମେତ ଅଧିକାଂଶ ଥାନା ପରିସ୍ଥିତି ଦିନକୁ ଦିନ ବିଗୁଡୁଛି। ଠିକ ଭାବେ ପୋଲିସ ଏତାଲା ରଖୁନାହାନ୍ତି। ଏତଲା ରଖିଲେ ରେଜିଷ୍ଟ୍ରେଶନରେ ବିଳମ୍ବ ହେଉଛି। ଥାନାରେ ପୋଲିସ ଯଦି ଉଚିତ ନ୍ୟାୟ ଦେବାରେ ସାମାନ୍ୟତମ ଉଦ୍ୟମ କରିଥିଲେ ଏସ୍‌ପିଙ୍କ ପର୍ଯ୍ୟନ୍ତ ଯିବାକୁ ପଡି ନ ଥାନ୍ତା। ସହରର ଏକ ମୋବାଇଲ ଦୋକାନରୁ ୫୦ଲକ୍ଷ ଟଙ୍କାର ମୋବାଇଲ ଚୋରିଯିବା ପରେ ଠିକଣା ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ପରେ ବହୁ ଝାଡ଼ଖଣ୍ଡ ଅଞ୍ଚଳରୁ ଚୋରଙ୍କୁ ଧରିଥିଲେ ମଧ୍ୟ ଗୋଟିଏ ବି ମୋବାଇଲ ଉଦ୍ଧାର ହୋଇପାରିଲାନି। ବୋଲି ଦୋକାନ ମାଲିକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଆସନ୍ତା ୫ଦିନ ମଧ୍ୟରେ ସହର ତଥା ଜିଲାରେ ଚୋରି ଡକାୟତି ଭଳି ଅପରାଧ ଯଦି ନିୟନ୍ତ୍ରଣକୁ ନ ଆସେ ତେବେ ବଣିକ ସଂଘ ତରଫରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଂଘ ସଭାପତି ବିଜୟ ସାହୁ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବଣିକ ସଂଘର ସାଧାରଣ ସମ୍ପାଦକ ନିରୋଦ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ନେଇ ଏସ୍‌ପି ଅଭିଲାଷ ଜୀଙ୍କୁ ପଚାରିବାରୁ ସେ କହିଛନ୍ତି, ଇତିମଧ୍ୟରେ ଯେତେ ଚୋରି ଘଟଣା କଥା କୁହାଯାଉଛି ସେଥିରେ କିଛି ବିଶେଷ କ୍ଷତି ହୋଇନାହିଁ। କିନ୍ତୁ ଚୋରି ଉଦ୍ୟମ କରିବା କିମ୍ବା ମୋଡ଼ ଅଫ ଅପରେଶନକୁ ଦୃଷ୍ଟିରେ ରଖି ପୋଲିସ କାର୍ଯ୍ୟ କରୁଛି। ବଣିକ ସଂଘ ସଭାପତିଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗରେ ସେ କହିଲେ, ଯାହା ଦୋକାନରୁ ଚୋରି ଯାଇଛି ସେମାନେ ସିଧାସଳଖ ମୋ ସହିତ ଯୋଗାଯୋଗ କରିବା ପରିବର୍ତ୍ତେ ସଂଘ ସଭାପତି ବାରମ୍ବାର ଆସିବାରୁ ମୁଁ ବାହାରକୁ ଯାଆନ୍ତୁ ବୋଲି କହିଲି ବୋଲି ପ୍ରକାଶ କରିଥିଲେ। ମୁଁ କାହାକୁ ଜାଣିଶୁଣି ଖରାପ ବ୍ୟବହାର କରି ନ ଥିବା ସ୍ପଷ୍ଟ କରିଥିଲେ।

### ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ

ନୂଆପଡ଼ା,୨୨।୨ (ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ୍ ତରବୋଡ଼ ଗାଁରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯାଦବ ସମାଜର ଶତାଧିକ ମହିଳାପୁରୁଷ ସଂକୀର୍ତ୍ତନ ସହ କଳସ ଶୋଭାଯାତ୍ରାରେ ନଗର ପରିକ୍ରମାକରି ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ଡ୍ୟଜମାନ କମ୍ବୁପାଣି ବେମାଲ ଦାନ କରିଥିବା ରାଧାକୃଷ୍ଣ ମୂର୍ତ୍ତିକୁ ମନ୍ଦିରରେ ସ୍ଥାପନ ପରେ ନାମଯଜ୍ଞ ଆୟୋଜିତ ହୋଇଥିଲା। ଏହାସହ ମନ୍ଦିର ପ୍ରତିଷ୍ଠା, ସୂର୍ଯ୍ୟପୂଜା ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଟିପନ ବେମାଲ, ମହରଗୀ ବେମାଲ, ପିତମନ ବେମାଲ, ରୁକ୍ମିଣୀ ବେମାଲ, ଶିବଶଙ୍କର ବେମାଲ, ସରିତା ବେମାଲ, ପୁରନ୍ଦର ଗହୀର ଓ ତାଙ୍କ ଧର୍ମପତ୍ନୀ ପାର୍ବତୀ ଗହୀର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ମାନଭଞ୍ଜନ ତ୍ରିପାଠୀ, ଘନଶ୍ୟାମ ମହାପାତ୍ର, ସୂର୍ଯ୍ୟ କୁମାର ତ୍ରିପାଠୀ ଓ ଗଣେଶ ରାମ ହଂସ ପୂଜକ ଭାବରେ ରହିଥିଲେ। ସମାଜ ସଭାପତି କାର୍ତ୍ତିକ କାଣ୍ଡ, ଲିଙ୍ଗରାଜ ଖର୍ସେଲ ପ୍ରମୁଖ ଆୟୋଜନ କରିଥିଲେ ।




ଦୁର୍ଗମ ଲଖନାପଡ଼ାରେ ଦମନ କାର୍ଯ୍ୟକ୍ରମରେ ଲୋକଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଉଛି।

# ହାତ ପାଆନ୍ତାରେ ସ୍ୱାସ୍ଥ୍ୟସେବା ପାଇଲେ ଅଞ୍ଚଳବାସୀ

ଭବାନୀପାଟଣା/ଜୁନାଗଡ଼,୨୨।୨ (ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)

**ଦୁର୍ଗମଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗର ଦମନ କାର୍ଯ୍ୟକ୍ରମ**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଡିଦର ପଞ୍ଚାୟତର ଦୁର୍ଗମ ଲଖନାପଡ଼ାରେ ଶନିବାର ଦମନ (ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ସାସ୍ଥ୍ୟ ବିଭାଗ ଓ ବିଏଚ୍‌ଆର୍‌ସି ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଲଖନାପଡା ସମେତ ବିଜରାଦର ଓ ବେହେରାଗୁଡା ଗ୍ରାମର ୧୬୫ ଜଣଙ୍କୁ ମାଗଣା ଚିକିତ୍ସା କରାଯିବା ସହ ରୋଗ ଅନୁଯାୟୀ ଔଷଧ ବଣ୍ଟନ କରାଯାଇଥିଲା। ଏଥିସହ ରକ୍ତ ନମୁନା ପରୀକ୍ଷା କରି ୨୫ଜଣଙ୍କୁ ମ୍ୟାଲେରିଆ ହୋଇଥିବା ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ମ୍ୟାଲେରିଆ ଔଷଧ କିଟ୍ ପ୍ରଦାନ କରାଯାଇ ଠିକ୍ ସମୟରେ ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବୟସ୍କ ଲୋକଙ୍କଠାରୁ ଆରମ୍ଭ କରି ଶିଶୁ, ଗର୍ଭବତୀ, ଯୁବତୀ, ଯୁବକ ସମସ୍ତେ ହାତ ପାହାନ୍ତାରେ ସ୍ୱାସ୍ଥ୍ୟ ସେବା ପାଇଥିଲେ। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଭଗବାନ ପଣ୍ଡାଙ୍କ ନେତୃତ୍ୱରେ ଡା. ସ୍ୱାଗତ ବିଶ୍ୱାଳ, ଶୁଭମ୍ ଶାରଦା ପ୍ରଧାନ, ଭାଲ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମଚାରୀ ସାମିଲ ହୋଇ ଏହାକୁ ପରିଚାଳନା କରିଥିଲେ।ସେହିପରି ବିଏଚ୍‌ଆର୍‌ସିର ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫା ଓ ତାଙ୍କ ଟିମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ବିଡିଓଙ୍କ ନାମରେ ଜିଲାପାଳଙ୍କୁ ଅଭିଯୋଗ

କେସିଙ୍ଗା,୨୨।୨(ଡୁମେଶର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ପୂର୍ବତନ ବିଡିଓ ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ୍ କରିଥିବା ନେଇ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଏହି ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଖେଳ ସାମଗ୍ରୀ କ୍ରୟ କରିବା ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଠିକ୍ ଭାବରେ ନ କରି ବିଭିନ୍ନ ଏଜେନ୍ସିଠାରୁ ନିମ୍ନମାନର ସାମଗ୍ରୀ ଆଣି ଗ୍ରାମପଞ୍ଚାୟତକୁ ଯୋଗାଇ ଦିଆଯାଇଛି। ପୁଣି ନିର୍ଦ୍ଧାରିତ ସାମଗ୍ରୀଠାରୁ କମ୍ ଦିଆଯାଇଛି। ବାହାଦୁର ପଦର ହାଇସ୍କୁଲରେ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଛି। ସେହିପରି ପଞ୍ଚାୟତ ସମିତି ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟରେ ଟଙ୍କା ହଡ଼ପ ହୋଇଛି। ଛାଞ୍ଚେରର ଗ୍ରାମପଞ୍ଚାୟତର ଆମ ବ୍ୟାଙ୍କ କାର୍ଯ୍ୟ ଓ ବ୍ଲକର ସମସ୍ତ ବସ୍ ରହଣିସ୍ଥଳ କାମରେ ଅଧିକ ବିଲ କରି ଟଙ୍କା ଆତ୍ମସାତ କରାଯାଇଛି। ସର୍ବଶିକ୍ଷା ଅଭିଯାନର ବିଭିନ୍ନ ସ୍କୁଲକୁ ଆସିଥିବା ଟଙ୍କା କୌଣସି କାମ ନ କରି ଆତ୍ମସାତ କରାଯାଇଛି ବୋଲି ସମିତି ସଭ୍ୟାସଭ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଅସରପ୍ରାପ୍ତ ବିଡ଼ିଓ ପଦ୍ମନାଭ ପୁରୋହିତଙ୍କୁ ପଚାରିବାରୁ ମୁଁ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଦୁର୍ନୀତି କରିଥିବାରୁ ତଦନ୍ତ ପାଇଁ ଜିଲାପାଳ ଓ ଭିଜିଲାନ୍ସ ନିକଟରେ ଲିଖିତ ଅଭିଯୋଗ କରିଛି। ବର୍ତ୍ତମାନ ମୁଁ ଅବସର ନେବା ପରେ ମୋତେ ବଦନାମ କରିବାକୁ ଷଡଯନ୍ତ୍ର କରିଛନ୍ତି। ଏହା ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ସେ ପ୍ରକାଶ କରିଥିଲେ।

### ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଖଡ଼ିଆଳ,୨୨।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଷ୍ଟମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି, ଅବସପ୍ରାପ୍ତ ଇଂରାଜୀ ପ୍ରାଧାପକ ଡ. ବିଜୟ ଦେ ମୁଖ୍ୟବକ୍ତା ଓ ପରିଚାଳନା କମିଟି ସଭାପତି ଡ. ଫଣିନ୍ଦମ ଦେଓ, ସଦସ୍ୟ ଡ. ରାମଚନ୍ଦ୍ର ମିଶ୍ର, ବଜରଙ୍ଗ ଅଗ୍ରୱାଲ, ପ୍ରଶାସନିକ ଅଧିକାରୀ ଡ. ଭୁବନେଶ୍ୱର ମୁଦୁଲି, ଛାତ୍ରସଂସଦ ଉପସଭାପତି ପ୍ରମୋଦ କର, ଡ. ଲିଙ୍ଗରାଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ଶ୍ରୀକାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରଥମ ମୁଖପତ୍ର ବହୁବର୍ଣ୍ଣା ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୋସଲି ନାଟକ ପରିବେଷଣ କରାଯାଇଥିଲା। ଏଥିରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

### ଏକ୍ସ କ୍ୟାଡର ଶିକ୍ଷକଙ୍କୁ ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ ଦାବି

ଖଡ଼ିଆଳ, ୨୨।୨ (ସୁଜିତ କୁମାର ପ୍ରଧାନ)

ରାଜ୍ୟରେ ୧୮,୫୧୨ ଜଣ ଗଣଶିକ୍ଷକ ଗତ ୧।୩।୨୦୧୭ ମସିହାଠାରୁ ନିୟମିତ ଶିକ୍ଷକ ମାନ୍ୟତା ପାଇଛନ୍ତି। ଜଣେ ସରକାରୀ କର୍ମଚାରୀଙ୍କୁ ଟ୍ରେଜେରି ମାଧ୍ୟମରେ ଦରମା ଦେବା ନିୟମ ଥିବାବେଳେ ଗଣଶିକ୍ଷକମାନଙ୍କୁ ଏକ୍ସ କ୍ୟାଡ଼ରରେ ନିୟମିତ କରି ସମଗ୍ର ଶିକ୍ଷା ଅଭିଯାନ ଫଣ୍ଡରୁ ଦରମା ଦିଆଯାଉଛି। ଫଳରେ ନିୟମିତ ଦରମା ମିଳିପାରୁନାହିଁ। ରାଜ୍ୟ ଏକ୍ସ କ୍ୟାଡ଼ର ମହାସଂଘ କର୍ମକର୍ତ୍ତା ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ବିଭିନ୍ନ ଜିଲାରେ ଏକ୍ସ କ୍ୟାଡ଼ର ଶିକ୍ଷକମାନେ ଡିସେମ୍ବର ମାସରୁ ଦରମା ପାଇନାହାନ୍ତି। ଏଣୁ ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକମାନଙ୍କୁ କ୍ୟାଡ଼ରଭୁକ୍ତ ସହ ଡେପୁଟେଶନ ବାତିଲ କରି ଟ୍ରେଜେରି ମାଧ୍ୟମରେ ଦରମା ଦେବାକୁ ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ସରକାରଙ୍କଠାରେ ଦାବି କରିଛନ୍ତି।

# କୃଷି ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକ

ନୂଆପଡ଼ା,୨୨।୨ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର କୃଷି ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ କୃଷି ନିର୍ଦ୍ଦେଶକ ତଥା ଯୋଜନା ଅଧିକାରୀ ସମାପ୍ତିକା କର ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଜିଲାରେ ୨୦୨୪ ଖରିଫ ଋତୁରେ ୨୩ ଲକ୍ଷ କୁଇଣ୍ଟାଲ ଧାନ, ୫୫ ହଜାର କଇଣ୍ଟାଲ କପା ଓ ୧୬ ହଜାର କୁଇଣ୍ଟାଲ ମାଣ୍ଡିଆ ମଣ୍ଡି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଓ ୧୧ ହଜାର ୮୭୨ କୁଇଣ୍ଟାଲ ମକା ଉତ୍ପାଦକ କମ୍ପାନୀ ମାଧ୍ୟମରେ କିଣା ହୋଇଥିବା ସୂଚନା ଦେଇ ଜିଲାପାଳ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ବ୍ଲକର କୃଷି ଅଧିକାରୀମାନେ ଗୋଟିଏ ଲେଖାଏ ସଫଳ କୃଷକର କାହାଣୀ ଉପସ୍ଥାପନ କରିଥିଲେ। ପ୍ରବାସୀ ଶ୍ରମିକଙ୍କୁ ସମନ୍ୱିତ କୃଷି ପ୍ରଣାଳୀ ଯୋଜନାରେ ସାମିଲ କରି ଆହୁରି ଭଲ କାମ କରିବା ପାଇଁ ଜିଲାପାଳ କୃଷି ବିଭାଗର ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ଏହି ବୈଠକରେ ଜିଲାର ସମସ୍ତ ବ୍ଲକର କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ସମସ୍ତ ଏନ୍‌ଜିଓ କର୍ମଚାରୀ ଉପସ୍ଥିତ ଥିଲେ।

### ଭାଷା ହେଉଛି ଗୋଟିଏ ଜାତିର ପରିଚୟ

ଭବାନୀପାଟଣା,୨୨।୨(ଉତ୍ତମ କୁମାର ଦାଶ)

**ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିବିଏ ଓ ବିସିଏ ବିଭାଗର ମିଳିତ ଉଦ୍ୟମରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ବୁଝାଇବା ସହ ଭାଷା ହେଉଛି ଗୋଟିଏ ଜାତିର ପରିଚୟ ବୋଲି କହିଥିଲେ। ସେହିପରି କୁଳସଚିବ ପିତାମ୍ବର ଭୋଇ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମାତୃଭାଷାର ଉପଯୋଗିତା ପ୍ରସଙ୍ଗରେ ମୁଖ୍ୟବକ୍ତା ଡ. ଉମେଶ ଚନ୍ଦ୍ର ଶତପଥୀ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭାଷା ଅମୃତ ପାନ କରାଇଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ଦିବସ ଅବସରରେ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। ବିସିଏ ବିଭାଗର ଅଧ୍ୟାପିକା ଶ୍ରାବଣୀ ପ୍ରିୟଦର୍ଶିନୀ ଦାସ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଶୁଭାଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଘାରିଛି ପାଣି ଚିନ୍ତା



ତରିଆ ମହୁଆଭଟା ଗାଁରେ ନିର୍ମିତ ଭୂତଳ ପାଣିଟାଙ୍କି।

ନୂଆପଡ଼ା,୨୨।୨ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ୍ ଆମାନାରା ପଞ୍ଚାୟତର ବିଭିନ୍ନ ଗାଁରେ ଗ୍ରୀଷ୍ମପ୍ରବାହ ପୂର୍ବରୁ ଜଳସଙ୍କଟ ଦେଖାଦେଲାଣି। ପରିସ୍ଥିତି ଏପରି ହୋଇଛି ରାତି ପାହିଲେ ଲୋକଙ୍କୁ ପାଣି ଚିନ୍ତା ଘାରୁଛି। ଆମାନାରା, ପାୱାରଡୋଳା, ମୋହରାଡିହି ଗାଁର ଲୋକେ ବନ୍ଧ, ମୁଡା ବା ନାଳ ପାଣି ସଂଗ୍ରହକରି ବ୍ୟବହାର କରୁଛନ୍ତି। ତରିଆ ମହୁଆଭଟା ଗାଁରେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ୨ କି.ମି. ଦୂରକୁ ଯାଇ ପାଣି ଆଣି ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ, ୨୦୧୦-୧୧ରେ ବସୁଧା ଯୋଜନାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତରିଆ ମହୁଆଭଟା ଗାଁରେ ଏକ ଭୂତଳ ପାଣିଟାଙ୍କି ନିର୍ମାଣ ହୋଇଥିଲା। ପାୱାରଡୋଳା ସତ୍‌ନାମୀପଡ଼ା ଜୋଙ୍କ ନଦୀରୁ ବୋର୍‌ୱେଲ ମାଧ୍ୟମରେ ପାଣି ଉଠାଣକରି ଭୂତଳ ଟାଙ୍କିରେ ଭର୍ତ୍ତିକରି ଆମାନାରା, ମୋହରାଡିହି, ପାୱାରଡୋଳା ଓ ତରିଆ ମହୁଆଭଟା ଗାଁକୁ ଜଳ ଯୋଗାଣ ହେଉଥିଲା। ହେଲେ ପ୍ରାୟ ୧ବର୍ଷ ହେବ ବୋର୍‌ୱେଲ ଅଚଳ ହୋଇଯିବାରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଫଳରେ ତରିଆ ମହୁଆଭଟାର ଗାଁ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗାଁର ଡଙ୍ଗରପଡ଼ା, ମଝିଆପଡ଼ା ଓ ବସ୍ତି ପଡ଼ାରେ ୩୫୦ରୁ ଅଧିକ ଲୋକ ବସବାସ କରୁଥିବା ବେଳେ ୪ଟି ନଳକୂଅ ରହିଛି। ହେଲେ ସେଥିରୁ ଫ୍ଲୋରାଇଡ୍‌ଯୁକ୍ତ ପାଣି ବାହାରୁଥିବାରୁ ପ୍ରଶାସନ ପକ୍ଷରୁ ନିଷିଦ୍ଧ ଘୋଷଣା କରାଯାଇ ସବୁ ନଳକୂଅରେ ଛକି ଚିହ୍ନ ମରାଯାଇଛି । ପାଣି ଅଭାବରୁ ଲୋକେ ବାଧ୍ୟହୋଇ ସେହି ନଳକୂଅ ପାଣି ଶୌଚ, ସ୍ନାନ ପାଇଁ ବ୍ୟବହାର କରୁଥିବା ବେଳେ ଖାଇବା ପାଇଁ ୨ରୁ ୩ କି.ମି. ଯାଇ ପାଣି ଆଣୁଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ବଡ଼େଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

**ଏମାନେ ଯାହା କୁହନ୍ତି...**



“ଆମାନାରା ପଞ୍ଚାୟତର ଆଧିକାଂଶ ଗାଁରେ ପାଣି ସମସ୍ୟା ରହିଛି। ଏ ନେଇ ବିଭାଗୀୟ କର୍ମଚାରୀଙ୍କୁ ଫୋନ କଲେ ଅଚଳ ନଳକୂଅ ମରାମତି ସହ ଗ୍ରାମ୍ୟ ଜଳ ଯୋଗାଣ ବୋର୍‌ୱେଲ ମରାମତି କରାଯିବ ବୋଲି କହୁଛନ୍ତି। ହେଲେ ୧ବର୍ଷରୁ ଉର୍ଦ୍ଧ୍ୱ ହେବ କାହାରି ଦେଖାନାହିଁ।

–ଗଙ୍ଗେଶ୍ୱରୀ ସିହ୍ନା, ସରପଞ୍ଚ



“ଜଙ୍ଗଲିଆ ଅଞ୍ଚଳରେ ସବୁବେଳେ ବନ୍ୟଜନ୍ତୁ ଆତଙ୍କ ଲାଗି ରହିଛି । ଲୋକେ ଭୟରେ ନିଜ ଜମିକୁ ଚାଷ କରିବାକୁ ଯାଉନାହାନ୍ତି। ତେଣୁ ପାଣି ପାଇଁ ଦୂରକୁ ଯାଇ ନ ପାରି ତରିଆ ମହୁଆ ଭଟା ଗ୍ରାମବାସୀ ଅଭିଶପ୍ତ ଜୀବନ ବିତାଉଛନ୍ତି ।

–ଅର୍ଜୁନ ନାଏକ, ୱାର୍ଡମେମ୍ବର



“ପାଣି ଅସୁବିଧା ପାଇଁ ଗ୍ରାମବାସୀ ନୂଆପଡ଼ା ଯାଇ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବରେ ଜଣାଇଥିଲୁ। ଜିଲାପାଳ ୧ସପ୍ତାହ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୧ ମାସରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ ଏହାର ସମାଧାନ ହେଲା ନାହିଁ। –ଛବିଲାଲ ନାଏକ, ଗ୍ରାମବାସୀ



“ପାଣି ଅଭାବ ଯୋଗୁ ଶୌଚ ସ୍ନାନ ପାଇଁ ବହୁ ଅସୁବିଧା ହେଉଛି। ଏଥିପାଇଁ ୨ କି.ମି. ଦୂର ପାୱାରଡୋଳା ଗାଁ ପୋଖରୀକୁ ଯାଉଛୁ । ପୋଖରୀ ପାଣି ଅଳ୍ପଦିନ ମଧ୍ୟରେ ଶୁଖିଯିବ। ତେଣୁ ସବୁଦିନିଆ ବ୍ୟବସ୍ଥା କରାଯିବା ଦରକାର।

–ଶୈତୁଲତା ଦଣ୍ଡସେନା, ଗୃହିଣୀ



“ଆମେ ଗ୍ରାମବାସୀ ଜିଲା ପ୍ରଶାସନଠାରେ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ପାଣି ସମସ୍ୟା ସମାଧାନ ହେଲାନାହିଁ। ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛୁ।

–ଘନଶ୍ୟାମ ନାଏକ, ଗ୍ରାମବାସୀ

## ସଂକ୍ଷେପରେ

### ମାର୍ଚ୍ଚ ୧୬ରେ ଆଲୋକରେ ଶବ୍ଦନୃତ୍ୟ ପୁସ୍ତକର ଉନ୍ମୋଚନ

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଏକ ଘରୋଇ ସ୍କୁଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ଡଃ ତପସ୍ୱିନୀ ଗୁରୁ ସଭାପତିତ୍ୱ କରିଥିଲେ। ଶବ୍ଦନୃତ୍ୟର ପ୍ରଣେତା ଗୁରୁ ଭଗବାନ ସାହୁଙ୍କ ଆଦର୍ଶ ପଟ୍ଟଶିଷ୍ୟ ଶାସ୍ତ୍ରୀୟ ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନଙ୍କ ରଚିତ ଶାସ୍ତ୍ରୀୟ ପ୍ରାମାଣିକ ପୁସ୍ତକ ଆଲୋକରେ ଶବ୍ଦନୃତ୍ୟର ପ୍ରଥମ ଭାଗ ଆସନ୍ତା ମାର୍ଚ୍ଚ ମାସ ୧୬ତାରିଖ ପୂର୍ବାହ୍ନ ୧୦ଟାରେ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରରେ ଉନ୍ମୋଚିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଦଧିବାବନ ଶତପଥୀ, ଯୁଗଳ ପ୍ରସାଦ ସିଂ, କୃଷ୍ଣଚନ୍ଦ୍ର ପଣ୍ଡା, ତୁଳସୀ ଚରଣ ଦାଶ, ସନ୍ତୋଷ କୁମାର ଦାଶ, ଅଚ୍ୟୁତାନନ୍ଦ ବାରିକ, ଡଃ ଯଶବୀର ସିଂ ସୈନି, ମୁଖ ଯୋଗଦାନ କରିଥିଲେ।

### ଜାତୀୟସ୍ତରୀୟ କବାଡ଼ିରେ ବରଗଡ଼ର ଖେଳାଳି

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)–** ବରଗଡ଼ ଜିଲାର ଉପାନ୍ତ ଅମ୍ବାଭୋନା ବ୍ଲକ ଉତ୍ତମ ପଞ୍ଚାୟତ ଅନ୍ତର୍ଗତ



ଲେଲେହେର ଗ୍ରାମର ଜୟନ୍ତ ସାହୁ(୨୦) ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେ ବର୍ତ୍ତମାନ ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ଯୁକ୍ତତିନି ବିଜ୍ଞାନର ଦ୍ୱିତୀୟବର୍ଷ ଛାତ୍ର। ମା’ ସୁଭଦ୍ରା, ବାପା ହୀରାଧରଙ୍କ ପୁଅ ଜୟନ୍ତ ପିଲାବେଳୁ କବାଡ଼ି ପ୍ରତି ଆଗ୍ରହ ରଖିଥିବାବେଳେ ଭଲିବଲ, କ୍ରିକେଟ ଏବଂ ବ୍ୟାଡ଼ମିଣ୍ଟନ ପ୍ରତି ମଧ୍ୟ ତାଙ୍କ ରୁଚି ରହିଛି। ତେବେ ସେ ରବିବାରରୁ କଟକ ଇନଡ଼ୋର ଷ୍ଟାଡ଼ିୟମରେ ହେବାକୁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେବାକୁ ଶନିବାର ଗ୍ରାମରୁ କଟକ ଅଭିମୁଖେ ବାହାରିଛନ୍ତି। ଜୟନ୍ତଙ୍କ ଶୁଭେଚ୍ଛା କାମନା ସହିତ ଗ୍ରାମବାସୀ ତଥା ବିଭିନ୍ନ କ୍ରୀଡ଼ା ସଂଗଠନ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



ଅତାବିରା କାଦୋବାହାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ନୃତ୍ୟ ପରିବେଷଣ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଅତାବିରା,୨୨।୨(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶିଖାରାଣୀ ଭୋଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଡିଡବ୍ଲୁଓ ଜଗଦିଶ ମେହେର ମୁଖ୍ୟଅତିଥି, ସ୍ଥାନୀୟ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ଜୟସ୍ୱାଲ ମୁଖ୍ୟବକ୍ତା ଏବଂ ରଙ୍ଗବଲ୍ଲଭ ଦାଶ ସଭାପତିଭାବେ ଯୋଗଦାନ କରିଥିଲେ। ଡା. ଅରୁଣ ଶର୍ମା, ଅରବିନ୍ଦ ଦାଶ, ସୁମନ୍ତ ସାହୁ, ତିଲୋତ୍ତମା ମେହେର, ପ୍ରଧାନ ଆଚାର୍ଯ୍ୟା ସୁକାନ୍ତୀ ସିଂହ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରମ୍ୟରଞ୍ଜନ ଦାଶ, ତ୍ରିଲୋଚନ ଭୁଏ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଗୁରୁମା ଶିଖାରାଣୀ ଭୋଇ, ରଶ୍ମିତା ମହାପାତ୍ର, ରୀତାଞ୍ଜଳି ସିଂହ, ଚମକୀ ସାହୁ, ମାନସୀ ଦୀପ, ଯଶୋବନ୍ତୀ ମିଶ୍ର ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ, ନେଇପାରେ ଲୋକଙ୍କ ଜୀବନ

**ସରଣ୍ଡା,୨୨।୨(ଯୁଧିଷ୍ଠିର ମହାପାତ୍ର)**

ଜନସାଧାରଣଙ୍କ ନିରାପଦ ଯାତ୍ରାକୁ ଦୃଷ୍ଟିରେ ରଖି ସରକାର ରାସ୍ତା ପ୍ରଶସ୍ତୀ ଓ ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ରାସ୍ତା ନିର୍ମାଣକାରୀ ସଂସ୍ଥା ତଥା ଠିକାଦାର ନିଜର କାମ ସାରି ଟଙ୍କା ଉଠାଇ ନେଲେ ତାଙ୍କ କାମ ସରିଗଲା ଭାବି ଆଉ ଉକ୍ତ ରାସ୍ତା ପ୍ରତି ଧ୍ୟାନ ଦେଉନାହାନ୍ତି। ଏହାକୁ ତଦାରଖ କରୁଥିବା ଅଧିକାରୀ ମଧ୍ୟ ଉକ୍ତ ରାସ୍ତା ପ୍ରତି ଦୃଷ୍ଟି ଦେଉନାହାନ୍ତି, ଯାହାଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକଙ୍କ ପ୍ରାଣହାନି ହେଉଛି। ଏହା ଦେଖିବାକୁ ମିଳିଛି ବରଗଡ଼ ଜିଲା ଅତାବିରା ବ୍ଲକ ରେଙ୍ଗାଲିକେମ୍ପରୁ ଟାଙ୍ଗରପାଲି କେନାଲ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ।

ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ରେଙ୍ଗାଲିକ୍ୟାମ୍ପ ଛକରୁ ଟାଙ୍ଗରପାଲି ପର୍ଯ୍ୟନ୍ତ ୧୬କି.ମି. ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ ୪୧.୦୭କୋଟି ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଛି। ଅତାବିରାର ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏହାର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ଫଳକରେ ଥିବା ସୂଚନା ଅନୁସାରେ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣର ଦାୟିତ୍ୱ ନେଇଛି। ରାସ୍ତା ନିର୍ମାଣ କାମ କେତେକ ସ୍ଥାନରେ ସମ୍ପୂର୍ଣ୍ଣ ହେବାକୁ ବସିଛି, ମାତ୍ର ସୂଚନା ଫଳକଟିଏ ଏଯାଏ ଲଗାଯାଇ ନାହିଁ। ଯାହାଦ୍ୱାରା ଜନସାଧାରଣଙ୍କୁ ରାସ୍ତା ନିର୍ମାଣ ସମ୍ପର୍କରେ ଅନ୍ଧାରରେ ରଖାଯାଇଛି ବୋଲି ସେମାନେ କହୁଥିବା ବେଳେ ରାସ୍ତା ନିର୍ମାଣ କାମ ନିମ୍ନମାନର ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ପୁଣି କେତେକ ସ୍ଥାନରେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଏବଂ ଗଛ ରହୁଥିବାରୁ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ଏ ନେଇ ବରଗଡ଼ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଉମେଶ ଭୋଇଙ୍କୁ ପଚାରିବାରୁ ଟାଙ୍ଗରପାଲିରୁ ରେଙ୍ଗାଲିକେମ୍ପ ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଛି। ଗେଟି ସହ ଅନ୍ୟ ଉପାଦାନ ଟେଷ୍ଟ କରି ଅଣାଯାଉଛି। ଯେଉଁ ସ୍ଥାନରେ ସନ୍ଦେହ ରହୁଛି ସେଗୁଡ଼ିକର ପରୀକ୍ଷା କରାଯିବ। ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଅଲଗା କରାଯିବ। ଶିଳାନ୍ୟାସ ସମୟରେ ଫଳକ ଲଗାଯାଇଥିଲା କିନ୍ତୁ ଏହି ଫଳକଟି ରାସ୍ତା ପ୍ରଶସ୍ତୀକରଣ ପାଇଁ କାଢ଼ି ଦିଆଯାଇଛି। ଏଥିପାଇଁ ସୂଚନା ଫଳକ ଆମେ ଲଗାଉ ନାହୁଁ ବୋଲି ସେ କହିଛନ୍ତି।

ବିଦ୍ୟୁତ୍ ବିଭାଗର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ବିଭୂତି ଭୂଷଣ ଶତପଥୀ କହିଛନ୍ତି,ପୂର୍ତ୍ତ ବିଭାଗକୁ ପ୍ଲାନ ଓ ଏଷ୍ଟିମେଟ ଦିଆଯାଇଛି। ସେମାନେ ଖୁଣ୍ଟଗୁଡ଼ିକୁ ରାସ୍ତାରୁ ଅପସାରିତ କରିବେ।



ନିର୍ମାଣାଧୀନ ଟାଙ୍ଗରପାଲି ରେଙ୍ଗାଲିକେମ୍ପ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ।

### ଗ୍ରାମବାସୀ କୁହନ୍ତି...

**ଖୁଣ୍ଟକୁ ଅଲଗା କରି ରାସ୍ତା ନିର୍ମାଣ କର**



“ରାସ୍ତା ତିଆରି ହେଉଛି ଭଲ କଥା। କିନ୍ତୁ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଦ୍ୱାରା ଜନସାଧାରଣଙ୍କୁ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ତେଣୁ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଏବଂ ଗଛଗୁଡ଼ିକୁ ଅଲଗା କରି ରାସ୍ତା ନିର୍ମାଣ କରାଗଲେ ଭଲ ହେବ।

**– ଡିଙ୍ଗର ପ୍ରଧାନ, ପୂର୍ବତନ ପିଏସ୍ ମେମ୍ବର, ଟାଙ୍ଗରପାଲି ଜି.ପି.**

**ନିମ୍ନ ମାନର ରାସ୍ତା କାମ**



“ଟାଙ୍ଗରପାଲି-ରେଙ୍ଗାଲିକେମ୍ପ ରାସ୍ତା ପ୍ରଶସ୍ତୀକରଣ କାମ ବହୁ ଧୀର ଓ ମନ୍ଥର ଗତିରେ ଚାଲିଛି। ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ କାମ ସରିଗଲାଣି ଅଥଚ ରାସ୍ତା ମଝିରେ ଥିବା ଲାଇନ ଖୁଣ୍ଟ ଓ ଗଛ ରହିଯାଇଛି, ଯାହାକି ଦୁର୍ଘଟଣା ସମ୍ଭାବନା ରହିଛି। ଏଣୁ ବିଦ୍ୟୁତ୍ ଖୁଣ୍ଟଗୁଡିକୁ ହଟାଇବା ସହ ନିମ୍ନମାନର କାମ ବନ୍ଦ କରି ଉଚ୍ଚ ମାନର ରାସ୍ତା ତିଆରି କରିଲେ ଜନସାଧାରଣ ଉପକୃତ ହେବେ।

**–ଧନପତି ବାଦୀ, ପୂର୍ବତନ ସରପଞ୍ଚ, ଟାଙ୍ଗରପାଲି, ଜି. ପି.**

**ରାସ୍ତା ନିର୍ମାଣର ତଦନ୍ତ ଜରୁରୀ**



“ପୂର୍ବରୁ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଗଛକୁ ଅଲଗା କରାଯାଇ କାମ କରିବା କଥା କିନ୍ତୁ ଏସବୁ ଥାଇ କିପରି କାମ ହେଉଛି ତାହାର ତଦନ୍ତ କରିବା ଜରୁରୀ।

**–ରୂପେଶ ଶତପଥୀ, ନୂଆଁପଡା ଗ୍ରାମବାସୀ, ଟାଙ୍ଗରପାଲି ଜି. ପି.**

### ପ୍ରତିବ୍ଲକରେ ହେଉ ଦିବ୍ୟାଙ୍ଗ ପଞ୍ଜୀକରଣ କେନ୍ଦ୍ର

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ମାସିକ କାର୍ଯ୍ୟକାରିଣୀ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯଥା ପ୍ରତିଷ୍ଠା ଦିବସ ପାଳନ, ସ୍ୱାସ୍ଥ୍ୟସେବା ଶିବିର, ପୋଲିସ ପରିଚୟ ପତ୍ର ପ୍ରଦାନରେ ନିଷ୍କ୍ରିୟତା ନେଇ ଡିଆଇଜିଙ୍କୁ ଫେରାଦ ଆଦି ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଚିକିତ୍ସାଳୟରେ ଦିବ୍ୟାଙ୍ଗମାନଙ୍କ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ ପରିବର୍ତ୍ତେ ପ୍ରତି ବ୍ଲକରେ ପର୍ଯ୍ୟାୟକ୍ରମେ ପୂର୍ବ ସୂଚୀତ ଦିବସରେ ଦିବ୍ୟାଙ୍ଗ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଗଲେ ବହୁ ଗରିବ ଦିବ୍ୟାଙ୍ଗ ଉପକୃତ ହୋଇ ପାରିବେ ବୋଲି ସଂଘର ସଭାପତି ପ୍ରମୋଦ ଝାଙ୍କର ମତପ୍ରକାଶ କରିଥିଲେ। ସଂଘର ନବନିର୍ବାଚିତ ଭଟଲି ବ୍ଲକ ସମ୍ପାଦକ ମୋତିଲାଲ ବନଛୋରଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଗୋବିନ୍ଦ ଦାଶ, ଗୌରଚନ୍ଦ୍ର କର, ସୁଶିଲ ମହାପାତ୍ର, ପ୍ରସନ୍ନ ପ୍ରଧାନ, ତୁଳସୀ ଚରଣ ଦାଶ, ପବିତ୍ର ସରାଫ, ଲୋକନାଥ ଆଚାର୍ଯ୍ୟ, ଦେବୀ ପଟ୍ଟନାୟକ, ଉମାକାନ୍ତ ସାହୁ, ହିମାଂଶୁ ଶେଖର ପାଣ୍ଡେ, ଜଗଦିଶ ସାହୁ, ସୁରେନ୍ଦ୍ର ସାହୁ, ସାଧୁ ଦାଶ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାହ୍ନୁଚରଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଡା.ଧୀରେନ୍ଦ୍ର ନାଥଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବରପାଲି,୨୨।୨(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲିରେ ସ୍ଥାନୀୟ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ଏକାଡେମୀର ପ୍ରତିଷ୍ଠାତା ଡା. ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ସଭାର ଆୟୋଜନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ସହ ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ ଚିକିନିପାଲିଫାର୍ମସ୍ଥିତ ଡ. ମୁଣ୍ଡଙ୍କ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ କରି ଡା.ମୁଣ୍ଡଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପଦ୍ମ ଲୋଚନ ଦାଶଙ୍କ ନିର୍ଦ୍ଦେଶନାରେ ଛାତ୍ରୀଗଣ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ ସମାବେଶର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ସହକାରୀ ଶିକ୍ଷକ ଆଦିତ୍ୟ ପ୍ରସାଦ କର ଡାକ୍ତରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରୀ ଅନନ୍ୟା ସାହୁ ଡା.ମୁଣ୍ଡଙ୍କ ସ୍ମୃତିଚାରଣ କରିଥିଲେ। ସିମ୍ରନ ମିର୍ଦ୍ଧାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରଗଣ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସଭା।

## ମାତୃଭାଷା ପ୍ରତି ସମ୍ମାନ ରହିବା ବିଧେୟ



ମାତୃଭାଷା ଦିବସ ପାଳନ କାର୍ଯ୍ୟକ୍ରମରେ ଭାରତୀ ଶିଶୁ ସାହିତ୍ୟ ସଂସଦର ସଦସ୍ୟବୃନ୍ଦ।

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)**

ମାତୃଭାଷା ମାତୃଭୂମି ପ୍ରତି ନିଜର ପ୍ରତିବଦ୍ଧତା ଶିଖାଏ। ତେଣୁ ମାତୃଭାଷା ପ୍ରତି ଆଦର, ସମ୍ମାନ ରହିବା ଉଚିତ ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲରେ ମାତୃଭାଷା ଦିବସ ପାଳନ ଅବସରରେ ଏହି ମତପ୍ରକାଶ ପାଇଛି। ସ୍କୁଲର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ଧରିତ୍ରୀ ନାଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ସାଲିନି ସା ସ୍ୱାଗତ ଭାଷଣ ପ୍ରଦାନ କରି ମାତୃଭାଷାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସଭାପତି ଶୋଭିତ ନାଏକ, ସହସମ୍ପାଦିକା ରିତିକା ସା, କୋଷାଧ୍ୟକ୍ଷା ମମତା ମହାରଣା ପ୍ରମୁଖ ଉପସ୍ଥିତ ରହି ମାତୃଭୂମି, ମାତୃଭାଷାର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସଂସଦର ଉପଦେଷ୍ଟା ତଥା ସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ସେହିପରି ଅମ୍ବାଭୋନାସ୍ଥିତ କେଦାରନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ମାତୃଭାଷା ଦିବସରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱନାଥ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କବିତା ପଠନ, ଆବୃତ୍ତି, ଗଳ୍ପ ପଠନ ଏବଂ ମାତୃଭାଷାର ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା। ପ୍ରଧାନ ଶିକ୍ଷକ ରଥ ମାତୃଭାଷାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଖୁସି ବର୍ଗର୍ତ୍ତୀ ଶପଥ ପାଠ କରାଇଥିଲେ। ଖୁସିରାଣୀ ପାତ୍ର, ସୁପ୍ରିୟା ବାରିକ, ଲୀନା ନାୟକ, ରିନୁ ପ୍ରଧାନ, ସ୍ନେହା ମାଝୀ କବିତା ପାଠ କରିଥିଲେ। ଆଦିତ୍ୟ ସେଠ, ଆକାଶ ନାୟକ, ଦିନେଶ ପ୍ରଧାନ, ତୁଷାର ନାୟକ ପ୍ରମୁଖ ଗୀତ ଗାନ କରିଥିଲେ। ପ୍ରବନ୍ଧ ଲିଖନରେ ପ୍ରକାଶ ମେହେର ପ୍ରଥମ, ସୌମ୍ୟା ପ୍ରିୟଦର୍ଶିନୀ କୁମୁରା ଦ୍ୱିତୀୟ ଏବଂ ଆଦିତ୍ୟ ସେଠ ତୃତୀୟ ହୋଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ହଳଧର ନାଗଙ୍କ ସିରି ସମଲେଇ ଏବଂ ଢୋଢୋ ବରଗଛ କବିତା ସମସ୍ତଙ୍କୁ ଆନନ୍ଦିତ କରିଥିଲା। ଶିକ୍ଷୟିତ୍ରୀ ସୈରେନ୍ଦ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିବରାତ୍ରି ପାଇଁ ଶୁଭସ୍ତମ୍ଭ ସ୍ଥାପିତ



ଶୁଭସ୍ତମ୍ଭ ସ୍ଥାପନରେ ଉପସ୍ଥିତ କର୍ମକର୍ତ୍ତା।

**ସରଣ୍ଡା,୨୨।୨(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାସ୍ଥିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବ ବିଶ୍ୱେଶ୍ୱର ବାବାଙ୍କ ପୀଠରେ ମହାଶିବରାତ୍ରି ପାଇଁ ଶନିବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ପଣ୍ଡିତ ରାକେଶ ମିଶ୍ରଙ୍କ ପୌରୋହିତ୍ୟରେ କର୍ତ୍ତା ସଚ୍ଚିଦାନନ୍ଦ ମିଶ୍ରଙ୍କ ଉପସ୍ଥିତିରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଏଥିରେ ସମ୍ପାଦକ ବିନୋଦ ମେହେର, କୋଷାଧ୍ୟକ ପ୍ରମୋଦ ମହାପାତ୍ର, ସଂଯୋଜକ ମନୋଜ ମହାପାତ୍ର, ଗୁଣନିଧି ମହାପାତ୍ର, ଶଶିଭୂଷଣ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, କରୁଣାକର ମହାପାତ୍ର, ଲବ ମହାପାତ୍ର, ମଧୁସୂଦନ ମହାପାତ୍ର, ଏକମ୍ବର ମହାପାତ୍ର, ସୁଦାମ ମହାପାତ୍ର, ଦିଲୀପ ମହାପାତ୍ର, ଝସକେତନ ମହାପାତ୍ର, ଜୀବନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ଫେବୃଆରୀ ୨୬ ତାରିଖ ବୁଧବାର ଏହି ପୀଠରେ ମହା ଶିବରାତ୍ରି ମେଳା ମହା ସମାରୋହରେ ପାଳିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି।

### ବରଗଡ଼ ନାଗରିକ ମଞ୍ଚର ବୈଠକ

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)–** ବରଗଡ଼ କଚେରି ପରିସରରେ ବରଗଡ଼ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଉପଦେଷ୍ଟା ଭୀଷ୍ମଦେବ ସରାଫ ଏଥିରେ ସଭାପତିତ୍ୱ କରିଥିଲେ। ସଙ୍ଗଠନର ସଦସ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆସନ୍ତା ହୋଲିପର୍ବକୁ ବିଭିନ୍ନ ସାମାଜିକ, ରାଜନୈତିକ ସଙ୍ଗଠନ ଏବଂ ସରକାରୀ ଅଧିକାରୀଙ୍କ ସହିତ ସାମୂହିକଭାବେ ପାଳନ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ନିଆଯାଇଥିଲା। ସେହିପରି ସହରର ପ୍ରମୁଖ ସମସ୍ୟା ସମୂହର ସମାଧାନ ପାଇଁ ଶୀଘ୍ର ମଞ୍ଚ ପକ୍ଷରୁ ପ୍ରଶାସନଠାରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଶିବାନନ୍ଦ ମଟାରୀ, ରାଜେନ୍ଦ୍ର ସିକନ୍ଦର, ମନୋହର ପ୍ରଧାନ, ଟିଙ୍କୁ ନନ୍ଦ, ସୁଦାମ ସାହୁ, ଲୋକେଶ ବାରିକ, ରମେଶ ବେହେରା, ଗୋବିନ୍ଦ ଶର୍ମା, ଶୟନ ପଣ୍ଡା, ଲାଲା ଦୀପ, ସୁଧୀର ମହାରଣା, ନିଖିଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋଷ୍ଟାଣ୍ଡ ନିର୍ମାଣ ଦାବି, ଇ.ଓ.ଙ୍କୁ ଫେରାଦ

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଅଟୋଷ୍ଟାଣ୍ଡ ନିର୍ମାଣ ଦାବିରେ ଶୁକ୍ରବାର ଅଟୋରିକ୍ସା ମାଲିକ ସଂଘ ସ୍ଥାନୀୟ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ(ଇ.ଓ.) ଦେବାନନ୍ଦ ସାହୁଙ୍କୁ ଫେରାଦ ହୋଇଥିଲେ। ଏ ନେଇ ସେମାନେ ଇ.ଓ.ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ସହରରେ ଏପର୍ଯ୍ୟନ୍ତ ସ୍ଥାୟୀ ଅଟୋଷ୍ଟାଣ୍ଡ ନିର୍ମାଣ ହୋଇପାରି ନାହିଁ। ଫଳରେ ଅଟୋ ଚାଳକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗତ କିଛିମାସ ତଳେ ଅଟୋରିକ୍ସା ମାଲିକ ସଂଘର ଦାବିକ୍ରମେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କ ସହିତ ସହରର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ ଏବଂ ଅଟୋଷ୍ଟାଣ୍ଡ ପାଇଁ ୧୦ଟି ସ୍ଥାନ ଚିହ୍ନଟ କରିଥିଲେ। ସମ୍ପୃକ୍ତ ସ୍ଥାନରେ ଶୀଘ୍ର ଅଟୋଷ୍ଟାଣ୍ଡ ନିର୍ମାଣ କରାଯିବ ବୋଲି ସେତେବେଳେ କୁହାଯାଇଥିଲା। କିନ୍ତୁ ଏ ଯାଏ ଗୋଟିଏ ମଧ୍ୟ ଅଟୋଷ୍ଟାଣ୍ଡ ନିର୍ମାଣ କରାଯାଇ ପାରି ନାହିଁ। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ଶୀଘ୍ର ସ୍ଥାୟୀ ଅଟୋଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅଟୋରିକ୍ସା ମାଲିକ ସଂଘର ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ସମେତ ଉପସଭାପତି ସାରଥି ମେହେର, ସମ୍ପାଦକ ସୁଦର୍ଶନ ସ୍ୱାଇଁ, ସହସମ୍ପାଦକ ପ୍ରଶାନ୍ତ କୁମ୍ଭାର, କୋଷାଧ୍ୟକ୍ଷ ଜୟ ତାଣ୍ଡି, ବରିଷ୍ଠ ସଦସ୍ୟ ବୃନ୍ଦାବନ ବେହେରା, ଯୁଗୁନୁ ସିଂ, ତରଣୀ ସୁରଜାଲ, ହର ନାୟକ, ପିଙ୍କୁ ବେହେରା, ସଞ୍ଜୟ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ ଦରକାର

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ସର୍ବୋଦୟ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଙ୍ଗଠନର ଜାତୀୟ ଉପାଧ୍ୟକ୍ଷ ସଚିନ ନାୟକ ଜାତୀୟ କଂଗ୍ରେସର ପତାକାକୁ ଉତ୍ତୋଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ସମ୍ବଲପୁରର ବରିଷ୍ଠ ଖବରଦାତା ଶିବ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ଓ ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ ବିଚାରଗତ ଲଢ଼େଇର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜନ ଆନ୍ଦୋଳନ ଓ ଗଣତନ୍ତ୍ରର ସୁରକ୍ଷା ସମ୍ପର୍କିତ ଅଧିବେଶନରେ କୃଷକ ନେତା ଲିଙ୍ଗରାଜ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ଜନ ଆନ୍ଦୋଳନ ଗଢ଼ି ପାରିଲେ ଗଣତନ୍ତ୍ର ସୁରକ୍ଷିତ ହେବ ବୋଲି କହିଥିଲେ। କଲାପାଣି କଲେଜର ପୂର୍ବତନ ଅଧ୍ୟକ୍ଷ ମୋହନ ସାହୁ ଏବଂ ସୋହେଲା କଲେଜର ପୂର୍ବତନ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ କାର୍ଯ୍ୟକ୍ରମରେ ଯୋଗଦେଇ କ୍ଷମତାର ବିକେନ୍ଦ୍ରୀକରଣ ଓ ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି ବୋଲି କହିଥିଲେ। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ସ୍ୱାଧୀନତା ସଂଗ୍ରାମ ଓ ଭାରତ ନିର୍ମାଣରେ କଂଗ୍ରେସର ଭୂମିକା ଉପରେ ଆଲୋକପାତ କରିଥିବାବେଳେ ସଙ୍ଗଠନର ଜାତୀୟ ଉପାଧ୍ୟକ୍ଷ ନାୟକ ସମ୍ବିଧାନର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସଙ୍ଗଠନର ରାଜ୍ୟ ସଂଯୋଜକ ବିଜୟ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଣ୍ଡବ କର୍ଣ୍ଣ, କିଶୋର ସାହୁ, ଅନନ୍ତ ଶୟନ ପାଢ଼ୀ, ଗଣେଶ ସାହୁ, ସୁନୀତା ବାଗ, ବାସନ୍ତୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନକୁ ଜିଲାର ସମସ୍ତ ପଞ୍ଚାୟତରେ ମଜଭୁତ୍ କରିବା ସହିତ ଲୋକଙ୍କ ଦୈନନ୍ଦିନ ସମସ୍ୟାକୁ ନେଇ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କଂଗ୍ରେସ ଦଳ ଯେଉଁ ରାଜନୈତିକ ବିଚାର ଉପରେ ଦଣ୍ଡାୟମାନ, ସେହି ବିଚାରକୁ ଅଧିକ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ରବିବାର ପୂର୍ବାହ୍ନରେ ଜୀରାନଦୀର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଜୀରା ବଞ୍ଚାଅ ଆନ୍ଦୋଳନକୁ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ପଟୁଆବେଡ଼ା ସ୍କୁଲର ବାର୍ଷିକ ଉତ୍ସବ



**ବଡ଼ଗାଁ,୨୨।୨(ଅଶୋକ ଷଡ଼ଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପଟୁଆବେଡା ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତାଭାବେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହିରୋ, ବରଗାଁକଛାର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ଏମ୍‌ପି ପ୍ରତିନିଧି ପରୀକ୍ଷିତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ପଟେଲ, ବସନ୍ତ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଉତ୍ସବ ଆରମ୍ଭରେ ବରିଷ୍ଠ ଶିକ୍ଷକ ସୁରେଶ ବେହେରା ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୀନତି ନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଜୟଶ୍ରୀ ପୃଷେଟ, ପୀତାମ୍ବର ସା, ଛବିଳ ନାଏକ, ବିଶ୍ୱନାଥ ପଟେଲ ସହଯୋଗ କରିଥିଲେ। ଶେଷରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ପ୍ରତିବ୍ଲକରେ ହେଉ ଦିବ୍ୟାଙ୍ଗ ପଞ୍ଜୀକରଣ କେନ୍ଦ୍ର

**ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ମାସିକ କାର୍ଯ୍ୟକାରିଣୀ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯଥା ପ୍ରତିଷ୍ଠା ଦିବସ ପାଳନ, ସ୍ୱାସ୍ଥ୍ୟସେବା ଶିବିର, ପୋଲିସ ପରିଚୟ ପତ୍ର ପ୍ରଦାନରେ ନିଷ୍କ୍ରିୟତା ନେଇ ଡିଆଇଜିଙ୍କୁ ଫେରାଦ ଆଦି ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଚିକିତ୍ସାଳୟରେ ଦିବ୍ୟାଙ୍ଗମାନଙ୍କ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ ପରିବର୍ତ୍ତେ ପ୍ରତି ବ୍ଲକରେ ପର୍ଯ୍ୟାୟକ୍ରମେ ପୂର୍ବ ସୂଚୀତ ଦିବସରେ ଦିବ୍ୟାଙ୍ଗ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଗଲେ ବହୁ ଗରିବ ଦିବ୍ୟାଙ୍ଗ ଉପକୃତ ହୋଇ ପାରିବେ ବୋଲି ସଂଘର ସଭାପତି ପ୍ରମୋଦ ଝାଙ୍କର ମତପ୍ରକାଶ କରିଥିଲେ। ସଂଘର ନବନିର୍ବାଚିତ ଭଟଲି ବ୍ଲକ ସମ୍ପାଦକ ମୋତିଲାଲ ବନଛୋରଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଗୋବିନ୍ଦ ଦାଶ, ଗୌରଚନ୍ଦ୍ର କର, ସୁଶିଳ ମହାପାତ୍ର, ପ୍ରସନ୍ନ ପ୍ରଧାନ, ତୁଳସୀ ଚରଣ ଦାଶ, ପବିତ୍ର ସରାଫ, ଲୋକନାଥ ଆଚାର୍ଯ୍ୟ, ଦେବୀ ପଟ୍ଟନାୟକ, ଉମାକାନ୍ତ ସାହୁ, ହିମାଂଶୁ ଶେଖର ପାଣ୍ଡେ, ଜଗଦିଶ ସାହୁ, ସୁରେନ୍ଦ୍ର ସାହୁ, ସାଧୁ ଦାଶ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାହ୍ନୁଚରଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶାମୁକ୍ତ ଗ୍ରାମ ଅଭିଯାନ କାର୍ଯ୍ୟକ୍ରମ

**ଲହୁଣୀପଡ଼ା,୨୨।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଡୁମକଲା ଗ୍ରାମରେ ବୋଲବମ ସେବାସଂଘ ତରଫରୁ ନିଶାମୁକ୍ତ ଗ୍ରାମ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଲହୁଣୀପଡ଼ା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ସମ୍ମାନିତ ଅତିଥିଭାବେ ଲହୁଣୀପଡ଼ା ଅବକାରୀ ଅଧିକାରୀ ତେଜରାଜ ଗହୀର, ଏଏସଆଇ ହରିହର ପାଲ, ଶିକ୍ଷକ ରଞ୍ଜନ କୁମାର ପତି, ସାଧୁ କିସାନ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ଗ୍ରାମବାସୀମାନେ ଏକାଠି ହୋଇ ନିଶା ସେବନ, ନିଶା କାରବାରରୁ ନିଜ ଗାଁକୁ ମୁକ୍ତ କରିବା ପାଇଁ ନିଶାମୁକ୍ତ ଗ୍ରାମ ଅଭିଯାନ ପ୍ରୟାସ ଆରମ୍ଭ କରିଛି ବୋଲବମ ସେବା ସଂଘ। ତେଣୁ ଆଇନଗତ ସାହାଯ୍ୟ ସହଯୋଗ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଗ୍ରାମ ନିଶାମୁକ୍ତ ରହିଲେ ବିକାଶ ଦ୍ରୁତଗତିରେ ହେବ**

ଯୋଗାଇ ଦେବାକୁ ମୁଖ୍ୟ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ। ସାମାନ୍ୟ ନିଶା ପାଇଁ କେମିତି ସୁନା ସଂସାର ଭାଙ୍ଗିଯାଉଥିବା ବେଳେ ନିଜ ପିଲାମାନେ ପାଠ ପଢ଼ାରୁ ବଞ୍ଚିତ ହୋଇ ନିଜର ଭବିଷ୍ୟତ ନଷ୍ଟ ହୋଇଯାଉଛି ଏବଂ କେତେକ ହତ୍ୟାକାଣ୍ଡ ପଛରେ ନିଶା ସେବନ କାରଣ ପାଲଟି ଥିବାବେଳେ ଅନେକ ଘଟଣା ସ୍ଥାନରେ ନିଶାସେବନ ଯୋଗୁ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଗ୍ରାମ ନିଶାମୁକ୍ତ ରହିଲେ ବିକାଶ ଦ୍ରୁତଗତିରେ ହୋଇପାରିବ ବୋଲି ଅତିଥିମାନେ ଉପସ୍ଥିତ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ରମେଶ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବୋଲବମ ସଂଘର ସଦସ୍ୟ ଗ୍ରାମର ମହିଳା ପୁରୁଷମାନେ ନିଶାନିବାରଣ ସମ୍ପର୍କରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପଞ୍ଚାନନ କର, ମୁକେଶ ପାଲ, ପ୍ରଦୀପ ସାହୁ, ଚିନ୍ମୟ ଖଡିରତ୍ନ, ଜିତେନ୍ଦ୍ର ରାୟ, ସୁବାସ ପାଲ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସଂଘ କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଠିକାଦାରଙ୍କୁ ଗୁଳିମାଡ଼, ଆଇଜିଏଚ୍‌ରେ ଭର୍ତ୍ତି

**ରାଉରକେଲା,୨୨।୨(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ସେକ୍ଟର-୩ ଥାନା ଅଧୀନ ସେକ୍ଟର-୪ ପୋଷ୍ଟ ଅଫିସ ନିକଟରେ ଶନିବାର ଜଣେ ଠିକାଦାରଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ବିଜୟ ଲାକ୍ରା। ବିଜୟଙ୍କ ବେକରେ ଗୁଳି ବାଜିଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଗୁଳିମାଡ଼ କରିଥିବା ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଫେରାର ଅଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୧୦ଟା) ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ। ତେବେ ବାଲି ଚାଲାଣକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଥିବା ଆଲୋଚନା ହେଉଛି।

ମିଳିଥିବା ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ଠିକାଦାର ବିଜୟ ସ୍ତ୍ରୀ ଓ ପୁଅ ସହ ଏକ କାର୍ (ନଂ. ଓଡି୧୪ଆର୍/୫୫୨୬) ଯୋଗେ କୌଣସି ସ୍ଥାନକୁ ଯାଉଥିଲେ। ଏହି ସମୟରେ ୨ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସମ୍ମୁଖ ପଟୁ ଏକ ବାଇକରେ ଆସି କାର୍ ଚାଳକ ସିଟ୍ ପାଖରେ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ



ଗୁଳିମାଡ଼ ପରେ ଦୁର୍ଘଟଣାଗ୍ରସ୍ତ କାର୍।

କାର୍‌ଟି ନିକଟସ୍ଥ ପାଚେରିରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତ ବିଜୟଙ୍କୁ ତୁରନ୍ତ ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି। ଏ ନେଇ ଅତିରିକ୍ତ ଏସ୍‌ପି ନାୟକ କହିଛନ୍ତି, ଆହତ ଠିକାଦାର କୁଆଁରମୁଣ୍ଡା ଅଞ୍ଚଳର। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିମାଡ଼ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଆହତ ଏବେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ବୟାନ ରେକର୍ଡ କରାଯିବା ପରେ ଦୁର୍ବୃତ୍ତଙ୍କୁ ନିଶ୍ଚିତ ଭାବେ ଗିରଫ କରାଯିବ ବୋଲି ନାୟକ କହିଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆରେ ଖେଳ ପ୍ରତିଯୋଗିତା ଆୟୋଜନ ସମୟରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିଲା। ଏହାର ତଦନ୍ତ ଜାରି ରହିଛି।

# ଫସଲ ବିବିଧୀକରଣ ପ୍ରକଳ୍ପ ତରଫରୁ ରୋଷେଇ ପ୍ରତିଯୋଗିତା



ଏସ୍‌ଏଚ୍‌ଜି ମହିଳାମାନେ ଖାଦ୍ୟ ପରଷୁଛନ୍ତି।

**ସୁନ୍ଦରଗଡ଼,୨୨।୨(ଜୟ ନାରାୟଣ ମେଣ୍ଡୁଲି)**

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମହୁଲପାଲି ଗ୍ରାମପଞ୍ଚାୟତ ପରିସରଠାରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧୀକରଣ ଯୋଜନାରେ ଏକ ସ୍ୱତନ୍ତ୍ର ରୋଷେଇ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହୁଲପାଲି ଗ୍ରାମପଞ୍ଚାୟତର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଟାଙ୍ଗରପାଲି ଗ୍ରାମପଞ୍ଚାୟତର ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦାନ କରିଥିଲେ। ସହଯୋଗୀ ଅନୁଷ୍ଠାନ 'ସେବକର ବ୍ଲକ ସଂଯୋଜକ ସୁମିତ କୁମାର ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେବକ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧୀକରଣ ଯୋଜନା ଉପରେ ଆଲୋଚନା କରିଥିଲେ ଓ ଏହି ଯୋଜନାରୁ ସ୍ଥାନୀୟ ଚାଷୀ ଧାନଚାଷ ସଙ୍ଗେ ସଙ୍ଗେ ବହୁବିଧ ଫସଲ ଦ୍ୱାରା କିପରି ଲାଭବାନ ହୋଇପାରିବେ ସେ ବିଷୟରେ ବିସ୍ତୃତଭାବେ ବୁଝାଇଥିଲେ। ସେବକର ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ପୃଷେଠ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଜୀବନ ଜୀବିକାର ମାନରେ ଉନ୍ନତି ହୋଇପାରିବ ବୋଲି ମତପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦାନ କରି ମହୁଲପାଲି ଗ୍ରାମପଞ୍ଚାୟତର ସରପଞ୍ଚ ଝରଣା ଦଣ୍ଡସେନା ସ୍ୱୟଂ ସହାୟକ ଗୋଷ୍ଠୀର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମହୁଲପାଲି ଗ୍ରାମପଞ୍ଚାୟତର ଗ୍ରାମ୍ୟ କୃଷିକର୍ମୀ ମମତା ମଞ୍ଜରୀ ସାହୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚକ୍ରାମାଳର ନୀହାର ଏସଏଚଜି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଧାନପାଟ ଗ୍ରାମର ସନ୍ଧ୍ୟା ଏସ୍‌ଏଚ୍‌ଜି ଦ୍ୱିତୀୟ ଓ ଟାଙ୍ଗରପାଲି ଗ୍ରାମର ମା' ତାରିଣୀ ଏସ୍‌ଏଚ୍‌ଜି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ମନୋରଞ୍ଜନ ମଲ୍ଲିକ, ନେହା ଶର୍ମା, ସୌମ୍ୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ଓଲଟିଲା ଓଏସ୍‌ଆର୍‌ଟିସି ବସ୍ ବର୍ତ୍ତିଲେ ୫୦ ଯାତ୍ରୀ

**ବଣାଇଁ,୨୨।୨ (ପ୍ରଦୀପ ତ୍ରିପାଠୀ)** ସୁନ୍ଦରଗଡ଼ ଜିଲା ଲହୁଣିପଡା ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ୧୦(କ) ମୁତୁରନାଳିଠାରେ ଓଏସ୍‌ଆର୍‌ଟିସି ଯାତ୍ରୀବାହୀ ବସ ଏକ ୩୩ କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ଶନିବାର ଓଲଟି ପଡିଥିଲା। ଅଳ୍ପକେ ବଡ଼ ଅଘଟଣରୁ ୫୦ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୧ ତାରିଖ ରାତିରେ ସୁନ୍ଦରଗଡ଼ ଜିଲା ମହକୁମାରୁ ରାଉରକେଲା ଦେଇ ପୁରୀ ଅଭିମୁଖେ ଯାଉଥିବା ଓଡି ୦୨ ସିୟୁ ୬୪୭୮ ଓଏସଆରଟିସି ଯାତ୍ରୀବାହୀ ବସ ଲହୁଣିପଡା ଥାନା ଅନ୍ତର୍ଗତ ମୁତୁରନାଳି ପାଖରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ରହିଥିବା ୩୩ କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ବସ ଓଲଟି ପଡ଼ିବାରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଲହୁଣିପଡା ଏବଂ ମହୁଲପଦା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ବଣାଇଁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ୩ଜଣଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଯାତ୍ରୀ ଅନ୍ୟ ଏକ ଓଏସଆରଟିସି ବସ ଜରିଆରେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଛନ୍ତି। ବସ ଯାତ୍ରୀଙ୍କ ଅଭିଯୋଗ କ୍ରମେ, ଲହୁଣିପଡା ପୋଲିସ ଏକ ମାମଲା ରୁଜୁ କରି ଚାଳକ ଅଙ୍କିତ କିଣ୍ଡୋଙ୍କୁ ପଚରାଉଚରା କରିଥିଲା। ହଠାତ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ବ୍ରେକ ଲଗାଇଥିଲେ। ହେଲେ ଗାଡି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିବା ଚାଳକ ଅଙ୍କିତ କହିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ସୁନ୍ଦରଗଡ,୨୨।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ରସରାଜପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କରମଡିହି ସରପଞ୍ଚ ସୁସ୍ମିତା କୁଜୁର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଓରାମ ଭାଷା ପ୍ରତି ଲୋକଙ୍କ ଆଗ୍ରହକୁ ପ୍ରଶଂସା କରିଥିଲେ। ଏହି ବିଦ୍ୟାଳୟରେ ଓରାମ ଭାଷା ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ପୁସ୍ତକ ସହ ୨ଜଣ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ରହିଛନ୍ତି। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବେଦବ୍ୟାସ ପଟେଲ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ଶିକ୍ଷା କ୍ଷେତ୍ରରେ ଏହାର ପ୍ରାଧାନ୍ୟ ଏବଂ ସରକାରୀ ସ୍ତରରେ ଏହାର ପ୍ରଚଳନ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଦୀପାରାଣୀ ନାଏକ ସଭାରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ସୁଶାନ୍ତ ଓରାମ ସଭାପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଭିଭାବକ, ପିଟିଏ,ଏମ୍‌ଟିଏ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# କୁତ୍ରା ହାଇସ୍କୁଲରେ ବିଶ୍ୱ ଚିନ୍ତନ ଦିବସ

**କୁତ୍ରା,୨୨।୨(ଦେବାଶିଷ ସାହୁ)**

ଭାରତ ସ୍କାଉଟ୍ସ ଗାଇଡ୍ସ ଶାଖା ପକ୍ଷରୁ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଭାରତ ସ୍କାଉଟ୍ସ ଗାଇଡ୍ସର ପ୍ରତିଷ୍ଠାତା ବାଡେନ ପାୱେଲଙ୍କ ଜନ୍ମଦିନକୁ ଭାରତ ସ୍କାଉଟ୍ସ ଗାଇଡ୍ସ ଚିନ୍ତନ ଦିବସଭାବେ ପାଳନ କରାଯାଏ। ତାକୁ ଦୃଷ୍ଟିରେ ରଖି କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଶତାଧିକ ସ୍କାଉଟ୍ସ ଓ ଗାଇଡ୍ସଙ୍କୁ ନେଇ ଡିଓସି ଗାଇଡ୍ସ ଦୀପିକା କେର୍କେଟାଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ସ ଜିଲା କମିଶନର ଡ. ବିଭୀଷଣ ବାରିକ ଓ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଯୋଗଦେଇ ବାଡେନ ପାୱେଲ ଓ ଲେଡି ପାୱେଲଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ସର୍ବଧର୍ମ ପ୍ରାର୍ଥନା ସହ ବିଶ୍ୱ କଲ୍ୟାଣ ବାର୍ତ୍ତା ଦେଇଥିଲେ। ଏଥିରେ ସ୍କାଉଟ୍ସ ମାଷ୍ଟର ଧୃତିସୁନ୍ଦର ସାହୁ, ଅବିନାଶ କର, ସ୍ମୃତିସ୍ୱରୂପ ଦାସ, ମଞ୍ଜୁ ଏକ୍କା, ସେରୋଫେନା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କାଉଟ୍ସ,ଗାଇଡ୍ସର ଚିନ୍ତନ ଦିବସ

**ସୁନ୍ଦରଗଡ,୨୨।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ସ୍କାଉଟ୍ସ, ଗାଇଡ୍ସ ପକ୍ଷରୁ ଚିନ୍ତନ ଦିବସ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ହରିପ୍ରିୟା ପଟେଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅଧକ୍ଷା ପଟେଲ ସ୍କାଉଟ, ଗାଇଡ୍ସର ଲକ୍ଷ୍ୟ ଓ ବିଶ୍ୱ ଭାତୃଭାବ ସମ୍ପର୍କରେ ସୂଚନା ଦେଇଥିଲେ। ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡା ଚଳିତ ବର୍ଷର ଥିମ "ଆମ କାହାଣୀ "ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ପରିବେଶ ସୁରକ୍ଷା ସହ ଦେଶ ପ୍ରତି ନିଜର କର୍ତ୍ତବ୍ୟ ଠିକ ସମ୍ପାଦନ ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷକ ଦେବାଶିଷ ଦାସ, ସନ୍ତୋଷ ମହନ୍ତ, ଶିକ୍ଷୟିତ୍ରୀ ମାଇକେଲା ଖାଲକୋ, ରାଜଲକ୍ଷ୍ମୀ ନାଏକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।




ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

# ସରିତଙ୍କୁ ଆନ୍ତର୍ଜାତିକ ଗ୍ଲୋବାଲ କିଡ୍ସ ଆଚିଭର ଆୱାର୍ଡ

**ସୁନ୍ଦରଗଡ,୨୨।୨(ଜୟ ନାରାୟଣ ମେଣ୍ଡୁଲି)**

ଆନ୍ତର୍ଜାତିକ ଫୋରମ ଡ୍ରିମ କେଚର ଇଣ୍ଟରନ୍ୟାଶନାଲ ଗ୍ରୁପ ପକ୍ଷରୁ ଆୟୋଜିତ କିଡ୍ସ ଆଚିଭର କଣ୍ଟେଷ୍ଟରେ ଶିକ୍ଷା ବିଭାଗର ପ୍ରତିଯୋଗିତାରେ ବିଜୟୀହୋଇ ନିଜ ସ୍କୁଲ, ଗାଁ, ଜିଲା ତଥା ରାଜ୍ୟ ପାଇଁ ସୁନାମ ଆଣିଛନ୍ତି ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲ ଗାଁର ସୁନାପୁଅ ସରିତ ଉପାଧ୍ୟାୟ। ନିଜର ଅଭିନବ ବିଜ୍ଞାନ ପ୍ରକଳ୍ପ ସାର୍କୁଲାର ବାୟୋ ଇକୋନୋମିର ବଳିଷ୍ଠ ଉପସ୍ଥାପନା ଦ୍ୱାରା ବିଚାରକ ମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବିଶ୍ୱର କୋଣ ଅନୁକୋଣରୁ ୧୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଏହି ଲାଇଭ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ନିଜର ସାର୍କୁଲାର ବାୟୋ ଇକୋନୋମି ପ୍ରକଳ୍ପର ବିସ୍ତୃତ ଉପସ୍ଥାପନ, ବିଚାରକ ମଣ୍ଡଳୀଙ୍କ ପ୍ରଶ୍ନର ସଠିକ ଉତ୍ତର ତଥା ନିଜର ବକ୍ତୃତା ଶୈଳୀ ଯୋଗୁ ବିଜୟୀ ହେବାର ଗୌରବ ହାସଲ କରିଛନ୍ତି ସରିତ। ପୂର୍ବରୁ ଅନେକ ରାଜ୍ୟ ଓ ଜାତୀୟ ସ୍ତରୀୟ ବକ୍ତୃତା, ପ୍ରଶ୍ନୋତ୍ତରୀ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ସରିତ ଗତବର୍ଷ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ




ସରିତଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ପାଇଥିଲେ। ଝୁରିମାଲ ଗ୍ରାମର ଦିଗାମ୍ବର ଉପାଧ୍ୟାୟ ଓ ଅନୁପମା ଉପାଧ୍ୟାୟଙ୍କ ଏକମାତ୍ର ପୁଅ ସରିତ ଗତ ପାଞ୍ଚ ବର୍ଷ ଧରି ନିରନ୍ତର ଭାବେ ବିଭିନ୍ନ ଅନଲାଇନ ଓ ଅଫଲାଇନ ପ୍ରଶ୍ନୋତ୍ତରୀ, ବକ୍ତୃତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ସଙ୍ଗେ ସଙ୍ଗେ ବିଭିନ୍ନ ଅଭିନବ ପ୍ରକଳ୍ପର ସଫଳ ଉପସ୍ଥାପନ କରି ସମସ୍ତଙ୍କୁ ଗୌରବାନ୍ୱିତ କରିଆସୁଛନ୍ତି । ଜଙ୍ଗଲ, ପରିବେଶ ଓ ବନ୍ୟଜନ୍ତୁ ପାଇଁ ଅହେତୁକ ରୁଚି ରଖୁଥିବା ସରିତ ଅତି କମ ବୟସରୁ ବୃକ୍ଷରୋପଣ ପ୍ରତି ଆଗ୍ରହୀ ଥିବା ବେଳେ ଚଳିତ ବର୍ଷ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଆୟୋଜିତ ୨ଟି କୁଇଜ ପ୍ରତିଯୋଗିତାରେ ରାଜ୍ୟ ସ୍ତରରେ ପ୍ରଥମ ଓ ତୃତୀୟ ତଥା ଜାତୀୟ ସ୍ତରର ୨ଟି କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସୁନ୍ଦରଗଡ ମାଟି ପାଇଁ ଅନେକ ସମ୍ମାନ ଓ ଗୌରବ ଆଣିଛନ୍ତି ସରିତ। ଶନିବାର ସରିତଙ୍କ ଏହି ସଫଳତା ପାଇଁ ସମ୍ବର୍ଦ୍ଧିତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହେଲୋକିଡ୍ସ ଓ ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ ସରିତଙ୍କୁ ସମ୍ବର୍ଦ୍ଧିତ କରି ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଏହି ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଯୋଗଦେଇ କହିଥିଲେ ଯେ, ତୁଳସୀ ଦୁଇପତ୍ରରୁ ବାସିଲା ପରି ସରିତଙ୍କ ପ୍ରତିଭା ଛୋଟ ବୟସରୁ ବିକଶିତ ହେଉଛି। ସରିତଙ୍କ ଏହି ସଫଳତା ସମଗ୍ର ଜିଲାର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ। ତେଣୁ ପାଠ୍ୟ ପୁସ୍ତକ ଯୁକ୍ତ ଶିକ୍ଷା ସଙ୍ଗେ ସଙ୍ଗେ ଅତିରକ୍ତ ପାଠ୍ୟକ୍ରମ ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ହେଲୋକିଡ୍ସର ନିର୍ଦ୍ଦେଶିକା ରଶ୍ମିତା ପଟେଲଙ୍କ ଉପସ୍ଥିତିରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିଭା ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ବେଦବ୍ୟାସ ଧୂଆ ମଞ୍ଚ ପରିଚାଳନା କରିଥିଲେ। ସରିତଙ୍କ ଏହି ସଫଳତା ନିମନ୍ତେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।

**ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ସମୀକ୍ଷା**

ସମ୍ବଲପୁର,(ପ୍ରମୋଦ ବହିଦାର): ରାଜ୍ୟ ସରକାରଙ୍କ ଶକ୍ତ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ତିନିଦିନିଆ ସମ୍ବଲପୁର ଗସ୍ତରେ ଆସି ଶନିବାର ଏଠାରେ ପହଞ୍ଚିଛନ୍ତି। ପ୍ରଥମ ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସମଗ୍ରଶିକ୍ଷା ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ଗହଣରେ ସେ ସରକାରଙ୍କ ବିଭିନ୍ନ ଜନାଭିମୁଖୀ ଯୋଜନା ଓ ପ୍ରକଳ୍ପର ସମୀକ୍ଷା କରିଥିଲେ। ଗସ୍ତ ସମୟରେ ଜିଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରିତା, ଲୋକଙ୍କ ସମସ୍ୟା ସାମାଧନ କ୍ଷେତ୍ରରେ ଜିଲାସ୍ତରୀୟ ଅଧିକାରୀଙ୍କ ଭୂମିକା ଆଦିର ସମୀକ୍ଷା କରିବେ ବୋଲି ଜଣା ପଡ଼ିଛି।



## ସଂକ୍ଷେପରେ

### ୨ ପୁରୁଣା ୱାରେଣ୍ଟି ଗିରଫ

ନାକଟିଦେଉଳ,୨୨।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ପୋଲିସ ଶନିବାର ୨ ଜଣ ପୁରୁଣା ୱାରେଣ୍ଟି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ୨ ଅଭିଯୁକ୍ତ ଦୀର୍ଘ ଦିନ ହେଲା କୋର୍ଟରୁ ସମନ ଆସିବା ସତ୍ତ୍ୱେ କୋର୍ଟରେ ହାଜର ହେଉ ନ ଥିବାରୁ କୋର୍ଟ ସେମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଗିରଫ ୨ ଅଭିଯୁକ୍ତ ହେଲେ ନାକଟିଦେଉଳ ଥାନା ଅନ୍ତର୍ଗତ ଚଢ଼ଚଢ଼ି ଗ୍ରାମର ଧରଣୀଧର ଦେହୁରୀ ଏବଂ କେଲୋବେର୍ଣ୍ଣି ଗ୍ରାମର ରବୀ ସେଠ। ଧାରଣୀଧରଙ୍କ ବିରୋଧରେ ନାକଟିଦେଉଳ ଥାନାରେ ଚୋରା ଗଞ୍ଜେଇ କାରବାର ମାମଲା ରହିଥିବା ବେଳେ ରବୀ ସେଠଙ୍କ ବିରୋଧରେ ଡକାୟତି ମାମଲା ରୁଜୁ ହୋଇଥିଲା। ମାମଲା କୋର୍ଟରେ ବିଚାରଧୀନ ଥିବା ବେଳେ ଏମାନେ ଜାମିନରେ ଆସିବା ପରେ ଆଉ କୋର୍ଟରେ ହାଜର ହେଉ ନ ଥିଲେ। ଶନିବାର ସକାଳୁ ନାକଟିଦେଉଳ ଥାନା ଏଏସଆଇ ହୀରାଧର ବେହେରା ସଦଳବଳ ଏହି ୨ଜଣଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲେ। ଉଭୟଙ୍କୁ ପୋଲିସ ଶନିବାର ସମ୍ବଲପୁର କୋର୍ଟ ଚାଲାଣ କରିଛି।

# କ୍ଷୁଦ୍ର, ମଧ୍ୟମ ଓ ଲଘୁ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)

ଷ୍ଟାର୍ଟଅପ ଓଡ଼ିଶା ଅନ୍ତର୍ଗତ ପୂର୍ବୋଦୟ-୨୦୨୫ ଅଞ୍ଚଳର କ୍ଷୁଦ୍ର, ମଧ୍ୟମ ଓ ଲଘୁ ଉଦ୍ୟୋଗୀ(ଏମ୍ଏସ୍ଏମ୍ଇ)ଙ୍କୁ ପ୍ରୋତ୍ସାହିତ କରିବ। ସମୃଦ୍ଧ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଲକ୍ଷ୍ୟର ସଫଳ ରୂପାୟନ ପାଇଁ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। ଏଥିରେ ଯୁବ ଉଦ୍ୟୋଗୀମାନଙ୍କ ବିକାଶ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ) ପରିସରରେ ଶନିବାର ଅପରାହ୍ନରେ ପୂର୍ବୋଦୟ-୨୫ର ଶୁଭ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀ ରବି ନାରାୟଣ ନାଏକ ଏହା କହିଛନ୍ତି।

ବକ୍ତବ୍ୟ ରଖି ମନ୍ତ୍ରୀ ନାଏକ କହିଛନ୍ତି, ଷ୍ଟାର୍ଟଅପ୍ ଓଡ଼ିଶା ଅନ୍ତର୍ଗତ ପୂର୍ବୋଦୟ ଯୋଜନାରେ ଯୁବ ଉଦୋଗୀମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବା ବ୍ୟବସ୍ଥା ହୋଇଛି। ଏଥିରେ ବିଭିନ୍ନ ବ୍ୟାଙ୍କ ଓ ବଡ଼ ଉଦ୍ୟାଗ ସହିତ ଜଡ଼ିତ କରାଯିବା ବ୍ୟବସ୍ଥା କରାଯିବ। କେବଳ ରାଜଧାନୀ ଭୁବନେଶ୍ୱର କାହିଁକି ସମ୍ବଲପୁରର ଯୁବଗୋଷ୍ଠୀଙ୍କ ପାଇଁ ମଧ୍ୟ ଉଦ୍ୟୋଗୀ ହେବାର ସୁଯୋଗ ସୃଷ୍ଟି କରିବ ଏହି କାର୍ଯ୍ୟକ୍ରମ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଉଦ୍ୟୋଗୀ ହେବର ସ୍ୱପ୍ନ ଦେଖିଥିବା ଅଞ୍ଚଳର ଯୁବତୀ, ଯୁବକମାନଙ୍କ ଏଠାରେ ବିଭିନ୍ନ ଉଦ୍ୟୋଗ ପାଇଁ ତିନିଦିନ ଧରି ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଯଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରି ପାରିବେ ବୋଲି ସେ କହିଛନ୍ତି।

ଅନ୍ୟତମ ଅତିଥି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସ୍ଥାନୀୟ ଯୁବ ଉଦ୍ୟୋଗୀମାନଙ୍କୁ କିଭଳି ସହାୟତା ଯୋଗାଇ ଦିଆଯାଇ ସ୍ୱବଲମ୍ବୀ କରାଯାଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ। ଉଦ୍ୟୋଗୀ ହୋଇ ଅନ୍ୟ ପାଇଁ ନିଯୁକ୍ତି ସୃଷ୍ଟି କରିବାକୁ ଯୁବଗୋଷ୍ଠୀଙ୍କୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱାବଲମ୍ବୀ ଭାରତ ଅଭିଯାନ କ୍ଷେତ୍ରୀୟ ସଂଯୋଜକ ସାରଦା ଶତପଥୀ ଏହି ଯୋଜନାରେ ଉଦ୍ୟୋଗୀ ମନୋଭାବ ଜାଗ୍ରତ କରାଯିବ ପାଇଁ ରାଜ୍ୟରେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଭାରତ ବିକାଶ ପରିଷଦ ପୂର୍ବାଞ୍ଚଳ ମଣ୍ଡଳ ସମ୍ପାଦକ ଶ୍ୟାମସୁନ୍ଦର ଶର୍ମା, ପୂର୍ବୋଦୟ ଓଡ଼ିଶା ରାଜ୍ୟ ଆବାହକ ଓମକାର ପରିଡ଼ା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମିମାଂଶା ରଥ ପରିଚାଳନା କରିଥିଲେ।




ଆୟୋଜିତ ପୂର୍ବୋଦୟ-୨୦୨୫ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସମ୍ବଲପୁରରେ ପୂର୍ବୋଦୟ-୨୫ ଉଦ୍‌ଘାଟିତ**

## ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ ଉଦ୍‌ଯାପିତ

ସମ୍ବଲପୁର,୨୨।୨(ବି.ଶଙ୍କର)

ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଗୌରିଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲାର ୨୪ ଜଣ ଉଚ୍ଚାକାଂକ୍ଷୀ ଚିତ୍ରଶିଳ୍ପୀଙ୍କୁ ନେଇ ଆୟୋଜିତ ଐକ୍ୟମର ସଂଯୋଜକ କେଦାର ନାୟକଙ୍କ ସଂଯୋଜନାରେ ହୋଇଥିଲା। ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା ମୁଖ୍ୟ ଅତିଥି, ଦୁଃଖିଶ୍ୟାମ ସେବକ, ପବିତ୍ର ମୋହନ ଶତପଥୀ ଓ ସୁଧାଂଶୁ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ୨୪ଜଣ ଯୁବ ଚିତ୍ରଶିଳ୍ପୀମାନଙ୍କ କଳାକୃତିକୁ ପରିଦର୍ଶନ କରି ଆହୁରି ଆଗକୁ ଯିବା ନେଇ ପରାମର୍ଶ ଦେଇଥିଲେ। ଚାରିଦିନ ଧରି ଚାଲିଥିବା ଏହି ଚିତ୍ରକଳା ପ୍ରଦର୍ଶନୀକୁ ସମ୍ବଲପୁର ସମେତ ବିଭିନ୍ନ ଜିଲାରୁ ୬୩୯ ଜଣ କଳାପ୍ରେମୀ ପରିଦର୍ଶନ କରି ଚିତ୍ର ଓ ଚିତ୍ରକରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ ହୃଷୀକେଶ ରଣା, ଏମ. ସାଇ ଜନାର୍ଦ୍ଦନ ଆଚାର୍ଯ୍ୟ, ପ୍ରେମ ଚାନ୍ଦ ରାଉତ, ପ୍ରଭୁଦୟାଲ୍ ତିର୍କୀ, ପି. ବି. ଗଣେଶ, ଶାନ୍ତନୁ କୁମାର ମେହେର, ବୃନ୍ଦାବନ ବିଶି, ସତ୍ୟନାରାୟଣ ମେହେର, ବୀରେନ୍ଦ୍ର ବି. ସିଂ, ଗଣେଶ ପ୍ରସାଦ ସିଂ, ସମରେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ମେହେର, ପପୁ କୁମାର ନାୟକ, ସୁରେଶ କୁମାର ସାହୁ, ସରୋଜ ରଣା ପ୍ରମୁଖ ଚିତ୍ରକୃତୀ ସ୍ଥାନ ପାଇଥିଲା। ଚିତ୍ରଶିଳ୍ପୀ ବିଦ୍ୟାପତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଶନିବାର ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

## ଆଇନଶୃଙ୍ଖଳା ରକ୍ଷା ପ୍ରତି ଅଧିକ ଧ୍ୟାନ ଦିଆଯିବ

କୁଚିଣ୍ଡା,୨୨।୨(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡାରେ ନୂତନଭାବେ ଯୋଗଦେଇଥିବା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରାଯାଇଥିଲା। କୁଚିଣ୍ଡା ଉପଖଣ୍ଡରେ ୪ଟି ଥାନା ରହିଛି। ଜନସାଧାରଣ କିଭଳି ପୋଲିସ ପ୍ରତି ଆସ୍ଥା ପ୍ରକଟ କରି ସହଯୋଗ କରିବେ ସେନେଇ ଅଧିକ ଗୁରୁତ୍ୱ ଦେବାକୁ ଆଲୋଚନାରେ ଏସ୍‌ଡିପିଓ ଦାସ କହିଛନ୍ତି। ଆଇନଶୃଙ୍ଖଳା ରକ୍ଷା ଦିଗରେ ପୋଲିସ ଅଧିକ ଧ୍ୟାନ ଦେବାକୁ କହି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ଦୀନେଶ ନନ୍ଦଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ତପନ ଦାସ, ଜିଲା ସଭାପତି ପ୍ରଭାତ ବେହେରା, ବିରଞ୍ଚି ଦର୍ଜ୍ଜୀ, ଶୁଶିଲ କର, ସୁଧିର ମହାନ୍ତି, ହୃଦୟନାଥ ପଟେଲ ପ୍ରମୁଖ ସାକ୍ଷାତରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଏସଡିପିଓ ଦାସ ସମ୍ବଲପୁର ଜିଲା ମୁଖ୍ୟାଳୟରେ ଡିଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ଗତ ରବିବାର କୁଚିଣ୍ଡାରେ ସେ ଏସ୍‌ଡିପିଓ ଭାବେ ଯୋଗଦେଇଛନ୍ତି।

# କଟକ-ଭୁବନେଶ୍ୱର ଫାଇନାଲ ମୁକାବିଲା



ଅତିଥିଙ୍କ ସହ ଖେଳାଳିମାନେ।

**ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ**

ସମ୍ବଲପୁର,୨୩।୨(ବି.ଶଙ୍କର)

ସମ୍ବଲପୁର ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ସର୍ବଭାରତୀୟ ୧୩ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ମ୍ୟାଚରେ କଟକ ଜଗତପୁର ଆଥେଲେଟିକ ଆସୋସିଏଶନ ଏବଂ ଭୁବନେଶ୍ୱର ଟୋମାଣ୍ଡୋ କ୍ରିକେଟ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଫାଇନାଲ ମ୍ୟାଚରେ କଟକ ଓ ଭୁବନେଶ୍ୱର ଦଳ ଭେଟ ହେବେ। ସମ୍ବଲପୁର ସହର ସ୍ଥିତ ହାୱା ମଇଦାନଠାରେ ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ଟୋମାଣ୍ଡୋ କ୍ରିକେଟ କ୍ଲବ ବନାମ ରାଉରକେଲା ଆରୱାସିସି ମଧ୍ୟରେ ହୋଇଥିଲା। ଏଥିରେ ଭୁବନେଶ୍ୱର ୫ ଉଇକେଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କଟକ ଜଗତପୁର ଆଥେଲେଟିକ ଆସୋସିଏସନ ୧୭୦ ରନ ବ୍ୟବଧାନରେ ଭ୍ରମଣକାରୀ ରାଞ୍ଚି ସୋନେଟ କ୍ରିକେଟ କ୍ଲବକୁ ପରାସ୍ତ କରିଥିଲା। ଟୁର୍ନାମେଣ୍ଟ ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ କର୍ମୀ ଡ. ଅମର ତାଣ୍ଡିଆ, ବାଲାଜୀ ମେହେର ଓ ସିଦ୍ଧେଶ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ସଞ୍ଜିବ କୁମାର ନାୟକ ସୂଚନା ପ୍ରଦାନ, ଟୁର୍ନାମେଣ୍ଟ ଅଧ୍ୟକ୍ଷ ସଞ୍ଜିବ ପ୍ରସାଦ ଅତିଥି ସ୍ୱାଗତ କରିଥିଲେ।

## ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ

ନାକଟିଦେଉଳ,୨୨।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ, ଯୁବ ରେଡକ୍ରସ ୟୁନିଟ, ରେଡ ରିବନ କ୍ଲବ ଓ ଏନସିସିର ମିଳିତ ଆନୁକୂଲ୍ୟରେ ଶନିବାର ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଆଲୋଚକଭାବେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡକ୍ଟର ପୁଷ୍ପାଞ୍ଜଳି ରବନା ଯୋଗଦେଇ ଭାରତର ବିଭିନ୍ନ ଅଞ୍ଚଳରେ ଚାଲିଥିବା ବାଲ୍ୟ ବିବାହ ପ୍ରଥାର କାରଣ, ବାଲ୍ୟବିବାହ ବିରୋଧୀ ଆଇନ ୨୦୦୬ର ତାତ୍ପର୍ଯ୍ୟ, ବାଲ୍ୟବିବାହ ବିରୋଧୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସଭାର ସଭାପତି ସାହୁ ବାଲ୍ୟ ବିବାହ ନିଷେଧରେ ଶିକ୍ଷା ଅନୁଷ୍ଠାନ, ମାତାପିତା, ପରିବାର ତଥା ସମାଜସେବୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଏକ ବୃତ୍ତଚିତ୍ର ଓ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଟିପିଡବ୍ଲ୍ୟୁଓଡିଏଲ୍ ପେ ଆଣ୍ଡ ଉଇନ ବିଜେତାଙ୍କ ନାମ ଘୋଷଣା




କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ଖବରଦାତାଙ୍କୁ ସୂଚିତ କରୁଛନ୍ତି।

ସମ୍ବଲପୁର, ୨୨।୨(ବି.ଶଙ୍କର)

ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ଜାନୁଆରୀ ମାସ ସକାଶେ ପେ ଆଣ୍ଡ ଉଇନ ସ୍କିମ ମାଧ୍ୟମରେ ବିଜେତାମାନଙ୍କର ଚୟନ ଅନ୍‌ଲାଇନ ମାଧ୍ୟମରେ ଘୋଷଣା କରାଯାଇଛି। ଶନିବାର ଅପରାହ୍ନରେ ସମ୍ବଲପୁର ଅଇଁଠାପାଲିସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କମର୍ସିଆଲ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ଖବରଦାତା ସମ୍ମିଳନୀରେ ସୂଚିତ କରିଛନ୍ତି। ସିଇଓ ବର୍ମା ସୂଚିତ କରିଥିଲେ, ଜାନୁଆରୀ ମାସରେ ବଲାଙ୍ଗୀର ବିଦ୍ୟୁତ ମଣ୍ଡଳରୁ ୮୭୨୦୬, ବରଗଡ଼ ମଣ୍ଡଳରୁ ୩୪ ହଜାର ୨୭୩, କଳାହାଣ୍ଡି ମଣ୍ଡଳରୁ ୧ ଲକ୍ଷ ୧୦ ହଜାର ୧୭୬, ରାଉରକେଲା ମଣ୍ଡଳରୁ ୧ ଲକ୍ଷ ୯୧ ହଜାର ୯୦୫ ଏବଂ ସମ୍ବଲପୁର ମଣ୍ଡଳରୁ ୧ ଲକ୍ଷ ୨୯ ହଜାର ୯୨୪ ଜଣ ବିଦ୍ୟୁତ ଉପଭୋକ୍ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଯେଉଁଥିରେ ବଲାଙ୍ଗୀର ମଣ୍ଡଳର ୧୧ଟି ଉପଖଣ୍ଡ ନିମନ୍ତେ ୩୩ ଜଣ ବିଜେତା, ବରଗଡ଼ ମଣ୍ଡଳର ୯ଟି ଉପଖଣ୍ଡ ନିମନ୍ତେ ୨୭ ଜଣ ବିଜେତା, କଳାହାଣ୍ଡି ମଣ୍ଡଳର ୧୦ଟି ଉପଖଣ୍ଡ ନିମନ୍ତେ ୩୦ ଜଣ ବିଜେତା, ରାଉରକେଲା ମଣ୍ଡଳର ୧୩ଟି ଉପଖଣ୍ଡ ନିମନ୍ତେ ୩୯ ଜଣ ବିଜେତା ଏବଂ ସମ୍ବଲପୁର ମଣ୍ଡଳରୁ ୧୪ଟି ଉପଖଣ୍ଡ ନିମନ୍ତେ ୪୨ ଜଣ ବିଜେତାଙ୍କ ନାମ କମ୍ପ୍ୟୁଟର ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତରେ ଚୟନ କରାଯାଇଛି। ସେହି ସମସ୍ତ ବିଜେତାଙ୍କୁ ଆଗାମୀ ଦିନରେ ନିକଟସ୍ଥ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରି ପୁରସ୍କାର ପ୍ରଦାନ କରାଯିବ। ଉପଭୋକ୍ତାଙ୍କୁ ପ୍ରଥମ ପୁରସ୍କାର ଏକ ସ୍ମାର୍ଟ ଫୋନ, ଦ୍ୱିତୀୟରେ ସାରେଗାମା କାରମା ଏବଂ ତୃତୀୟରେ ସୋଲାର ଲ୍ୟାମ୍ପ ଉପହାର ଦିଆଯିବ। ସମସ୍ତ ଉପଭୋକ୍ତାଙ୍କ ନାମ କମ୍ପାନୀର ୱେବସାଇଟରେ ମଧ୍ୟ ଉପଲବ୍ଧ କରାଯିବ ବୋଲି ସିଇଓ ପ୍ରବୀଣ କହିଛନ୍ତି। ସେହିପରି କମ୍ପାନୀର ବାଣିଜ୍ୟ ବିଭାଗୀୟ ମୁଖ୍ୟ ପିପି ତେନ୍ଦୁଲକର ଓ ଅର୍ଥ ବିଭାଗ ମୁଖ୍ୟ ସତିଶ କୁମାର ପେ ଆଣ୍ଡ ଉଇନ ସ୍କିମର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଜନସମ୍ପର୍କ ଅଧିକାରୀ ପ୍ରବୀର ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ମାତୃଭାଷା ଜ୍ଞାନର ଭାଷା

ସମ୍ବଲପୁର,୨୨।୨(ବି.ଶଙ୍କର)

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଏବଂ ୟୁକୋ ରାଜଭାଷା ସପ୍ତାହ ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ହିନ୍ଦୀ ପ୍ରାଧ୍ୟାପକ ଡ. ଜୟନ୍ତ କରଶର୍ମା ମୁଖ୍ୟବକ୍ତା, ସମ୍ବଲପୁର ୟୁକୋ ବ୍ୟାଙ୍କର ଡେପୁଟୀ ଜୋନାଲ ମୁଖ୍ୟ ରଶ୍ମିରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି, ଓଡ଼ିଆ ବିଭାଗ ମୁଖ୍ୟ ଅଖିଳ ବିଶ୍ୱାଳ, ୟୁକୋ ବ୍ୟାଙ୍କ ହିନ୍ଦୀ ଅଧିକାରୀ ବିଶାଳ ଚୌହାନ ଆଲୋକ ଭାବରେ ଯୋଗଦାନ କରିଥିଲେ। ମାତୃଭାଷାର ଗୁରୁତ୍ୱ ଜାତୀୟ ଶିକ୍ଷାନୀତିରେ କିଭଳି ପ୍ରତିଫଳିତ ହୋଇଛି ସେନେଇ ମୁଖ୍ୟବକ୍ତା ଡ. କରଶର୍ମା ତାହା ବ୍ୟକ୍ତ କରିଥିଲେ। ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ହିନ୍ଦୀ ଭାଷାର ଉପଯୋଗିତା ଏବଂ ବିଭିନ୍ନ ଭାଷାର ବିକାଶର ଦିଗରେ କୃତ୍ରିମ ମେଧା ଓ ଯାନ୍ତ୍ରିକ ଭାଷାର ଉପଯୋଗିତା ରହିଛି। ମାତୃଭାଷାର ବିକାଶ ପାଇଁ ତୃଣମୂଳସ୍ତରରୁ ଶୀର୍ଷ ସ୍ତର ପର୍ଯ୍ୟନ୍ତ ସମସ୍ତେ ପ୍ରୟାସରତ ହେବା ଆବଶ୍ୟକ। ମାତୃଭାଷା ଜ୍ଞାନର ଭାଷା ହେଲେ ସମାଜର ପ୍ରତ୍ୟେକ ବର୍ଗର ଲୋକମାନେ ଉପକୃତ ହେବେ। ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରୁ ଜ୍ଞାନ ମୁକ୍ତି ପାଇ ସମାଜର ସମସ୍ତ ସ୍ତରକୁ ସଂଚରିତ ହେବ ଓ ଦେଶର ସର୍ବାଙ୍ଗୀନ ବିକାଶ ହେବ ବକ୍ତାମାନେ କହିଥିଲେ। ଏହି ଉତ୍ସବ ଅବସରରେ ୟୁକୋ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ବିଭାଗର ସ୍ନାତକୋତ୍ତରର ଶ୍ରେଷ୍ଠ ୨ ଛାତ୍ରୀ ତୃପ୍ତି ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ୫ହଜାର ଟଙ୍କା ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପୁରୁଷୋତ୍ତମ କୁମ୍ଭ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଭା ସଂଯୋଜନା କରିଥିଲେ। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ୟୁନାଇଟେଡ କମର୍ସିଆଲ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା।

## ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବିକାଠି




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୨୨।୨(ବିରଞ୍ଚି ଦର୍ଜ୍ଜୀ)

**ପ୍ରାଥମିକ ସ୍କୁଲ ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଟାଇଁସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆରସିସି ନବୀନଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ମୁଖ୍ୟଅତିଥି, ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ ମୁଖ୍ୟବକ୍ତା, ସରପଞ୍ଚ ରାଜେନ୍ଦ୍ର କିଷାନ, ସମିତି ସଭ୍ୟ ଖଗେଶ୍ୱର କିଷାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁଣମଣି ମାଝି, ନାଏବ ସରପଞ୍ଚ ରେବତୀ କୁସୁମ, ପୁରାତନ ଛାତ୍ର ସଂସଦ ସଭାପତି କିଶୋର କିଷାନ ସମ୍ମାନିତ ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ମାତୃଶକ୍ତି ହିଁ ବିଦ୍ୟାର ପ୍ରଥମ ଗୁରୁ। ତେଣୁ ଦୃଢ଼ ଇଚ୍ଛା ଶକ୍ତି ସଫଳତାର ଚାବିକାଠି ବୋଲି କହି ପିଲାମାନେ ପାଠପଢ଼ି ଭଲ ମଣିଷ ହେବାକୁ କହିଥିଲେ। ପ୍ରଧାନଶିକ୍ଷକ ନବକିଶୋର ଜୟପୁରିଆ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଏଲିସବା ଓରାମ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସୁନ୍ଦରଗଡ଼ ଜିଲା ଫାଇନାଲରେ

ସମ୍ବଲପୁର,୨୨।୨(ଭବାନୀ ଶଙ୍କର ଭୋଇ)

**ବର୍ଷୀୟାନ କ୍ରୀଡ଼ା ସଂଘ ଆୟୋଜିତ ଆନ୍ତଃ ଜିଲା ଫୁଟ୍‌ବଲ**

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶାସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଦ୍ୱିତୀୟ ସେମିଫାଇନାଲ ଖେଳାଯାଇଥିଲା। ସୁନ୍ଦରଗଡ ଓ ଦେବଗଡ଼ ଜିଲା ମୁହାଁମୁହିଁ ହୋଇଥିଲେ। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସୁନ୍ଦରଗଡ ଜିଲାର ସଞ୍ଜିବ ଓରାମ ୧୩ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ବଳରେ ଖେଳର ପ୍ରଥମାର୍ଦ୍ଧରେ ସୁନ୍ଦରଗଡ ଜିଲା ୧-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତିୟାର୍ଦ୍ଧରେ ଦେବଗଡ ଜିଲାର ପିଣ୍ଟୁ ଓରାମ ୬୦ ତମ ମିନିଟରେ ଦଳ ପକ୍ଷରୁ ପ୍ରଥମ ଗୋଲ କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ତେବେ ଖେଳର ୭୦ ମିନିଟରେ ସୁନ୍ଦରଗଡର ସଞ୍ଜିବ ଓରାମ ପୁଣି ଏକ ଗୋଲ କରି ଦଳକୁ ୨-୧ରେ ଆଗୁଆ କରିଥିଲେ। ଖେଳ ଶେଷ ସୁଦ୍ଧା ଦେବଗଡ ଜିଲା ଆଉ କୌଣସି ଗୋଲ କରିବାରେ ସକ୍ଷମ ହୋଇନଥିଲା। ଫଳସ୍ୱରୂପ ସୁନ୍ଦରଗଡ ଦଳ ୨-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନିତ ହୋଇଥିଲା। ଖେଳକୁ ସଲିଲ ବେହେରା, ମନୋଜ ଭୋଇ, ପଞ୍ଚାନନ ପାତ୍ର, ଅରୁଣ ଭୋଇ ଏବଂ ଜିତୁ ପାତ୍ର ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ସଂଘ ସଭାପତି ଗୋକୁଳ ଦର୍ଜିଙ୍କ ପରିଚାଳନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ, ସାହେବ ଖମାରୀ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ସୁନ୍ଦରଗଡ ଏବଂ ଦେବଗଡ ଜିଲାର ଖେଳାଳି ଏବଂ କର୍ମକର୍ତ୍ତା।

## ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତ ଛାତ୍ରୀ ସମ୍ମିଳନୀ




ପ୍ରାନ୍ତସ୍ତରୀୟ ଛାତ୍ରୀ ସମ୍ମିଳନୀରେ ଯୋଗଦେବାକୁ ଛାତ୍ରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ସମ୍ବଲପୁର,୨୨।୨(ବି.ଶଙ୍କର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡ଼ିଶା ପଶ୍ଚିମ ପ୍ରାନ୍ତ ଆୟୋଜନରେ ପ୍ରାନ୍ତସ୍ତରୀୟ ଛାତ୍ରୀ ସମ୍ମିଳନୀ ସମ୍ବଲପୁର ରାଧାନାଥ କମ୍ୟୁନିଟି ସେଣ୍ଟରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନ୍ତରାଷ୍ଟ୍ରୀୟ ନୃତ୍ୟଶିଳ୍ପୀ ପଦ୍ମିନୀ ପାଣିଗ୍ରାହୀ ମୁଖ୍ୟଅତିଥି ଓ କ୍ଷେତ୍ରୀୟ ଛାତ୍ରୀ ପ୍ରମୁଖ ଗାର୍ଗୀ ବାନାର୍ଜୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ଏକତା ସମାଜକୁ ନୂତନ ଦିଗଦର୍ଶନ ଦେଇପାରିବ। ଯଦ୍ୱାରା ବିକଶିତ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ମଞ୍ଚରେ ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ବରାଇ, ରାଜ୍ୟ ଉପସଭାପତି ନିର୍ଝରଣୀ ତ୍ରିପାଠୀଙ୍କ ସମେତ ପ୍ରାନ୍ତ ଛାତ୍ରୀ ପ୍ରମୁଖ ଓ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ। ଏହି ଛାତ୍ରୀ ସମ୍ମିଳନୀ ପୂର୍ବରୁ ସମ୍ବଲପୁର ସହରରେ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ପ୍ରାନ୍ତରୁ ପ୍ରାୟ ୩ ଶହରୁ ଅଧିକ ଛାତ୍ରୀ ପ୍ରତିନିଧି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ବ୍ୟବସ୍ଥା ପ୍ରମୁଖ ଯଶବର୍ଦ୍ଧନ ତିୱାରୀ, ସୂରଜ ଧଳ, ନିଖିଳ ଅଗ୍ରୱାଲ, ସିଞ୍ଚନ ମିଶ୍ର, ଅଭିଷେକ ପାଣିଗ୍ରାହୀ, ସାଇଶ୍ରୀ ପଟେଲ, ଲକି ଛତ୍ରିଆ, ବରୁଣ ପଟେଲ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

## ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ

### ବୁଢିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ

**ଖପ୍ରାଖୋଲ,୨୨।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ବୃନ୍ଦାବନ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଓ ରୁଦ୍ରଦେବ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଶାନ୍ତନୁ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ପୁଟେଲ, ୱାର୍ଡ ମେମ୍ବର ଅଲେଖ ବିଶ୍ୱାଳ, ଗୌରୀ ଖୁଆସ , ଧ୍ରୁବ ଛତାବରା ଯୋଗଦେଇ ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଲୋକ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌର ସୁନ୍ଦର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ଲାଠୋର,୨୨।୨(ଭୁବନେଶ୍ୱର ବାରିକ)**

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କରୁଆଁଝରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । କୃଷ୍ଣ ଚନ୍ଦ୍ର ଭୁଏଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ସଞ୍ଜୀବ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଷାଗତ ବିବିଧତାର ଗୁରୁତ୍ୱ ଏବଂ ଓଡ଼ିଆ ଭାଷାର ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରିଷ୍ଠ ଶିକ୍ଷକ ସତ୍ୟବାନ ସାହୁ ଅନ୍ତର୍ଜାତୀୟ ମାତୃଭାଷା ଦିବସର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଏହାଛଡା ମାତୃଭାଷାକୁ ସୁରକ୍ଷା ଏବଂ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଆକାଶ କୁମାର ସାହୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କିପରି ଭାଷା ପରିଚୟ ଗଠନ ଏବଂ ଲୋକଙ୍କ ମଧ୍ୟରେ ଏକତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ତାହା ଉପରେ ଆଲୋକପାତ କରିଥିଲେ। ଏଥିସହିତ ବିଶ୍ୱ ସ୍ତରରେ ଓଡ଼ିଆ ଭାଷାକୁ ସଂରକ୍ଷଣ କରିବା ପାଇଁ ବିଭିନ୍ନ ରଣନୀତି ଉପରେ ଆଲୋଚନା କରିଥିଲେ। ଆଲୋଚନାରେ ଯୋଗଦେଇ ଶିକ୍ଷକ ନୀଳାମ୍ବର କୁମାର ବିଶିଷ୍ଟ କବି ଏବଂ ଲେଖକମାନଙ୍କ ଉଦାହରଣ ଉଦ୍ଧୃତ କରି ଭାଷା ସାହିତ୍ୟର ବିକାଶ ଉପରେ କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଜଗବନ୍ଧୁ ନାଗ, ସୁନୀତା ନନ୍ଦ, ସୁନୀତା ବାର୍ଲା, ହିତେଶ୍ୱରୀ ବିଶ୍ୱାଳ ଏବଂ ଜ୍ୟୋତି କାଲୋ ସହଯୋଗ କରିଥିଲେ।

## ମେଳାରେ ଅଘଟଣ: ଟଳି ପଡ଼ିଲେ ତବଲା ବାଦକ

**ଲୋଇସିଂହା,୨୨।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ଗ୍ରାମରେ ଏବେଠାରୁ ଆରମ୍ଭ ହୋଇଥିବା ଶିବରାତ୍ରୀ ମେଳାରେ ଅଘଟଣ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ମେଳାରେ ଜଣେ ପାରାୟଣ ତବଲା ବାଦକଙ୍କ ମୃତ୍ୟୁ ଘଟିଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଖପ୍ରାଖୋଲ ଥାନା ମାଳପଡ଼ା ଗ୍ରାମର ଅକ୍ଷୟ ସାହୁ (୫୨) । ଶନିବାର ଲୋଇସିଂହା ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ମେଡ଼ିକାଲରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ନଂ ୫।୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପୋଲିସସୂଚନାଅନୁଯାୟୀ,କନ୍ଦାଜୁରୀରେ ଶିବରାତ୍ରି ଉପଲକ୍ଷେ ପାରାୟଣ ଅନୁଷ୍ଠିତ ହେଉଛି। ଏଥିରେ ତବଲା ବାଦକ ଭାବେ ଅକ୍ଷୟ ସାମିଲ ହୋଇଥିଲେ। ସନ୍ଧ୍ୟାରେ ସେ ଅସୁସ୍ଥତା ଅନୁଭବ କରିବାରୁ ବିଶ୍ରାମ ନେଇଥିଲେ। ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଭାଇଙ୍କ ହୃଦ୍‌ଜନିତ ସମସ୍ୟା ରହିଥିଲା। ଦେଢବର୍ଷ ତଳେ ସେ ରାୟପୁରରେ ଚିକିତ୍ସିତ ହୋଇ ଅସ୍ତ୍ରୋପଚାର କରାଇଥିଲେ। ସେତେବେଳେ ଡାକ୍ତର ତାଙ୍କୁ ତବଲା ବଜାଇବାକୁ ବାରଣ କରିଥିଲେ ବୋଲି ମୃତକଙ୍କ ଭାଇ ନିରୋଜ ପୋଲିସ ନିକଟରେ ପ୍ରକାଶ କରିଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି।

# ଖବର ପ୍ରକାଶ ପରେ ଦରମା ମିଳିଲା

### ଦରମା ନ ପାଇବାରୁ ମୂଲ ଲାଗିବାକୁ ଶିକ୍ଷକଙ୍କ ଛୁଟି ଦରଖାସ୍ତ ପ୍ରସଙ୍ଗ

**ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)**

୩ ମାସ ହେଲା ଦରମା ମିଳୁ ନ ଥିବାରୁ ଜଣେ ସହକାରୀ ଶିକ୍ଷକ ମୂଲ ଲାଗିବାକୁ ଯିବେ ବୋଲି ପ୍ରଧାନଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେବା ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଖବର ପ୍ରସାରଣ ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଦରମା ମିଳିଥିବା ଜଣାପଡିଛି। ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବାନ୍ଧନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର) ପ୍ରଭୁଦତ୍ତ ସାହୁ ବୁଧବାର ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଏକ ଛୁଟି ଦରଖାସ୍ତ ଦେଇଥିଲେ। ତେବେ ଉକ୍ତ ଛୁଟି ଦରଖାସ୍ତରେ ଶିକ୍ଷକ ଜଣକ ଯେଉଁ ଉଦ୍ଦେଶ୍ୟରେ ଛୁଟି ମାଗିଥିଲେ ତାକୁ ପଢ଼ି ପ୍ରଧାନ ଶିକ୍ଷକ ଚକିତ ହୋଇଯାଇଥିଲେ। ଦରଖାସ୍ତରେ ସହକାରୀ ଶିକ୍ଷକ ସାହୁ ଉଲ୍ଲେଖ କରିଥିଲେ, ସେ ଦୀର୍ଘ ୩ ମାସ ହେଲା ଦରମା ପାଇ ନ ଥିବାରୁ ଆର୍ଥିକ ସଙ୍କଟ ମଧ୍ୟରେ ଦିନ କାଟୁଛନ୍ତି। ଏଣୁ ସେ ମଜୁରି କରିବାକୁ ଯିବେ। ଏଥିସକାଶେ ୨୦ ତାରିଖ ଗୁରୁବାର ସ୍କୁଲରେ ଉପସ୍ଥିତ ହୋଇପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ପ୍ରଧାନ ଶିକ୍ଷକ ଉକ୍ତ ଛୁଟି ଦରଖାସ୍ତ ଗ୍ରହଣ କରିବା ପରେ ଗୁରୁବାର ଦିନ ଶିକ୍ଷକ ସାହୁ ଜଣେ ଚାଷୀଙ୍କ କ୍ଷେତରେ ମୂଲ ଲାଗିବାକୁ ଯାଇଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଶୁକ୍ରବାର ସମ୍ପୃକ୍ତ ଶିକ୍ଷକଙ୍କ ସହ ଦରମା ପାଇ ନ ଥିବା ଅନ୍ୟ ଶିକ୍ଷକଙ୍କୁ ମଧ୍ୟ ବକେୟା ଦରମା ପ୍ରଦାନ କରାଯାଇଥିବା ଜଣାପଡିଛି।


ସହକାରୀ ଶିକ୍ଷକ ପ୍ରଭୁଦତ୍ତ ସାହୁ।


ସହକାରୀ ଶିକ୍ଷକ ପ୍ରଭୁଦତ୍ତ ଜଣେ ଚାଷୀଙ୍କ କ୍ଷେତରେ କାମ କରୁଛନ୍ତି ।

# ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ



ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପନୀ ଅବସରରେ ମଥୁରାନଗରୀ କଂସ ଦରବାରରେ ଅତିଥି ବୃନ୍ଦ ।

**ମୁରିବାହାଲ,୨୨।୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଶେଷ ରଜନୀରେ ଯମ ଦରବାର, କଂସ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଧନୁଯାତ୍ରା କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭାଜପା ନେତା ତଥା ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ବ୍ୟବସାୟୀ ପୃଥୀରାଜ ପାତ୍ର, ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ସଭାପତି ଡ଼. ସୁବ୍ରତ କୁମାର ମହାକୁର,କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ସଭାପତି ପ୍ରବିଜିତ ସିଂ ସାଲୁଜା,କଣ୍ଟାବାଞ୍ଜି ପ୍ରେସ କ୍ଲବ ଉପଦେଷ୍ଟା ଆଶିଷ ଖେତାନ, କମିଟି ସହ ସମ୍ପାଦକ ତଥା କ୍ରୀଡାବିତ ରମାରଞ୍ଜନ ପାତ୍ର,ସମିତି ସଭ୍ୟ ସନ୍ୟାସୀ ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସାତଦିନ ବ୍ୟାପୀ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ପାଖ ଗ୍ରାମ ବନବାହାଲ ଗୋପପୁର ପାଲଟିଥିଲା। ଏହି ଅବସରରେ ଅଞ୍ଚଳର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ମୀନାବଜାର ଆଦି ଅନୁଷ୍ଠିତ ହୋଇଥିଲା। ଧନୁଯାତ୍ରାରେ ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏଥିପାଇଁ ମୁରିବାହାଲ ପୋଲିସ

### କଂସ ବଧ ନାଟକ ମଞ୍ଚସ୍ଥ

ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଥିଲା। ଧନୁଯାତ୍ରା ମହୋତ୍ସବ କମିଟି ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ସୁବ୍ରତ ମହାକୁର, ବିଶ୍ୱବିହାରୀ ଯୋଷୀ, ନିରଞ୍ଜନ ସାହୁ, ଦିବ୍ୟସୁନ୍ଦର ସାହୁ, ଶ୍ୟାମସୁନ୍ଦର ଝଙ୍କାର, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି, ସୁଦାମ ବଘାର ,ରମେଶ ନାଗ, ସୁଦାମ ସାହୁ ,ତରଣିସେନ ମେହେର ସାଧାରଣ ସମ୍ପାଦକ, ଅମରେଶ ମାଝୀଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଧନୁଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆୟୋଜକ କମିଟି ସଭାପତି ଶ୍ରୀବତ୍ସ ବେହେରା ସଭା ପରିଚାଳନା କରିଥିଲେ। ଆୟୋଜକ କମିଟିର ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

## ହିତାଧିକାରୀଙ୍କୁ ମାଣ୍ଡିଆ ବଣ୍ଟନରେ ଦୁର୍ନୀତି

**ପାଟଣାଗଡ,୨୨।୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲାରେ ବିଶ୍ୱସ୍ତରୀୟ ମିଲେଟ ମିଶନ ଯୋଜନାରେ କେଳେଙ୍କାରୀ ହୋଇଥିବା ବେଳେ ଏବେ ମାଣ୍ଡିଆ ବଣ୍ଟନରେ ଦୁର୍ନୀତି ହୋଇଥିବା ଚିତ୍ର ସାମ୍ନାକୁ ଆସିଛି। ଯୋଗାଣ ଠିକାଦାର ଓ ଆରଏମସି ଇନଚାର୍ଜଙ୍କ ସଲାସୁତୁରାରେ ଏହି ଦୁର୍ନୀତି ହୋଇଥିବାଅଭିଯୋଗ ହେଉଛି। ପ୍ରକାଶ ଯେ, ପାଟଣାଗଡ, ଖପ୍ରାଖୋଲ ଓ ବେଲପଡା ବ୍ଲକ ସହ ପାଟଣାଗଡ ଏନଏସିକୁ ଜାନୁୟାରୀ ୨୫ରେ ୪ ହଜାର ୫ ଶହ ୪୧ କୁଇଣ୍ଟାଲ ୬୪ କେଜି ମାଣ୍ଡିଆ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଆସିଥିଲା। ଉପଖଣ୍ଡର ବିଭିନ୍ନ ପଞ୍ଚାୟତ ରାଶନକାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରିବା ପାଇଁ କଣ୍ଟାବାଞ୍ଜି ଓଏସଡବ୍ଲୁସି ଗୋଦାମରୁ ଯୋଗାଣ ଠିକାଦାର ଏହାକୁ ଉଠାଇଥିଲେ। ଏଥିପାଇଁ ପାଟଣାଗଡ ଓ ଖପ୍ରାଖୋଲ ବ୍ଲକ ସମେତ ପାଟଣାଗଡ ଏନଏସିକୁ ଯୋଗିମୁଣ୍ଡା ଆରଏମସି ଇନଚାର୍ଜ ଗେଟ ପାସ ଦେଇଥିବା ବେଳେ ବେଲପଡା ବ୍ଲକ ପାଇଁ କଣ୍ଟାବାଞ୍ଜି ଆରଏମସି ଇନଚାର୍ଜ ଠିକାଦାରଙ୍କୁ ଗେଟ ପାସ୍ ଦେଇଥିଲେ । ସେଥିମଧ୍ୟରୁ ପାଟଣାଗଡ ବ୍ଲକ ପାଇଁ ୧୭୦୧ .୨୩୦ କୁଇଣ୍ଟାଲ, ଖପ୍ରାଖୋଲ ବ୍ଲକ ପାଇଁ ୧୩୭୧.୧୭୦ , ବେଲପଡା ବ୍ଲକ ପାଇଁ ୧୪୪୮.୪୧୦ ଓ ପାଟଣାଗଡ ଏନଏସି ପାଇଁ ୨୦.୮୩୦ କୁଇଣ୍ଟାଲ ମାଣ୍ଡିଆ ଉଠାଯାଇଥିଲା। ଓଏସଡବ୍ଲୁସି ଗୋଦାମରୁ ଉଠାଯାଇଥିବା ଏହି ମାଣ୍ଡିଆରୁ ସିଧାସଳଖ ୧୫ଶହ କୁଇଣ୍ଟାଲ ମାଣ୍ଡିଆ କଣ୍ଟାବାଞ୍ଜି ଖୋଲାବଜାରରେ ବିକ୍ରୀ ହୋଇଥିବା ନେଇ କେତେଜଣ ଯୋଗାଣ ସହାୟକ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଏପରି କି ହିତାଧିକାରୀମାନଙ୍କୁ ୫ କେଜି ଦେବା ବଦଳରେ ଅଢେଇ କେଜି ମାଣ୍ଡିଆ ଦିଆଯାଇଛି। ଏହାର ଉଦାହରଣ ଶୁକ୍ରବାର ପାଟଣାଗଡ ବ୍ଲକ ତେଣ୍ଡାପଦର ପଞ୍ଚାୟତରେ ଦେଖିବାକୁ ମିଳିଛି। ହିତାଧିକାରୀଙ୍କୁ ୫ କେଜି ମାଣ୍ଡିଆ ଦେବା ବଦଳରେ ଅଢେଇ କେଜି ମାଣ୍ଡିଆ ଦିଆଯାଇଥିବାରୁ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ତେଣ୍ଡାପଦର ପଞ୍ଚାୟତ ଯୋଗାଣ ସହାୟକ ଅଶୋକ ପଟେଲ ଓ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁଙ୍କ ପ୍ରତିକ୍ରିୟା ନେବାକୁ ଫୋନ ଯୋଗେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଉପରୋକ୍ତ ଘଟଣା ସମ୍ପର୍କରେ ପାଟଣାଗଡ ଉପଜିଲାପାଳ ସୁନୀଲ ମେହେରଙ୍କୁ ପଚାରିବାରେ ଜିଲା ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀଙ୍କ ସହ ସମ୍ପୃକ୍ତ ବ୍ଲକର ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି । ଉକ୍ତ ଟିମ୍ ପଞ୍ଚାୟତଗୁଡିକୁ ଯାଇ ତଦନ୍ତ ଜାରି ରଖିଛନ୍ତି । ତଦନ୍ତ ରିପୋର୍ଟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୨ ଭାଇ ଗିରଫ

### ଜୁଆ ଖେଳ ସାମଗ୍ରୀ, ନଗଦ ଟଙ୍କା ଜବତ

**ଦେଓଗାଁ,୨୨।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ଶନିବାର ସ୍ଥାନୀୟ ପୋଲିସ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଭୂତିଆରବାହାଲରେ ବେଆଇନ ଜୁଆଆଡ୍ଡା ଉପରେ ଅଚାନକ ଚଢ଼ାଉ କରିଛି । ଏହି ଘଟଣାରେ ୨ ଭାଇଙ୍କୁ ପୋଲିସ ଗିରଫ କରିଛି। ଗିରଫ ୨ଜଣ ହେଲେ ଭୂତିଆରବାହାଲ ଗାଁର ଲକ୍ଷ୍ମଣ ଭୋଇ(୪୪) ଓ ସୁବଳ ଭୋଇ(୩୬)। ଏନେଇ ଥାନାରେ ନଂ ୬୧/୨୫ରେ ମାମଲା ରୁଜୁ କରିବା ସହ ୨ଭାଇଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ଏହାଛଡା ଜୁଆଖେଳ ସାମଗ୍ରୀ ଓ ନଗଦ ୨୬ ହଜାର ୫୦୦ ଟଙ୍କା ଜବତ କରାଯାଇଛି । ସୂଚନାନୁସାରେ ଭୂତିଆରବାହାଲ ଗାଁ ଛକ ନିକଟରେ ଅନେକ ଦିନରୁ ୨ଭାଇ ଲକ୍ଷ୍ମଣ ଓ ସୁବଳ ବେଆଇନ ଭାବେ ଜୁଆଖେଳ(ସଟ୍ଟା) ଚଳାଇ ଆସୁଥିଲେ । ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବରପାଇ ଶନିବାର ଅପରାହ୍ନରେ ଖେଳ ଚାଲିଥିବା ସମୟରେ ଚଢ଼ାଉ କରିଥିଲେ ।

## ବିଶ୍ୱ ମାତୃଭାଷା ଦିବସ ପାଳିତ

**ଦେଓଗାଁ,୨୨।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଆ ଅଧ୍ୟାପକ ସନତ କୁମାର ରଥ ଯୋଗଦେଇ ଓଡିଆ ଭାଷାର ମହନୀୟତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ଯୋଗଦେଇ ଭାଷାର ଉତ୍ପତ୍ତି ଓ ଓଡିଆ ଭାଷା ତଥା ଭାରତରେ ଭାଷା ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଆଶିଷ କୁମାର ପଣ୍ଡା ସଂଯୋଜନା କରିଥିଲେ । ଅଧ୍ୟାପିକା ସାରଦା ଭଞ୍ଜଦେଓ, ମଞ୍ଜରୀ ପୋଢ଼, ଅଧ୍ୟାପକ ସରୋଜ କୁମାର ମହାନ୍ତି, ସନାତନ ନାଗ, ରମେଶ ଚନ୍ଦ୍ର ନାୟକ, ମହେଶ ମେହେର, ସରୋଜ ସାହୁ, ଉଦୟ ରଥ, ମଳୟ ରଣା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାତୃଭାଷା ପ୍ରମୁଖ କୁନୁ ସାହୁ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ଉପରେ ବର୍ଣ୍ଣନା କରିଥିଲେ। ଏହିଅବସରରେ ଶିଶୁମାନଙ୍କ ମଧ୍ୟରେ ଗୀତ, ଗଳ୍ପ କଥନ, ନିବନ୍ଧ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା । ଗୁରୁମା ମିତୁ ସାହୁ ସଭା ସଂଯୋଜନା କରିଥିବା ବେଳେ ଗୁରୁମା ସୁଜାତା ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ।

**ଲୋଇସିଂହା,୨୨।୨(ସୁଶାନ୍ତ ବାରିକ)**

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ପରମେଶ୍ୱର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇଓ ରମେଶ ଚନ୍ଦ୍ର ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ସରୋଜ କୁମାର ରଣା ଯୋଗ ଦେଇଥିଲେ ନିଶା ବ୍ୟବହାରର ଭୟାବହତା ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଝସକେତନ ମିଶ୍ର, ସରୋଜ କୁମାର ବାରିକ ସୁସ୍ଥ ନିରାମୟ ଜୀବନ ଏବଂ ନିଶାର କୁପ୍ରଭାବ ଉପରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅଧ୍ୟକ୍ଷ ସିଂ ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟ ପରିସରରେ ନିଶା ବ୍ୟବହାର କଲେ ତାହାର ଆଇନଗତ ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALANGIR
WOMEN'S COLLEGE CHOWK, PALACE LINE, DIST.- BALANGIR, PIN- 767001
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: PI63533) No.A-1100
REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No.OIIPCRA-W2-BGR-1/2024-25 Date 20.02.2025

| | | |
|---|---|---|
| Name of work | : | Renovation to Distribution System of Mathanpala MIP in Titilagarh Block of Balangir District under OIIPCRA for the year 2024-25, under M.I. Division, Balangir |
| No. of works | : | 01 Minor Irrigation Tank |
| Estimated cost | : | Rs.699.19 Lakh Approx (Total estimated cost of 01 tank Rs.699.19 Lakh) |
| Cost of bid document | : | Free of cost |
| Period of completion | : | As per DTCN |
| Availability of bid documents | : | From 25.02.2025 from 10.00 hrs. to 26.03.2025 upto 15.00 hrs. in the e-procurment website (https://tendersodisha.gov.in) |
| Date of Pre-bid Meeting | : | 04.03.2025 as per Para-7 of DTCN |
| Last date & time of receipt of bid | : | Upto 26.03.2025, 15.00 hrs. through online |
| Period of receipt of bid security | : | To be paid online along with the bid. Bank gurantees also acceptable subject to verification |
| Date of opening of technical bid | : | On dt.26.03.2025 at 15.30 hrs. |
| Date of opening of financial bid | : | To be intimated online after off-line evaluation of Technical Bid |
| Digital signature certificate of bidder | : | The bidder must possess compatible digital signature certificate (DSC) Class-II or III |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & address of the OIT | : | Superintending Engineer, M.I. Division, Balangir, Women's College Chowk, Palace Line, Dist.- Balangir, Pin- 767001, E-Mail: mid_balangir@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |
| | | Superintending Engineer, M.I. Division, Balangir |

Sd./- Superintending Engineer, M.I. Division, Balangir
OIPR-32063/11/0012/2425



कार्यपालक अभियंता का कार्यालय
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – RDD/SD/CHAIBASA/13/2024-25(6th Call) (MMGSY)

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के मनोहरपुर प्रखण्ड अन्तर्गत दिघा पंचायत के ग्राम मारंगपोंगा एवं होलोंगउली गाँव के बीच नदी पर पुल का निर्माण। | 30719400.00 | 615000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 27.02.2025
3. ई–निविदा प्राप्ति की तिथि एवं समय–दिनांक 27.02.2025 से दिनांक 05.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –06.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।
PR 347000 West Singhbhum(24-25)D



OFFICE OF THE PRINCIPAL
MAHARAJA PURNA CHANDRA H.S. SCHOOL
BARIPADA, MAYURBHANJ, ODISHA, PIN - 757001
Website: www.mpchsschool.in, E-mail id: mpcjuniorcollege@gmail.com
Tel/FAX No.: 06792-252214, 253314, UDISE Code: 21072700602
Notice No. 270/MPC (H.S.S.)//2025 Date: 21.02.2025
TENDER CALL NOTICE
No. n-182: Selected tenders are invited from reputed manufacturer (OEM)/Authorised Distributor/Dealer/Authorised Agency having valid GST Registration Certificate and PAN for supply, installation and commissioning of Silent Diesel Generator for our HS School use only. The interested parties may submit their quotation. The tender/quotation should reach to the undersigned within 07 days from the date of publication of the same.
The details information about the tender is available in School's website i.e. www.mpchsschool.in.
The authority reserved the right to cancel the quotation or any part without any reason assigning thereof.
Sd./- Principal
OIPR-11046/11/0003/2425 MPC Higher Secondary School, Baripada



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-2649
OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
QUOTATION CALL NOTICE
Bid Identification No. Civil/EST-14/2024-25
QCN No.5026 dt.18.02.25
Sealed quotations are invited from the Manufacturer / Registered Distributor / Authorised dealer / Manufacturer's Authorised Vendors for "Supply & Installation of Auditorium Chair, Planetarium Chair & Floor Mat for Science Centre cum Planetarium at Gopalpur, Ganjam". The starting date of submission is 18.00 hrs. on dt.27.02.25 & last date of submission is 17.00 hrs. on dt.07.03.25. The tender will be opened on 18.00 hrs. on dt.07.03.25.
Quotation call notice details can be seen in the IDCO website (www.idco.in) & in the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website (www.idco.in).
Sd./- Chief General Manager (Civil), IDCO, BBSR
OIPR-14003/11/0111/2425



GOVERNMENT OF ODISHA No.A-1111
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARGARH
E-mail : eemisundargarh@yahoo.co.in
'e' Procurement Notice
Bid Reference No. SE MID SNG 14/2024-25
Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil works |
| 2 | No. of works | : | 01 (One) No. |
| 3 | Estimated cost | : | Rs.51.67 lakh (Approximately) |
| 4 | Period of completion | : | 03 (Three) calendar months |
| 5 | Date and time of availability of bid documents in the portal | : | From dt.25.02.2025 at 10.00 A.M. to dt.11.03.2025 upto 5.30 P.M. |
| 6 | Last date / time of receipt of bids in the portal | : | Dt.11.03.2025 upto 5.30 P.M. |
| 7 | Date of opening of Technical Bid (Cover-I) | : | Dt.12.03.2025 at 11.00 A.M. onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

** Further details can be seen from the e-Procurement market place http://tendersodisha.gov.in
21.02.2025
Sd./- Superintending Engineer
M.I. Division, Sundargarh
OIPR-32124/11/0020/2425

# ଫାଇନାଲରେ ମଙ୍ଗଳା କ୍ଲବ, କଟକ ସ୍ପୋର୍ଟ୍ସ ହଷ୍ଟେଲ

ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୬ତମ ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ ଆୟୋଜକ ସୁବର୍ଣ୍ଣପୁର ରାମଧୁନ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। କଟକ ସ୍ପୋର୍ଟ୍ସ ହଷ୍ଟେଲ ୩-୦ ଗୋଲରେ ରାମଧୁନ କ୍ଲବକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ମା' ମଙ୍ଗଳା କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। କଟକ ସ୍ପୋର୍ଟ୍ସ ହଷ୍ଟେଲର ଧନେଶ୍ୱର ବେହେରାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ମ୍ୟାଚ୍‌କୁ ରେଫେରି ସଞ୍ଜିବ୍ ସାହୁ ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନ ଜିତେନ୍ଦ୍ର ଥନାପତି, ଜଗନ୍ନାଥ କହଁର ଓ ଦିଲ୍ଲିପ ପୁରୋହିତ ସହଯାଗ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର



ମ୍ୟାନ୍ ଅଫ ଦି ମ୍ୟାଚ୍ ଧନେଶ୍ୱର ବେହେରାଙ୍କୁ ପୁରସ୍କୃତ କରାଯାଉଛି।

ଏସ୍‌ପି ରାମ ପ୍ରସାଦ ସାହୁ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କଂଗ୍ରେସ ନେତା ଜିତେନ୍ଦ୍ର ପଟ୍ଟନାୟକ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଖବରଦାତା ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ ମେହେର, ରତନ ପଟ୍ଟନାୟକ, ବିବେକାନନ୍ଦ ମିଶ୍ର, ଧରଣୀଧର ମିଶ୍ର, ସନ୍ତୋଷ ମିଶ୍ର, ଗଣପତି ବାଗ, ଦିଲ୍ଲିପ ପାତ୍ର, ରାଜକିଶୋର ତ୍ରିପାଠୀ, ପ୍ରଯୋଜକ ସୁବାସ ଚନ୍ଦ୍ର ପଣ୍ଡା, ସଞ୍ଜୟ ବଡପଣ୍ଡା, ଲୋକନାଥ ରଥ, ସୁଶିଲ କୁମାର ନାଏକ ଓ ଅଖୁଜ ବକ୍ସି ଯୋଗଦାନ କରିଥିଲେ। ପ୍ରଭୁଦାସ କୁମ୍ଭାର ଓ ଦିଗମ୍ବର ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ପୀୟଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଭା ଆୟୋଜିତ ହୋଇଥିଲା। ମନୋରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିକାଶ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ରାମଧୁନ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ ମା' ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

**ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ୍**

# ରୋଗୀ କଲ୍ୟାଣ ସମିତି ବୈଠକ

ଅମରପାଲି,୨୨।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ସଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ ଯୋଗଦେଇ ଡାକ୍ତରଖାନାର ଆନୁସଙ୍ଗିକ ଉନ୍ନତି ସହିତ ଆବଶ୍ୟକ ଡାକ୍ତର ପଦବୀ ପୂରଣ ଦିଗରେ ବିଧାୟକ ଇଂ. ରଘୁନାଥ ଜଗଦଲା ସବୁ ସମୟରେ ଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ମୁର୍ଷୁଣ୍ଡିରେ ନବ ନିର୍ମିତ ଡାକ୍ତରଖାନାର ଉଦ୍‌ଘାଟନ ଶୀଘ୍ର କରାଯିବ ଏବଂ ରକ୍ତ ଭଣ୍ଡାରରେ ଥିବା ସମସ୍ୟାକୁ କମ୍‌ଦିନ ରେ ପୂରଣ କରାଯିବ ବୋଲି କହିଥିଲେ । ବୈଠକରେ ବିଧାୟକଙ୍କ ବ୍ଲକ ପ୍ରତିନିଧି ପଦାର୍ଥ ଜଗଦଲା, ଏବିଡ଼ିଓ ପୁରୁଷୋତ୍ତମ ଧରୁଆ, ଭାରାପ୍ରାପ୍ତ ବିଇଓ ବର୍ଣ୍ଣା ଡୁଙ୍ଗଡୁଙ୍ଗ, ଆରଡବ୍ଲୁଏସଏସ, ସିଡିପିଓ, ଆୟୁଷ ଡାକ୍ତର, ମହିଳା ସଭ୍ୟ ରଶ୍ମିତା ଷଡ଼ଙ୍ଗୀ, ରୀତାଞ୍ଜଳି ପଧାନ, ସତ୍ୟପ୍ରିୟ ବିଶ୍ୱାଳ, ସପନ ପଧାନ ଯୋଗଦେଇ ଡାକ୍ତରଖାନାର ସାମଗ୍ରିକ ବିକାଶ ଦିଗରେ ଆଲୋଚନା କରିଥିଲେ। ସଭ୍ୟ ସତ୍ୟପ୍ରିୟ ବିଶ୍ୱାଳ ବିଗତ ଦିନରେ ଡାକ୍ତରଖାନା ଥିବା କେତେକ ଡାକ୍ତର ରୋଗୀଙ୍କୁ ଉଚିତ ବ୍ୟବହାର କରୁ ନ ଥିବା ସହିତ ତାଙ୍କ ସେବା ସାଧାରଣ ରୋଗୀ ଠିକ୍‌ରେ ପାଉ ନ ଥିବା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିଏମ ମହେନ୍ଦ୍ର ମିଶ୍ର, ହିସାବ ରକ୍ଷକ ଅବିନାଶ ହୋତାଙ୍କ ସହିତ ଡାକ୍ତରଖାନା କର୍ମଚାରୀମାନେ ବୈଠକରେ ସହଯୋଗ କରିଥିଲେ।

# ରାମାୟଣ ପାରାୟଣ ଉଦ୍‌ଯାପିତ

ଅମରପାଲି,୨୨।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଦନ୍ତାପାଲି ଗ୍ରାମରେ ଗତ ଫେବୃଆରୀ ୧୪ରୁ ଚାଲିଥିବା ରାମାୟଣ ନବାହ କାର୍ଯ୍ୟକ୍ରମ ଶନିବାର ଶ୍ରୀରାମଙ୍କ ରାଜ୍ୟାଭିଷେକ ସହିତ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ପଣ୍ଡା ବ୍ୟାସ ଗାୟକଭାବେ ରାମାୟଣ ପଠନ କରିଥିଲେ। କମଳପୁରର ବଳରାମ ପଣ୍ଡା ମୁଖ୍ୟ ପୂଜକ କାର୍ଯ୍ୟ ନିର୍ବାହ କରିଥିଲେ। ଦେବେନ୍ଦ୍ର ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

# କଂଗ୍ରେସରେ ଯୋଗଦେଲେ ପୂର୍ବତନ ସରପଞ୍ଚ

ଅମରପାଲି,୨୨।୨(ପୀତାମ୍ବର ସାହୁ)

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ କର୍ମକର୍ତ୍ତା ଗତ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ଛାଡିଥିଲେ। ଭକ୍ତ ଚରଣ ଦାସଙ୍କୁ ଦଳ ରାଜ୍ୟ ସଭାପତିଭାବେ ଚୟନ ପରେ ତାଙ୍କ ନେତୃତ୍ୱ ଉପରେ ଆସ୍ଥାଭାଜନ ହୋଇ ଦଳକୁ ପୁଣି ପ୍ରତ୍ୟାବର୍ତ୍ତନ କରିଛନ୍ତି ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ସାହୁ। ସେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି। ଭୁବନେଶ୍ୱରଠାରେ ପିସିସି ସଭାପତିଙ୍କଠାରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ସହିତ ସୁବର୍ଣ୍ଣପୁର ଜିଲା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସାମନ୍ତ ପାତ୍ର ଉପସ୍ଥିତ ଥିଲେ।

# ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅମରପାଲି,୨୨।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲେଇ ଗ୍ରାମ ପଞ୍ଚାୟତ ସୁନାପାଲି ଗ୍ରାମରେ ବନ ସୁରକ୍ଷା ସମିତି ଆନୁକୂଲ୍ୟରେ ଶନିବାର ବନାଗ୍ନି ନିରାକରଣ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଏଏନଜିଓ ଡିଓ ସୁଚରିତା ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସତ୍ୟଜିତ ଗଡୁଆ ଅତିଥିଭାବେ ଯୋଗଦେଇ କହିଥିଲେ ଗ୍ରୀଷ୍ମଋତୁ ଆଗମନରେ ଜଙ୍ଗଲର ବିଭିନ୍ନ ସ୍ଥାନରେ ନିଆଁଲାଗି ବହୁ କ୍ଷୟକ୍ଷତି ହୋଇଥାଏ। ଏହାଦ୍ୱାରା ବନ୍ୟପ୍ରାଣୀ, ବୃକ୍ଷଲତା ଓ ଔଷଧୀୟ ବୃକ୍ଷଲତା ସହ ମାଟିର ଉର୍ବରତା ମଧ୍ୟ ହ୍ରାସ ପାଉଛି। ଏଥିଯୋଗୁ ପରିବେଶ ଦିନକୁଦିନ ପ୍ରଦୂଷି ହେଇଯାଉଛି ବୋଲି ସେ କହିଥିଲେ। ତେଣୁ ଜଙ୍ଗଲ ନିଆଁ ନ ଲଗାଇବା ପାଇଁ ସେ ନିବେଦନ କରିଥିଲେ। ଏଥିସହିତ ଜଙ୍ଗଲର କୌଣସି ସ୍ଥାନରେ ନିଆଁ ଲାଗିବା ଦେଖିଲେ ତୁରନ୍ତ ଲିଭାଇବା ଉଦ୍ୟମ କରିବା ସହ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପାଇଁ ଟିମ ଲିଡର ସଞ୍ଜୀବ କୁମାର ନାଗ ଅନୁରୋଧ କରିଥିଲେ। ଜଙ୍ଗଲ ଆମର ମୂଲ୍ୟବାନ ସମ୍ପଦ ଜଙ୍ଗଲରେ ନିଆଁ ଲଗାଇବା ନାହିଁ ବୋଲି ଆମ ଜଙ୍ଗଲକୁ ଆମେ ସୁରକ୍ଷା କରିବା ବୋଲି ବନପାଳ ରଘୁମଣୀ ଭୋଇ କହିଥିଲେ । କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ସଭାପତି ନବୀନ ଧରୁଆ, ଉପ ସଭାନେତ୍ରୀ ଅଷ୍ଟମୀ ଦେହେରୀ, କୋଷାଧ୍ୟକ୍ଷ ବଶିଷ୍ଠ ଭୁକ୍ତା, ସନ୍ଧ୍ୟାରାଣୀ ଦେହେରୀ, ସଚିନ ଧରୁଆ, ପ୍ରାଣବନ୍ଧୁ ଭୋଇଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

# ରୁଗୁଡ଼ିପାଲି ସ୍କୁଲରେ ମାତୃଭାଷା ଦିବସ

ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ରୁଗୁଡ଼ିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲାଲଚନ୍ଦ ରଣା ସଭାପତିତ୍ୱ କରିଥିଲେ। ଶିକ୍ଷକ ଦୋଳଗୋବିନ୍ଦ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ଶିକ୍ଷକ ମୁକେଶ ପ୍ରଧାନ ବୈଠକର ଅଭିମୁଖ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ହିମାଦ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମାତୃଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲାଇବ୍ରେରି ବହି ବଣ୍ଟନ କରି ନିର୍ଭୁଲ ଓ ଅଧିକ ଶବ୍ଦ ଅଳ୍ପ ସମୟରେ ପଠନ କରି ପାରୁଥିବା ପ୍ରଥମରୁ ପଞ୍ଚମ ଓ ଷଷ୍ଠରୁ ଅଷ୍ଟମର ୩ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ବାଘ ତଥା ଅନ୍ୟାନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ୨୫ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ବୌଦ୍ଧ,୨୨।୨ (ଅଜିତ କୁମାର ବାରିକ)

ଗଞ୍ଜେଇ କାରବାର ବେଳେ ବୌଦ୍ଧ ପୋଲିସ ଶୁକ୍ରବାର ବୌଦ୍ଧ-ବଘିଆପଡା ପୂର୍ତ୍ତ ବିଭାଗ ରାସ୍ତାର ବନ୍ଧାପଥର ବଢିଗାଁ ମଧ୍ୟରେ ଚଢାଉ କରିଥିଲା। ଏହି ଘଟଣାରେ ଉତ୍ତର ପ୍ରଦେଶ ରାଜ୍ୟ ମିର୍ଜାପୁର ଜିଲା ଲାଲଗଞ୍ଜ ଥାନା ଅଧୀନ କୋଟଘାଟ ଗ୍ରାମର ରାମ ରୂପଙ୍କୁ ଗିରଫ କରାଯାଇଛି। ପୋଲିସ ତାଙ୍କଠାରୁ ୨୫ କିଲୋ ଗଞ୍ଜେଇ ସହ ଏକ ବାଇକ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଶୁକ୍ରବାର ବୌଦ୍ଧ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବଘିଆପଡା ପଟୁ ଏକ ବାଇକ୍ ଆସୁଥିଲା। ସନ୍ଦେହ ହେବାରୁ ବନ୍ଧାପଥର-ବଢିଗାଁ ମଧ୍ୟରେ ଉକ୍ତ ବାଇକ୍‌କୁ ଯାଞ୍ଚ କରିବାରୁ ଏକ ଜରିବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୧୧୨/୨୫) ରୁଜୁ ହୋଇଛି।

# ମାତୃଭାଷାର ବିକାଶରେ ଜାତିର ଉନ୍ନତି

ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)



ମାତୃଭାଷା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ବିଶ୍ୱ କୋସଲି ମାତୃଭାଷା ଦିବସ ପାଳିତ**

ମାତୃଭାଷାର ବିକାଶ ବିନା କୌଣସି ଜାତିର ଉନ୍ନତି ଅସମ୍ଭବ। ଆମ ସଭିଙ୍କ ପାଇଁ ମାତୃଭାଷା ହେଉଛି ଏକ ମୂଲ୍ୟବାନ ସମ୍ପଦ ମଧ୍ୟରୁ ଗୋଟିଏ। ତେଣୁ ଭାଷା ଲାଗି ସମସ୍ତ ରାଜନୈତିକ ନେତୃବୃନ୍ଦ ଏକଜୁଟ ହୁଅନ୍ତୁ। ଓଡ଼ିଆ ଅସ୍ମିତାର ସୁରକ୍ଷା, ସମୃଦ୍ଧି ଲାଗି ପ୍ରଚେଷ୍ଟା ଜାରି ରହୁ। ମାତ୍ର ସେଥିପାଇଁ ପଶ୍ଚିମ ଓଡ଼ିଶାର ଅସ୍ମିତାକୁ ବଳି ଚଢେଇ ଦିଆ ନ ଯାଉ ବୋଲି ସୁବର୍ଣ୍ଣପୁରରେ ଅନୁଷ୍ଠିତ ବିଶ୍ୱ କୋସଲି ମାତୃଭାଷା ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ଠାରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମି ପକ୍ଷରୁ ଦିବସ ପାଳନ ହୋଇଥିଲା। ଏକାଡେମୀ ସମ୍ପାଦକ ଗୋରେଖନାଥ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ସାହୁ କହିଥିଲେ, ଭାଷା ସଂସ୍କୃତି ଓ ଅସ୍ମିତା ଦୃଷ୍ଟିରୁ ପଶ୍ଚିମ ଓଡ଼ିଶା ସାରା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତେଣୁ କୋସଲି/ସମ୍ବଲପୁରୀ ଭାଷା ସଂସ୍କୃତିର ସୁରକ୍ଷା, ସମୃଦ୍ଧି ତଥା ତାର ସାମ୍ବିଧାନିକ ଏବଂ ଶାସନଗତ ମାନ୍ୟତା ସକାଶେ ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବୀ ଏକଜୁଟ ହେବା ଜରୁରୀ ବୋଲି। ପ୍ରାଧ୍ୟାପକ ଡ. ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତା, ଶିକ୍ଷାବିତ୍ ବ୍ରଜମୋହନ ଦାନୀ ମୁଖ୍ୟ ଅତିଥି, କବି ଆର୍ତ୍ତତ୍ରାଣ ବାବୁ, ସଚେତନ ନାଗରିକ ସଂଘ ସଭାପତି ସୀତାଂଶୁ ଶେଖର ମିଶ୍ର, ପ୍ରାଧାପିକା ମୀନା ମହାରଣା ଓ ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ମଞ୍ଜୁଳା ମିଶ୍ର, ଭଗବତୀ ରାୟଗୁରୁ, ବ୍ରଜକିଶୋର ପାତ୍ର, ଗୀତା ବହିଦାର, ସୁନନ୍ଦା ସାହୁ, ଉର୍ମିଳା ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର ବକ୍ତବ୍ୟ ରଖିଥିଲେ । ଶିକ୍ଷାବିତ୍ ଇନ୍ଦୁମତୀ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।

# ୭ ମାସରେ ବଦଳିଲେଣି ୪ ଆଇଆଇସି

ସୋନପୁର,୨୨।୨
(ମୃତ୍ୟୁଞ୍ଜୟ ଶତପଥୀ)

**ତାପସ ଭୋଇ ସୋନପୁରର ନୂଆ ଆଇଆଇସି**

ସୋନପୁର ଥାନାର ନୂତନ ଆଇଆଇସି ଭାବେ ତାପସ କୁମାର ଭୋଇ ଶନିବାର ଯୋଗ ଦେଇଛନ୍ତି। ସେ ଆଇଆଇସି ରଞ୍ଜିତ କୁମାର ସାହୁଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଆଇଆଇସି ଭୋଇ ଏହା ପୂର୍ବରୁ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିବାର ତାଙ୍କର ପୂର୍ବ ଅଭିଜ୍ଞତା ରହିଛି। ସେହିପରି ଅନୁଗୋଳ ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ସମେତ ବଲାଙ୍ଗୀର, ଅନୁଗୋଳ ଭଳି ଜିଲାରେ ମଧ୍ୟ ସେ କାମ କରିଛନ୍ତି। ଲୋକଙ୍କୁ କିଭଳି ଉପଯୁକ୍ତ ପୋଲିସ ସେବା ମିଳିବ, ବିଶେଷ କରି ଅପରାଧ ନିୟନ୍ତ୍ରଣ ଓ ଟ୍ରାଫିକ୍ ସମସ୍ୟାର ସୁଧାର ଆସି ପାରିବ ସେ ଦିଗରେ ଧ୍ୟାନ ଦେବେ ବୋଲି କହିଛନ୍ତି। ଏ ନେଇ ସେ ସୋନପୁର ଥାନା ଅଞ୍ଚଳର ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ସୂଚନା ଅନୁଯାୟୀ ଜିଲା ସଦର ମହକୁମାରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ଥାନାରେ ନିୟମିତ ଆଇଆଇସି ନାହାନ୍ତି। ଗତ ୭ ମାସରେ ୪ଜଣ ଆଇଆଇସିଙ୍କ ବଦଳି ହେଲାଣି। ପୂର୍ବରୁ ଲୋକନାଥ ସାହୁ ଆଇଆଇସି ଥିଲେ। ସେ ନିଜର ନେଟ୍‌ୱର୍କ ବଢାଇ କାମ ଆରମ୍ଭ କରି ଆସୁଥିବା ସମୟରେ ପଦୋନ୍ନତି ସହ ଜିଲା ବାହାରକୁ ତାଙ୍କର ବଦଳି ହୋଇଥିଲା। ପରେ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ରମେଶ ମାହାନାଙ୍କୁ ସୋନପୁର ଆଇଆଇସି ଭାବେ ତତ୍କାଳୀନ ଏସ୍‌ପି ନିଯୁକ୍ତି ଦେଇଥିଲେ। ସେ ୩ ରୁ ୪ ମାସ ଦାୟିତ୍ୱରେ ରହିବା ପରେ ଭୋଜରାଜ ସାଙ୍କୁ ସୋନପୁର ଥାନାର ଭାରପ୍ରାପ୍ତ ଆଇଆଇସି ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ଏକ ସପ୍ତାହ ପରେ ସାଙ୍କୁ ଲଛିପୁର ଥାନା ଓ ମାହାନାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲା।

GOVERNMENT OF ODISHA
OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALANGIR
WOMEN'S COLLEGE CHOWK, PALACE LINE, DIST.- BALANGIR, PIN- 767001
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: PI63533) No.A-1100
REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No.OIIPCRA-W2-BGR-1/2024-25 Date 20.02.2025

| | | |
|---|---|---|
| Name of work | : | Renovation to Distribution System of Mathanpala MIP in Titilagarh Block of Balangir District under OIIPCRA for the year 2024-25, under M.I. Division, Balangir |
| No. of works | : | 01 Minor Irrigation Tank |
| Estimated cost | : | Rs.699.19 Lakh Approx (Total estimated cost of 01 tank Rs.699.19 Lakh) |
| Cost of bid document | : | Free of cost |
| Period of completion | : | As per DTCN |
| Availability of bid documents | : | From 25.02.2025 from 10.00 hrs. to 26.03.2025 upto 15.00 hrs. in the e-procurment website (https://tendersodisha.gov.in) |
| Date of Pre-bid Meeting | : | 04.03.2025 as per Para-7 of DTCN |
| Last date & time of receipt of bid | : | Upto 26.03.2025, 15.00 hrs. through online |
| Period of receipt of bid security | : | To be paid online along with the bid. Bank gurantees also acceptable subject to verification |
| Date of opening of technical bid | : | On dt.26.03.2025 at 15.30 hrs. |
| Date of opening of financial bid | : | To be intimated online after off-line evaluation of Technical Bid |
| Digital signature certificate of bidder | : | The bidder must possess compatible digital signature certificate (DSC) Class-II or III |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & address of the OIT | : | Superintending Engineer, M.I. Division, Balangir, Women's College Chowk, Palace Line, Dist.-Balangir, Pin- 767001, E-Mail: mid_balangir@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |
| | | Superintending Engineer, M.I. Division, Balangir |

Sd./- Superintending Engineer, M.I. Division, Balangir
OIPR-32063/11/0012/2425

OFFICE OF THE PRINCIPAL
MAHARAJA PURNA CHANDRA H.S. SCHOOL
BARIPADA, MAYURBHANJ, ODISHA, PIN - 757001
Website: www.mpchsschool.in, E-mail id: mpcjuniorcollege@gmail.com
Tel/FAX No.: 06792-252214, 253314, UDISE Code: 21072700602
Notice No. 270/MPC (H.S.S.)//2025 Date: 21.02.2025
TENDER CALL NOTICE
No. n-182: Selected tenders are invited from reputed manufacturer (OEM)/Authorised Distributor/Dealer/Authorised Agency having valid GST Registration Certificate and PAN for supply, installation and commissioning of Silent Diesel Generator for our HS School use only. The interested parties may submit their quotation. The tender/quotation should reach to the undersigned within 07 days from the date of publication of the same.
The details information about the tender is available in School's website i.e. www.mpchsschool.in.
The authority reserved the right to cancel the quotation or any part without any reason assigning thereof.
Sd./- Principal
OIPR-11046/11/0003/2425 MPC Higher Secondary School, Baripada

idco ODISHA NEW OPPORTUNITIES No.CAD-2649
OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
QUOTATION CALL NOTICE
Bid Identification No. Civil/EST-14/2024-25
QCN No.5026 dt.18.02.25
Sealed quotations are invited from the Manufacturer / Registered Distributor / Authorised dealer / Manufacturer's Authorised Vendors for "Supply & Installation of Auditorium Chair, Planetarium Chair & Floor Mat for Science Centre cum Planetarium at Gopalpur, Ganjam". The starting date of submission is 18.00 hrs. on dt.27.02.25 & last date of submission is 17.00 hrs. on dt.07.03.25. The tender will be opened on 18.00 hrs. on dt.07.03.25.
Quotation call notice details can be seen in the IDCO website (www.idco.in) & in the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website (www.idco.in).
Sd./- Chief General Manager (Civil), IDCO, BBSR
OIPR-14003/11/0111/2425

कार्यपालक अभियंता का कार्यालय
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – RDD/SD/CHAIBASA/13/2024-25(6th Call) (MMGSY)

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के मनोहरपुर प्रखण्ड अन्तर्गत दिघा पंचायत के ग्राम मारंगपोंगा एवं होलोंगउली गाँव के बीच नदी पर पुल का निर्माण। | 30719400.00 | 615000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 27.02.2025
3. ई–निविदा प्राप्ति की तिथि एवं समय–दिनांक 27.02.2025 से दिनांक 05.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –06.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
ह०/–
कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।
PR 347000 West Singhbhum(24-25)D

GOVERNMENT OF ODISHA No.A-1111
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARGARH
E-mail : eemisundargarh@yahoo.co.in
'e' Procurement Notice
Bid Reference No. SE MID SNG 14/2024-25
Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil works |
| 2 | No. of works | : | 01 (One) No. |
| 3 | Estimated cost | : | Rs.51.67 lakh (Approximately) |
| 4 | Period of completion | : | 03 (Three) calendar months |
| 5 | Date and time of availability of bid documents in the portal | : | From dt.25.02.2025 at 10.00 A.M. to dt.11.03.2025 upto 5.30 P.M. |
| 6 | Last date / time of receipt of bids in the portal | : | Dt.11.03.2025 upto 5.30 P.M. |
| 7 | Date of opening of Technical Bid (Cover-I) | : | Dt.12.03.2025 at 11.00 A.M. onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

** Further details can be seen from the e-Procurement market place http://tendersodisha.gov.in
21.02.2025
Sd./- Superintending Engineer
M.I. Division, Sundargarh
OIPR-32124/11/0020/2425

**ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ ଗିରଫ**

ଝାରସୁଗୁଡ଼ା,(ଆଶିଷରଞ୍ଜନ ଦାଶ): ଝାରସୁଗୁଡ଼ା ସହର ରେଳ ଷ୍ଟେସନରୁ କିଛି ଦିନ ବ୍ୟବଧାନପରେ ପୁଣି ଚୋରା ଗଞ୍ଜେଇ ଜବତ ହୋଇଛି। ସୂଚନା ପାଇ ଆର୍‌ପିଏଫ୍ ଅତର୍କିତ ଯାଞ୍ଚ କରି ଅଭିଯୁକ୍ତ ସମ୍ବଲପୁର ଧନୁପାଲି ଅଞ୍ଚଳର ଏମ୍.ଡି ସକିଲ ଓ ଛୋଟକ ଯାଦବଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ୧୬ କେଜି ଚୋରା ଗଞ୍ଜେଇ ଜବତ ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ଦେଢଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି।

# ଗାଡ଼ିରୁ ୨୬୫ ବସ୍ତା ସିମେଣ୍ଟ ଚୋରି

କୋଲାବିରା,୨୨।୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଞ୍ଚଳରେ ୪୯ନଂ. ରାଜପଥ କଡରେ ଗାଡିରୁ ସିମେଣ୍ଟ ଚୋରି ହୋଇଛି। ଲିଖିତ ଅଭିଯୋଗ ହୋଇ ନ ଥିବାରୁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ କୋଲାବିରା ପୋଲିସ। ରବିବାର ରାୟପୁରରୁ ଟ୍ରକ୍ ମାଲିକ ଆସିବା ପରେ ଅଭିଯୋଗ ହେଲେ ଯାହା ହେବ ବୋଲି ଜଣାପଡିଛି। ତେବେ ଟ୍ରକ୍ ମାଲିକ ଫୋନ ଯୋଗେ କୋଲାବିରା ଥାନାକୁ ଗାଡିରୁ ଚୋରି ହୋଇଥିବା ଘଟଣା ବିଷୟରେ ଅବଗତ କରାଇଛନ୍ତି।

ରାୟପୁର ବଲଦା ବଜାରରୁ ଟ୍ରକ୍ ନମ୍ବର ସିଜି ୦୭ଜି ୬୦୬୫ ଯୋଗେ ଶ୍ରୀସିମେଣ୍ଟ ୬୨୦ ବସ୍ତା ନେଇ କୋଲାବିରାସ୍ଥିତ ଅବନ୍ତୀ ଟ୍ରେଡର୍ସକୁ ଆସୁଥିଲା। ମାତ୍ର ସକାଳୁ ଗାଡିଟି ଡିଲର ପଏଣ୍ଟକୁ ପହଞ୍ଚିବା ପରିବର୍ତ୍ତେ ଅପରାହ୍ନ ପର୍ଯ୍ୟନ୍ତ ଟ୍ରକ୍ ଦେଖା ମିଳି ନ ଥିଲା। ଏସଂକ୍ରାନ୍ତରେ ଟ୍ରକ ମାଲିକଙ୍କ ସହିତ ଯୋଗାଯୋଗ କରିବା ପରେ ସେ ଉକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ଫୋନ କରିଥିଲେ। ମାତ୍ର ଦୀର୍ଘ ସମୟ ଫୋନ ରିଂ ହେବାପରେ ମଧ୍ୟ ଡ୍ରାଇଭର ଫୋନ ନ ଉଠାଇବାରୁ ମାଲିକ ଆଶଙ୍କା କରିଥିଲେ। ସେ ଜିପିଏସ ଟ୍ରାକିଂ କରି କୋଲାବିରା ଥାନା ଅନ୍ତର୍ଗତ ଏନ୍ଏଚ ୪୯ ପତ୍ରାପାଲି ଛକଠାରେ ଟ୍ରକ ବହୁ ସମୟ ଧରି ଛିଡା ରହିଥିବା ଜାଣିବାକୁ ପାଇଥିଲେ। କିଛି ସମୟ ପରେ ଟ୍ରକ କୋଲାବିରା ଅତିକ୍ରମ କରି ମାଲିଡିହି ପର୍ଯ୍ୟନ୍ତ ଯାଇ ସେଠାରେ ଛିଡା ହୋଇଥିବା ଜାଣିବାକୁ ପାଇ ଖୋଲତାଡ ଆରମ୍ଭ କରିଥିଲେ। ଏସଂକ୍ରାନ୍ତରେ କୋଲାବିରା ଥାନାକୁ ଫୋନ ଯୋଗେ ସୂଚନା ଦେଇଥିଲେ। ଇତି ମଧ୍ୟରେ ଟ୍ରକ୍ ମାଲିକ ଏବଂ କୋଲାବିରା ଅବନ୍ତୀ ଟ୍ରେଡର୍ସ ପକ୍ଷରୁ ଯୋଗସୂତ୍ର ସ୍ଥାପନ କରି ପତ୍ରାପାଲିଠାରେ ଟ୍ରକ୍ ଛିଡା ହୋଇଥିବା ସ୍ଥାନକୁ ଯାଇଥିଲେ। ସେଠାରେ ଉକ୍ତ ଟ୍ରକ୍‌ରୁ ଦୁଇଶହ ବସ୍ତାରୁ ଅଧିକ ସିମେଣ୍ଟ ଅନଲୋଡ ହୋଇ ଗଦା ହୋଇଥିବା ଦେଖିବାକୁ ପାଇବା ସହିତ ସେଠାରେ ଉପସ୍ଥିତ ବଙ୍ଗାଳି ଲେବରମାନେ ଉକ୍ତ ସିମେଣ୍ଟକୁ ଅସ୍ଥାୟୀ ଭାବରେ ନିର୍ମିତ ଲେବର କ୍ୱାର୍ଟର୍ସ ଭିତରୁ ବୋହୁଥିବା ଦେଖିବାକୁ ମିଳିଥିଲା। ଏହା ସହିତ ମାଲିଡିହିଠାରେ ଏକ ଢାବା ନିକଟରେ ରହିଥିବା ସମ୍ପୃକ୍ତ ଟ୍ରକ୍‌କୁ ଅଣାଯାଇ ଗାଡି ଖାଲି କରିବା ପରେ ୩୫୫ ବସ୍ତା ସିମେଣ୍ଟ ମିଳିଥିବାବେଳେ ଅବଶିଷ୍ଟ ୨୬୫ ବସ୍ତା ସିମେଣ୍ଟ ପତ୍ରାପାଲି ଛକଠାରେ ଖାଲି ହୋଇଥିବା ଜଣାପଡିଥିଲା। ଅଭିଯୋଗ ପରେ ପୋଲିସ ପତ୍ରାପାଲିଠାରେ ଅନଲୋଡ ହୋଇଥିବା ସିମେଣ୍ଟକୁ ଜବତ୍ କରିଛି। ଏସଂକ୍ରାନ୍ତରେ ଭାରପ୍ରାପ୍ତ କୋଲାବିରା ଥାନା ଅଧିକାରୀ ଉପ-ନିରୀକ୍ଷକ ସନ୍ତୋଷ କୁମାର ପଧାନଙ୍କୁ ପଚରା ଯିବାରୁ, ସିମେଣ୍ଟ ଅନଲୋଡ କାହାଦ୍ୱାରା ହୋଇଛି ସେସଂକ୍ରାନ୍ତରେ କୌଣସି ଠିକ୍ ଉତ୍ତର ଦେଇନାହାଁନ୍ତି। ଉକ୍ତ ସିମେଣ୍ଟ ଚୋରିରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଷୟରେ କୌଣସି ସୂଚନା ସ୍ପଷ୍ଟ କରିନାହାଁନ୍ତି।



ସିମେଣ୍ଟ ଚୋରି ହୋଇଥିବା ଟ୍ରକ୍।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ



ପିଏମଶ୍ରୀ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଝାରସୁଗୁଡା,୨୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ପୁରୁଣାବସ୍ତି ପିଏମଶ୍ରୀ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ଶନିବାର ପୂର୍ବାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଗର୍ତ୍ତିଆ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଭୁଟା ସମ୍ମାନିତ ଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ସା ବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ଦାଶ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଗୀତାଞ୍ଜଳି ଦେଓ, ସ୍କୁଲ ଆଲୁମିନି ସଭାପତି ଅଶୋକ କୁମାର ମହାପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ପ୍ରଧାନ ସଭାପତିତ୍ୱ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ ଭାରତୀ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା ସହିତ କ୍ରୀଡାର ମଧ୍ୟ ବିକାଶ ନିହାତି ଜରୁରୀ ବୋଲି ମୁଖ୍ୟଅତିଥି ସଭାରେ କହିଥିଲେ। ଝାରସୁଗୁଡା ଜିଲ୍ଲାରେ ୮ଟି ପିଏମଶ୍ରୀ ସ୍କୁଲ ମଧ୍ୟରେ ପୁରୁଣାବସ୍ତି ହାଇସ୍କୁଲ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିବା ବିଷୟରେ ସୂଚନା ପ୍ରଦାନ କରି କହିଥିଲେ, ଆଗାମୀ ଦିନରେ ଏହି ସ୍କୁଲରେ ଶିକ୍ଷାର ଉନ୍ନତି ସହିତ କ୍ରୀଡା ଓ ଅନ୍ୟାନ ଦିଗରେ ମଧ୍ୟ ଉନ୍ନତି ହେବ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

## ଯୁବକଙ୍କଠାରୁ ୫ ଲକ୍ଷ ଟଙ୍କା ଠକିନେଲେ ସାଇବର ଠକ

ଝାରସୁଗୁଡ଼ା,୨୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରର ସଦର ଥାନା ଅଞ୍ଚଳର ଜଣେ ଯୁବକଙ୍କଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସାଇବର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଷ୍ଟକ୍ ମାର୍କେଟରେ ନିବେଶ ପାଇଁ ଝାରସୁଗୁଡ଼ା ମରାକୁଟା ଏମ୍ଏସପି କାରଖାନାର ବେଚଲର ହଷ୍ଟେଲରେ ରହୁଥିବା ରବିନନ୍ଦନ ମହନ୍ତ ଏକ ହ୍ୱାଟସ୍ଆପ୍ ଗ୍ରୁପରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ହ୍ୱାଟସ୍ଆପ୍ ଗ୍ରୁପରେ ଏକ ମୋବାଇଲ୍ ଆପ୍ଲିକେସନ୍ ଆପ୍ ଲିଙ୍କ ଆସିବାରୁ ମହନ୍ତ ଡାଉନ୍‌ଲୋଡ କରି ଗତ ଅକ୍ଟୋବରରୁ ଚାରୋଟି ପର୍ଯ୍ୟାୟରେ ୫,୭୭,୬୦୦ ଟଙ୍କା ନିବେଶ କରିଥିଲେ। ଅକ୍ଟୋବର ମାସରୁ ଉକ୍ତ ଟଙ୍କା ନିବେଶ କରିଥିବା ବେଳେ ଉକ୍ତ ମୋବାଇଲ ଆପ୍ଲିକେସନ୍ ଆପରେ ମୂଳ ରାଶିସହ ୧୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିବା ଦର୍ଶାଯାଇଥିଲା। ହେଲେ ଟଙ୍କା ଉଠାଣ ସୁବିଧା ନ ଥିବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣି ମହନ୍ତ ସଦର ଥାନାରେ ଅଭିଯୋଗ କରିଛନ୍ତି। ମାମଲା ରୁଜୁ କରି ତଦନ୍ତ କରୁଥିବା ସଦର ଥାନା ପୋଲିସ ସୂଚନା ଦେଇଛି।

## ସାମୂହିକ ବିବାହ: ୨୦ ଦମ୍ପତିଙ୍କ ଜୀବନର ନୂତନ ଅଧ୍ୟାୟ


ଜେଏସ୍‌ଡବ୍ଲ୍ୟୁ-ବିପିଏସ୍ଏଲ ଟାଉନଶିପରେ ଆୟୋଜିତ ସାମୂହିକ ବିବାହ।

ସମ୍ବଲପୁର,୨୨।୨(ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ ବିପିଏସଏଲ ଟାଉନଶିପରେ ସାମୂହିକ ବିବାହ ରୀତିନୀତି ଓ ପରମ୍ପରା ଅନୁସାରେ ଶୁକ୍ରବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ଏହି ସାମୂହିକ ବିବାହରେ ୨୦ ଦମ୍ପତି ସାମିଲ ହୋଇ ଜୀବନର ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ବିବାହର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅଭାବୀ ପରିବାରକୁ ସହାୟତା କରିବା। ସମ୍ପ୍ରତି ସାମାଜିକ ଏବଂ ଆର୍ଥିକ ପଛୁଆ ସମ୍ପ୍ରଦାୟରୁ ଆସିଥିବା ଅନେକ ଦମ୍ପତି ଆର୍ଥିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଯାହା ପାରମ୍ପରିକ ସମାରୋହରେ ବିବାହ କରିବା ଅସମ୍ଭବ ହୋଇପଡିଥିଲା। ଆକାଂକ୍ଷା ଲେଡିଜ କ୍ଲବ ସେମାନଙ୍କ ଦୁଃଖକୁ ବୁଝିଛି। ସେମାନଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଅଣ୍ଟା ଭିଡ଼ିଥିଲା। ଏକତା ଏବଂ ସଂହତିର ଦୃଢ଼ ଭାବନା ସହିତ ଉଭୟ ପରିବାରର ପ୍ରାୟ ୫ଶହ ଅତିଥି, ଜେଏସ୍‌ଡବ୍ଲ୍ୟୁ ବିପିଏସଏଲ ଟାଉନଶିପ ବାସିନ୍ଦା, ସ୍ଥାନୀୟ ବ୍ୟକ୍ତି ଏବଂ ସରପଞ୍ଚମାନେ ଏକତ୍ରିତ ହୋଇ ଏହି ମହତ୍ତ୍ୱପୂର୍ଣ୍ଣ ଘଟଣାର ସାକ୍ଷୀ ହୋଇଥିଲେ। ଏଥି ସହ ନବ ଦମ୍ପତିଙ୍କୁ ଶୁଭାଶିଷ କରିଛନ୍ତି। କାର୍ଯ୍ୟକ୍ରମ ଆୟୋଜକ ଆକାଂକ୍ଷା ଲେଡିଜ କ୍ଲବ ସଭାନେତ୍ରୀ ନୀଲମ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ବୁଣାକାର ସମ୍ପ୍ରଦାୟକୁ ସମର୍ଥନ କରିବାଠାରୁ ଆରମ୍ଭ କରି ବଞ୍ଚିତ ପିଲାମାନଙ୍କୁ ଡାକ୍ତରୀ ଏବଂ ଶିକ୍ଷାଗତ ସହାୟତା ପ୍ରଦାନ କରିବା ପର୍ଯ୍ୟନ୍ତ ଆକାଂକ୍ଷା ଲେଡିଜ କ୍ଲବର ଚେରିଟେବୁଲ୍ ପ୍ରୟାସ ଏକ ଗଭୀର ପ୍ରଭାବ ପକାଇଛି। ଏହି ଜନ ବିବାହ ଉତ୍ସବ ଶୁଭେଚ୍ଛା, ପ୍ରେମ ଏବଂ ଏକତାର ଭାବନାକୁ ଆହୁରି ଦୃଢ଼ କରିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି।

## ବନାଞ୍ଚଳସ୍ତରୀୟ ବନାଗ୍ନି ନିରୋଧ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୨୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ଅଧିନସ୍ଥ ବାରକୋଟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶନିବାର ବନାଞ୍ଚଳସ୍ତରୀୟ ବନାଗ୍ନି ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠିଆନାଳ ସେକ୍ସନର ବନପାଳ ଭୀମସେନ ଶତପଥିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବାରକୋଟ ବନାଞ୍ଚଳ ଅଧିକାରୀ ଚିତ୍ତରଞ୍ଜନ ପୁରୋହିତ, ମୁଖ୍ୟବକ୍ତା ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ମଞ୍ଚାସୀନ ରହିଥିଲେ। ଜଙ୍ଗଲକୁ କିଭଳି ନିଆଁଦାଉରୁ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ବିଭିନ୍ନ କାରଣରୁ ଜଙ୍ଗଲରେ ଲାଗୁଥିବା ନିଆଁକୁ ଆୟତ ଏବଂ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ସରପଞ୍ଚ ଏବଂ ବନସୁରକ୍ଷା ସମିତିର ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ ଦିଆଯାଇଥିଲା। ସେହିପରି ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ବ୍ୟବସ୍ଥା ରହିଥିବା ଓ ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ରହିଥିବା ସୂଚନା ପ୍ରଦାନ କରାଯାଇଥିଲା। ଶେଷରେ କଲା ସେକ୍ସନର ବନପାଳ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରକୋଟ ବନାଞ୍ଚଳ ଅଧିନସ୍ଥ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବନସୁରକ୍ଷା ସମିତି ସଭାପତି, ସମ୍ପାଦକ ଓ ବନ ସୁରକ୍ଷା ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶୀତକାଳୀନ ବସ୍ତ୍ର ବଣ୍ଟନ

ଦେବଗଡ଼,୨୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ମଧ୍ୟପୁର, କଲା ଏବଂ ବାମ୍ପର୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସରକାରୀ ନୋଡାଲ ଉ:ପ୍ରା: ବିଦ୍ୟାଳୟରେ ଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କ୍ୟୁବରୁଟ୍ସ ଫାଉଣ୍ଡେସନ ପ୍ରୟାସରେ ମଲୟଗିରି ହାଇୱେଜ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ୩୫୦ରୁ ଅଧିକ ଶୀତକାଳିନ ବସ୍ତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦେଇବଡକୁଦର ଟୋଲ ପ୍ଲାଜା ମ୍ୟାନେଜର ରଞ୍ଜିତ କୁମାର ଜେନା, ସୁନୀଲ କୁମାର ଜେନା ଓ ଦୀପକ କୁମାର ପରିଡ଼ାଙ୍କ ସମେତ ଟୋଲ ପ୍ଲାଜାର ବହୁ କର୍ମଚାରୀ ସହଯୋଗ କରିଥିଲେ।

## ଜଙ୍ଘାଲିଙ୍ଗା କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ,୨୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ସମରଖାଇ ଗ୍ରାମରେ ଜଙ୍ଘାଲିଙ୍ଗା କମିଟି ଆନୁକୂଲ୍ୟରେ ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ଭାଜପା ଯୁବନେତା ଗଜାନନ ବେହେରା ଫିତାକାଟି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କମଲଲୋଚନ ମହାପାତ୍ର, ସୁଦାମ ଚରଣ ବିଶ୍ୱାଳ ଓ ବଳମ ଗ୍ରାମର ବାବୁଲୀ ଦୀପ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ପୋଇପାଣି ଓ ବିଜୟନଗର କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅମ୍ପାୟାର ଭାବେ ବିକାଶ କୁମାର ସାହୁ ଓ ଅନିଲ କୁମାର ସାହୁ ମ୍ୟାଚ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ କୃଷ୍ଣଭାଇ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ଜଙ୍ଘାଲିଙ୍ଗା କମିଟିର ଶ୍ରବଣ କୁମାର, କେଦାର ସେଠ, ମନୋଜ ବିଶ୍ୱାଳ, ସୁନୀଲ, ଦିବ୍ୟ, ବିଶ୍ୱଜିତ, ସୁମନ, ବଣ୍ଟି ଓ ନେପାଳ ପ୍ରମୁଖ ସହଯୋଗ କରୁଛନ୍ତି।


କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟନୀରେ ଅତିଥିଙ୍କ ସହ ଖେଳାଳି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ


 କ୍ଷିତିଭୂଷଣ ଦାଶ

ଝାରସୁଗୁଡ଼ା,୨୨।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହର ପୁରୁଣାବସ୍ତିର ଅବସରପ୍ରାପ୍ତ ଶିକ୍ଷକ କ୍ଷିତିଭୂଷଣ ଦାଶ(୭୭)ଙ୍କ ପରଲୋକ ଘଟିଛି। ସେ ୧୯୭୧ରେ ଶିକ୍ଷକତା ଆରମ୍ଭ କରିଥିବାବେଳେ ୨୦୦୫ରେ ଝାରସୁଗୁଡ଼ା ସରକାରୀ ଗାର୍ଲ୍ସ ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ଝାଡେଶ୍ୱର ମନ୍ଦିର ନିକଟସ୍ଥ ଶ୍ମଶାନରେ ଜ୍ୟେଷ୍ଠ ପୁଅ ପ୍ରସନ୍ନ ମୁଖାଗ୍ନି ଦେଇଥିଲେ।

GOVERNMENT OF ODISHA

OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALANGIR

WOMEN'S COLLEGE CHOWK, PALACE LINE, DIST.- BALANGIR, PIN- 767001

ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)

(WORLD BANK PROJECT ID: PI63533) No.A-1100

REQUEST FOR BIDS (RFB) E Procurement Notice

NATIONAL OPEN COMPETITIVE PROCUREMENT FOR SMALL WORKS

RFB No.OIIPCRA-W2-BGR-1/2024-25 Date 20.02.2025

| | | |
|---|---|---|
| Name of work | : | Renovation to Distribution System of Mathanpala MIP in Titilagarh Block of Balangir District under OIIPCRA for the year 2024-25, under M.I. Division, Balangir |
| No. of works | : | 01 Minor Irrigation Tank |
| Estimated cost | : | Rs.699.19 Lakh Approx (Total estimated cost of 01 tank Rs.699.19 Lakh) |
| Cost of bid document | : | Free of cost |
| Period of completion | : | As per DTCN |
| Availability of bid documents | : | From 25.02.2025 from 10.00 hrs. to 26.03.2025 upto 15.00 hrs. in the e-procurment website (https://tendersodisha.gov.in) |
| Date of Pre-bid Meeting | : | 04.03.2025 as per Para-7 of DTCN |
| Last date & time of receipt of bid | : | Upto 26.03.2025, 15.00 hrs. through online |
| Period of receipt of bid security | : | To be paid online along with the bid. Bank gurantees also acceptable subject to verification |
| Date of opening of technical bid | : | On dt.26.03.2025 at 15.30 hrs. |
| Date of opening of financial bid | : | To be intimated online after off-line evaluation of Technical Bid |
| Digital signature certificate of bidder | : | The bidder must possess compatible digital signature certificate (DSC) Class-II or III |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & address of the OIT | : | Superintending Engineer, M.I. Division, Balangir, Women's College Chowk, Palace Line, Dist.- Balangir, Pin- 767001, E-Mail: mid_balangir@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |
| | | Superintending Engineer, M.I. Division, Balangir |

Sd./- Superintending Engineer, M.I. Division, Balangir

OIPR-32063/11/0012/2425

OFFICE OF THE PRINCIPAL

MAHARAJA PURNA CHANDRA H.S. SCHOOL

BARIPADA, MAYURBHANJ, ODISHA, PIN - 757001

Website: www.mpchsschool.in, E-mail id: mpcjuniorcollege@gmail.com

Tel/FAX No.: 06792-252214, 253314, UDISE Code: 21072700602

Notice No. 270/MPC (H.S.S.)//2025 Date: 21.02.2025

TENDER CALL NOTICE

No. n-182: Selected tenders are invited from reputed manufacturer (OEM)/Authorised Distributor/Dealer/Authorised Agency having valid GST Registration Certificate and PAN for supply, installation and commissioning of Silent Diesel Generator for our HS School use only. The interested parties may submit their quotation. The tender/quotation should reach to the undersigned within 07 days from the date of publication of the same.

The details information about the tender is available in School's website i.e. **www.mpchsschool.in**.

The authority reserved the right to cancel the quotation or any part without any reason assigning thereof.

Sd./- Principal

OIPR-11046/11/0003/2425 MPC Higher Secondary School, Baripada

idco Your power to grow ODISHA NEW OPPORTUNITIES No.CAD-2649

OFFICE OF THE CHIEF GENERAL MANAGER (CIVIL)

IDCO, IDCO TOWER, BHUBANESWAR

QUOTATION CALL NOTICE

Bid Identification No. Civil/EST-14/2024-25

QCN No.5026 dt.18.02.25

Sealed quotations are invited from the Manufacturer / Registered Distributor / Authorised dealer / Manufacturer's Authorised Vendors for "Supply & Installation of Auditorium Chair, Planetarium Chair & Floor Mat for Science Centre cum Planetarium at Gopalpur, Ganjam". The starting date of submission is 18.00 hrs. on dt.27.02.25 & last date of submission is 17.00 hrs. on dt.07.03.25. The tender will be opened on 18.00 hrs. on dt.07.03.25.

Quotation call notice details can be seen in the IDCO website (www.idco.in) & in the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website (www.idco.in).

Sd./- Chief General Manager (Civil), IDCO, BBSR

OIPR-14003/11/0111/2425

## ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ

ଦେବଗଡ଼,୨୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦୁଧିଆନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତିଓ ଆମ ଖେଳନା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଓ 'ଆମ ସଂସ୍କୃତି ଓ ଆମ ଖେଳନା'କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଦୁଧିଆନାଳୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଉଦିତ କୁମାର ନାୟକ, ଦୁଧିଆନାଳୀ କ୍ଲଷ୍ଟରର ସିଆରସିସି ଅଜୟ କୁମାର ସା, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ କୁମୁଦ ଚନ୍ଦ୍ର ବେହେରା, ନୃପଲାଲ ଗଡତିଆ, ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖେଳନା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


'ଆମ ସଂସ୍କୃତି ଓ ଆମ ଖେଳନା'କାର୍ଯ୍ୟକ୍ରମରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

कार्यपालक अभियंता का कार्यालय

ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

अति अल्पकालीन ई–निविदा आमंत्रण सूचना

ई– निविदा सूचना संख्या – RDD/SD/CHAIBASA/13/2024-25(6th Call) (MMGSY)

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के मनोहरपुर प्रखण्ड अन्तर्गत दिघा पंचायत के ग्राम मारंगपोंगा एवं होलोंगउली गाँव के बीच नदी पर पुल का निर्माण। | 30719400.00 | 615000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 27.02.2025
3. ई–निविदा प्राप्ति की तिथि एवं समय–दिनांक 27.02.2025 से दिनांक 05.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –06.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति / दावा दर्ज कराये अन्यथा अवधि बीतने के पश्चात् कोई भी आपत्ति / दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।

PR 347000 West Singhbhum(24-25)D

GOVERNMENT OF ODISHA No.A-1111

OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH

E-mail : eemisundargarh@yahoo.co.in

'e' Procurement Notice

Bid Reference No. SE MID SNG 14/2024-25

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil works |
| 2 | No. of works | : | 01 (One) No. |
| 3 | Estimated cost | : | Rs.51.67 lakh (Approximately) |
| 4 | Period of completion | : | 03 (Three) calendar months |
| 5 | Date and time of availability of bid documents in the portal | : | From dt.25.02.2025 at 10.00 A.M. to dt.11.03.2025 upto 5.30 P.M. |
| 6 | Last date / time of receipt of bids in the portal | : | Dt.11.03.2025 upto 5.30 P.M. |
| 7 | Date of opening of Technical Bid (Cover-I) | : | Dt.12.03.2025 at 11.00 A.M. onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

** Further details can be seen from the e-Procurement market place http://tendersodisha.gov.in

21.02.2025

Sd./- Superintending Engineer
M.I. Division, Sundargarh

OIPR-32124/11/0020/2425

# ଲୁଟ୍ ପରେ ଘରେ ନିଆଁ ଲଗାଇଦେଲେ

ବାଲୁଗାଁ,୨୨।୨(ସଂଗ୍ରାମ ପାଇକରାୟ)



ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବେଲପଡ଼ା ଗ୍ରାମ ରାସ୍ତାରେ ରହୁଥିବା ମାନସୀ ସେଠୀଙ୍କ ଘରେ ପଶି ଦୁର୍ବୃତ୍ତମାନେ ଟଙ୍କା ଏବଂ ସୁନାଅଳଙ୍କାର ଲୁଟିନେବା ସହ ଘରେ ନିଆଁ ଲଗାଇଦେଇଛନ୍ତି। ଏପରିକି ଅଶ୍ଳୀଳ ଭାଷାରେ କିଛି କାନ୍ଥରେ ଲେଖିଛନ୍ତି। ଏନେଇ ମାନସୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବେଲପଡ଼ା ଗ୍ରାମର ମାନସୀଙ୍କ ଘରେ ତାଙ୍କ ଝିଅ ଓ ଜ୍ୱାଇଁ ରୁହନ୍ତି। ଶୁକ୍ରବାର ତାଙ୍କ ଝିଅ ଜ୍ୱାଇଁଙ୍କ ସହ ଶାଶୁଘର ଗଞ୍ଜାମ ଜିଲା କୋଦଳା ଗ୍ରାମକୁ ଯାଇଥିଲେ। ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ସନ୍ଧ୍ୟାରେ ମାନସୀ ଘରେ ତାଲା ପକାଇ ସ୍ଥାନୀୟ ନିମିକ୍ଷେତା ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା ଭାଙ୍ଗି ଘରେ ପଶି ଆଲମିରାରୁ ୫୫ହଜାର ଟଙ୍କା, ୨ଟି ସୁନାଚେନ, ୩ଟି ମୁଦି ଏବଂ ଏକ ହଳ ସୁନା କାନଫୁଲ ଲୁଟିନେବା ସହ ଘରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଏକ ଖଟ ଜଳିଯାଇଛି। ଏପରିକି ଏକ ସିଲେଇ ମେଶିନ ଏବଂ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିବା ସହ ଅଶ୍ଳୀଳ ଭାଷାରେ କାନ୍ଥରେ କିଛି ଲେଖି ପଳାଇଛନ୍ତି। ଶନିବାର ଭୋର ୫ଟାରେ ମାନସୀ ପହଞ୍ଚି ଦେଖିବା ବେଳକୁ ଘର ଗ୍ରୀଲ୍ ତାଲା ଭାଙ୍ଗି ତଳେ ପଡ଼ିଥିବା ବେଳେ ଖଟରେ ନିଆଁ ଲାଗିଥିବା ସହ ଆଲମିରାରୁ ଉପରୋକ୍ତ ଅଳଙ୍କାର ଏବଂ ଟଙ୍କା ଚୋରି ହୋଇଯାଇଛି। ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଝିଅ ଏବଂ ଜ୍ୱାଇଁ ଆସି ପହଞ୍ଚିବା ପରେ ମାନସୀ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ୍‌ର ସହଯୋଗ ଲୋଡ଼ାଯାଇଛି।

## ଦୋଷୀଙ୍କୁ ୨୫ବର୍ଷ ଜେଲ

### ନାବାଳିକାଙ୍କୁ ବଳାତ୍କାର ମାମଲା

ବାରିପଦା,୨୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ବିଚାର କରି ଅଭିଯୁକ୍ତ ବୈଁଶିଙ୍ଗା ଥାନା ଅଧୀନ ଚିକରଗଡ଼ିଆ ଗ୍ରାମର ସହଦେବ ମାଝିଙ୍କୁ ଦୋଷୀସାବ୍ୟସ୍ତ କରି ୨୫ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହାସହିତ ୬୦ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୧ବର୍ଷ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ମାମଲା ବିବରଣୀ ଅନୁଯାୟୀ, ଜଣେ ବାପଛେଉଣ୍ଡ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ସହଦେବ ବାରମ୍ବାର ବଳାତ୍କାର କରିଆସୁଥିଲେ। ବାପାଙ୍କ ମୃତ୍ୟୁ ପରେ ନାବାଳିକାଜଣକ ନିଜ ଖୁଡ଼ୀଙ୍କ ପାଖରେ ରହିଆସୁଥିଲେ। ଘଟଣା ସମ୍ପର୍କରେ ଜଣାଇଲେ ଜୀବନରୁ ମାରିଦେବାକୁ ଧମକଚମକ ଦେଇ ବଳାତ୍କାର କରୁଥିଲେ। ତେବେ ଘଟଣା ସମ୍ପର୍କରେ ଖୁଡୀ ଜାଣିବା ପରେ ଗ୍ରାମରେ ସଭା ଡକାଇ ମାମଲାକୁ ରଫାଦଫା କରିବାକୁ କେତେଜଣ ଲୋକ ଅପଚେଷ୍ଟା କରିଥିଲେ। ଏପରିକି ଗାଁ ଲୋକେ ଅଭିଯୁକ୍ତଙ୍କୁ ଫେରାର କରିବାରେ ସହଯୋଗ ମଧ୍ୟ କରିଥିଲେ। ପରିବାର ଲୋକେ ଥାନାରେ ୨୦୨୨ ଜୁଲାଇ ୨୭ରେ ଲିଖିତ ଅଭିଯୋଗକଲା ପରେ ପୋଲିସ ତାଲ୍ଲାଶୀମାଇନା କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୮ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ପୋକ୍ସୋ କୋର୍ଟରେ ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ନିଲମ୍ବିତ

ନାଉଗାଁ,୨୨।୨(ସୁଧା ବେହୁରା)

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶନିବାର ଜଣେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ଶିକ୍ଷକ ହେଲେ ରୁଦ୍ରପ୍ରସାଦ ସ୍ୱାଇଁ। ସୂଚନା ମୁତାବକ, ଫେବୃଆରୀ ୧୮ରେ ବିଦ୍ୟାଳୟରେ ଶିକ୍ଷକ ସ୍ୱାଇଁ ପାଠ ପଢ଼ାଉଥିବାବେଳେ ସମ୍ପୃକ୍ତ ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀ ଓ ତାଙ୍କ ବାପା ୧୯ ତାରିଖରେ ବିଦ୍ୟାଳୟ କାନ୍ଥରେ ଲେଖାଯାଇଥିବା ଶିଶୁ ସହାୟତା ନମ୍ବରରେ କଲ୍ କରି ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ୨୦ ତାରିଖରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢୀ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ପରେ ତଦନ୍ତ ରିପୋର୍ଟ ଦେଇଥିଲେ।

## ସରପଞ୍ଚଙ୍କ ପୁଅ ନିର୍ବାହୀ ଅଧିକାରୀ, ତାଙ୍କ ଭାଇ ଗିରଫ

### ସରକାରୀ ଟଙ୍କା ଆତ୍ମସାତ୍

ନୂଆପଡ଼ା/କୋମନା,୨୨।୨ (ମକାରୁ ବେମାଲ/ସୋବିନ ଛତ୍ରିଆ)



ଗିରଫ ଦୁଇ ଭାଇ ସତ୍ୟବ୍ରତ ଓ ଉତ୍ତମ

ସରକାରୀ ଟଙ୍କା ଆତ୍ମସାତ୍ ଅଭିଯୋଗରେ ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତ ସରପଞ୍ଚଙ୍କ ୨ ପୁଅ ଶନିବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କୋରାପୁଟ ଦୁର୍ନୀତି ନିବାରଣ ବିଭାଗ ୨ ଅଭିଯୁକ୍ତଙ୍କୁ ଗିରଫ କରି ଭବାନୀପାଟଣା ଦୁର୍ନୀତି ନିବାରଣ କୋର୍ଟରେ ହାଜର କରିଛି। ସେମାନେ ହେଲେ କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଉଦ୍ୟାନବନ୍ଧ ଗାଁର ସତ୍ୟବ୍ରତ ବରାଳ ଓ ତାଙ୍କ ଭାଇ ଉତ୍ତମ କୁମାର ବରାଳ । କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ପି.କେ. ଦ୍ୱିବେଦୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ମୁତାବକ, କୁରେଶ୍ୱର ପଞ୍ଚାୟତରେ ୭ ଲକ୍ଷ ୨୦ ହଜାର ୯୮୧ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ ହୋଇଥିଲା। କୁରେଶ୍ୱର ସରପଞ୍ଚ ବିଜୟଲକ୍ଷ୍ମୀ ବରାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବରୁଣ ଦାସ କାମ ନ କରି କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ଦ୍ୱାରା ପରିଚାଳିତ ଟଙ୍କା ହଡ଼ପ କରିଥିଲେ। ସେଥିରେ ହାଇମାଷ୍ଟ ଲାଇଟ ସ୍ଥାପନ, ଷ୍ଟ୍ରିଟ୍ ଲାଇଟ୍ ମରାମତି ଆଦି କାମ ସାମିଲ ଥିଲା। ହେଲେ କୌଣସି କାମ କରା ନ ଯାଇ ସମସ୍ତ ଅର୍ଥ ଆତ୍ମସାତ୍ କରାଯାଇଥିଲା। ଏହା ଉପରେ ତଦନ୍ତ କରି ଜିଲା ପ୍ରଶାସନ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବରୁଣ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। କିନ୍ତୁ ଏହାର ଚେର ଲମ୍ବିଥିବା ଅଭିଯୋଗ ପାଇ କୋରାପୁଟ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ କରିଥିଲା। ତଦନ୍ତ ପରେ ହଡ଼ପ ହୋଇଥିବା ୭ ଲକ୍ଷ ୨୦ ହଜାର ୯୮୧ ଟଙ୍କା ନିର୍ବାହୀ ଅଧିକାରୀ ବରୁଣ ଦାସଙ୍କ ବ୍ୟାଙ୍କଖାତାକୁ ଯାଇଥିବା ଜଣାପଡିଥିଲା। ପୁନଶ୍ଚ ପିଇଓ ଦାସଙ୍କ ଖାତାରୁ ୪ ଲକ୍ଷ ୨୦ ହଜାର ଟଙ୍କା ସରପଞ୍ଚଙ୍କ ପୁଅ ତଥା ସିନାପାଲି ବ୍ଲକ ଘୁଚାଗୁଡା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ ବରାଳ ଓ ତାଙ୍କ ଭାଇ ଉତ୍ତମ କୁମାର ବରାଳଙ୍କ ଖାତାକୁ ଯାଇଥିବା ଜଣାପଡିଥିଲା। ଏହାପରେ କୋରାପୁଟ ଭିଜିଲାନ୍ସ ବିଭାଗ ସରପଞ୍ଚଙ୍କ ଦୁଇ ପୁଅଙ୍କୁ ଜଡ଼ାମୁଣ୍ଡା ବସ୍ତ୍ରାଣ୍ଡସ୍ଥିତ ତାଙ୍କ ଫାର୍ମ ହାଉସରୁ ଗିରଫ କରି କୋର୍ଟଚାଲାଣ କରିଛି।

## ପୋଲିସ ହାତରେ ସୁନାଚେନ୍ ଛିନ୍‌ତାଇ ଗ୍ୟାଙ୍ଗ



ଜବତ ସୁନା ଅଳଙ୍କାର ସହ ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

### ୨ ଅଭିଯୁକ୍ତଙ୍କ ସମେତ ୭ ଗିରଫ

ତାଳଚେର,୨୨।୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆବୋଲ ଅଞ୍ଚଳର ଜଣେ ମହିଳାଙ୍କ ବେକରୁ ସୁନାଚେନ ଛିନତାଇ ମାମଲାର ତଦନ୍ତ ବେଳେ ପୋଲିସକୁ ମିଳିଛି ବଡ଼ ସଫଳତା। ଏହି ଲୁଟ୍ କରିଥିବା ୨ ଅଭିଯୁକ୍ତଙ୍କ ସମେତ ପୋଲିସ କବ୍‌ଜାରେ ପଡ଼ିଛନ୍ତି ମୋଟ ୭ ଜଣ। ଏ ନେଇ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଗୋଳ ଏସ୍‌ପି ରାହୁଲ ଜୈନ।

ଏସ୍‌ପି କହିଛନ୍ତି, ଗତ ୧୮ ତାରିଖରେ ବାଘୁଆବୋଲ ଅଞ୍ଚଳର ଜଣେ ମହିଳା ସକାଳୁ ଘରର ଅଳିଆ ପକାଇବାକୁ ବାହାରକୁ ଯାଇଥିବା ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ମହିଳାଙ୍କୁ ଏକ ଠିକଣା ପଚାରିବା ବାହାନାରେ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଘଟଣା ବେଳର ଦୃଶ୍ୟ ସିସିଟିଭିରେ ଥିବାରୁ ଏହାକୁ ଆଧାର କରି ତାଳଚେର ପୋଲିସ ତନାଘନା ଚଳାଇଥିଲା। ଶେଷରେ ପୋଲିସ ଏହି ଛିନତାଇ ଘଟଣାରେ ୨ ଅଭିଯୁକ୍ତ ଯାଜପୁର ଜିଲା ଜେନାପୁର ଥାନ କଲଣ୍ଡା ଗ୍ରାମର ସୁବାସ ସାହୁ ଓ ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ମୁକୁନ୍ଦପୁର ଗ୍ରାମର ଗିରିଜା ଶଙ୍କର ସ୍ୱାଇଁଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ କଟକ ଅଞ୍ଚଳର ଜିତେନ୍ଦ୍ର ମହାରଣା ଓ ସୁରେଶ କୁମାର ଜେଠି ସୁନା କ୍ରୟ କରିଥିଲେ। ଢେଙ୍କାନାଳ ଜିଲା ପିଙ୍ଗୁଆ ଗ୍ରାମର ପ୍ରତାପ ଚନ୍ଦ୍ର ପଣ୍ଡା, ଯାଜପୁର ଜିଲା କବାଟବନ୍ଧ ଗ୍ରାମର ବଟକୃଷ୍ଣ ମହାରଣା ଏବଂ ଯାଜପୁର ଜିଲା କଲଣ୍ଡା ଗ୍ରାମର ଗଙ୍ଗାଧର ସାହୁ ଏଥିରେ ମଧ୍ୟସ୍ଥ ସାଜିଥିଲେ ବୋଲି ସୂଚନା ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ଅନେକ ଛିନତାଇ ଓ ଲୁଟପାଟ ଘଟଣାରେ ଜଡ଼ିତ ଅଛନ୍ତି।

## ସୋସିଆଲ ମିଡିଆ ଅପବ୍ୟବହାର କରି ବନ୍ଧା ହେଲେ ଯୁବକ

ବାଲିଗୁଡ଼ା/କ.ନୂଆଗାଁ,୨୨।୨ (ସଞ୍ଜୟ କୁମାର ପାଣିଗ୍ରାହୀ/ କାଳିପ୍ରସାଦ ତ୍ରିପାଠୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଫଟୋକୁ ସୋସିଆଲ ମିଡିଆ ହ୍ୱାଟ୍ସଆପ୍ ଓ ଫେସ୍‌ବୁକରେ ପୋଷ୍ଟ କରି ହଇରାଣ କରୁଥିବାରୁ ଜଣେ ଯୁବକଙ୍କୁ କ.ନୂଆଗାଁ ପୋଲିସ ଶନିବାର ଜେଲ୍ ହାଜତକୁ ପଠାଇଥିବା ଜଣାପଡ଼ିଛି। ପ୍ରକାଶ ଯେ,ଟିକାବାଲି ଥାନା ଅଞ୍ଚଳର ପ୍ରକାଶ ନାୟକଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଅଠେଇଶ ବର୍ଷର ପୁଅ ରାଜେନ୍ଦ୍ର ନାୟକ ୩।୧୦।୨୩ ତାରିଖରେ ଜେଣେ ଝିଅର ଆପତ୍ତି ଜନକ ଫଟୋ ମୋବାଇଲରେ ପୋଷ୍ଟ କରିଥିବାରୁ ଝିଅ ଘର ପରିବାର ପକ୍ଷରୁ କ.ନୂଆଗାଁ ଥାନାରେ ଏତଲା ଦାଏର କରାଯାଇଥିଲା। ଏତଲାକୁ ଭିତ୍ତିକରି ତତ୍କାଳୀନ ଥାନାଧିକାରୀ କୁମର ମୁଦୁଲି ତଦନ୍ତ ଭାର ଗ୍ରହଣ କରି ଏ ସଂକ୍ରାନ୍ତରେ ଥାନାରେ ଧାରା ୪୫୨,୨୯୪,୩୪, ଆଇପିସି ସହିତ ୬୭-ଏରେ କେଶ ନଂ.୧୩୪/୨୩ ଅନୁସାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅନୁସନ୍ଧାନ ଜାରି ରଖିଥିଲେ। ତେବେ ପୋଲିସ ତଦନ୍ତରେ ଉକ୍ତ ଅବୈଧ କାର୍ଯ୍ୟରେ ସମ୍ପୃକ୍ତ ରହିଥିବା ଅନ୍ୟମାନଙ୍କୁ ମଧ୍ୟ ଖୋଜୁଥିବା ବେଳେ ମୁଖ୍ୟ ଆସାମୀ ଡ୍ରାଇଭର ରାଜେନ୍ଦ୍ର ନାୟକଙ୍କୁ ଏବେ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଅଶୋକ କୁମାର ହାଁସଦା ପ୍ରକାଶ କରିଛନ୍ତି।

## ସଦାବ ଗ୍ୟାଙ୍ଗ ସହଯୋଗରେ ଡ୍ରାଇଭର କରିଥିଲେ ଅପହରଣ

### ଗ୍ରେୱାଲ କମ୍ପାନୀ ଭାଇସ ପ୍ରେସିଡେଣ୍ଟ ଅପହରଣ ଘଟଣା

### ଗ୍ୟାଙ୍ଗର ୭ ଗିରଫ, ୫୦ ଲକ୍ଷ ଜବତ

କେନ୍ଦୁଝର/ବଡ଼ବିଲ, ୨୨।୨ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ/ ଦେବପ୍ରିୟ ରଣା)



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ପ୍ରଦାନ କରୁଛି।

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଏଣ୍ଡ ମେଟାଲସ୍ ଏଲଏଲପି)ର ଭାଇସ ପ୍ରେସିଡେଣ୍ଟ ନିମାନନ୍ଦ ପ୍ରଧାନଙ୍କ ଅପହରଣ ଘଟଣାର ପୋଲିସ ଶନିବାର ପର୍ଦ୍ଦାଫାଶ କରିଛି। ଡ୍ରାଇଭର ଫିରୋଜ ସଦାବ ଗ୍ୟାଙ୍ଗ ସହ ମିଶି ଅପହରଣ କରିଥିଲା। ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମାରଣାସ୍ତ୍ର ସହ ନଗଦ ୬୦ ଲକ୍ଷ ଟଙ୍କା ଜବତ କରାଯାଇଥିବା କେନ୍ଦୁଝର ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଉରକେଲା ଆଇଜି ବ୍ରିଜେସ କୁମାର ରାଇ ତଥା ଅନ୍ୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଏସ୍‌ପି ନୀତିନ କୁଶାଳକର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୧୨ ତାରିଖ ବୁଧବାର ସନ୍ଧ୍ୟାରେ ନିମାନନ୍ଦଙ୍କ ସହ ତାଙ୍କ କାର ଓ ଡ୍ରାଇଭର ଏମ୍‌ଡି ଫିରୋଜ ନିଖୋଜ ହୋଇଯାଇଥିଲେ। ନିମାନନ୍ଦଙ୍କ ପରିବାର ବଡବିଲ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ଓ କେନ୍ଦୁଝର ଏସ୍‌ପି ବାରଟି ଦଳ ଗଠନ କରି ତଦନ୍ତ ଚଳାଇଥିଲେ। ମାତ୍ର ୭ ଦିନ ପରେ ଫିରୋଜ କାର ସହିତ ନିମାନନ୍ଦଙ୍କୁ ନେଇ ସୁସ୍ଥ ଓ ସୁରକ୍ଷିତ ଭାବେ ଫେରିବା ଘଟଣାକୁ ପୋଲିସ ସହଜରେ ଗ୍ରହଣ କରିପାରି ନ ଥିଲା। ଡ୍ରାଇଭର ଓ ନିମାନନ୍ଦଙ୍କୁ ପୋଲିସ ପଚରାଉଚରା କରିଥିଲା। ଡ୍ରାଇଭର ଫିରୋଜ ହିଁ ସଦାବ ଗ୍ୟାଙ୍ଗ ସହିତ ମିଶି ଏହି ଅପହରଣ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲା। ପରିବାର ୬୦ ଲକ୍ଷ ଟଙ୍କା ଦେଇ ନିମାନନ୍ଦଙ୍କୁ ଛଡ଼ାଇବା ପରେ ପୋଲିସ ତଦନ୍ତକୁ ଜୋରଦାର କରି ଡ୍ରାଇଭର ବଡ଼ବିଲର ଏମ୍‌ଡି ଫିରୋଜ (୫୦), ଝାଡ଼ଖଣ୍ଡର ରାଜ୍ୟ ଦୋରୋଣ୍ଡା ଥାନାର ସରଫରାଜ ଅନ୍‌ସାରି (୪୫), ପଶ୍ଚିମବଙ୍ଗ ରାଜ୍ୟ କୋଲକାତା ଲେକ୍ ଗାର୍ଡେନରର ବୁଧେନ୍ଦ୍ରନାଥ ସିଂହ(୫୫), ଝାଡ଼ଖଣ୍ଡର ଚାନ୍ଦ ଥାନା ବାର୍ଷା ଗ୍ରାମର ରାଜେନ୍ଦ୍ର ପାଶୱାନ (୫୩), ହିନ୍ଦିପିରି ଥାନା ହିନ୍ଦିପିରି ଗ୍ରାମର ଜାମିଲ ଆଖତାର (୪୮), କାଙ୍କେ ଥାନା କାଙ୍କେ ଗ୍ରାମର ଫାରହା ପରବିନ (୫୦), ଝାଡ଼ଖଣ୍ଡ ରାଜ୍ୟ ଚକ୍ରଧରପୁର ଥାନା ବାଙ୍ଗଲାଟଣ୍ଡ ଗ୍ରାମର ସାଦବ ନାଉବାହାର(୪୬)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫୦ ଲକ୍ଷ ୯୦ ହଜାର ଟଙ୍କା, କ୍ରାଇମ ବ୍ଲୁ ପ୍ରିଣ୍ଟ ଡ଼ାଏରୀ, ପିସ୍ତଲ, ବାଇକ୍ (ଜେଏଚ୍ ୦୧ ଏକୁ ୦୫୮୪), ୮ ମୋବାଇଲ, ଗୋଟିଏ ଡଷ୍ଟର କାର (ଓଡି ୩୩ କେ ୭୨୨୩), ବିଭିନ୍ନ ପରିଚୟପତ୍ର ଜବତ ହୋଇଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ଡିଆଇଜି ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲ ଭିତରେ ମୂଷା।**

ଖଳ ବା ମନ୍ଦ ପ୍ରକୃତି ବ୍ୟକ୍ତିଙ୍କର ଭିତିରିଆ ମନ୍ଦ ସ୍ୱଭାବକୁ କେହି ସହଜରେ ବୁଝିପାରି ନ ଥାନ୍ତି। ଦୃଷ୍ଟି ଆଢୁଆଳରେ ରହି ଏପରି କୌଶଳରେ କ୍ଷତି ଘଟାଇଚାଲନ୍ତି ଯେ ତା'ର ଟେର୍ ମଧ କେହି ପାଇପାରି ନ ଥାନ୍ତି। ଗୋପନରେ ରହି ଅନିଷ୍ଟ କରୁଥିବା ଶତ୍ରୁ ସମ ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ତେଲ ମର୍ଦ୍ଦନ ହେଲେ ସାଆନ୍ତ,
ତେଲ ସର ସର ବାରିକ ହାତ।**

ଯେ ଅର୍ଥ କାରବାର କରେ ତହିଁରୁ ସେ କିଛି ଫାଇଦା ଉଠାଏ। ଅନ୍ୟର ସମ୍ପତ୍ତି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ତହିଁରୁ ଲାଭ ଉଠାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅନ୍ୟାନ୍ୟ ଖବର

## ବିଳମ୍ବିତ ରାତିରେ ଜଳିଗଲା ୫ ଦୋକାନ

### ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ଅନ୍ୟ ଦୋକାନକୁ ବ୍ୟାପିଥିଲା ନିଆଁ

ବ୍ରହ୍ମପୁର,୨୨।୨(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ଗ୍ରାମ ମୁଖ୍ୟ ରାସ୍ତାକଡ଼ରେ ଥିବା ୫ଟି ଦୋକାନ ଶୁକ୍ରବାର ବିଳମ୍ବିତ ରାତିରେ ଜଳିଯାଇଛି। ଜଳଖିଆ ଦୋକାନ ଭିତରେ ଥିବା ଦୁଇଟି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ କିଛି ବିଦ୍ୟୁତ ତାର ପୋଡ଼ିଯାଇଛି। ଅଧିକ କ୍ଷତି ଆଶଙ୍କା କରି ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ସରବରାହ ବନ୍ଦ କରି ଦେଇଥିଲା। ଫଳରେ ଗ୍ରାମବାସୀଙ୍କୁ ରାତିସାରା ଅନ୍ଧାରରେ ରହିବାକୁ ପଡ଼ିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଖବରରୁ ଜଣାପଡ଼ିଛି, ଲାଠି ପଞ୍ଚାୟତ ସମିତି କାର୍ଯ୍ୟାଳୟ ରାସ୍ତାକଡ଼ରେ ଗୋବିନ୍ଦ ପାଣିଗ୍ରାହୀଙ୍କ ଏକ ସାଇକେଲ ମରାମତି ଓ ସ୍ପେୟାର ପାର୍ଟସ ଦୋକାନ ରହିଛି। ତାଙ୍କ ଦୋକାନ ପାଖରେ ଶିବନାଥ ଠାକୁରଙ୍କ ଏକ ଜଳଖିଆ ଦୋକାନ ଓ ତାଙ୍କ ଦୋକାନ ପାଖରେ ଅର୍ଜୁନ ବେହେରାଙ୍କ ପନିପରିବା ଦୋକାନ ଓ ଧାନକଳ ମାଲିକଙ୍କ ଏକ ଛୋଟ ଗୋଦାମ ଘର ରହିଛି। ସେମାନେ ଶୁକ୍ରବାର ରାତିରେ ନିଜ ବ୍ୟବସାୟ ସାରି ଦୋକାନରେ ତାଲା ପକାଇ ଘରକୁ ଚାଲି ଯାଇଥିଲେ। ବିଳମ୍ବିତ ରାତି ପ୍ରାୟ ଦୁଇଟା ବେଳେ ଦୋକାନରେ ନିଆଁ ଲାଗି ଜଳୁଥିବା ଦେଖି କେତେ ଜଣ ଲୋକ ସରପଞ୍ଚ ରାଧା ମୋହନ ସେଠୀଙ୍କୁ ଜଣାଇଥିଲେ।



ଜଳୁଥିବା ଦୋକାନ

ସେ ଏନେଇ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଶିବନାଥଙ୍କ ଦୋକାନ ଭିତରେ ଥିବା ଦୁଇଟି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବାରୁ ନିଆଁ ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପି ଯାଇଥିଲା। ଲୋକେ ଭୟଭୀତ ହୋଇପଡିଥିଲେ। ସରପଞ୍ଚ, ଯୁବନେତା ଶିଶିର ଦାସ ପହଞ୍ଚି ନିଆଁ ଆୟତ୍ତ କରିବାରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ସହଯୋଗ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଥିବା ବ୍ୟବସାୟୀମାନେ ପ୍ରକାଶ କରି ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଗଲେ କିପରି ଅଗ୍ନିକାଣ୍ଡ ଘଟିଥିଲା ସେ ସମ୍ପର୍କରେ ଜଣାପଡିବ ବୋଲି କୁହାଯାଉଛି।

## ନ୍ୟୁ ଜଳପାଇଗୁଡ଼ି ଏକ୍ସପ୍ରେସରୁ ବ୍ୟାଟେରି ଖସିଲା

ସୋର, ୨୨।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଷ୍ଟେଶନର କିଛିଦୂର ବେଲସାବିରା ଗ୍ରାମ ନିକଟରେ ନ୍ୟୁ ଜଳପାଇଗୁଡ଼ି ଏକ୍ସପ୍ରେସ ଟ୍ରେନରୁ ବ୍ୟାଟେରି ଖସିପଡ଼ିଥିଲା। ଲୋକୋ ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ଟ୍ରେନକୁ ଅଟକାଇ ଦେଇଥିଲେ। ଫଳରେ ଟ୍ରେନ ଏକ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଏଥିରେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି।

ଶନିବାର ନ୍ୟୁ ଜଳପାଇଗୁଡି ଏକ୍ସପ୍ରେସ (୨୨୬୧୨) ଅପ୍‌ଲାଇନରେ ପଶ୍ଚିମବଙ୍ଗର ନ୍ୟୁଜଳପାଇଗୁଡିଠାରୁ ଚେନ୍ନାଇ ସେଣ୍ଟ୍ରାଲ ଅଭିମୁଖେ ବାହାରିଥିଲା। ଅପରାହ୍ନ ପ୍ରାୟ ୩ଟାରେ ୧୫ରେ ଟ୍ରେନ ଦ୍ରୁତଗତିରେ ଯାଉଥିବା ବେଳେ ବେଲସାବିରା ଗ୍ରାମ ନିକଟରେ ରେଳଧାରଣା



ଇଞ୍ଜିନ ମରାମତି କରାଯାଉଛି।

କାର୍ଯ୍ୟ ଚାଲୁଥିବାରୁ ସେଠାରେ ଲାଗିଥିବା ସ୍ଲିପର ଉଠିରହିଥିଲା। ଏଥିରେ ଟ୍ରେନ ଇଞ୍ଜିନରେ ବାଜିବାରୁ ଏହାର ବ୍ୟାଟେରି ଓ ମୋଟର ସେଟ୍ ଭାଙ୍ଗି ଖସିପଡ଼ିଥିଲା। ଖବରପାଇ ଆରପିଏଫ୍, ଜିଆରପି, ସୋର ତହସିଲଦାର ସେକ ସାଗିର ଏବଂ ସୋର ପୋଲିସ ସମେତ ଉପସ୍ଥିତ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଇଞ୍ଜିନରୁ ଖସିପଡିଥିବା ବ୍ୟାଟେରି ଏବଂ ମୋଟରକୁ ଏକ ପୋକଲିନ ସହାୟତାରେ ବାହାର କରାଯାଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଭଦ୍ରକରୁ ଅନ୍ୟ ଏକ ଇଞ୍ଜିନ ସେଠାରେ ପହଞ୍ଚିଥିବା ବେଳେ ଟ୍ରେନ ଗନ୍ତବ୍ୟସ୍ଥଳକୁ ପଠାଇବା ପାଇଁ ଉଦ୍ୟମ ଚାଲିଥିଲା। ଘଟଣାକୁ ଯୋଗୁ ଉକ୍ତ ଲାଇନରେ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି।

## ମୋ ବସ୍‌ରେ ନିଆଁ

### ସେନ୍‌ସର ଗେଟ୍ ଖୋଲିଲାନି, ଝରକା ବାଟେ ବାହାରିଲେ ଯାତ୍ରୀ



ମୋ ବସ୍ ଭିତରୁ ଜଣେ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଉଛି।

ମଙ୍ଗୁଳି-ଜଗତପୁର,୨୨।୨(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ବିରୂପା ବ୍ୟାରେଜ ନିକଟରେ ଶନିବାର ଅପରାହ୍ନରେ ମୋ ବସ୍‌ରେ ଅଚାନକ ନିଆଁ ଲାଗିଯାଇଥିଲା। ଏହି ସମୟରେ ବସ୍‌ର ଗେଟ୍ ଲକ୍ ପଡିଯିବାରୁ ତାହା ଖୋଲି ନ ଥିଲା। ଫଳରେ ବସ୍ ଭିତରେ ଥିବା ଯାତ୍ରୀମାନେ ଧୂଆଁରେ ଅଣନିଃଶ୍ୱାସୀ ହୋଇ ଜୀବନ ବଞ୍ଚାଇବା ପାଇଁ ଝରକା ବାଟେ ବାହାରି ଆସିଥିଲେ। ସୂଚନା ମୁତାବକ, ମୋ ବସ୍ (ନଂ. ଓଡିଶାଯୁ-୬୫୨୪)ଟି ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟରୁ ବାହାରି ତୁଡାଖିଆ, କଳିଙ୍ଗ ଛକ ଓ ଗାନ୍ଧୀଛକରୁ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଉଠାଇ କଟକ ଅଭିମୁଖେ ଯାଉଥିଲା। ବିରୂପା ନଦୀ ଅତିକ୍ରମ କରିସାରିବା ପରେ ହଠାତ୍ ଗାଡିରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଯାତ୍ରୀମାନେ ଚିତ୍କାର କରିବାରୁ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ଷମତାକୁ ନେଇ ସରପଞ୍ଚ, ସମିତି ସଭ୍ୟଙ୍କ ମଧ୍ୟରେ ହଟଗୋଳ

## ହାଟଡ଼ିହୀ ପଞ୍ଚାୟତ ସମିତି ବୈଠକ

ହାଟଡ଼ିହୀ/ବଉଳା/ ଛେନାପଦି,୨୨।୨(ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡ଼ା))

ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏ ନେଇ ପଞ୍ଚାୟତସ୍ତରରେ ଗ୍ରାମସଭା କରାଯାଇ ପଞ୍ଚାୟତର ବିକାଶ କ୍ଷେତ୍ରରେ ଆବଶ୍ୟକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ପ୍ରକଳ୍ପଗୁଡ଼ିକ ଅନୁମୋଦନ ପାଇଁ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ପଞ୍ଚାୟତ ସମିତି ବୈଠକ ଶନିବାର ଡକାଯାଇଥିଲା। ମାତ୍ର ସରପଞ୍ଚ ଓ ସମିତିସଭ୍ୟଙ୍କ କ୍ଷମତାକୁ ନେଇ ସମିତିସଭା ଗୃହରେ ହଟଗୋଳ ହୋଇଥିଲା। ସମିତି ସଭ୍ୟମାନେ ବୈଠକରୁ ଉଠି ଚାଲିଯାଇଥିଲେ।

ପ୍ରକାଶ ଯେ, ସମିତି ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ଅଭିମନ୍ୟୁ ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡ଼ା, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦ ସଭ୍ୟ ବିଦ୍ୟାଧର ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ସୁକାନ୍ତି ଜେନା, ଜିପିଓ ଶରତ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ପ୍ରକଳ୍ପ ପ୍ରସ୍ତୁତ ସମୟରେ ସରପଞ୍ଚମାନେ ସମିତି ସଭ୍ୟାସଭ୍ୟଙ୍କୁ ଡାକି ନ ଥିବା ଅଭିଯୋଗ କରିଥିଲେ। ପଞ୍ଚାୟତର ନିଯୁକ୍ତି ପାଇଥିବା ପିଇଓ, ଜିଆରଏସ, ଏଡିଇଓ ଓ ଯନ୍ତ୍ରୀମାନେ ସଭ୍ୟାସଭ୍ୟଙ୍କ ଫୋନକୁ ଉଠାଉ ନ ଥିବା କହିଥିଲେ। ତେଣୁ ପ୍ରକଳ୍ପ ଅନୁମୋଦନରେ କାହିଁକି ଦସ୍ତଖତ ମାରିବୁ ବୋଲି କହିଥିଲେ। ଜଣେ ସରପଞ୍ଚ ଏହାକୁ ବିରୋଧ କରି ସଭ୍ୟାସଭ୍ୟଙ୍କୁ ଡାକିବା ପାଇଁ ଗାଇଡ୍‌ଲାଇନ ନାହିଁ କହିବା ପରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ପାଟିତୁଣ୍ଡ ପରେ ସମିତି ସଭ୍ୟାସଭ୍ୟମାନେ କକ୍ଷ ତ୍ୟାଗ କରି ବାହାରକୁ ପଳାଇଥିଲେ। ପରେ ବିଧାୟକ ଓ ଅନ୍ୟମାନେ ସମସ୍ତଙ୍କୁ ବୁଝାଶୁଝା କରିବା ପରେ ପୁନଃ ବୈଠକ କରାଯାଇଥିଲା। ସମିତି ସଭ୍ୟମାନଙ୍କୁ ପ୍ରକଳ୍ପ ସମ୍ବନ୍ଧିୟ ମତାମତ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।


ଅସନ୍ତୁଷ୍ଟ ସମିତି ସଭ୍ୟମାନେ କକ୍ଷତ୍ୟାଗ କରି ଯାଉଛନ୍ତି।



କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବିରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଯୁବକଂଗ୍ରେସ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ଅଚ୍ୟୁତଙ୍କ ଗିରଫ ଦାବିରେ ଯୁବକଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୨।୨(ସୁନିତ୍ ମିଶ୍ର)

ପ୍ରଦେଶ ଯୁବକଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି ନେଇ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇନ୍‌ଫୋସିଟି ଥାନା ପାଖରୁ ଏକ ରାଲିରେ ଶତାଧିକ ଯୁବ କଂଗ୍ରେସ କର୍ମୀ ପତାକା ଓ ପ୍ଲାକାର୍ଡ ଧରି କିଟ୍ ଅଭିମୁଖେ ପଦଯାତ୍ରାରେ ଯାଇଥିଲେ। ସେଠାରେ ୧ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରିବା ପରେ କିଟ୍ ପରିସରକୁ ପ୍ରବେଶ କରିବାକୁ ଯୁବକଂଗ୍ରେସର କର୍ମୀମାନେ ଉଦ୍ୟମ କରୁଥିଲାବେଳେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ରଣଜିତ ପାତ୍ର କିଟ୍‌ର ଅଚ୍ୟୁତ ସାମନ୍ତଙ୍କୁ ସମାଲୋଚନ କରିଛନ୍ତି। କିଟ୍ ପରିସରରେ ମହିଳା ଅସୁରକ୍ଷିତ। କିଟ୍ ଭିତରେ ଯେଉଁ ମୃତ୍ୟୁ ଘଟଣା ଘଟିଲା ତା'ର କାରଣ ଜଣାପଡ଼ି ନାହିଁ। ଅଚ୍ୟୁତଙ୍କ ପକେଟରେ ସମ୍ପୂର୍ଣ୍ଣ ପ୍ରଶାସନ ରହିଯିବାରୁ କିଟ୍ ପରିସରରେ ହେଉଥିବା କେଳେଙ୍କାରୀ ଓ କଳାକାରନାମା ପଦାକୁ ଆସିପାରୁ ନାହିଁ। ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ କିଟ୍‌ରେ ପଢୁଥିବା ୯୦୦ରୁ ଊର୍ଦ୍ଧ୍ୱ ନେପାଳୀ ଛାତ୍ରୀଛାତ୍ରଙ୍କୁ ଅଚ୍ୟୁତଙ୍କ ନିର୍ଦ୍ଦେଶରେ ତାଙ୍କ କର୍ମଚାରୀମାନେ ଯେଉଁଭଳି ଆଚରଣ କରିଛନ୍ତି ଏହା ଦୁର୍ଭାଗ୍ୟଜନକ। ସ୍ୱତନ୍ତ୍ର ଭାବେ ସାଇନ୍ ଡାଏ ଘୋଷଣା କରାଯାଇ ନେପାଳୀ ଛାତ୍ରୀଛାତ୍ରମାନଙ୍କୁ ବଳପୂର୍ବକ ହଷ୍ଟେଲରୁ ତଡ଼ିଦିଆଯାଇଥିଲା। ଏପରିକି ନେପାଳ ଉପରେ କିଟ୍‌ର କର୍ମଚାରୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ଏହା ଆନ୍ତର୍ଜାତିକ ସମ୍ପର୍କକୁ କ୍ଷୁଣ୍ଣ କରିବ। ନାଟର ଗୋବର୍ଦ୍ଧନ ଅଚ୍ୟୁତ ହୋଇଥିଲା ବେଳେ ମୋହନ ସରକାର ତାଙ୍କୁ ଗିରଫ ନ କରି ତାଙ୍କ କର୍ମଚାରୀଙ୍କୁ ଗିରଫ କରିବା 'ମୋହନ-ଅଚ୍ୟୁତ' ମଧୁଚନ୍ଦ୍ରିକାକୁ ପ୍ରକଟିତ କରିଛି। କେବଳ ଅଚ୍ୟୁତଙ୍କୁ ବଞ୍ଚାଇବାକୁ ଯାଇ ସେଠାରେ ଅନ୍ୟ କର୍ମଚାରୀଙ୍କୁ ଗିରଫ କରାଯାଉଛି। ଏହି ଗିରଫ କେବଳ ଲୋକଦେଖାଣିଆ। କାରଣ ସେମାନଙ୍କ ବିରୋଧରେ କୋହଳ ଦଫା ଲଗାଯାଉଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଚ୍ୟୁତଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି। କିଟ୍ ପରିସରରେ ଏଭଳି ଘଟଣା ଘଟିବା ପରେ ବି କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୀରବ ରହିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଅଚ୍ୟୁତଙ୍କ ପ୍ରଭାବରେ ପ୍ରଭାବିତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଯୁବ କଂଗ୍ରେସ କର୍ମୀମାନେ ଅଚ୍ୟୁତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗକୁ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ରାଶନ କାର୍ଡ ବନ୍ଦ କରି ଗରିବଙ୍କ ପେଟରେ ଲାତ ମାରୁଛନ୍ତି ସରକାର

## ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

ଭୋଗରାଇ, ୨୨।୨(ପ୍ରଦୀପ ଦାସ)

ଆୟକରଦାତାଙ୍କ ଦସ୍ତାବିଜ୍‌କୁ ଆଧାର କରି ଗରିବଙ୍କ ରାଶନକାର୍ଡକୁ ବନ୍ଦ କରିବା ଡବଲ ଇଞ୍ଜିନ ସରକାରଙ୍କ ପ୍ରଥମ ଗରିବ ମାରଣନୀତିକୁ ସ୍ପଷ୍ଟ କରିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଗରିବଙ୍କ କଲ୍ୟାଣ ନିମନ୍ତେ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ଏବେ ସେମାନଙ୍କର ରାଶନକାର୍ଡ କାଟି ଭୋକିଲା ପେଟରେ ନାଥ ମାରୁଥିବା ସଦୃଶ୍ୟ ହୋଇଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ସତ୍ୟଶିବ ଦାସଙ୍କ ସମେତ ଦଳୀୟ ନେତାମାନେ ଏକ ପ୍ରେସ ଇସ୍ତାହାରରେ ଅଭିଯୋଗ କରିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ରାଶନକାର୍ଡ ହିତାଧିକାରୀଙ୍କ ଇ.କେୱାଇସି ବାଧ୍ୟତାମୂଳକ କରିବା ଯୋଗୁ ଦୂର ଦୂରାନ୍ତରେ ରହିଥିବା ଅନେକ ଲୋକ ବାଧ୍ୟରେ ଖର୍ଚ୍ଚାନ୍ତ ହୋଇ ନିଜ ଗାଁରେ ପହଞ୍ଚି ଇ. କେୱାଇସି କରିଛନ୍ତି। ସରକାର ଚାହିଁଥିଲେ ଇ .କେ.ୱାଇସି ପାଇଁ ଏକ ସ୍ୱତନ୍ତ୍ର 'ଆପ୍' ପ୍ରସ୍ତୁତ କରିପାରିଥାନ୍ତେ ଏବଂ ସେମାନଙ୍କର ଗମନାଗମନ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ି ନ ଥାନ୍ତା। ସରକାରଙ୍କ ଗାଇଡଲାଇନ ଅନୁଯାୟୀ ଭୋଗରାଇ ବ୍ଲକରେ ୨ ହଜାରରୁ ଅଧିକ ରାଶନ କାର୍ଡ ଆୟକରଦାତାଙ୍କର ବୋଲି ଦର୍ଶାଯାଇ ରାଶନ ବନ୍ଦ କରାଯାଇଛି । ଏ ଦିଗରେ ଖୁବ୍‌ଶୀଘ୍ର ରାଜ୍ୟ ସରକାର, ବାଲେଶ୍ୱର ଜିଲା ଓ ଭୋଗରାଇ ବ୍ଲକ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଭୋଗରାଇ କଂଗ୍ରେସ ପକ୍ଷରୁ ପ୍ରତି ପଞ୍ଚାୟତରେ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଛନ୍ତି।


# Classified Everyday
0674-2580101, 9692975378


MATRIMONIAL

GROOM WANTED

Wanted Govt. Officers Groom for Fair Khandayat girl 1998, 5'4", MSC, serving Health Officer State Govt. "Sunasansar". 9937512659. D-76244


REAL ESTATE

SALE

ଭୁବନେଶ୍ୱର ଛତାବର ଛକରୁ ୧୦୦ ମିଟର ଦୂର (ଛତାବର-ଇନ୍‌ଫୋସିସ୍ ରାସ୍ତା)କୁ ଲାଗି ଉଚ୍ଚ ବର୍ଗର ଅଧିକାରୀ, ଇଞ୍ଜିନିୟର, ବ୍ୟାଙ୍କ ମ୍ୟାନେଜର ଇତ୍ୟାଦି କ୍ରୟ କରିଥିବା ୪୬ ପ୍ଲଟ୍ ମଧ୍ୟରୁ ୩ ଗୋଟି ପ୍ଲଟ୍ ବିକ୍ରୟ କରାଯିବ। ଯୋଗାଯୋଗ- 7064055712, 9777301255 D-71596

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9437192512, 9937846404.** D-3035

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**Get most bigest asset for future investment on land/ plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-3029

Plot selling ବାରଙ୍ଗ Rs.-545/-, ପଟିଆ, ସାମନ୍ତରାଏପୁର, ନଖରା, ଖୋରଦା, ଜଗତ୍‌ସିଂହପୁର। 8895778043. D-2961

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-3030


CONSTRUCTION

Construct your home with branded material completed start 1250/- per sqft. 9827152441 D-75599

GENERAL

SALE

Sale of Concrete Mixture a ready made Lift & Mixture with Bolero Pickup Van running condition. 8327792030. D-76420




**1200sqft fully furnished office space available for rent in 2nd and 3rd floor at Omm Complex, Bomikhal, Bhubaneswar. Contact: 9880193309/ 7411536937.** D-75596

Hospital commercial space used Infertility IVF Center, Chandrasekharpur, Bhubaneswar. 9437008388. D-74724




Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

By this affidavit No.-2573 dated 24.01.2025 before the Notary Public, Sambalpur, I Richita Saha, D/o- Rajkumar Saha, R/o- Flat No.-S-201, Brijdham Society, P.O./Dist.- Sambalpur, declare that in Passport Vide No.- K4994214 my name has been wrongly entered as Ruchita Saha instead of Richita Saha. Henceforth, I shall be known as Richita Saha for all purposes. D-3041

By virtue of an affidavit sworn before Executive Magistrate, Salipur, Cuttack, dated 20.02.2025 I Basudev Swain, Address: At- Balisahi, P.O.- Salipur, P.S.- Salipur, Dist.- Cuttack, Odisha 754202, declare that I have changed my name from Basudeb Swain to Basudev Swain. Henceforth, I shall be known as Basudev Swain for all purposes.
Basudev Swain D-3040

By this affidavit No.-2572 dated 24.01.2025 before the Notary Public, Sambalpur, I Chabi Saha, W/o- Rajkumar Saha, R/o- Flat No.-S-201, Brijdham Society, P.O./Dist.- Sambalpur, declare that in Passport Vide No.- K4999180 my name has been wrongly entered as Chhabirani Saha instead of Chabi Saha. Henceforth, I shall be known as Chabi Saha for all purposes. D-3042

By virtue of an affidavit sworn before C.F. No.-80, dated 21.02.2025 I, Gobinda Chandra Sahoo, Address- Khandagiri Bari, P.O.- Khandagiri, P.S.- Bharatpur, Bhubaneswar, Dist.- Khordha, Odisha, PIN-751030 declare that I have changed my son name from Raja Sahoo to Abhijeet Sahoo. Henceforth, he shall be known as Abhijeet Sahoo for all purposes.
Gobinda Chandra Sahoo D-3037

By virtue of an affidavit sworn before Executive Magistrate, Puri, dated 21.02.2025, I Susamarani Jena, Address: At-Balabhadrapatana, P.O.- Palanka, P.S.-Purisadar, Dist.- Puri, Odisha 752011, declare that I have changed my name from Jhunirani Jena to Susamarani Jena. Henceforth, I shall be known as Susamarani Jena for all purposes.
Susamarani Jena D-3036

I, Happy Behera, S/o- Jitendra Behera, At- Balia Panda, P.O.- Balia Panda MPL, P.S.- Balia Panda, Dist.- Puri-752001 declare by this affidavit No.- 634/2024, dtd. 29.12.2024 that now onwards I shall be known as JAGAN BEHERA for all future purposes. D-3043

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary, Bhubaneswar, dated 20.02.2025 I, Keshab Behera, At- Kunjar, P.O.- Sri Purusottampur, P.S.- Delang, Dist.- Puri, Odisha, PIN- 752016 declare that I have changed my name from Suresh Vehra to Keshab Behera. Henceforth, I shall be known as Keshab Behera for all and every purposes. D-3038

By virtue of an affidavit sworn before the Executive Magistrate, Raghunathpur, dated 18.02.2025, I, Jogendra Nath Mohanty, Age-70, S/o- Basudev Mallick of Village- Badakorkor, P.O.- Adheikul, P.S.- Raghunathpur, Dist.- Jagatsinghpur declare that now onwards I shall be known as Jogendra Nath Mohanty instead of Jogindar Mallick for all future purposes. Jogendra Nath Mohanty and Jogindar Mallick is one and same person. D-3039

I, Banita Bhoi, W/o- Santosh Bhoi, Gobindpur, Jharkata, Cuttack states by affidavit No.-1929, dt 20.02.25 before Executive Magistrate, Cuttack that I have changed my daughter name from E. Krishnabani, C/o- J. Elaya Raja to Krishna Bhoi, D/o- Santosh Bhoi. Krishna Bhoi & E. Krishnabani is one and same person. Henceforth, she will be known as Krishna Bhoi for all purposes. D-3045

## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ଅଜୟ କୁମାର ସାହୁ
ଜୟଦୁର୍ଗା ନଗର, ଭୁବନେଶ୍ୱର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା ।

:ଶୋକସନ୍ତପ୍ତ:
ଆପଣଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ।
ଧ-୨୮୬୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# କର୍ମକ୍ଷେତ୍ରରେ ଉତ୍ତମ ବ୍ୟବହାର

**ପ୍ରତ୍ୟେକ କର୍ମଜୀବୀଙ୍କ ପାଇଁ ସେମାନଙ୍କ କାର୍ଯ୍ୟକ୍ଷେତ୍ର ଦ୍ୱିତୀୟ ଘର ସଦୃଶ । କାରଣ ଦିନର ପ୍ରାୟ ଏକ ତୃତୀୟାଂଶରୁ ଅଧିକ ସମୟ ବିତିଥାଏ ସେଠାରେ । ତେଣୁ ସେଠାରେ ସହକର୍ମୀମାନଙ୍କ ସହିତ ସମ୍ପର୍କ ଜଣେ କର୍ମଜୀବୀଙ୍କ ଜୀବନ ଉପରେ ବହୁତ ପ୍ରଭାବ ପକାଇଥାଏ । ଆଉ ଏହି ସମ୍ପର୍କ କେତେ ଭଲ ହୋଇପାରିବ ତାହା ନିର୍ଭର କରିଥାଏ ମଣିଷର ବ୍ୟବହାର ଉପରେ...**



କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ବ୍ୟବହାର ଏକାଭଳି ହୋଇ ନ ଥାଏ । କାହାର କଥାବାର୍ତ୍ତା ଏବଂ ବ୍ୟବହାରରେ ଅଫିସ୍‌ର ମାହୋଲ ଖୁସିପୂର୍ଣ୍ଣ ହୋଇଯାଉଥିବା ବେଳେ ଏମିତି ବି କେହି କେହି ଥାଆନ୍ତି ଯାହାର ବ୍ୟବହାର ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରିଥାଏ । ତେଣୁ ଅଫିସ୍‌ରେ ସମସ୍ତଙ୍କ ପ୍ରିୟଭାଜନ ହେବାକୁ ହେଲେ କାହା ସହ କେମିତି ବ୍ୟବହାର କରିବେ ତାହା ନିଜ ଉପରେ ହିଁ ନିର୍ଭର କରିଥାଏ । ତା'ଛଡା ଅଫିସ୍‌ରେ ନିଜ ଭଲ ବ୍ୟବହାର ଦ୍ୱାରା ଏକ ସକାରାତ୍ମକ ପରିବେଶ ସୃଷ୍ଟି ହେବା ଯୋଗୁ ନା କେବଳ ଜଣେ ଉତ୍ତମ ସହକର୍ମୀର ପରିଚୟ ମିଳିଥାଏ ବରଂ ଉଭୟ ଶାରୀରିକ ଏବଂ ମାନସିକସ୍ତରରେ ଫିଟ୍ ରଖିବା ସହ କାମ କରିବାର ଆଗ୍ରହ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

**ସମୟ ଦିଅନ୍ତୁ:** କର୍ମକ୍ଷେତ୍ରରେ ନିଜ କାମକୁ ନେଇ ସଚ୍ଚୋଟ ହୁଅନ୍ତୁ । ଯଥା ସମୟରେ ନିଜ କାମ ସମାପ୍ତ କରିବାକୁ ଚେଷ୍ଟା କରନ୍ତୁ । ହେଲେ ଏହାର ଅର୍ଥ ନୁହେଁ କେବଳ ଅଫିସ୍‌କୁ ଯାଇ ନିଜ କାମ ସାରି ଚାଲିଆସିବା ଅବା ଅତି ଆବଶ୍ୟକ ପଡ଼ିଲେ ହିଁ କାହା ସହ କଥା ହେବା । ଏଭଳି ବ୍ୟବହାର ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ତେଣୁ କାମ ଠିକ୍ ଭାବେ କରିବା ସହ ସହକର୍ମୀମାନଙ୍କ ସହ କଥା ହୋଇ ସୁସମ୍ପର୍କ ସ୍ଥାପନ କରନ୍ତୁ । ଆବଶ୍ୟକସ୍ଥଳେ ଅନ୍ୟକୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ । ଯଦି କୌଣସି ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ହୋଇଯାଏ, ପ୍ରତିକ୍ରିୟା ପ୍ରକାଶ ନ କରି କିମ୍ବା ଝଗଡା ନ କରି ପ୍ରଥମେ ସିଧାସଳଖ କଥା ହୋଇ ସମାଧାନ କରିବାକୁ ଚେଷ୍ଟା କରନ୍ତୁ ।





**ଅନୁକୂଳ ପରିବେଶ ସୃଷ୍ଟି କରନ୍ତୁ:** କର୍ମକ୍ଷେତ୍ର ଜଣେ କର୍ମଜୀବୀଙ୍କ ପାଇଁ ଦ୍ୱିତୀୟ ଘର ଏବଂ ଏହାର କର୍ମଚାରୀ ପରିବାର ସଦୃଶ । ତେଣୁ ସବୁବେଳେ ନିଜର ଉତ୍ତମ ବ୍ୟବହାର ଏବଂ ଆଚରଣ ଦ୍ୱାରା ଅନ୍ୟମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରନ୍ତୁ । କାରଣ ସମସ୍ତଙ୍କ ମଧ୍ୟରେ ବୁଝାମଣା ରହିବା ଏବଂ ପରସ୍ପରକୁ ସାହାଯ୍ୟ ମନୋବୃତ୍ତି ରହିଲେ ହିଁ କାମ କରିବା ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ।

**ଖୁସି ରହିବା ଗୁରୁତ୍ୱପୂର୍ଣ୍ଣ:** କାମର ଚାପ ପଡ଼ିଲେ ଧୀରେ ଧୀରେ ଏହାକୁ ସମାପ୍ତ କରିବାକୁ ଚେଷ୍ଟା କରନ୍ତୁ । ହେଲେ ଏଥିପାଇଁ ଚିଡ଼ିବା କିମ୍ବା ଅନ୍ୟ ଉପରେ ରାଗିବା ଭଳି ଆଚରଣ ଆଦୌ କରନ୍ତୁ ନାହିଁ । କାରଣ ଏହା ସଭିଙ୍କ ମନରେ ଆପଣଙ୍କ ପ୍ରତି ବଦ୍‌ରାଗୀ, ଅହଂକାରୀ ଭଳି ଭାବନା ସୃଷ୍ଟି କରିଥାଏ । ଯାହାକି ସହକର୍ମୀମାନଙ୍କୁ ଧୀରେ ଧୀରେ ଆପଣଙ୍କଠାରୁ ଦୂରେଇ ଦେଇଥାଏ । ତେଣୁ ଆବଶ୍ୟକ ସ୍ଥଳେ ସଭିଙ୍କ ସହ ହସହସ ମୁହଁରେ କଥା ହୁଅନ୍ତୁ । କାମ ସରିବା ପରେ ସମସ୍ତଙ୍କ ସହ କିଛି ସମୟ ଖୁସିରେ ବିତାନ୍ତୁ । କାରଣ ଖୁସି ମଜା କରିବା ଓ କିଛି ସମୟ ମନଖୋଲି ହସିବା ଦ୍ୱାରା ବି ଶରୀର ଓ ମନ ଉପରେ ଭଲ ପ୍ରଭାବ ପଡିଥାଏ, ଯାହାକି ଟେନ୍‌ଶନ୍ ଫ୍ରି ରଖିବାରେ ସାହାଯ୍ୟ କରିଥାଏ ।

**ବିଶ୍ୱସ୍ତ ହେବା ଜରୁରୀ:** କାହା ସମ୍ପର୍କରେ ଅନ୍ୟ ଆଗରେ କହିବାର ଭୁଲ ଆଦୌ କରନ୍ତୁ ନାହିଁ, ନଚେତ୍ ଏହାଦ୍ୱାରା ନା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିବ ବରଂ ଆପଣଙ୍କ ପ୍ରତି ଅନ୍ୟମାନେ ବିଶ୍ୱାସ ହରାଇପାରନ୍ତି । କାରଣ ସଚ୍ଚୋଟପଣିଆ ମଣିଷର ଏକ ବଡ଼ ଗୁଣ । ତେଣୁ ଅଫିସରେ ଯଦି କେହି ଆପଣଙ୍କୁ ବିଶ୍ୱାସରେ କିଛି କୁହନ୍ତି, ତେବେ ତାହାକୁ ଗୋପନ ରଖନ୍ତୁ । ଅଫିସ ରାଜନୀତିରେ ମୁଣ୍ଡ ଖେଳାନ୍ତୁ ନାହିଁ । ସର୍ବଦା ସହକର୍ମୀଙ୍କ ନିକଟରେ ବିଶ୍ୱସ୍ତ ହେବାକୁ ଚେଷ୍ଟା କରନ୍ତୁ ।

**ସହଯୋଗର ହାତ ବଢାନ୍ତୁ:** କାହାର ଅସୁବିଧା ସମୟରେ ସହଯୋଗର ହାତ ବଢ଼ାଇବା ଜଣେ ଭଲ କର୍ମଜୀବୀଙ୍କ ଲକ୍ଷଣ । ତେଣୁ କାହାର ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଖାନା ନେଇଯିବା କିମ୍ବା ସେଠାକୁ ଯାଇ ଦେଖାକରିବା, କାହାର ମନ ଖରାପ ଥିଲେ ବୁଝାଇବା ଏବଂ ସାନ୍ତ୍ୱନା ଦେବା, ଆବଶ୍ୟକ ଥିଲେ କାହାକୁ ଆର୍ଥିକ ସହାୟତା କରିବାକୁ କେବେ କୁଣ୍ଠାବୋଧ କରନ୍ତୁ ନାହିଁ । କାରଣ ଏହାଦ୍ୱାରା ନା କେବଳ ଅନ୍ୟଜଣେ ଉପକୃତ ହେବେ ବରଂ ଏହା ହିଁ ଆପଣଙ୍କୁ ପରବର୍ତ୍ତୀ ସମୟରେ ବେଶ୍ କାମରେ ଆସିପାରେ ।

**ଉତ୍ତମ ସମ୍ପର୍କ ରଖନ୍ତୁ:** ଅଫିସ୍‌ରେ କେବଳ ନିଜ ସମାସ୍କନ୍ଧଙ୍କ ସହ ମିଳାମିଶା କରିବା ଠିକ ବୋଲି ଅନେକେ ଭାବନ୍ତି । ହେଲେ ଏପରି ନ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ନୀଚପଦସ୍ଥ ଅଧିକାରୀ ଏମିତିକି ପିଅନ ପର୍ଯ୍ୟନ୍ତ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରଖନ୍ତୁ । କାରଣ ସମସ୍ତଙ୍କ ପ୍ରତି ଭଲ ବ୍ୟବହାର ଆପଣଙ୍କୁ ପ୍ରତି ସମସ୍ତଙ୍କ ମନରେ ଏକ ଭଲ ଭାବନା ସୃଷ୍ଟି କରିଥାଏ ।

**ପ୍ରଶଂସା କରିବା ଶିଖନ୍ତୁ:** ନିଜର ସହକର୍ମୀଙ୍କ ଉନ୍ନତିରେ ଖୁସି ହୁଅନ୍ତୁ ଏବଂ ଭଲ କାମରେ ପ୍ରଶଂସା କରନ୍ତୁ । ଆଦୌ ଅସହିଷ୍ଣୁ ହୁଅନ୍ତୁ ନାହିଁ କିମ୍ବା କେବେ କାହା ପଛରେ ସମାଲୋଚନା କରନ୍ତୁ ନାହିଁ । କାରଣ ଭଲ ବ୍ୟବହାର ହିଁ ସଭିଙ୍କ ପ୍ରିୟଭାଜନ କରାଇଥାଏ ।







## ଏ ସପ୍ତାହର ପ୍ରଶ୍ନ

୧– ବ୍ରିକ୍ସ ସମ୍ମିଳନୀ ୨୦୨୫ ......... ଦେଶରେ ଆୟୋଜିତ ହେବ ?
୨– ପ୍ରେସର କୁକର୍‌ର ଉଦ୍ଭାବକ ............... ?
୩– ସ୍କଟ୍‌ଲାଣ୍ଡର ଜାତୀୟ ପଶୁ ............ ?
୪– ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ପ୍ରଥମ ମହିଳା ମୁଖ୍ୟ............. ?
୫– 'ବିପିନ୍: ଦି ମ୍ୟାନ୍ ବିହାଇଣ୍ଡ ଦି ୟୁନିଫର୍ମ' ପୁସ୍ତକ .......... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ମିନିଷ୍ଟ୍ରି ଅଫ୍ ପାର୍ଲାମେଣ୍ଟାରି ଆଫାୟାର୍ସ
୨ କଲିକତା
୩ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନ
୪ କର୍ନାଟକ
୫ ଓଡ଼ିଶା

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

## ଟପ୍ ୧୦

### ପୃଥିବୀର ସୁନ୍ଦର ଜାତୀୟ ଉଦ୍ୟାନ



୧. ସ୍ନୋଡୋନିଆ...................................................... ୱେଲ୍ସ
୨. ଗ୍ରାଣ୍ଡ କ୍ୟାନିୟନ............................................. ଆମେରିକା
୩. କ୍ରୁଗର ନ୍ୟାଶନାଲ ପାର୍କ.................................. ଦକ୍ଷିଣ ଆଫ୍ରିକା
୪. ଦେଓସାଇ ....................................................... ପାକିସ୍ତାନ
୫. କାକାଡୁ ନ୍ୟାଶନାଲ ପାର୍କ...................................... ଅଷ୍ଟ୍ରେଲିଆ
୬. ହୋର୍ଟୋବାଗି.......................................................... ହଙ୍ଗେରୀ
୭. ପ୍ଲିଟ୍‌ଭାଇସ୍ ଲେକ୍‌ସ............................................ କ୍ରୋଆସିଆ
୮. ମାଡେନ୍ ସାଲେ ନ୍ୟାଶନାଲ ହିଷ୍ଟୋରିକ୍ ପାର୍କ.................... ସାଉଦି ଆରବ
୯. ସାଗରମଥା ନ୍ୟାଶନାଲ ପାର୍କ ............................................ ନେପାଳ
୧୦. ଇଗୁଆଜୁ ନ୍ୟାଶନାଲ ପାର୍କ ............................... ଆର୍ଜେଣ୍ଟିନା, ବ୍ରାଜିଲ

## ଜାଣନ୍ତୁ ଦୁନିଆ

# ଇଣ୍ଡିଆନ୍ ରେଲ୍‌ୱେ



**ଭାରତୀୟ ରେଳ ପରିବହନ ବ୍ୟବସ୍ଥା ପୃଥିବୀର ଏକ ପୁରାତନ ରେଳ ପରିବହନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...**

- ଭାରତୀୟ ରେଳ ପରିବହନ ୧୮୫୩ ଏପ୍ରିଲ ୧୬ ତାରିଖରେ ଆରମ୍ଭ ହୋଇଥିଲା । ଭାରତର ପ୍ରଥମ ପାସେଞ୍ଜର ଟ୍ରେନ୍ ମୁମ୍ବାଇ ବୋରି ବନ୍ଦରଠାରୁ ଠାଣେ ପର୍ଯ୍ୟନ୍ତ ୩୪ କିଲୋମିଟର ଯାତ୍ରା କରିଥିଲା । ଏହି ପ୍ରଥମ ଟ୍ରେନ୍‌ର ଚାଳକ ଥିଲେ ସାହିବ, ସୁଲ୍‌ତାନ ଏବଂ ସିନ୍ଧ ।
- ଭାରତରେ ପୃଥିବୀର ଉଚ୍ଚତମ ରେଲ୍‌ୱେ ବ୍ରିଜ୍ ରହିଛି ଜମ୍ମୁ-କଶ୍ମୀରର ଧାରଟ୍‌ରେ ଥିବା ଚେନାବ୍ ନଦୀ ଉପରେ, ଯାହାର ଉଚ୍ଚତା ନଦୀସ୍ତରଠାରୁ ୧୧୭୮ଫୁଟ୍ ।
- ପୃଥିବୀର ସବୁଠାରୁ ଲମ୍ବା ପ୍ଲାଟଫର୍ମ ରହିଛି କର୍ନାଟକର ହୁବ୍‌ଲି ଜଙ୍କ୍‌ଶନ ରେଲ୍‌ୱେ ଷ୍ଟେଶନ୍‌ରେ, ଯାହାର ଲମ୍ବା ୧୫୦୭ ମିଟର । ତେବେ ଏହା ପୂର୍ବରୁ ଉତ୍ତର ପ୍ରଦେଶର ଗୋରଖପୁର ରେଲ୍‌ୱେ ଷ୍ଟେଶନ ନାମରେ ଏହି ରେକର୍ଡ ରହିଥିଲା, ଯାହାର ଲମ୍ବା ୧୩୬୬ ମିଟର ।
- ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ଇଣ୍ଡିଆନ ରେଲ୍‌ୱେ ସ୍ଥାନ ପାଇଛି । ବର୍ତ୍ତମାନ ଏଥିରେ ଦାର୍ଜିଲିଂ ହିମାଳୟାନ୍ ରେଲ୍‌ୱେ, ଛତ୍ରପତି ଶିବାଜୀ ଟର୍ମିନସ୍, ମୁମ୍ବାଇ, ନୀଳଗିରି ମାଉଣ୍ଟେନ୍ ରେଲ୍‌ୱେ ଏବଂ କଲ୍‌କା ଶିମ୍‌ଲା ରେଲ୍‌ୱେ ସ୍ଥାନ ପାଇଛି । ଖୁବ୍‌ଶୀଘ୍ର କାଙ୍ଗରା ଭ୍ୟାଲି ରେଲ୍‌ୱେ ଏବଂ ମାଥେରାନ୍ ଲାଇଟ୍ ରେଲ୍‌ୱେ ଏହି ଲିଷ୍ଟରେ ସାମିଲ ହେବାକୁ ଯାଉଛି ।
- ମହାରାଷ୍ଟ୍ରର ନାଗପୁରଠାରେ ରହିଛି ଡାଇମଣ୍ଡ କ୍ରସିଂ ଅର୍ଥାତ୍ ଏଠାରେ ପୂର୍ବ-ପଶ୍ଚିମ ଏବଂ ଉତ୍ତର- ଦକ୍ଷିଣକୁ ଯାଉଥିବା ରେଳପଥ ଗୋଟିଏ ସ୍ଥାନରେ ଥିବାରୁ ଏକ ଡାଇମଣ୍ଡ ଆକୃତିର ଭ୍ରମ ସୃଷ୍ଟି କରିଥାଏ । ଏହି ସ୍ଥାନରେ ଟ୍ରେନ୍ ଯାଉଥିବାର ଦୃଶ୍ୟ ବେଶ୍ ଆକର୍ଷଣୀୟ । ଯେଉଁଥିପାଇଁ ରେଳ ବିଭାଗ ପକ୍ଷରୁ ଏହାର ନାମ ଡାଇମଣ୍ଡ କ୍ରସିଂ ବୋଲି ରଖାଯାଇଛି ।
- ଭାରତର ସବୁଠୁ ଲମ୍ବା ରେଳପଥ ହେଉଛି କନ୍ୟାକୁମାରୀଠୁ ଡିବ୍ରୁଗଡ଼ । ଏହି ୪୧୮୯କିମି ଦୀର୍ଘ ରେଳପଥରେ ବିବେକ ଏକ୍ସପ୍ରେସ୍ ଯାତାୟାତ କରିଥାଏ । ସେହିପରି ନାଗପୁରଠାରୁ ଅଜ୍‌ନି ପର୍ଯ୍ୟନ୍ତ ୩କିମି ଲମ୍ବ ବିଶିଷ୍ଟ ରେଳପଥ ହେଉଛି ଭାରତର ସବୁଠାରୁ କ୍ଷୁଦ୍ର ରେଳପଥ ।
- ଇଣ୍ଡିଆନ୍ ରେଲ୍‌ୱେର ଅଫିସିଆଲ୍ ମାସ୍କଟ୍ ହେଉଛି ହାତୀ, ଯାହାର ନାମ ଭୋଲୁ ।
- ସବୁଠୁ ବିଳାସପୂର୍ଣ୍ଣ ଓ ଦାମୀ ଟ୍ରେନ୍ ପାଇଁ ମଧ୍ୟ ଇଣ୍ଡିଆନ୍ ରେଲ୍‌ୱେ ପୃଥିବୀ ପ୍ରସିଦ୍ଧ । ଏଠାରେ ରହିଛି ଦି ରୟାଲ୍ ରାଜସ୍ଥାନ ଅନ୍ ହ୍ୱିଲ୍ସ, ଦି ଗୋଲ୍ଡେନ୍ ଚାରିଅଟ୍, ଦି ମହାରାଜାସ୍ ଏକ୍ସପ୍ରେସ୍, ଦି ଡେକାନ୍ ଓଡ଼ିଶୀ ଏବଂ ପ୍ୟାଲେସ୍ ଅନ୍ ହ୍ୱିଲ୍ସ ଭଳି ୫ଟି ସୁପର ଲକ୍‌ଜୁରୀ ରୟାଲ୍ ଟ୍ରେନ୍ ।



## ଯୁଥ୍ ଆଲର୍ଟ

# ୱାଇଫାଇ ରାଉଟର କିଣୁଥିଲେ...

**ବର୍ତ୍ତମାନ ଇଣ୍ଟରନେଟ୍ ବିନା କୌଣସି କାର୍ଯ୍ୟ ଚିନ୍ତାକରିବା କଷ୍ଟ ହୋଇପଡୁଛି । ଅଫିସ୍ ହେଉ ବା ଘରେ ସମସ୍ତେ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ ଅନେକେ ଘରେ ୱାଇଫାଇ କନେକ୍ସନ ଲଗାଉଛନ୍ତି । ହେଲେ ଘରେ ୱାଇଫାଇ ଲଗାଇଲେ ସୁଦ୍ଧା ଭଲ ଭାବେ ନେଟ୍‌ୱର୍କ ନ ରହିବା କିମ୍ବା ସ୍ପିଡ୍ କମ୍ ରହିବା ଯୋଗୁ କେହି କେହି ବ୍ୟସ୍ତ ହେଉଥିବାର ଦେଖିବାକୁ ମିଳୁଛି । ଯଦି ଏଭଳି ସମସ୍ୟା ରହୁଛି ତେବେ ରାଉଟର କିଣିବା ବେଳେ କେତୋଟି କଥା ପ୍ରତି ଧ୍ୟାନ ଦିଅନ୍ତୁ...**



- ଅଧିକାଂଶ ରାଉଟର ୨.୪ ଗିଗାହର୍ଟଜ୍ ଏବଂ ୫ ଗିଗାହର୍ଟଜ୍ ଦୁଇଟି ଚ୍ୟାନେଲ୍‌କୁ ସପୋର୍ଟ କରିଥାଏ । କିନ୍ତୁ ଯଦି ଆପଣ ନୂଆ କିଣୁଛନ୍ତି ତେବେ ୱାଇଫାଇ ୬ଇ ସପୋର୍ଟ ଥିବା ରାଉଟର କିଣନ୍ତୁ । ଏଥିରେ ସ୍ପିଡ୍ ଅଧିକ ରହିବା ସହ କନେକ୍ସନ ମଧ୍ୟ ଷ୍ଟେବଲ୍ ରହିଥାଏ ।
- ଯଦି ୱାଇଫାଇରେ ଆଣ୍ଡ୍ରଏଡ୍ ବା ସ୍ମାର୍ଟଟିଭି ବ୍ୟବହାର କରୁଛନ୍ତି ତେବେ ୱାୟର୍ଡ ଇଥରନେଟ୍ କନେକ୍ସନ ବ୍ୟବହାର କରନ୍ତୁ । କାରଣ ଏହାକୁ ବ୍ୟବହାର କଲେ ୪କେ ଭିଡିଓ ଚାଲିବା ବେଳେ ବାରମ୍ବାର ବଫରିଙ୍ଗ୍ ସମସ୍ୟା ରହି ନ ଥାଏ । ଧ୍ୟାନ ଦିଅନ୍ତୁ ଯେପରି ନୂଆ ୱାଇଫାଇ ରାଉଟରରେ ଅତି କମ୍‌ରେ ୩ କିମ୍ବା ୪ଟି ଇଥରନେଟ୍ ପୋର୍ଟ ସୁବିଧା ରହିଥିବ ।
- ଡବ୍ଲ୍ୟୁପିଏ୨ ପ୍ରୋଟୋକଲ୍ ବର୍ତ୍ତମାନ ଖୁବ୍ ପୁରୁଣା ହୋଇଗଲାଣି । ଏହା ୨୦୦୪ ମସିହାରେ ଆରମ୍ଭ ହୋଇଥିଲା । ଏହାକୁ ବ୍ୟବହାର କରିବା ବିଶେଷକରି ପବ୍ଲିକ୍ ୱାଇଫାଇରେ ସୁରକ୍ଷା ଦୃଷ୍ଟିରୁ ଠିକ୍ ନୁହେଁ । ତେଣୁ ୨୦୧୮ପରେ ଲଞ୍ଚ ହୋଇଥିବା ଡବ୍ଲ୍ୟୁପିଏ୩ ପ୍ରୋଟୋକଲ୍ ଦେଖି କିଣନ୍ତୁ । ଏହା ଆପଣଙ୍କ ରାଉଟର ଏବଂ ଡିଭାଇସ୍ ମଧ୍ୟରେ ଭଲ ଏନ୍‌କ୍ରିପ୍ସନ ଦେବ ।
- ଅନେକ ରାଉଟରରେ ୟୁଏସ୍‌ବି ପୋର୍ଟ ସୁବିଧା ଥାଏ, ଯାହା ୟୁଏସ୍‌ବି ଡ୍ରାଇଭ୍ ପ୍ଲଗ୍ ଇନ୍ କରିବା ଏବଂ ନେଟ୍‌ୱର୍କ ଆକ୍ସେସ୍ କରିବାରେ ସାହାଯ୍ୟ କରିଥାଏ । ଏଭଳି ରାଉଟର କିଣିଲେ ଆପଣ ଫାଇଲ୍ ଟ୍ରାନ୍ସଫର୍ କରିବା ସହଜ ଏବଂ ଶୀଘ୍ର ହୋଇଥାଏ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଫେବୃଆରୀ ୨୩/୨୦୨୫ Bhubaneswar, Sunday, February 23/ 2025

# ଭାରତ-ପାକିସ୍ତାନ ମୁକାବିଲା ଆଜି

ଦୁବାଇ, ୨୨।୨ (ପି.ଟି.)

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ସବୁଠାରୁ ହେଭିଓ୍ୱେଟ ଲଢ଼େଇ ଭାରତ-ପାକିସ୍ତାନ ମୁକାବିଲା ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଦୁବାଇ କ୍ରିକେଟ ଷ୍ଟାଡିୟମ ପ୍ରସ୍ତୁତ। ଉଭୟ ଦେଶର କ୍ରିକେଟ ପ୍ରେମୀଙ୍କ ମନରେ ନାହିଁ ନ ଥିବା ଉତ୍ସାହ। ଏଥିରେ ବିଜୟୀ ହୋଇ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ସେମିଫାଇନାଲରେ ପ୍ରବେଶ ଲକ୍ଷ୍ୟ ରଖିଛି। ମହମ୍ମଦ ରିଜଓ୍ୱାନଙ୍କ ପାକିସ୍ତାନ ଦଳ ପାଇଁ ଏହି ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତ ନିକଟରୁ ହାରିଲେ ଦଳର ସେମିଫାଇନାଲ ପ୍ରବେଶ ଆଶା କ୍ଷୀଣ ହୋଇଯିବ। ତେଣୁ ଟୁର୍ନାମେଣ୍ଟରୁ ଶୀଘ୍ର ବିଦାୟକୁ ଏଡ଼ାଇବା ପାଇଁ ଏହି ଦଳ ନିଶ୍ଚିତ ଚେଷ୍ଟା କରିବ। ବାଂଲାଦେଶ ବିପକ୍ଷରେ ୬ ଉଇକେଟରେ ବିଜୟ ଫଳରେ ଭାରତର ମନୋବଳ ବହୁ ଉଚ୍ଚରେ ରହିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡଠାରୁ ୬୦ ରନରେ ହାରିବାପରେ ପାକିସ୍ତାନ ଆଶଙ୍କା ମଧ୍ୟରେ ରହିଛି।

ଦୁଇ ଉପମହାଦେଶୀୟ ଦଳ ମଧ୍ୟରେ ୨୦୧୭ ଫାଇନାଲରେ ଶେଷଥରପାଇଁ ମୁକାବିଲା ହୋଇଥିଲା। ଏଥିରେ ବିଜୟୀ ହୋଇ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚରୁ ପ୍ରେରଣା ହାସଲ କରି ରିଜଓ୍ୱାନଙ୍କ ଦଳ ଆଗାମୀ ମ୍ୟାଚରେ ଅବତୀର୍ଣ୍ଣ ହେବାକୁ ଲକ୍ଷ୍ୟ ରଖିଛି। ତେବେ ଏଥିପାଇଁ ଦଳକୁ ସବୁ ବିଭାଗରେ ଭଲ ପ୍ରଦର୍ଶନ କରିବାକୁ ହେବ। ଭାରତ-ପାକିସ୍ତାନ ମ୍ୟାଚ ସବୁବେଳେ କ୍ରିକେଟଠାରୁ ଊର୍ଦ୍ଧ୍ୱରେ ରହିଥାଏ। ଏଥିରେ ପ୍ରଶଂସକଙ୍କ ଭାବାବେଗ ଜଡ଼ିତ ରହିଥାଏ। ତେଣୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଭୟ ଦଳର ଖେଳାଳି ଅତିରିକ୍ତ ଚାପର ବଶବର୍ତ୍ତୀ ହୋଇଥାନ୍ତି। ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଫର୍ମକୁ ଫେରୁଥିବା ସୂଚନା ମିଳିଛି। ଟପ୍ ଅର୍ଡରରେ ତାଙ୍କର ଦ୍ରୁତ ୪୧ ରନ ଭାରତକୁ ୨୨୯ ରନ ଚେଜ୍ କରିବାରେ ବିଶେଷ ସହାୟକ ହୋଇଥିଲା। ଶୁବମନ ଗିଲ୍ ୮ମ ଦିନିକିଆ ଶତକ ହାସଲ କରି ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସାଜିଥିଲେ। ଅନ୍ୟପକ୍ଷରେ ୩୨୦ ରନ ବିଜୟ ଲକ୍ଷ୍ୟକୁ ପିଛା କରୁଥିବାବେଳେ ବାବର ଆଜମଙ୍କ ୯୦ ବଲ୍‌ରୁ ୬୪ ରନ ସମାଲୋଚନାର ସରବ୍ୟ ହୋଇଥିଲା। ଆହତ ସମସ୍ୟା ଯୋଗୁ ଓପନର ଫଖର ଜମନ ଆସନ୍ତା ମ୍ୟାଚ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ଇମାମ ଉଲ୍ ହକ୍ ଦଳରେ ସାମିଲ ହୋଇଛନ୍ତି। ତେବେ ମିଡିଲ ଅର୍ଡରରେ ଖୁସ୍‌ଦିଲ ଶାହାଙ୍କ ଆକ୍ରମଣାତ୍ମକ ୬୯ ରନ ଦଳପାଇଁ ଆଶା ସଞ୍ଚାର କରିଛି।

ପୂର୍ବ ମ୍ୟାଚରେ ବିରାଟ କୋହଲି ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚରେ ତାଙ୍କ ଉପରେ ସ୍ୱତଃ ନଜର ରହିବ। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ତାଙ୍କଠାରୁ ପ୍ରଶଂସକ ଏକ ବଡ଼ ଇନିଂସ ଆଶା କରିବେ ନିଶ୍ଚିତ। ନ୍ୟୁଜିଲାଣ୍ଡ ବିପକ୍ଷରେ ଶାହିନ ଶାହା ଆଫ୍ରିଦୀଙ୍କ ନେତୃତ୍ୱାଧୀନ ଦଳର ବୋଲିଂ ଆକ୍ରମଣ ପ୍ରଭାବୀ ହୋଇ ନ ଥିଲା। ଅନ୍ୟପକ୍ଷରେ ଫିଟ୍ ହୋଇ ଦଳକୁ ଫେରିଥିବା ମହମ୍ମଦ ଶାମିଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ଗତ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିଲା। ନିଜେ ଶାମି ୫ ଉଇକେଟ ନେଇ ବିପକ୍ଷ ଦଳ ଗୁଡ଼ିକୁ ସଚେତନ କରାଇ ଦେଇଥିଲେ। ଆଇସିସିର ବଡ଼ ଟୁର୍ନାମେଣ୍ଟ ଗୁଡ଼ିକରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥାନ୍ତି। ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ସେ ଏକାକୀ ଲଢ଼େଇ କରିଥିଲେ। ଆଗାମୀ ମ୍ୟାଚରେ ଭାରତ ଏହାର ବିଜୟୀ କମ୍ବିନେଶନକୁ ଅପରିବର୍ତ୍ତିତ ରଖିବା ଆଶା କରାଯାଉଛି। ଏହା ହେଲେ ୩ ସ୍ପିନର କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ପୁଣି ପାକିସ୍ତାନ ବିପକ୍ଷରେ ଦେଖିବାକୁ ମିଳିବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଓ୍ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ଶାମି, ଅର୍ଶଦୀପ ସିଂ, ହର୍ଷିତ ରାଣା, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ବରୁଣ ଚକ୍ରବର୍ତ୍ତୀ।

**ପାକିସ୍ତାନ ଦଳ:** ମହମ୍ମଦ ରିଜଓ୍ୱାନ (ଅଧିନାୟକ), ସଲମାନ ଅଲୀ ଆଘା, ବାବର ଆଜମ, ଫଖର ଜମନ, କମରାନ ଘୁଲାମ, ସୌଦ ଶକିଲ, ତାୟାବ ତାହିର, ଫହିମ ଅଶ୍ରଫ, ଖୁସଦିଲ ଶାହା, ଉସମାନ ଖାଁ ଅବ୍ରାର ଅହମଦ, ହାରିସ ରୌଫ, ମହମ୍ମଦ ହାସନ, ନସିମ ଶାହା, ଶାହିନ ଶାହା ଆଫ୍ରିଦୀ।




ଦୁବାଇ ଷ୍ଟାଡିୟମରେ ଶନିବାର ଅଭ୍ୟାସ ଅବସରରେ ଭାରତର ବିରାଟ କୋହଲି ଓ ପାକିସ୍ତାନର ବାବର ଆଜମ।

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

(ଆଜିର ମ୍ୟାଚ)

**ଭାରତ ବନାମ ପାକିସ୍ତାନ**

**ସ୍ଥାନ: ଦୁବାଇ,**
**ସମୟ: ଅପରାହ୍ନ ୨ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ଓ୍ୱର୍କ, ସ୍ପୋର୍ଟ୍ସ୧୮**



 କଟକରେ ଚାଲିଥିବା ଜାତୀୟ କବାଡ଼ିରେ ଶନିବାର ରେଲଓ୍ୱେ-କର୍ଣ୍ଣାଟକ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ:ରାଜକିଶୋର ମହାନ୍ତି)।

# ଇଂଲଣ୍ଡର ଦୃଢ଼ ବ୍ୟାଟିଂ

ଲାହୋର, ୨୨।୨

ଗଦାଫି ଷ୍ଟାଡିୟମରେ ଶନିବାର ଖେଳାଯାଉଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ଚତୁର୍ଥ ମ୍ୟାଚରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରତିପକ୍ଷ ଅଷ୍ଟ୍ରେଲିଆ ଆଗରେ ୩୫୨ ରନର ବିଶାଳ ଟାର୍ଗେଟ ଛିଡ଼ା କରିଛି। ଏହାର ଜବାବରେ ଅଷ୍ଟ୍ରେଲିଆ ୨୦ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୧୩୦ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ମାଥ୍ୟୁ ଶର୍ଟ ୬୦ ଓ ଜୋଶ ଇଙ୍ଗଲିସ ୮ ରନରେ ବ୍ୟାଟିଂ କରୁଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୩୫୧ ରନ କରିଥିଲା। ଦଳ ପକ୍ଷରୁ ବେନ ଡକେଟ ୧୭ ଚୌକା ଓ ୩ ଛକା ସହିତ ସର୍ବାଧିକ ୧୬୫ ରନ କରିଥିବାବେଳେ ଜୋ ରୁଟ ୬୮ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ବୋଲିଂରେ ବେନ ଦ୍ୱାରଶୁଇସ ୩ ଉଇକେଟ ନେଇଥିବା ବେଳେ ଆଡାମ ଜାମ୍ପା ଓ ମାର୍ନସ ଲାବୁସେନ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୫୧/୮ (ଡକେଟ-୧୬୫, ରୁଟ-୬୮, ଦ୍ୱାରଶୁଇସ-୩/୬୬, ଲାବୁସେନ-୨/୪୧, ଜାମ୍ପା-୨/୬୪)।

# ପୂର୍ବାଞ୍ଚଳ କ୍ରିକେଟ ଦଳ ଘୋଷିତ



ଭିଜି ଟ୍ରଫି ପାଇଁ ମନୋନୀତ ପୂର୍ବାଞ୍ଚଳ କ୍ରିକେଟ ଦଳ।

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

**ଭିଜି ଟ୍ରଫି-୨୦୨୫**

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ପ୍ରତିଯୋଗିତା ଶନିବାର କିଟ୍ ଷ୍ଟାଡିୟମରେ ଶେଷ ହୋଇଛି। ଏଥିରେ ୭୨ଟି ବିଶ୍ୱବିଦ୍ୟାଳୟରୁ ୧୬୦୦ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ମୋଟ ୧୨ ବିଶ୍ୱବିଦ୍ୟାଳୟ ଏଥିରେ ଭାଗ ନେଇଥିଲେ। ୪ ଭେନ୍ୟୁ କିଟ୍, ବିକାଶ କ୍ରିକେଟ ଗ୍ରାଉଣ୍ଡ, ରେଭେନ୍‌ଶା ଓ ନିମପୁର କ୍ରିକେଟ ଗ୍ରାଉଣ୍ଡରେ ୧୬ଟି ମ୍ୟାଚ ଅନୁଷ୍ଠିତ ହେବାପରେ କୋଲକାତାର ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ, ଦରଭଙ୍ଗାର ଏଲ୍‌ଏନ୍ ମିଥିଳା ବିଶ୍ୱବିଦ୍ୟାଳୟ, ବିନୋବା ଭାବେ ଓ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛି। ରବୀନ୍ଦ୍ର ଭାରତୀ ଚାମ୍ପିୟନ ହୋଇଥିବାବେଳେ ପାଟଳିପୁତ୍ର ରନରଅପ୍ ଏବଂ ମିଥିଳା ତୃତୀୟ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ପୂର୍ବାଞ୍ଚଳ ଦଳ ପାଇଁ ୧୫ ଖେଳାଳି ଓ ୫ ଷ୍ଟାଣ୍ଡବାଇ ମନୋନୀତ ହୋଇଛନ୍ତି। ଏହି ପୂର୍ବାଞ୍ଚଳ ଦଳ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ତ୍ରିପୁରାର ଅଗରତାଲାରେ ମାର୍ଚ୍ଚ ୧୦ରୁ ୧୬ ପର୍ଯ୍ୟନ୍ତ ହେବାକୁଥିବା ଭିଜି ଟ୍ରଫି-୨୦୨୫ରେ ଅଂଶଗ୍ରହଣ କରିବ।

**ପୂର୍ବାଞ୍ଚଳ ଦଳ:** ଭାସଓ୍ୱାନ ଭରଦ୍ୱାଜ, ରୋହିତ ମଣ୍ଡଳ, ମଣିକାନ୍ତ, ବାତ୍ସଲ୍ୟ ଯାଦବ, ସୁଦର୍ଶନ ସ୍ୱାଇଁ, ଶୁଭମ୍ ଶତ୍ରୁଜିତ, ଅନୁଜ ରଞ୍ଜନ, ଶ୍ରୀଧାମ୍ ପଲ୍, ଅମିତ ସୁନା, ମରୋଜୁ ପ୍ରଶାନ୍ତ, ଶଶାଙ୍କ ମାଲହୋତ୍ରା, ବଲଓ୍ୱନ୍ତ କୁମାର, ରାହୁଲ ରାମାଉଦ, ରୋନିତ ମିତ୍ର ଓ ପ୍ରଶାନ୍ତ ସିଂ। ଷ୍ଟାଣ୍ଡବାଇ: ଶ୍ଳୋକ କୁମାର, ନିଳୋତ୍ପଳ ପ୍ରତାପ, ମହମ୍ମଦ ଅଫଜଲ, ରାଜ ଗୌରବ, ଅରୁଣ କୁମାର ଯାଦବ।

# ସ୍ପିନ୍ ଉପରେ କୋହଲିଙ୍କ ଫୋକସ

ଦୁବାଇ,୨୨।୨(ପି.ଟି.)

ଭାରତୀୟ ସୁପରଷ୍ଟାର ବିରାଟ କୋହଲି ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ଲାଗି ନେଟ୍ସରେ ଝାଳବୁହା ପରିଶ୍ରମ କରିଛନ୍ତି। ଦଳ ଲାଗି ଧାର୍ଯ୍ୟ ହୋଇଥିବା ସମୟର ଏକ ଘଣ୍ଟା ପୂର୍ବରୁ କୋହଲି ନେଟ୍ସରେ ପହଞ୍ଚିଥିଲେ। ତାଙ୍କ ସହିତ ବ୍ୟାଟିଂ କୋଚ ସିତାଂଶୁ କୋଟାକ ଓ ଥ୍ରୋ ଡାଉନ ବିଶେଷଜ୍ଞ ନୁଓ୍ୱାନ ସେନେଭିରତ୍ନେ ଓ ଡି. ରଘୁଭେନ୍ଦ୍ର ଯୋଗ ଦେଇଥିଲେ। ଦଳର ଅନ୍ୟ ସଦସ୍ୟ ସେମାନଙ୍କର ଓ୍ୱାର୍ମଅପ ଆରମ୍ଭ କଲା ବେଳକୁ କୋହଲି ତାଙ୍କର ପ୍ରଥମ ନେଟ୍ସ ସେସନ ଶେଷ କରିସାରିଥିଲେ।

୩୬ ବର୍ଷୀୟ କୋହଲି ବାଂଲାଦେଶ ବିପକ୍ଷ ମ୍ୟାଚରେ ଲେଗ ସ୍ପିନର ରିଶାଦ ହୋସେନଙ୍କ ବଲରେ ଆଉଟ ହୋଇଥିଲେ। ଦିନିକିଆରେ ଲଗାତର ଷଷ୍ଠ ଥର ପାଇଁ ସେ ସ୍ପିନରଙ୍କ ବିପକ୍ଷରେ ଆଉଟ ହୋଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚରେ କୋହଲିଙ୍କୁ ଅବରାର ଅହମ୍ମଦ, ଖୁଶଦିଲ ଶାହା ଓ ସଲମାନ ଆଘାଙ୍କ ଭଳି ସ୍ପିନରଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ତେବେ ଶାହିନ ଶାହା ଆଫ୍ରିଦୀ, ହାରିସ ରୌଫ ଓ ନସିମ ଶାହାଙ୍କୁ ନେଇ ଗଠିତ ପେସ ଆକ୍ରମଣର ସମ୍ମୁଖୀନ ହେବା ଭାରତୀୟ ଦଳ ଲାଗି ମୁଖ୍ୟ ଚ୍ୟାଲେଞ୍ଜ ହୋଇପାରେ। କୋହଲି ଅନ୍ୟ ସାଥି ଖେଳାଳିଙ୍କଠାରୁ ଏକ ଘଣ୍ଟା ପୂର୍ବରୁ ଟ୍ରେନିଂ ଲାଗି ଆସିଥିଲେ ଏବଂ ସମସ୍ତଙ୍କ ପରେ ଗ୍ରାଉଣ୍ଡରୁ ଯାଇଥିଲେ। ନେଟ୍ସରେ ସେ ପ୍ରାୟତଃ ସ୍ପିନର ବିପକ୍ଷରେ ବ୍ୟାଟିଂ କରିଥିଲେ।

# ଭାରତୀୟ ମହିଳା, ପୁରୁଷ ଦଳ ବିଜୟୀ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଭୁବନେଶ୍ୱର, ୨୨।୨ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଶନିବାର ଭାରତୀୟ ମହିଳା ଓ ପୁରୁଷ ଦଳ ବିଜୟ ହାସଲ କରିଛି। ଏକ ରିଟର୍ନ ଲେଗ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଜର୍ମାନୀକୁ ୧-୦ ଗୋଲରେ ହରାଇ ଦେଇଛି। ୧୨ଶ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନରରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ଡ୍ରାଗ୍ ଫ୍ଲିକର ଦୀପିକା। ୬ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୭ ପଏଣ୍ଟ ପାଇ ଭାରତ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ଏକ ମହିଳା ବିଭାଗ ମ୍ୟାଚରେ ନେଦରଲାଣ୍ଡ ୬-୦ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି।

ପୁରୁଷ ବିଭାଗ ପ୍ରୋ ଲିଗ୍ ମ୍ୟାଚରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ହରାଇ ଦେଇଛି। ଘରୋଇ ଦର୍ଶକଙ୍କ ସମର୍ଥନରେ ପୂରା ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଭାରତ। ୧୪ତମ ମିନିଟରେ ଭାରତୀୟ ଦଳର ଓଡ଼ିଶା ଖେଳାଳି ନିଲମ ସଞ୍ଜୀପ ଖେସ୍ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ଭାଗରେ ଭାରତ ୨ଟି ଗୋଲ ଦେଇଥିଲା। ୨୪ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ମନଦୀପ ସିଂ ଏବଂ ୨୮ତମ ମିନିଟରେ ଅଭିଷେକ ଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନ ୩-୦ରେ ପହଞ୍ଚି ଯାଇଥିଲା। ୩୪ତମ ମିନିଟରେ ଶମଶେର ସିଂ ଆଉ ଏକ ଗୋଲ ସ୍କୋର କରିଥିଲେ। ୬ ମ୍ୟାଚରୁ ୪ର୍ଥ ବିଜୟ ସହ ଭାରତ ୧୨ ପଏଣ୍ଟ ପାଇ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶନିବାର ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମହିଳା ହକି ମ୍ୟାଚ। (ଫଟୋ: ବିକାଶ ନାୟକ)

# ଟସ୍ ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ

ଦୁବାଇ,୨୨।୨(ପି.ଟି.)

ଏଠାକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୦୦ରୁ ଅଧିକ ଖୁବ୍ ଭଲ ସ୍କୋର ହେବ ଏବଂ କାକର ପ୍ରଭାବ ନ ଥିବାରୁ ପଛରେ ବ୍ୟାଟିଂ କରୁଥିବା ଦଳ ଚାପରେ ରହିବ। ଭାରତୀୟ ଦଳର ଉପ ଅଧିନାୟକ ଶୁବମନ ଗିଲ୍ ପାକିସ୍ତାନ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ପୂର୍ବରୁ ଏହା କହିଛନ୍ତି। ଆଇସିସି ଇଭେଣ୍ଟରେ ଏବଂ ନିକଟ ଅତୀତରେ ପାକିସ୍ତାନ ବିପକ୍ଷରେ ଭାରତୀୟ ଦଳ ପ୍ରାଧାନ୍ୟ ବିସ୍ତାର କରିଥିବାରୁ ଏହି ମ୍ୟାଚକୁ ନେଇ ଖୁବ ଚର୍ଚ୍ଚା ହେଉଛି।

ଆମେ ନିଶ୍ଚିତ ଭାବେ ସକାରାତ୍ମକ ଓ ଆକ୍ରମଣାତ୍ମକ କ୍ରିକେଟ ଖେଳିବାକୁ ଚାହିଁବୁ। ଏହି ପିଚ୍‌ରେ ୩୦୦ରୁ ୩୨୫ ଖୁବ୍ ଭଲ ସ୍କୋର ହେବ। ମିଡିଲ ଓଭରରେ ଯେଉଁ ଦଳ ଭଲ ବ୍ୟାଟିଂ କରିବ, ସେହି ଦଳର ଜିତିବାର ଅଧିକ ସମ୍ଭାବନା ରହିବ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗିଲ୍ କହିଛନ୍ତି। କାକର ଦୁବାଇରେ ଅତୀତରେ ବଡ଼ ଭୂମିକା ଗ୍ରହଣ କରିଛି। ହେଲେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚରେ ଏହା ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ। ଏ ସମ୍ପର୍କରେ ଗିଲ୍ କହିଛନ୍ତି ଯେ କାକର ନ ଥିବାରୁ ଟସ୍ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ପଛରେ ବ୍ୟାଟିଂ କରୁଥିବା ଦଳ ଅଧିକ ଚାପରେ ରହିବ।

**ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ**

# କମିଶନରେଟ୍ ପୋଲିସ ବିଜେତା

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ଏକ ପ୍ରଦର୍ଶନୀ ମ୍ୟାଚରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା) ବିପକ୍ଷରେ କମିଶନରେଟ୍ ପୋଲିସ ବିଜୟୀ ହୋଇଛି। ସତୀଶ ରାଓଙ୍କ ଶତକ ସହାୟତାରେ ପୋଲିସ ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୨ ଉଇକେଟ ହରାଇ ୨୧୨ ରନ କରିଥିଲା। ସତୀଶ ୧୧୧ ରନକରି ଅପରାଜିତ ରହିଥିବାବେଳେ ଅଧିନାୟକ ସଞ୍ଜୀବ ଶତପଥୀ ୩୮ ଓ ସ୍ମୃତି ୨୯ ରନ କରିଥିଲେ। ବିପକ୍ଷ ଦଳର ବିମଳ କୁମାର ରାଉଳ ୨ଟି ଯାକ ଉଇକେଟ ନେଇଥିଲେ। ଜବାବରେ ଓସ୍‌ଜା ଦଳ ୧୫.୫ ଓଭରରେ ୯୨ ରନରେ ସମସ୍ତ ଉଇକେଟ ହରାଇଥିଲା। ଦୀପ୍ତି ରଞ୍ଜନ ସାମଲ ୨୭, ପ୍ରଫୁଲ୍ଲ ସାହୁ ୨୬ ଓ ତୁଷାର ସେନାପତି ୨୩ ରନ କରିଥିଲେ। ଶତକୀୟ ଇନିଂସ ପାଇଁ ସତୀଶଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓସ୍‌ଜା ସଭାପତି ସନ୍ଦିପ ମିଶ୍ର ଓ ସମ୍ପାଦକ ସୁରେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି କୁନ୍ଦନ ରଥ, ଟୁର୍ନାମେଣ୍ଟ କମିଟି ସହ ଅଧ୍ୟକ୍ଷ ଅଶୋକ ପାତ୍ର, ଭୁବନେଶ୍ୱର ବାର୍ ସମ୍ପାଦକ ଦୀପକ ଦାସ, ଯୁଗ୍ମ ସମ୍ପାଦକ ଅନ୍ତର୍ଯାମୀ ବିଶ୍ୱାଳ, ଟୁଲିଆ ଚୌଧାରୀ, ନିହାର ସେଠୀ, ବିଶ୍ୱରଞ୍ଜନ ମହାନ୍ତି, ରାଜ କିଶୋର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପ୍ରଦର୍ଶନୀ ମ୍ୟାଚରେ ବିଜୟୀ କମିଶନରେଟ ପୋଲିସ ଦଳ ଅତିଥିଙ୍କ ସହ।

# ଜାତୀୟ କ୍ରୀଡ଼ାରେ ପଦକ ବିଜେତାଙ୍କୁ ପ୍ରୋତ୍ସାହନ

## ଓଡ଼ିଶାର ପ୍ରଦର୍ଶନ ପ୍ରେରଣାଦାୟୀ: କ୍ରୀଡ଼ାମନ୍ତ୍ରୀ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାତୀୟ କ୍ରୀଡ଼ାରେ ପଦକ ବିଜୟୀ ଓଡ଼ିଶା ମହିଳା ସନ୍ତରଣ ଦଳକୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ଶନିବାର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ୬ ଲକ୍ଷ, ରୌପ୍ୟ ପାଇଁ ୪ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ପାଇଁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, "୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ୧୨ଶ ସ୍ଥାନ ହାସଲ କରି ଶ୍ରେଷ୍ଠ ୧୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଆମ କ୍ରୀଡ଼ାବିତ୍‌ମାନେ ହେଉଛନ୍ତି ଆମ ଗର୍ବ ଓ ଗୌରବ। କ୍ରୀଡ଼ାର ମୌଳିକତା ହେଉଛି ବିଜୟର ଉତ୍ସାହ ରହିବା, ପରାଜୟ ଦ୍ୱାରା ନିରାଶ ନ ହୋଇ ପୁନର୍ବାର ଜିତିବା ପାଇଁ ଅନୁପ୍ରାଣିତ ହେବା। ଜାତୀୟ କ୍ରୀଡ଼ାରେ ଏହି ବିଜୟ ଓଡ଼ିଶାର ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣାଦାୟୀ"। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା, ବରିଷ୍ଠ ଅଧିକାରୀଗଣ ଏବଂ ବିଭିନ୍ନ କ୍ରୀଡ଼ା ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ